# ସଚିତ୍ର
# ଇଣ୍ଟରନେଟ୍






ସହଦେବ ସାହୁ

# ସଚିତ୍ର ଇଣ୍ଟରନେଟ୍

ସହଦେବ ସାହୁ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

# ସଚିତ୍ର ଇଣ୍ଟରନେଟ୍

ଲେଖକ : ସହଦେବ ସାହୁ

ପ୍ରକାଶକ :
ସହଦେବ ପ୍ରଧାନ
ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩ ୦୦୨

ପ୍ରଚ୍ଛଦ : ଗଗନ ବିହାରୀ ନାୟକ ଓ ଷ୍ଟାମ୍ପସ୍ ଆଣ୍ଡ ଷ୍ଟାମ୍ପସ୍

ପ୍ରଥମ ସଂସ୍କରଣ : ୨୦୦୯

ଡି.ଟି.ପି. :
ଷ୍ଟାମ୍ପସ ଆଣ୍ଡ ଷ୍ଟାମ୍ପସ
ଡି-୩, ବି.ଜେ.ବି. ନଗର, ଭୁବନେଶ୍ୱର - ୭୫୧୦୧୪

ମୁଦ୍ରଣ :
ଗ୍ରାଫିକ୍ ଆର୍ଟ୍ ଅଫ୍‌ସେଟ୍ ପ୍ରେସ୍
ନୂଆପାଟଣା, ମଙ୍ଗଳାବାଗ, କଟକ-୭୫୩ ୦୦୧

ମୂଲ୍ୟ : ୧୦୦ ଟଙ୍କା



**SACHITRA INTERNET**

© Author : Sahadeva Sahoo

Publisher :
Sahadev Pradhan
Friends' Publishers,, Binodbehari, Cuttack - 753 002

Cover Design : Gagan Bihari Nayak & Stamps & Stamps

First Edition : 2009

ISBN 81-7401-697-X

D.T.P.
Stamps & Stamps
D-3, B.J.B. Nagar, Bhubaneswar

Printing :
Graphic Art Offset Press
Nuapatna, Mangalabag, Cuttack - 753 001

Rs. 100



# ବର୍ଣ୍ଣାନୁକ୍ରମିକ ସୂଚୀ

ଆ- ଆଇକନ୍

ଛ-ଛବି

ପ - ପରବର୍ତ୍ତୀ ପୃଷ୍ଠା

ଯୁଗ୍ମ ଶବ୍ଦ ଯଥା 'ଇ-ମେଲ୍', 'ଇଣ୍ଟରନେଟ୍ ସେବା', 'ଅନ୍' 'ଲାଇନ୍ ବେଙ୍କିଙ୍ଗ୍' ନ ମିଳିଲେ ମୁଖ୍ୟ ଶବ୍ଦ-'ମେଲ୍', 'ସେବା', 'ବେଙ୍କିଙ୍ଗ୍' ଖୋଜ ।

ଇଂରାଜୀ ଶବ୍ଦର ଉଚ୍ଚାରଣ ଅନୁଯାୟୀ ଓଡ଼ିଆ ବର୍ଣ୍ଣ ସ୍ଥାନରେ ଖୋଜ, ଯଥା WLLକୁ 'ଡ' ରେ ଖୋଜ


ଅ

ଅକ୍ଷର (ଓଡ଼ିଆ) ଲେଖିବା ୧୦୪

ଅନ୍‌ଲାଇନ୍ ୩୫, ୩୭

— ଡାକଟିକଟ ୩୫

ଅଫ୍ ଲାଇନ୍ ୯, ୩୬, ୩୭, ୪୮

ଅଲ୍‌ଇଣ୍ଡିଆ ଅନ୍ ଲାଇନ୍ ୪୯

ଅଭିଧାନ ୭୩

ଅଭିନନ୍ଦନ, ଗ୍ରିଟିଂସ୍ ୧୦୬

ଆ

ActiveX ୧୦୧

Activities (NGK) ୯୯

ASCII ୧୪

ଆଇଏସ୍‌ପି, ଇଣ୍ଟରନେଟ ସର୍ଭିସ୍ ପ୍ରୋଭାଇଡର ୨୪-୨୫

ଆକ୍ସେସ ପ୍ରୋଭାଇଡର ୫୦ (କନ୍‌ଷ୍ଟେଣ୍ଟ ପ୍ରୋଭାଇଡର ଦେଖ)

ଆଟାଚ୍ କରିବା ୫୬

ଆଟାଚ୍‌ମେଣ୍ଟ (ସଂଲଗ୍ନିକା ଦେଖ) ୫୬, ୫୮

ଆଣ୍ଟିଭାଇରସ୍ ୩୮, ୩୯, ୪୬

— ମରାମତି ୪୬-୪୭

ଆନ୍‌ସରଡଟ୍‌କମ୍ ୧୦୦

ଆନ୍‌ସରିଂ ମେସିନ୍ ୬୩

ଆନିମେସନ୍ - ଗିଫ୍ ସେଟ୍ ୧୨୨-୪

ଆମ ଓଡ଼ିଶା (orissalinks.com) ୮୮

ଆଲୋକ ବେଗ ୪

ଇ

ଇଣ୍ଟରନେଟ ୫ଛ, ୬ ଛ

— ଅପ୍ସନ୍ ୯,୨୦

— ଆକ୍ସେସ ପ୍ରୋଭାଇଡର (ଦେଖ କନ୍‌ଷ୍ଟେଣ୍ଟ ପ୍ରୋଭାଇଡର)

— ଇତିହାସ ୪

— ଏକ୍ସପ୍ଲୋରର (ଖୋଜକ) ୮, ୩୨ ଛ

— କଣ ୧ ପ, ୫ ଛ

— କନ୍‌ଷ୍ଟେଣ୍ଟପ୍ରୋଭାଇଡର ୨୪, ୨୫

— କିପରି କାମ କରେ ୭

— ଚାଳିତ କମ୍ପ୍ୟୁଟର ୩୨

— ତ୍ରୁଟି (ଏରର୍) ରିପୋର୍ଟ ୧୦

— ତ୍ରୁଟି ସମାଧାନ ୧୦, ୫୧

— ନ ଖୋଲିଲେ କଣ କରିବ ୮

— ନେଟ୍‌ର ନିୟନ୍ତ୍ରଣ ୫

— ପ୍ରଥମ ପୃଷ୍ଠା ଖୋଲିବା ୨୦, ୨୩

— ପ୍ରଶାସନ ୮୪

— ଫାଇଲ୍ ୨୧, ୩୭

— ବଜାର ୩୩

# ବର୍ଣ୍ଣାନୁକ୍ରମିକ ସୂଚୀ

ଆ- ଆଇକନ୍

ଛ-ଛବି

ପ – ପରବର୍ତ୍ତୀ ପୃଷ୍ଠା

ଯୁଗ୍ମ ଶବ୍ଦ ଯଥା 'ଇ-ମେଲ୍', 'ଇଣ୍ଟରନେଟ୍ ସେବା', 'ଅନ୍' 'ଲାଇନ୍ ବେଙ୍କିଙ୍ଗ୍' ନ ମିଳିଲେ ମୁଖ୍ୟ ଶବ୍ଦ-'ମେଲ୍', 'ସେବା', 'ବେଙ୍କିଙ୍ଗ୍' ଖୋଜ ।

ଇଂରାଜୀ ଶବ୍ଦର ଉଚ୍ଚାରଣ ଅନୁଯାୟୀ ଓଡିଆ ବର୍ଣ୍ଣ ସ୍ଥାନରେ ଖୋଜ, ଯଥା WLLକୁ 'ଡ' ରେ ଖୋଜ


ଅ

ଅକ୍ଷର (ଓଡିଆ) ଲେଖିବା ୧୦୪
ଅନ୍‌ଲାଇନ୍ ୩୫, ୩୭
— ଡାକଟିକଟ ୩୫
ଅଫ୍ ଲାଇନ୍ ୯, ୩୬, ୩୭, ୪୮
ଅଲ୍‌ଇଣ୍ଡିଆ ଅନ୍ ଲାଇନ୍ ୪୯
ଅଭିଧାନ ୭୩
ଅଭିନନ୍ଦନ, ଗ୍ରିଟିଂସ୍ ୧୦୬

ଆ

ActiveX ୧୦୧
Activities (NGK) ୯୯
ASCII ୧୪
ଆଇଏସ୍‌ପି, ଇଣ୍ଟରନେଟ ସର୍ଭିସ୍ ପ୍ରୋଭାଇଡର ୨୪-୨୫
ଆକ୍ସେଶ ପ୍ରୋଭାଇଡର ୫୦ (କଣ୍ଟେଣ୍ଟ ପ୍ରୋଭାଇଡର ଦେଖ)
ଆଟାଚ୍ କରିବା ୫୬
ଆଟାଚ୍‌ମେଣ୍ଟ (ସଂଲଗ୍ନିକା ଦେଖ) ୫୬, ୫୮
ଆଣ୍ଟିଭାଇରସ୍ ୩୮, ୩୯, ୪୬
— ମରାମତି ୪୬-୪୭
ଆନ୍‌ସର୍‌ଡ଼ଟ୍‌କମ୍ ୧୦୦
ଆନ୍‌ସରିଂ ମେସିନ୍ ୬୩
ଆନିମେସନ୍ - ଜିଫ୍ ସେଟ୍ ୧୨୨-୪
ଆମ ଓଡିଶା (orissalinks.com) ୮୮
ଆଲୋକ ବେଗ ୪

ଇ

ଇଣ୍ଟରନେଟ ୫ଛ, ୬ ଛ
— ଅପ୍ସନ୍ ୯,୨୦
—ଆକ୍ସେଶ ପ୍ରୋଭାଇଡର (ଦେଖ କଣ୍ଟେଣ୍ଟ ପ୍ରୋଭାଇଡର)
— ଇତିହାସ ୪
— ଏକ୍ସପ୍ଲୋରର (ଖୋଜକ) ୮, ୩୨ ଛ
— କଣ ୧ ପ, ୫ ଛ
— କଣ୍ଟେଣ୍ଟପ୍ରୋଭାଇଡର ୨୪, ୨୫
— କିପରି କାମ କରେ ୭
— ଚାଳିତ କମ୍ପୁଟର ୩୨
— ତ୍ରୁଟି (ଏରର୍) ରିପୋର୍ଟ ୧୦
— ତ୍ରୁଟି ସମାଧାନ ୧୦, ୫୧
— ନ ଖୋଲିଲେ କଣ କରିବ ୮
— ନେଟ୍‌ର ନିୟନ୍ତ୍ରଣ ୫
— ପ୍ରଥମ ପୃଷ୍ଠା ଖୋଲିବା ୨୦, ୨୩
— ପ୍ରଶାସନ ୮୪
— ଫାଇଲ୍ ୨୧, ୩୭
— ବଜାର ୩୩

— ବେଗ ୭
— ବେଗ ମାପ ୮
— କମ୍ପ୍ୟୁଟରମାନିଆ ରୋଗ ୯୧
— ମୋବାଇଲ୍ ଇଣ୍ଟରନେଟ ୧୩, ୧୪, ୨୨, ୨୩
— ସର୍ଭିସ୍ ପ୍ରୋଭାଇଡର ୨୪-୨୫
— ରେ ସାରା ଦୁନିଆ ୯୬
ଇଣ୍ଡିଆଟୁଡେ ଡଟ୍ ଇନ୍ ୮୪
— ମାସିକ ପତ୍ରିକା ୧୧୦-୧୧
ଇଣ୍ଡିଆ ବଜ୍ ୯୮-୯୯
ଇଣ୍ଟ୍ୟାରକସ୍ ୪୬
ଇନ୍‌ଫର୍ମେସନ୍ ହାଇୱେ ୩
ଇନ୍‌ଡଟ୍‌କମ୍ ୪୪
ଇନ୍‌ବକ୍ସ (ଡାକମୁଣି) ୧୨ପ
— ଆଇକନ ଓ ଲେଖାର ଅର୍ଥ ୧୨ପ, ୧୬,୧୭
— ଇଣ୍ଡିଆଟାଇମସ୍ ୧୨
— ଇଣ୍ଡିଆଟୁଡେ ୭୪-୭୫
— ଏକାଧିକ ୨୮, ୪୦
— ତୁଳନା (ୟାହୁର ଅନ୍ୟ ସହିତ) ୧୫
— ମେମୋରୀ (ଭଣ୍ଡାର) ୨୪, ୨୫
— ଲେଖା ଓ ଆଇକନର ଅର୍ଥ ୧୬ପ, ୩୦, ୩୧
— ରିଡିଫ୍‌ମେଲ୍ ୧୨
— ସଜାଡିବାର ଅପ୍ସନ (ଉପାୟ) ୪୧
ଇ-ପତ୍ରିକା ୮୨
— — ଇକନମିଷ୍ଟ ୯୨
— — ଇଣ୍ଡିଆଟୁଡେ ୭୪-୭୫
— — ଇଣ୍ଡିଆନ୍‌ବଜ୍ ୮୯
ଇ-ବହି ୮୨,
— — ଓଡିଆ ୧୦୪
—ବ୍ୟବସାୟ ୧୦୭ଛ
— ସାବିତ୍ରୀ ବ୍ରତ ୮୭
ଇ-ଶାସନ, ସରକାର ୧୦୮ ପ

ଉ

ଉତ୍ତର (ମେଲ୍‌ର) ୩୧, ୪୧, ୧୧୪
ଉପହାର ୧୦୬

ଏ

ଏଆଇଓଏଲ୍ (ଅଲ୍‌ଇଣ୍ଡିଆଅନ୍‌ଲାଇନ୍) ୪୯
ଏଓଏଲ୍‌ଇନ୍ (aol.in) ୯୦, ୧୧୭
ଏକ୍ସଟର୍ନାଲ ହାର୍ଡଡିସ୍କ ୮୯
ଏନ୍‌କୋଡିଂ ସଫ୍‌ଟୱେଆର୍ ୬୧
ଏନେବ୍ଲଡ୍, ଡିସେବ୍ଲଡ୍ ୪୫
ଏଫ୍‌ଏକ୍ୟୁ (FAQ) ୧୧୪, ୧୧୭
ଏବାଉଟ୍‌କମ୍ ୧୧୮
ଏରର୍ ରିପୋର୍ଟିଂ ୧୦

ଓ

ଓଡିଆ ଟ୍ୟୁବ୍ ୧୧୬
ଓଡିଆ ଅକ୍ଷର ଶିକ୍ଷା ୧୦୪
— ଫର୍ ୟୁ ବ୍ଲଗ୍ ୧୧୭
— ସାବିତ୍ରୀ ବ୍ରତ ୮୭
ଓଡିଶା ସମ୍ପର୍କୀୟ ଏକ ୱେବ୍ ସାଇଟ୍ ୮୮
orissalinks.com

କ

କନେକ୍ସନ ୯
ବେତାର ନେଟ୍‌ୱାର୍କ ୧୫
ୱାଇ ଫାଇ ୧୫
କନେକ୍ଟିଭିଟି ୨ ଆ, ୫ ଛ
କପିରାଇଟ୍ ୮୭, ୧୨୨
କଣ୍ଟେଣ୍ଟପ୍ରୋଭାଇଡର ୨୪, ୨୫
କମ୍ପ୍ୟୁଟର, ଇଣ୍ଟରନେଟ ଚାଳିତ ୩୨ ଛ
କମ୍ପ୍ୟୁଟର ଭାଷା ୪୫
କମ୍ପ୍ୟୁଟରମାନିଆ ରୋଗ ୯୧
କର୍ସର ୫୯
କାଡିସ୍ମ ୮୪

କାଲେଣ୍ଡର, ୟାହୁ ୩୪
କୁକି ୨୦, ୨୧, ୩୬, ୩୮
କେବିପିଏସ୍ (କିଲୋବାଇଟ୍ ପର୍ ସେକେଣ୍ଡ) ୮
କେବୁଲ ୩, ୬ ଛ
କେଶ୍ ମେମୋରୀ ୧୫,୩୭
କ୍ଲିପ୍ ୫୯, ୬୦
କ୍ୱିଜ୍ ତିଆରି ୧୦୧, ୧୧୮ ପ

ଖ

ଖବରକାଗଜ ୮୦ ପ
— ଅଡିଓ ସଂସ୍କରଣ ୮୬, ୯୨
— ଇଲେକ୍ଟ୍ରନିକ୍ ସଂସ୍କରଣ ୮୦, ୮୨
ଖୋଜକ (ଇଣ୍ଟରନେଟ ଏକ୍ସପ୍ଲୋରର) ୩,୮
— ତାଲିକା ୨୯
ଖୋଜିବ କିପରି ୮୩, ୧୧୪ପ

ଗ

ଗେଣ୍ଡାଡାକ ୬୭
ଗୋପନୀୟତା ୧୯
ଗୋପନୀୟତା ଚୋରି ୮୫
ଗୋଷ୍ଠୀ ଆଲୋଚନା ୧୧୬
— ଡାକଟିକଟ ସଂଗ୍ରହ ବିଷୟରେ ୧୧୬-୭
ଗ୍ରିଟିଂସ୍ ୧୦୬

ଚ

ଚାକିରି ସାଇଟ୍ ୧୫
ଚାଟ୍, ଗ୍ରୁପ୍ ଚାଟ୍ ୯୪, ୧୧୪ ପ
— ଡାକଟିକଟ ସଂଗ୍ରହ ୧୧୪
— ୱେବ୍ କାମ୍ ଚାଟ୍ ୧୧୫ପ
— ୟାହୁ ୯ ଭାଷାରେ ୯୪
— GSM, GPRS ୧୪,୨୨

ଛ

ଛପାଇବା ଡାକଟିକଟ ୫୩
ଛାତ୍ର ସାବଧାନ ୯୭, ୧୦୧

ଜ

ଜିଏସ୍ଏମ୍, GSM, ୨୨
ଜିଓଷ୍ଟେସନାରୀ ଉପଗ୍ରହ ୧୨
ଜୁଆଖେଳ ୯୭
ଜ୍ଞାନକୋଷ, ଅଭିଧାନ ୧୧୮

ଟ

ଟାଇମ୍ ମାଗାଜିନ୍ ୮୪
ଟିସିପି ଆଇପି TCI/IP ୩୨
ଟୁ (ପ୍ରାପକ) କଲମର ଆବଶ୍ୟକତା ୪୦
ଟେକ୍ସିଂ ୯୭
ଟେଲ୍‌ନେଟ୍ TelNet ୪, ୧୪
ଟେଲିଫୋନି ୭୪ ପ
ଟ୍ରେନ୍ ରିଜର୍ଭେସନ ୩୫
ଟ୍ୱିଟର ୮୭, ୧୧୫

ଠ

ଠିକଣା ୩, ୯, ୨୦, ୨୨, ୨୫
— ଖୋଜିବା ୫୬

ଡ

WLL ୧
ଡାଉନ୍‌ଲୋଡ୍ ଅବିରତ ୪୨ ଛ, ୫୨ଛ,
— ୱାର୍ଡ ଫର୍ମାଟ୍‌ରେ ସମ୍ପାଦନା ୩୬
— ଭାଇରସ୍ ସନ୍ଦେହରେ ୪୩
— ବ୍ଲକ୍ କରିବା (ରୋକିବା) ୪୫
ଡାକଟିକେଟ କିଣା ୩୫
ଡିଭିଡି ୯୧
ଡିସେବ୍‌ଲଡ୍, ଏନେବ୍‌ଲଡ୍ ୪୫
ଡୁଆଲ୍ ଫୋନ୍ ୨୨
ଡୋମେନ୍ ୨୫

ତ

ତ୍ରୁଟି ସୁଧାରିବା ୫୦

ଦ

ଦିନଲିପି (କାଲେଣ୍ଡର ଦେଖ)

ଦୂରଦର୍ଶନ ୯୩

ଦୈନନ୍ଦିନ କାର୍ଯ୍ୟନିର୍ଘଣ୍ଟ (କାଲେଣ୍ଡର ଦେଖ)

ଧ

ଧରିତ୍ରୀ ୮୧

ନ

ନାସ୍‌ନାଲ ଜିଓଗ୍ରାଫିକ ୯୮-୧୦୦

— ପିଲାଙ୍କଚଳଚିତ୍ର ୯୮ ପ

— ଆକ୍ଟିଭିଟିକ୍ କାମ ଧନ୍ଦା ୯୯-୧୦୦

— ଖେଳ, ଧନ୍ଦା, ଛବି ଆଙ୍କିବା ୯୮-୧୦୦

ନିଦାନ (ନେଟ୍‌ୱାର୍କ) ୮, ୯, ୧୧

ନେଟ୍‌ୱାର୍କ ଚେକ୍ ୧୧

ନେଟ୍‌ମପ୍ ୯୫

ନେଟ୍‌ର ନିୟନ୍ତ୍ରଣ (ଇଣ୍ଟରନେଟ୍ ଦେଖ) ୫

ନେଟିକେଟ୍ ୨୮, ୫୬, ୬୮

ପ

ପପ୍‌ଅପ୍ (ଉଙ୍କିମରା ୱେବ୍) ରୋକିବା ୬୧

ପର୍ସନାଲ୍ ଡିଜିଟାଲ ଆସିଷ୍ଟାଣ୍ଟ, PDA

(ଦେଖ ବ୍ୟକ୍ତିଗତ ସହାୟକ )

ପାଠାଗାର (ଲାଇବ୍ରେରି) ୭୬, ୮୫

ପାଣିପାଗ ୫୯, ୭୩

ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ୧୧୮ପ

ପାସ୍ ୱାର୍ଡ ୨୧

POP ୧୯

PPP ୧୮

ପିଡିଏଫ୍ PDF ଛପାଇବା ୫୩,୮୮

ପିଲାଙ୍କ ପାଇଁ ୯୫ପ

— ଆକ୍ଟିଭିଟିକ୍, କାମ, ଧନ୍ଦା ୯୮-୧୦୦

— କ୍ୱିଜ୍ ୮୯

— ଖେଳ ୫୨, ୯୪, ୧୦୪ପ

— ଖେଳ ତିଆରି ୧୦୪-୫

— ଚଳଚ୍ଚିତ୍ର ୧୦୨

— ଟିୟୁସନ୍ ୧୦୩

— ନାସ୍‌ନାଲ ଜିଓଗ୍ରାଫିକ ୯୮ପ

— ପତ୍ରିକା ୯୮

— ପରୀକ୍ଷା ପ୍ରଶ୍ନୋତ୍ତର ୧୦୩

— ଶିକ୍ଷକ ୧୦୧, ୧୦୩

— ସାଇନ୍‌ସ ୧୦୩

ପିଲାଙ୍କୁ ମନା ୯୫ପ

— ନେଟ୍‌ମପ୍, ରୋକିବାର ସଫ୍‌ଟୱେଆର ୯୫ପ

ପୁରୁଣା ଇମେଲ୍ ଖୋଜିବା ୪୦

ପୃଥିବୀ ଗୋଟିଏ ଗାଁ/ପରିବାର ୧୧୨, ୧୧୩

ପେନ୍ ଡ୍ରାଇଭ୍ ୯୧

ପ୍ରଗତିବାଦୀ ୮୩

ପ୍ରିଣ୍ଟ ଛପାଇବା ଡାକ ୫୩

ପ୍ରିୟ ୱେବ୍ ପୃଷ୍ଠା ୪୩

ପ୍ଲଗ୍ ଇନ୍ ୯୪

— ଇଣ୍ଟିଚାଟ୍ ପ୍ଲଗ୍‌ଇନ୍ ୯୪

ଫ

ଫର୍ମାଟ୍ ୩୬, ୩୯

ଫାଇବର୍ ଅପ୍‌ଟିକ୍ସ କେବୁଲ ଛ ୬

ଫାଇଲ ଫର୍ମାଟ୍ ୩୬, ୩୯, ୫୮

— ଭାଇରସ୍ ୩୬

ଫାଇଲ ଲିଭାଇବା (ଡିଲିଟ୍) ୨୦, ୨୧

ଫାଇଲ୍ ସଂକୁଚନ (କମ୍ପ୍ରେସନ୍) ୬୧

(ୱିନ୍‌ଜିପ୍ ଦେଖ)

ଫାକ୍ସ ୫୦-୫୧

ଫିଲାଟେଲିକ୍ ୱେବ୍ ନମୁନା ୧୦୫

ଫିଲ୍‌ଟରିଂ-ସ୍କାମ୍ (ବଦମାସି) ରୋକିବା ୪୫

ଫିସିଂ ୬୮, ୬୯ପ, ୭୯

ଫେଭରିଟ୍‌ସ୍, Favourites, ପ୍ରିୟ,

ତେଣୁ ତତ୍‌କ୍ଷଣାତ୍ ପାଇବାର ୱେବ୍ ୪୩
ଫେସ୍ ବୁକ୍ ୮୭
ଫୋଲ୍‌ଡର ୨୧
— ବିବିଧତା ୨୮
ଫ୍ଲାଶ୍ ଗନ୍ ୯୧
ଫ୍ଲାସ୍, ମାକ୍ରୋମେଡିଆ,ଆଡୋବ୍ ୭୩, ୧୨୫

ବ, ୱ

ବଜାର-ଇ'ବେ, ରିଡିଫ୍‌ମେଲ୍ ଦୋକାନ ୩୩, ୧୦୭
ବଦମାସି, ସାଇବରର ୬୮
ବଫରିଂ ୫୨
ବସ୍ତାନୀ ବୋହିବା ନାହିଁ, ଲାପଟପ୍ ଥିଲେ ୫୭
ବିଏସ୍‌ଏଲ୍‌ଏଲ୍ ବ୍ରଡ୍ ବେଣ୍ଡ ୩୨
ବିଏସ୍‌ଏନ୍‌ଏଲ୍ ସିଏଲ୍‌ଆଇ ଯୋଜନା ୨୬-୨୭
ବିଗ୍‌ଆଡ୍ଡା ୯୧
ବିଜ୍ଞାନର ଅଦ୍ୟତନ ବିକାଶ ୭୮
ବିଟା (ପରୀକ୍ଷାମୂଳକ) ୪୭
ବିଲ୍ ପେମେଣ୍ଟ ୭୦, ୧୨୨
ବିବାହ ଯୋଟକ ସାଇଟ୍ ୨୮
ବୁକ୍ ମାର୍କ ୬୦
ବେଙ୍କ କାରବାର ୩୫, ୭୦
ବେଣ୍ଡ ୱିଡ୍‌ଥ ୭
ବେଲ ପତ୍ର ସର୍ଚ୍ଚ ୭୭ ଛ
ବ୍ୟକ୍ତିଗତ ସହାୟକ (‘ସହାୟକ ବ୍ୟକ୍ତିଗତ’ ଦେଖ)
ବ୍ୟବସାୟ ୧୦୭
ବ୍ରାଉଜର (ଖୋଜକ ଦେଖ) ୩
ବ୍ରାଉଜର ତାଲିକା ୨୯
ବ୍ଲକ ୪୫
ବ୍ଲଗ୍, ବ୍ଲଗର୍, ଗୁଗୁଲ୍, ମାଗଣା ୧୧୦
ବ୍ଲଗ୍‌ସ୍ପଟ୍ ସ୍ଥାନ ୧୧୧
ୱିଜାର୍ଡ ୨୩
ୱିନ୍ ଜିପ୍ ୫୮, ୫୯, ୬୧
WiMax ୨୨
ୱେବ୍ ପେଣ୍ଟ ୪, ୪୭
ୱେବ୍ ୩, ୫ ଛ
— ନ ଖୋଲିଲେ ୮,୯, ୧୧
— ୱେବ୍ ନମୁନା ୧୦୫
ୱେବ୍‌କାମ୍ ୭୧
ୱେବପେଜକୁ ସାଧାରଣପୃଷ୍ଠାକରିବା ୩୬
ୱେବ୍ ସାଇଟ୍ ତିଆରି ୧୨୦ ଘ
— ଆନିମେସନ୍ ୧୦୬-୭
— ଜିଫ୍ ତିଆରି ୧୦୬-୧୦୭
— ୟାହୁ ସ୍ମଲ ବିଜିନେସ୍ ୧୧୧
— ହିଟ୍ ଓ ଭିଜିଟ୍ ୮୫
— ହୋଷ୍ଟିଂ (ୟାହୁ) ୧୫

ଭ

ଭାଇରସ୍, ଆଣ୍ଟିଭାଇରସ୍ ୩୮, ୩୯
ଭାଇରସ୍‌ରୁ ରକ୍ଷା ୩୮, ୪୬
ଭିଡିଓ କନ୍‌ଫରେନ୍‌ସିଂ ୭୧ଘ
ଭିଡିଓ -ବଲିଉଡ୍ ହଲିଉଡ୍ ୧୧୫
ଭିଡିଓ ପ୍ରଦର୍ଶନ ୭୧ଘ, ୧୧୭
ଭୂପୃଷ୍ଠ ସମତଳ ନୁହେଁ ୨ ଛ

ମ

ମରାମତି ୪୬-୪୭
ମାଇଁସ୍ପେସ୍ ମୋବାଇଲ ୪୮
ମେମୋରୀ (ଭଣ୍ଡାର)
— ୟାହୁ ଅସୀମ ଭଣ୍ଡାର ୨୪
— ବାହାରେ ରଖିବା ବ୍ୟବସ୍ଥା ୯୧
ମେଲ୍
— ଏକାଉଣ୍ଟ ସଜେଇବା
— କନ୍‌ଫିଗୁରେସନ ୪୧
— ଇତିହାସ ୨୧
— ଉତ୍ତର ୩୦, ୩୧, ୪୦, ୪୧

— ଛବି ନଦେଖାଯିବା କାରଣ ୪୯
— ଠିକଣା ଖୋଜିବା ୦୯
— ଠିକଣାର ଗୋପନୀୟତା ୧୯, ୭୦
— ପ୍ରୋଭାଇଡର, ନୂଆ ୪୪, ୭୮-୮୧,୮୯
— ପୁରୁଣା ଖୋଜିବା ୧୭, ୪୦
— ପ୍ରୋଭାଇଡର ଇନ୍‌କମ୍ ୪୪-୪୫
— — ଇଣ୍ଡିଆଟାଇମ୍ସ୍ ୧୨
— — ଇଣ୍ଡ୍ୟା ଋକ୍
— — ଇଣ୍ଡ୍ୟାଅନ୍‌ଲାଇନ୍ ୧୦୫
— — ୱେବ୍ ପେଣ୍ଟ୍ ୪୭
— — ୟୁଏନ୍‌ୱାଇକେ ୪୭
— — ମାଇଁସ୍ପେସ୍‌ଡଟ୍‌କମ୍ ୪୮
— — ହୁଇ ୭୯
— ବଗାଦ ୪୧
— ବହୁତ ଲୋକଙ୍କୁ ଏକାଥରେ ପଠାଇବା ୪୮
— ଭାଷା ୨୮
— ମେସେଜ୍ ପୁରୁଣା ଖୋଜିବା ୪୦
ମେସେଞ୍ଜର ସର୍ଭିସ୍
— ଇନ୍‌ଷ୍ଟାଣ୍ଟ ୧୧୫
— ୟାହୁ ୧୧୨
— ରିଡିଫ୍ ବୋଲ୍ ୧୮
ମୋଡେମ୍ ୭ଛ, ୧୧, ୫୪ ପ
ମୋବାଇଲ୍ ଇଣ୍ଟରନେଟ ୧୩, ୧୪, ୨୨, ୨୩
— ୟାହୁମେଲ୍ ୧୩
— ରିଡିଫ୍‌ମେଲ୍ ୧୪
— ଲାଣ୍ଡଲାଇନ ଭଳି ୨୩
— ମାଇଁସ୍ପେସ୍ ୪୮

ଯ, ୟ

ଯୋଗାଯୋଗ ଇତିହାସ ୪
ୟାହୁ ଅସୀମ ଭଣ୍ଡାର ୨୪
ୟାହୁ ଗୋ ୧୧୨
ୟାହୁ ମେସେଞ୍ଜର ୧୧୨
ୟାହୁ ହୋମପେଜ୍ ୬୪ପ, ୯୪
ୟୁଆର୍‌ଏଲ୍ (ଠିକଣା ଦେଖ)
ୟୁଏସ୍‌ବି ୭୪
ୟୁଟ୍ୟୁବ୍ ସର୍ଭିସ୍ ୧୦୩, ୧୧୬
ୟୁନିକ୍ ବିଟା (ବିଟା ଅର୍ଥ ପରୀକ୍ଷାମୂଳକ) ୪୭

ର

ରାଇଟ୍ କ୍ଲିକ୍ ମେନୁ ୪୭
ରାଉଟର୍ ୧୧
ରିଡିଫ୍‌ମେଲ୍ ୬୧

ଲ

ଲଟେରୀ, ବାଜି ୧୧୧ (୩୫)
ଲାଇବ୍ରେରି ୭୬, ୮୫
ଲାପ୍‌ଟପ୍‌ରେ ପୃଥିବୀ ୯୬
ଲେଖିବା ସଫ୍‌ଟୱେଆର ASCII ୧୪

ଶ

ଶାଳୀନତା କଣ୍ଟ୍ରୋଲ ୬୮, ୯୫ପ

ସ

ସଂଲଗ୍ନିକା ୫୮
ସଫ୍‌ଟୱେଆର୍ କାମ ନ କଲେ ମରାମତି ବ୍ୟବସ୍ଥା ୪୬-୪୭
ସମୟ ୮୨
ସମସ୍ୟାର ସମାଧାନ, ଇ-ସପୋର୍ଟ, ୫୧, ୫୭
ସମାଜ ୮୦
ସମୁଦ୍ରତଳ କେବୁଲ ମାନଚିତ୍ର ୩
ସମ୍ବାଦ ୮୩
ସମ୍ବାଦପତ୍ର (ଖବର କାଗଜ ଦେଖ)
ସର୍ଚ୍ଚ ଇଂଜିନ ୮୫ପ, ୧୦୫
— ଆନ୍‌ସରସ୍ (ଉତ୍ତର ଖୋଜ) ୭୩
— ଆସ୍କ (ପଚାର) ୮୬, ୯୨
— ଏ ଟୁ ଅଲ୍ ୮୬
— ଇଣ୍ଡ୍ୟାଡଟ୍‌କମ୍ ୮୫

— ଗୁଗୁଲ ୮୫
— ଦୂରଦର୍ଶନ ୯୩
— ବେଲ ପତ୍ର ୭୬, ୭୭ଛ
— ଭୁଲ ହେଲେ ୮୬-୧୦୧
— ୟାହୁ ୮୫
ସର୍ଫିଂ ୧୦୭
ସର୍ଭର ୩, ୧୦
ସର୍ଭିସ୍ ପ୍ରୋଭାଇଡର ୨୪-୨୫
ସମସ୍ୟାର ସମାଧାନ ୫୭, ୧୦୪
ସହାୟକ ବ୍ୟକ୍ତିଗତ ୩୪, ୫୮-୫୯, ୭୪
— କାଲେଣ୍ଡର ୫୮
— ୟାହୁ ହୋମ ପେଜ୍ ୬୦-୬୩
ସାଇବର ବଦମାସି ୬୮
ସାଇବର୍ ସ୍ପେସ୍ ୨୮, ୫୬
ସାର୍ଟିଫାଏଡ୍ ମେଲ୍ ୧୯
ସାବିତ୍ରୀ ବ୍ରତ କଥା ୮୭
CDMA ୨୨
ସିଡି ୮୯
ସେୟାରୱେଆର୍ ଆଡ୍ରେସ୍ ବୁକ୍ ୩୬
ସେଲ୍‌ଫୋନ୍ ୨୩
— ଟାୱାର (ଖମ୍ବ) ୨୩
— ଲାଣ୍ଡଲାଇନ୍ ଭଳି କାମ ୨୩
ସ୍କାନିଂ ୩୯, ୬୦
ସ୍ନେଲ ମେଲ୍ ଗେଣ୍ଡାଡାକ ୭୧
ସ୍କାମ୍ (ଛବି ନଦିଶିବା) ୪୯
ସ୍ପିଡ୍‌ବିଟ୍ ଆକ୍ସଲରେଟର ୪୨ଛ, ୫୨, ୧୧୭

ହ

ହାଇପର୍ ଲିଙ୍କ୍ ୬୦
ହାଇଲାଇଟ୍ ୬୦
ହିଟ୍ ଓ ଭିଜିଟ୍ ୧୨୫
History ୨୧, ୩୭
HSDPA ୨୨
HTML ୧୨୦
HTTP ୨୨
ହୁଇ ୯୦
ହେଡର୍ ୩୦
ହୋମ୍ ପେଜ୍ ୩,୨୦, ୬୮, ୧୨୦





# ସଚିତ୍ର ଇଣ୍ଟରନେଟ୍

# ଇଣ୍ଟରନେଟ୍ କ'ଣ

ଘରେ ବସି ଫୋନ୍‌ରେ ଆମେ ପୃଥିବୀ ସାରା ଯେଉଁଠି ଇଚ୍ଛା ସେଠି ଲୋକଙ୍କ ସାଙ୍ଗରେ କଥା କହି ପାରୁଛୁ ବା ଫ୍ୟାକ୍ସ ପଠାଇ ପାରୁଛୁ, କାରଣ ସ୍ଥଳଭାଗରେ ମାଟି ତଳେ ଓ ସମୁଦ୍ରରେ ପାଣିତଳ ମାଟି ଉପରେ ତାର ବିଛା ହୋଇଛି । ଫୋନ୍ ରିସିଭର୍ ବଦଳରେ କମ୍ପୁଟର, ଟେଲିଗ୍ରାଫ୍ ଅଫିସ୍ ବଦଳରେ ଇଣ୍ଟରନେଟ ସର୍ଭିସ୍ ପ୍ରୋଭାଇଡର୍ (ସେବା ଯୋଗାଣକାରୀ) ଓ ଟେଲିଫୋନ୍ ଏକ୍ସଚେଞ୍ଜ ବଦଳରେ ସର୍ଭର ବ୍ୟବହାର ହେଲେ ତାହା ହେବ ଇଣ୍ଟର୍‌ନେଟ୍, ସଂକ୍ଷେପରେ ନେଟ୍, ଜାଲ । ଏ ଜାଲରେ କମ୍ପୁଟର ହେଉଛି ମୁଖ୍ୟ କଣ୍ଠି (ଲିଙ୍କ୍) ।

ଏବେ ବିନା ତାରରେ (ବେତାର) ଫୋନ୍ କରି ହେଉଛି । ଘର ପାଖରୁ ତାରଘର (ଟେଲିଗ୍ରାଫ୍ ଅଫିସ୍) ଯାଏ ଖୁଣ୍ଟ ଉପରେ ତାର ଟଣା ହୋଇଥାଏ । ଟେଲିଫୋନ ବା ଟେଲିଗ୍ରାଫ୍ ଅଫିସକୁ ଓଡିଆରେ ଆଉ ତାର-ଘର କହି ହେବ ନାହିଁ, ତାର ସାଙ୍ଗରେ ବେତାର କାରବାର ବି ଅଛି । ତାର ବାଟେ କଥା ଯାଉଥିବା ସାଧାରଣ ଫୋନକୁ ଲାଣ୍ଡ ଲାଇନ କୁହାଯାଏ । ବେତାରରେ ବାର୍ତ୍ତାମାନ ଯୋଗାଯୋଗ-ଉପଗ୍ରହକୁ ଯାଏ, ଉପଗ୍ରହରୁ ପୁଣି ଭୂପୃଷ୍ଠର ଫୋନ୍‌କୁ ଆସେ । ବେତାର ତରଙ୍ଗରେ ବାର୍ତ୍ତା ଆସୁଥିଲେ ବି ଯଦି ଶୁଣିବା ବା କହିବା ବାଲାର ଫୋନ୍‌ସେଟ୍‌କୁ ତାରଟିଏ ଯାଇଛି ତାକୁ ଲାଣ୍ଡ ଲାଇନ କୁହାଯିବ । ଏବେ ଫୋନ କମ୍ପାନୀମାନେ ଘର ଭିତରୁ ବି ବେତାରରେ ଫୋନ ଆଳାପ କରାଇଲେଣି, ଫୋନ୍ ସେଟ୍‌କୁ ବିଜୁଳି ସଂଯୋଗ କରିଦେଲେ ଯେଉଁଠି ଇଚ୍ଛା ସେଇଠୁ ଫୋନ୍ କରିହେବ । ଏ ବ୍ୟବସ୍ଥାକୁ ୱାୟାରଲେସ୍ ଲୋକାଲ ଲୁପ୍ (WLL) କୁହାଯାଉଛି । ମଣିଷ ମଣିଷ ଭିତରେ କମ୍ପୁଟର ମାଧ୍ୟମରେ ବାର୍ତ୍ତା ବିନିମୟ ବ୍ୟବସ୍ଥାକୁ ଇଣ୍ଟର୍‌ନେଟ କୁହାଯାଏ, ବାର୍ତ୍ତାବିନିମୟ ପାଇଁ କମ୍ପୁଟରମାନଙ୍କର ବିଶ୍ୱବ୍ୟାପୀ ଜାଲ ହିଁ ଇଣ୍ଟରନେଟ୍ ।

ବେତାର ତରଙ୍ଗ ଆଲୋକ ରଶ୍ମି ଭଳି ସଳଖ ରେଖାରେ ଯାଏ, ତେଣୁ ଉଚ୍ଚ ଜାଗାର ପଛ ପଟକୁ ଯାଏ ନାହିଁ, ଉପରେ ଉପରେ ବାହାରିଯାଏ । ପୃଥିବୀ ପେଣ୍ଡୁ ଭଳି ଗୋଲ ଆକାର, ଏତେ ଦୂରରୁ ସୂର୍ଯ୍ୟ ରଶ୍ମି ଆସି ମାତ୍ର ଅଧେ ପୃଥିବୀକୁ ପହଞ୍ଚେ ବୋଲି ତ ଗୋଟିଏ ଅଧରେ ଦିନ ତ ଅନ୍ୟ ଅଧରେ ରାତି । ସୂର୍ଯ୍ୟ ଦୂରତାର ଉଚ୍ଚରୁ ବେତାର ତରଙ୍ଗ ଛଡାଗଲେ ବି ଅଧେ ପୃଥିବୀ ଶୁଣି ପାରିବ ନାହିଁ । ହିସାବ କରି ଦେଖାଯାଇଛି ଯେ ପେଣ୍ଡୁର ଚାରିପଟ ଆକାଶକୁ ସମାନ ଭାବରେ ତିନି ଭାଗ କରି ୩୫୦୦୦ ଫୁଟ୍ ଉଚ୍ଚରେ ପ୍ରତି ଭାଗର କେନ୍ଦ୍ରରେ ଉପଗ୍ରହ ରଖି ତାକୁ ବେତାର ଖୁଣ୍ଟ ଭଳି ବ୍ୟବହାର କଲେ ଗୋଟିଏରୁ ଆଉ ଗୋଟିଏକୁ ତରଙ୍ଗ ଯାଇ ସେଠାରୁ ପୃଥିବୀକୁ ରିଲେ ହୋଇ ପାରିବ । ଉପଗ୍ରହ-ଖୁଣ୍ଟି ସ୍ଥିର ରହିବା ଦରକାର । ଆକାଶରେ ଘୂରୁଥିବା ଉପଗ୍ରହ ଭୂପୃଷ୍ଠକୁ ସ୍ଥିର ଥିବା ଭଳି ଦିଶିବ, ଅର୍ଥାତ୍ ଜିଓଷ୍ଟେସନାରୀ ହେବ, ଯଦି ତାହାର ପରିକ୍ରମଣ (ପୃଥିବୀ ଚାରିପଟେ ଘୂରିବା) ବେଗ ପୃଥିବୀର ଆବର୍ତ୍ତନ (ନଟୁ ଭଳି ନିଜ ମେରୁ ବା ଅକ୍ଷରେ ବୁଲିବା) ବେଗ ସହ ସମାନ ହୁଏ ।



ଗୋଲାକାର ପୃଥିବୀର ପୃଷ୍ଠ ସରଳ ରେଖା ଭଳି ସମତଳ ନୁହେଁ ।

ମଶାରି ଯେପରି ଗୋଟିଏ ମୁଣ୍ଡିରୁ ଓହଳି ଥାଏ, ଇଣ୍ଟରନେଟ ଯାହାର ମାନେ ହେବ ଛନ୍ଦା-ଜାଲ। କାଳ୍ପନିକ ଜାଲ (ବେତାର ତରଙ୍ଗକୁ ସୂତା ବୋଲି ଧରିଲେ) ଉପଗ୍ରହରୁ ପୃଥିବୀକୁ ଓହଳି ଆସିଛି । ବେତାର ଖମ୍ବ ହେଉଛି ପାଖଆଖର ମୁଣ୍ଡି, ଏ ସବୁ ମୁଣ୍ଡି ଗୋଟିଏ ବଡ ମୁଣ୍ଡିରେ ଛନ୍ଦା, ତାହା ହେଉଛି ଜିଓଷ୍ଟେସନାରି ସେଟେଲାଇଟ ବା ଭୂସ୍ଥିର ଉପଗ୍ରହ । ଜିଓଷ୍ଟେସନାରି ଉପଗ୍ରହରୁ ଭୂପୃଷ୍ଠକୁ ବେତାର ସମ୍ପର୍କ ଗୁଡ଼ିକୁ ଜାଲର ସୂତା ଭଳି ମନେ କଲେ ପ୍ରତି ସୂତା ଅଗରେ ଭୂପୃଷ୍ଠର ଗୋଟିଏ ଗୋଟିଏ କମ୍ପ୍ୟୁଟର । କମ୍ପ୍ୟୁଟର ଓ କମ୍ପ୍ୟୁଟରରୁ ଯାଇଥିବା ତାର, ଏ ଦୁଇଟି ହିଁ ତୁମକୁ ଦୃଶ୍ୟ, ବାକିତକ ଅଦୃଶ୍ୟ । ତୁମ କମ୍ପ୍ୟୁଟର, ତହିଁରୁ ଅନ୍ୟ କମ୍ପ୍ୟୁଟରକୁ ଯୋଖୁଥିବା ଉଚ୍ଚ କ୍ଷମତା-ସମ୍ପନ୍ନ କମ୍ପ୍ୟୁଟର, ସେଗୁଡ଼ିକ ମଧ୍ୟରେ ସମ୍ପର୍କ ରଖୁଥିବା ମୋଡେମ୍, ସମୁଦ୍ରତଳେ ବିଛା ହୋଇଥିବା କେବୁଲ, ଟେଲିଫୋନ୍‌ରୁ ଉପଗ୍ରହକୁ ଓ ଉପଗ୍ରହରୁ ଟେଲିଫୋନକୁ ପଠାଉଥିବା ବେତାର ଖମ୍ବ, ଏବଂ ଆମେ ଭାବି ପାରୁଥିବା ଯେକୌଣସି ଢଙ୍ଗର ଯୋଗାଯୋଗ ଯନ୍ତ୍ର ଦ୍ୱାରା ଯୋଡା ପୃଥିବୀ ଯାକର କମ୍ପ୍ୟୁଟର - ଏସବୁର ସମାହାର ହିଁ ଇଣ୍ଟରନେଟ୍ ।

ତୁମେ ଫୋନ୍ କଲେ ତୁମ ଏକ୍ସଚେଞ୍ଜରୁ କେତେ କେତେ ଏକ୍ସଚେଞ୍ଜ ଦେଇ ପୃଥିବୀର ଯେକୌଣସି ଜାଗାକୁ ଯେପରି ଫୋନ୍ ଯିବାର ବ୍ୟବସ୍ଥା ଅଛି, ଏ ଇଣ୍ଟରନେଟ୍ ସେହିଭଳି ତୁମ କମ୍ପ୍ୟୁଟରରୁ ତୁମ ସର୍ଭିସ୍ ପ୍ରୋଭାଇଡର୍‌ର ସର୍ଭର, ତହିଁରୁ କେତେ କେତେ ସର୍ଭର ବାଟେ ତୁମର ନିବେଦନକୁ ଯଥାସ୍ଥାନକୁ ନେଇଯାଏ ।

ଇଣ୍ଟରନେଟ୍ ପୂର୍ବରୁ ବି ବେତାର ଯୋଗାଯୋଗ ଥିଲା । ରେଡିଓ ପେଜିଂ ଗୋଟିଏ ଏକ-ପାଖିଆ ବେତାର ସମ୍ପର୍କ । ଏଥିରେ ଗୋଟିଏ ନମ୍ବର ବା ଫ୍ରିକ୍ୱେନ୍ସିରୁ ଖବର ପାଇହୁଏ । ହସ୍ପିଟାଲରେ ଡାକ୍ତରଙ୍କୁ ଖୋଜିବା ସହଜ ହେଉଥିଲା ପେଜର୍ ଯୋଗୁଁ । ପେଜର୍‌ରୁ ସୂଚନା ପାଉଥିବା ଲୋକ ପାଖର ଟେଲିଫୋନ ବୁଥ୍‌କୁ ଯାଇ ଫୋନ୍ କରିଥିବା ଲୋକକୁ ଫୋନ୍ କରେ, କାହିଁକି ତାକୁ ଖୋଜୁଛ ବୋଲି । ଆଗକାଳରେ ମୋବାଇଲ ଫୋନ ଖର୍ଚ୍ଚ ବେଶି ଥିଲା ବେଳେ ପେଜର ଶସ୍ତା ପଡୁଥିଲା । ମୋବାଇଲ୍ ଫୋନ୍ ସେବା ଶସ୍ତା ହୋଇଯିବାରୁ ପେଜର୍ ବ୍ୟବହାର କମିଗଲା ।

ଇଣ୍ଟରନେଟ୍ ସହିତ ସଂଯୋଗ **କନେକ୍ଟିଭିଟି** ଜୁଳୁଜୁଳିଆ ପୋକର ଆଲୋକ ପରି ମିଞ୍ଜି ମିଞ୍ଜି କରୁଥିବ



# ୱେବ୍ ଓ ଇନ୍‌ଫର୍ମେସନ୍ ହାଇୱେ

ଇଣ୍ଟରନେଟ୍ କଥା କହିଲା ବେଳେ ଆମେ ଦୁଇଟା କଥା ଶୁଣିବାକୁ ପାଉ, ୱାର୍ଲ୍ଡ୍ ୱାଇଡ୍ ୱେବ୍ (ପୃଥିବୀ ବ୍ୟାପୀ ଜାଲ) ଓ ଇନ୍‌ଫର୍ମେସନ୍ ସୁପରହାଇୱେ (ସୂଚନାର ମହାରାଜପଥ), ସଂକ୍ଷେପରେ ୱେବ୍ ଓ ସୁପରହାଇୱେ । ଦୁଇଟାଯାକ ଏକା ଜିନିଷ ନୁହେଁ । ଇଣ୍ଟରନେଟ୍ ହେଉଛି ଜାଲମାନଙ୍କର ଜାଲ, ପ୍ରତ୍ୟେକ ଜାଲ ହେଉଛି ଲକ୍ଷ ଲକ୍ଷ କମ୍ପ୍ୟୁଟରର ବନ୍ଧନ ସୂତ୍ର, ପ୍ରତ୍ୟେକ ଜାଲରେ ଥିବା କମ୍ପ୍ୟୁଟରଗୁଡିକ ନିଜ ନିଜ ଭିତରେ ଯୋଗାଯୋଗ କରେ ଏବଂ ଅନ୍ୟ ଜାଲରେ ଥିବା କମ୍ପ୍ୟୁଟର ସହିତ ମଧ୍ୟ ଯୋଗାଯୋଗ ରଖେ ।

ଇଣ୍ଟରନେଟ୍‌ରେ ତୁମେ ଯାହା କିଛି ପାଇବ, ୱେବ୍ ତା ଭିତରୁ ଗୋଟିଏ ଗୋଟିଏ ପୃଷ୍ଠା । ଠିକଣା (ୟୁଆର୍‌ଏଲ୍) ଟାଇପ୍ କରିଦେଲେ ତୁମ ବ୍ରାଉଜର (ଖୋଜକ) ତାକୁ କାଢି ଆଣିବ । ବେଳେ ବେଳେ ପ୍ରଥମେ ତୁମକୁ ସର୍ଭର୍‌ର ନିଜ ପୃଷ୍ଠା ବା ହୋମ୍ ପେଜ୍ ଦିଶିବ, ତହିଁରେ ଥିବା ଲିଙ୍କ୍ (କଣ୍ଠି ବା କଡି)କୁ କ୍ଲିକ୍ କଲେ ସମ୍ପୃକ୍ତ ପୃଷ୍ଠାଟି ଆସିବ । ୱେବ୍ ହେଉଛି ଇଣ୍ଟରନେଟର ସର୍ବାଧିକ ବ୍ୟବହାର ହେଉଥିବା ଦୃଶ୍ୟମାନ ପୃଷ୍ଠା । ୱେବ୍ ଇଣ୍ଟରନେଟର ଅନ୍ୟାନ୍ୟ ବିଭାଗକୁ ରାସ୍ତା ଖୋଲିଦିଏ । ଇଣ୍ଟରନେଟ୍‌ରେ ଥିବା ବେଳେ ହିଁ ୱେବ୍ ଖୋଲି ହେବ । ଏହି କାରଣରୁ ୱେବ୍ ଆଉ ଇଣ୍ଟରନେଟ୍, ଏ ଦୁଇଟି ଭିତରେ ପ୍ରଭେଦ ବାରି ହୁଏନାହିଁ ।




ଭୂମଧ୍ୟସାଗରରେ ସମୁଦ୍ରତଳେ ବିଛା ହୋଇଥିବା (ସବ୍‌ମେରିନ୍) କେବୁଲ । ଏହା ଛିଡିଗଲେ ଆମେରିକା ସହ ଇଣ୍ଟରନେଟ୍ କଟିଯାଏ, ଅନ୍ୟ (ପ୍ରଶାନ୍ତ ମହାସାଗର) ବାଟେ ସଂଯୋଗ ପାଇଲେ ବି ଭିଡ ଯୋଗୁଁ ଇଣ୍ଟରନେଟ୍ ଧୀର ହୋଇଯାଏ ବା ଆସେ ନାହିଁ ।

ସୂଚନାର ମହା-ରାଜପଥ କହିଲେ ମନେହୁଏ ଗୋଟିଏ ପ୍ରକାଣ୍ଡ ଚଉଡା ରାସ୍ତା, ଭିଡ ନଥିବ, ଯିବା ଆସିବା ଡେରି ହେବ ନାହିଁ । ବାର୍ତ୍ତା ଆଲୋକ ବେଗରେ (ସେକେଣ୍ଡକୁ ୩ ଲକ୍ଷ କିଲୋମିଟର) ଯିବା କଥା, ଅର୍ଥାତ୍ ଛୁଇଁଲା କ୍ଷଣି ଇଣ୍ଟର୍‌ନେଟ କାମ କରିବା କଥା । କିନ୍ତୁ ଏବେ କମ୍ପୁଟର କ୍ଲିକ୍ କରିବାର ବହୁତ ପରେ ୱେବ୍ ବା ଇଣ୍ଟରନେଟର ସଂଯୋଗ ମିଳୁଛି । ବାର୍ତ୍ତା ବିନିମୟ ବେଗ ଖୁବ୍ ଧୀର ରହିଛି । କମ୍ପୁଟର ଯେତେ ଶୀଘ୍ର କାମ କରିବ ଓ କମ୍ପୁଟର ଭିତରେ ଯୋଗସୂତ୍ର ଯେତେ ବଢ଼ିବ, ସେତେ ବେଶି ନଥି, ସୂଚନା ଓ ଜ୍ଞାନ କ୍ଲିକ୍ କଲା କ୍ଷଣି ମିଳିଯିବ, ହାଇୱେ ସେତେ ସୁପର୍ ହୋଇଗଲାଣି ବୋଲି କହିବା ।

## ଯୋଗାଯୋଗ ଇତିହାସରେ କେତୋଟି ପ୍ରଧାନ ଘଟଣା

ଖ୍ରୀ.ପୂ. ୩୦୦୦ ପାଖାପାଖି ଲିଖିତ ଭାଷା ଆରମ୍ଭ

ଖ୍ରୀଷ୍ଟାବ୍ଦ ୧୪୪୮ ଜୋହାନ ଗୁଟେନ୍ ବର୍ଗ ଛାପାଖାନା ଉଦ୍ଭାବନ କରନ୍ତି, ଜନତା ପାଖରେ ଜ୍ଞାନ ପହଞ୍ଚେ

୧୪୮୯ ହୋଲି ରୋମାନ ସାମ୍ରାଜ୍ୟରେ ଠର୍ଣ୍ଣ ଆଣ୍ଡ ଟାକ୍ସିସ୍ ପରିବାର ଡାକ ବ୍ୟବସ୍ଥା ଆରମ୍ଭ କରନ୍ତି

୧୫୪୦ ଶେର ଶାହ ସୁରୀ ଭାରତରେ ଡାକ ବ୍ୟବସ୍ଥା ଆରମ୍ଭ କରନ୍ତି

୧୮୪୪ ସାମୁଏଲ୍ ମୋର୍ସ ଇଲେକ୍‌ଟ୍ରିକାଲ ଟେଲିଗ୍ରାଫ୍ ବ୍ୟବସ୍ଥା କରନ୍ତି

୧୮୭୬ ଆଲେକଜାଣ୍ଡାର ଗ୍ରାହାମ୍ ବେଲ୍ ଟେଲିଫୋନ୍ ଉଦ୍ଭାବନ କରନ୍ତି

୧୮୯୬ ଗୁଗ୍‌ଲିଏଲ୍‌ମୋ ମାର୍କୋନି ରେଡିଓ ଟେଲିଗ୍ରାଫ୍ ଆରମ୍ଭ କରନ୍ତି

୧୯୨୯ ପ୍ରଥମ ସର୍ବସାଧାରଣ ଟେଲିଭିଜନ ପ୍ରସାରଣ

୧୯୪୫ ପ୍ରଥମ ଇଲେକ୍‌ଟ୍ରୋ-ମେକାନିକାଲ୍ କମ୍ପୁଟର ଏନିଆକ୍‌ର ନିର୍ମାଣ ଶେଷ

୧୯୪୮ ଟ୍ରାଞ୍ଜିଷ୍ଟର ଉଦ୍ଭାବନ

୧୯୬୨ ପ୍ରଥମ ଯୋଗାଯୋଗ ଉପଗ୍ରହ ଉତ୍କ୍ଷେପଣ

୧୯୬୯ ଯୋଗାଯୋଗସୂତ୍ର ସହ କମ୍ପୁଟରର ବନ୍ଧନ, ଇଣ୍ଟରନେଟ୍‌ର ପ୍ରଥମ କଣ୍ଢି, ଟେଲ୍‌ନେଟ୍ telnet* ବ୍ୟବସ୍ଥା

୧୯୭୧ ମାଇକ୍ରୋପ୍ରସେସର୍ ତିଆରି

୧୯୯୦ ପ୍ରଥମ ୱାର୍ଲଡୱାଇଡ୍ ୱେବ୍ ତିଆରି କରନ୍ତି ସର୍ଣ୍ଣ (କଣିକା ପଦାର୍ଥ ବିଦ୍ୟାର ୟୁରୋପୀୟ ଲାବରଟେରିର ଟିମ୍ ବର୍ନରସ୍-ଲି

୧୯୯୩ ପ୍ରଥମ ଇଣ୍ଟରନେଟ୍ ବ୍ରାଉଜର ତିଆରି

୨୦୦୦ ଡଟ୍‌କମ୍ ବବ୍ଲ (ଫୋଟକା) ଫୁଟିଲା, ବ୍ୟବସାୟ ଫସରଫାଟିଲା

୨୦୦୬ ୱେବ୍ ବ୍ୟବହାରକାରୀ ସଂଖ୍ୟା ୧୦୦ କୋଟି ଛୁଇଁଲା

୨୦୦୮ ମୋବାଇଲ ଫୋନ୍‌ରେ ଇଣ୍ଟରନେଟ୍ ସେବା ଓ ଇଣ୍ଟରନେଟ୍‌ରେ ଟେଲିଭିଜନ ସେବା

*TELytype NETwork

# କିଏ ନେଟ୍‌ର ନିୟନ୍ତ୍ରଣ କରୁଛି ?

ବହୁତ ଲୋକ, ବହୁତ କମ୍ପାନୀ, ବହୁତ ଅନୁଷ୍ଠାନ ଇଣ୍ଟରନେଟ୍‌ରେ କାମ କରନ୍ତି, ସେମାନେ କେତେଗୁଡିଏ ନିୟମ ମାନି ସାହାଯ୍ୟ କରୁଥିବାରୁ ନେଟ୍ ଚାଲିଛି । କେତେକଙ୍କ କମ୍ପ୍ୟୁଟର ମାଗଣା ସର୍ଭର ଭାବରେ କାମ କରୁଛି ଓ ସେମାନଙ୍କ କମ୍ପ୍ୟୁଟର-ଟେକ୍ନିସିଆନ୍ ମାନେ ସେବା ଯୋଗାଉଛନ୍ତି । ୱାର୍ଲଡ୍ ୱାଇଡ୍ ୱେବ୍ କନ୍‌ସୋର୍ଟିଅମ୍ (W3C) ନାମକ ଏକ ସଂସ୍ଥା ୱେବ୍‌ର ଏଚ୍‌ଟିଏମ୍‌ଏଲ୍ ଓ ଅନ୍ୟ ଗୁଣ ଗୁଡିକର ଷ୍ଟାଣ୍ଡାର୍ଡ ବା ମାନକ ନିର୍ଦ୍ଦିଷ୍ଟ କରିଥାଏ । ଇଣ୍ଟରନେଟ୍‌କୁ ଠିକ୍ ଭାବରେ ଚଲାଇବା ପାଇଁ ଯାହା କିଛି ବଦଳାବଦଳି ବା ସଂଶୋଧନ ଦରକାର ତାହା କରନ୍ତି ଇଣ୍ଟରନେଟ୍ ଇଞ୍ଜିନିୟରିଂ ଟାସ୍କ ଫୋର୍ସ (IETF) । ଏହି ସଂସ୍ଥାର କାର୍ଯ୍ୟାବଳୀକୁ ପରିଚାଳନା କରିବା ପାଇଁ ଓ ଇଣ୍ଟରନେଟ୍ ମାନକ ରକ୍ଷା ପାଇଁ ରହିଛି ଇଣ୍ଟରନେଟ୍ ଇଞ୍ଜିନିୟରିଂ ଷ୍ଟିଅରିଂ ଗ୍ରୁପ୍ (IESG) ।




ଇଣ୍ଟରନେଟ୍ କନେକ୍ସନ ଓ ସେବାର ଏକ ଯାନ୍ତ୍ରିକ ଚିତ୍ର



ୟୁଏସ୍‌ବି ବାଟେ ବାହାରୁ ଯୋଖାହେବା ଏଡିଏସ୍‌ଏଲ୍ ADSL ମୋଡେମ୍






ନିମ୍ନ କାପାସିଟିର ଫାଇବର୍ ଅପ୍‌ଟିକ୍ସ



ୟୁଏସ୍‌ବି ଯୋଖା ଫୋନ୍ ଲାଇନ





ଉପଗ୍ରହରୁ ବା ସେଲ୍ ଟାୱାରରୁ କମ୍ପୁଟରର ମୋଡେମ୍‌କୁ ବେତାର ତରଙ୍ଗ



୫୬ କେ. 56K, ମୋଡେମ୍

କେବୁଲ



# ବେଣ୍ଡ୍‌ୱିଡ୍‌ଥ ଓ ଇଣ୍ଟରନେଟ୍ ବେଗ

ଇଣ୍ଟରନେଟ୍ କିପରି କାମ କରେ ? ତୁମେ ଏଠୁ ଆମେରିକାକୁ ଇ-ମେଲ୍ ପଠାଇଲା ବେଳେ ତୁମ ପର୍ସନାଲ୍ କମ୍ପ୍ୟୁଟରର ଲୋକାଲ୍ କଲ୍‌ରେ ଥିବ । ତୁମେ ପର୍ସନାଲ୍ କମ୍ପ୍ୟୁଟର୍‌ରେ ବାର୍ତ୍ତା ଟାଇପ୍ କରି ସେଣ୍ଡ send କ୍ଲିକ୍ କଲେ, ଆଖି ପିଛୁଳାକେ ତୁମ ଆଇଏସ୍‌ପିକୁ, ସେହିଠାରୁ ସାଧାରଣ ଇଣ୍ଟରନେଟ୍‌କୁ, ଶେଷରେ ପ୍ରାପକର ଆଇଏସ୍‌ପିକୁ ଯିବ ଏବଂ ସେଠାରେ ମହଜୁଦ୍ ହୋଇ ରହିବ । ସେସବୁ ସଦାସର୍ବଦା ଖୋଲାଯାଏ ବୋଲି । ପାଇବାବାଲା ତାହାର ଇନ୍‌ବକ୍ସ ଖୋଲିଲା କ୍ଷଣି ତାହା ମିଳିବ । ଫୋନ୍ ଏକ୍ସଚେଞ୍ଜ୍ ଭଳି ଇଣ୍ଟରନେଟ୍ ଏକ୍ସଚେଞ୍ଜ୍ ଅଛି, ତାହା ଏକ ପ୍ରଭୂତ କ୍ଷମତାଶାଳୀ ସର୍ଭର । ଏଠୁ ଦିଲ୍ଲୀ ଯିବ, ସେଠାରୁ ଆମେରିକାର ଇଣ୍ଟରନେଟ୍ ଏକ୍ସଚେଞ୍ଜକୁ ଯିବ, ଆମେରିକାରେ ତୁମେ ଯାହା ପାଖକୁ ପଠାଉଛ, ଆମେରିକାର ଏକ୍ସଚେଞ୍ଜରୁ ତା ଠିକଣାକୁ ଯିବ । ଏବେ ବହୁତ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ବାଟେ ଇଣ୍ଟରନେଟ୍ ପଠାଉ ନାହାନ୍ତି, କାରଣ ଯୁକ୍ତରାଷ୍ଟ୍ର ଆମେରିକାର ଗୋଇନ୍ଦାଗିରିରେ ସେମାନଙ୍କ ତଥ୍ୟସବୁ ଯୁକ୍ତରାଷ୍ଟ୍ର ଆମେରିକା ଜାଣିନେଉଥିଲା । ଯେଉଁ ବାଟେ ଯାଉ ନା କାହିଁକି ଏସବୁ ଘଟଣା ଅଦୃଶ୍ୟ ଭାବରେ ଘଟୁଥିବ ।

ତୁମେ ଇଣ୍ଟରନେଟ୍ ସଂଯୋଗମାର୍ଗକୁ ଗୁଡିଏ ଛୋଟ ବଡ ପାଇପ୍‌ର ରାସ୍ତା ବୋଲି କଳ୍ପନା କରିପାର । ଆଇଏସ୍‌ପି ସହ ତୁମ କମ୍ପ୍ୟୁଟରର ସମ୍ପର୍କ ଏକ ପତଳା ତମ୍ବା ଟେଲିଫୋନ୍ ତାରରେ, ସାରା ବ୍ୟବସ୍ଥାଟିରେ ଏ ଗୋଟିଏ ସରୁ କାଠି ନଳ ଭଳି (ନରମ ପାନୀୟ ପିଇବାର ଷ୍ଟ୍ର ଭଳି) ମନେ ହୁଏ । ଆଇଏସ୍‌ପିରୁ ଇଣ୍ଟରନେଟ୍‌କୁ ସଂଯୋଗଟି ଗୋଟିଏ ମୋଟା ପାଇପ ଭଳି । ସେଠାରୁ ଇଣ୍ଟରନେଟ୍‌ର ବଡ ବଡ ସଂଯୋଗକାରୀଙ୍କୁ ଯାଉଥିବା ସୂଚନାଗୁଡିକ ଆହୁରି ମୋଟା ପାଇପ ଭଳି । ପୃଷ୍ଠା ୫ ଓ ୬ ରେ ଛବି ଦେଖ । ଯେତେବେଳେ ତୁମେ ଗୋଟିଏ ୱେବ୍ ସାଇଟ୍ ଦେଖିବାକୁ ଚାହିଁ ତୁମର ଅନୁରୋଧଟି ତୁମ ପିସିରୁ ମୋଡେମ୍ ବାଟେ ଟେଲିଫୋନ ଭଳି ନଡା ଖିଅରେ ତୁମକୁ ଇଣ୍ଟରନେଟ୍ ସେବା ଯୋଗାଉଥିବା ଆଇଏସ୍‌ପି ପାଖକୁ ଯାଉଛି । ଆଇଏସ୍‌ପି ପାଖରୁ ବଡ ପାଇପ୍‌ରେ (ନର୍ଦ୍ଦମା ପାଇପ୍ ଭଳି) ଉପରର ମେରୁଦଣ୍ଡୀୟ ବା ଯୋଜକ ପାଇପ ପାଖକୁ ଯାଉଛି । ଶେଷରେ ତୁମ୍ ବାର୍ତ୍ତା ୱେବ୍ ସର୍ଭର ପାଖରେ ପହଞ୍ଚୁଛି । ବାର୍ତ୍ତା ତୁମ ପାଖକୁ ଫେରିଲା ବେଳେ ଓଲଟା ଭାବରେ ଆସେ । ଗୋଟିଏ ଜାଗାରୁ ତୁମ ଭଳି ହଜାର ହଜାର ଲୋକ ଏକ ସମୟରେ ୱେବ୍ ଖୋଜିଲେ ଏହି ଗୋଟିଏ ପାଇପ ବ୍ୟବହାର କରିବେ, ତେଣୁ ପାଇପ ଭିତରେ ଗହଳି ହେବ, ଗହଳି ବଢିଲେ ଗତି ଧିମେଇଯିବ, ତୁମ ବାର୍ତ୍ତା ଯିବାରେ ଓ ପାଇବା ଲୋକଠାରୁ ତାହାର ଉତ୍ତର ଆସିବାରେ ବିଳମ୍ବ ଘଟିବ । ଏହି କାରଣରୁ ଅନ୍ୟମାନେ ଶୋଇଥିବା ବେଳେ, ରାତି ଅଧରେ ବା ଭୋରୁ ଭୋରୁ, ଇଣ୍ଟରନେଟ୍ ସହଜରେ ଓ ଶୀଘ୍ର ମିଳେ ।

ଯେ କୌଣସି ମୁହୂର୍ତ୍ତରେ ଏ କଳ୍ପିତ ପାଇପ୍‌ରେ ଧରିଲା ଭଳି ଯେତେ ସୂଚନା ପଠାଯାଇପାରେ, ତାହାକୁ ବେଣ୍ଡୱିଡ୍‌ଥ କୁହାଯାଏ । ବେଣ୍ଡୱିଡ୍‌ଥ ହେଉଛି ବାର୍ତ୍ତା ପରିବହନର ସାମର୍ଥ୍ୟ । ଇଣ୍ଟରନେଟ୍ ସହିତ ସିଧାସଳଖ

ଯୋଖି ହେବା ପାଇଁ ଆଇଏସ୍‌ପି ଗୋଟିଏ ଫାଇବର୍ ଅପ୍‌ଟିକ୍ କେବୁଲରୁ ଫୋନ୍ ଲାଇନ୍ ଲିଜ୍ (ପଟ୍ଟା) ନେଇଥାଏ । ଏ ତାର ଯେତେ ଅଧିକ ସାମର୍ଥ୍ୟର ହେବ ବାର୍ତ୍ତା ସେତେ ଶୀଘ୍ର ଯା'ଆସ କରି ପାରିବ । ବେଣ୍ଡୱିଡ୍‌ଥ ମାପ ବା ପରୀକ୍ଷା କିପରି କରିବ ? ଯଦି ନେଟ୍‌କୁ ଯୋଖିବା ଲାଗି ଆଇଏସ୍‌ପି ପାଖରେ ୬୪ kbps ସାମର୍ଥ୍ୟର ବେଣ୍ଡୱିଡ୍‌ଥ ଥିବ ଏବଂ ୬୪ଟି ଲୋକ ଏକା ସଙ୍ଗରେ ବ୍ୟବହାର କରୁଥିବେ, ତେବେ ତ ୬୪ଟି ବାର୍ତ୍ତା ଖୁନ୍ଦି ହୋଇଯିବ, ପ୍ରତି ବାର୍ତ୍ତା ଯାଆସ କରିବାର ବେଗ ଧୀର ହେବ । ଅର୍ଥାତ୍ ପ୍ରତ୍ୟେକକୁ କମ୍ ବେଣ୍ଡୱିଡ୍‌ଥ ମିଳିବ । ପାଇପ୍ ଜାମ୍ ହେଲେ ଯେଉଁଭଳି କମ୍ କମ୍ ପାଣି ବୁହେ । ତେଣୁ ତୁମ ଇଣ୍ଟରନେଟ୍ କନେକ୍ସନ ଧୀର ହେବ । ବେଳେ ବେଳେ କୌଣସି ୱେବ୍ ସାଇଟ୍ ପାଇବାରେ ବହୁତ ସମୟ ବିତିବାର ଏହା ହିଁ କାରଣ, ତୁମ ଆଇଏସ୍‌ପିରେ ଯଥେଷ୍ଟ ବେଣ୍ଡୱିଡ୍‌ଥ ଥିଲେ ମଧ୍ୟ । କାରଣ ଲୋକପ୍ରିୟ ୱେବ୍ ସାଇଟ୍‌ଟିକୁ ଏକା ସମୟରେ ହଜାର ହଜାର ଲୋକ ଖୋଜୁଥାନ୍ତି ।

## ଇଣ୍ଟରନେଟ୍ ନ ଖୋଲୁଥିଲେ କଣ କରିବ




ଇଣ୍ଟରନେଟ ଏକ୍ସପ୍ଲୋରର ୱେବ୍‌ପୃଷ୍ଠା ଖୋଲିନପାରିଲେ ଏପରି ସୂଚନା ଆସିବ । ବଡ କାରଣ (Most likely causes) କଣ ହୋଇପାରେ ଓ ତୁମେ କଣ କରିବ (What you can try) କହେ । ୱିଣ୍ଡୋ ଏକ୍ସପି ଅପରେଟିଂ ସିଷ୍ଟମ୍ ଭର୍ତ୍ତି କରାହୋଇଥିଲେ, କେବୁଲ ବା ବ୍ରଡ୍ ବେଣ୍ଡ କନେକ୍ସନ ଥିଲେ, ନିଦାନ ଖୋଜିବ, ଆଇଏସ୍‌ପି (ଇଣ୍ଟରନେଟ୍ ସର୍ଭିସ୍ ପ୍ରୋଭାଇଡର) ସହ ତୁମ କମ୍ପୁଟରର ସଂଯୋଗ ସମସ୍ୟା (କନେକ୍ଟିଭିଟି ରୋଗ) ଥିଲେ ପରୀକ୍ଷା କରି ତା'ର ମରାମତି କରିବ ।






ଖୋଜୁ ଖୋଜୁ ମନ ବଦଳାଇ କାଟି ଦେଲେ ଏପରି ଲେଖା ଆସେ । ରିଫ୍ରେସ୍ ବୋତମ କ୍ଲିକ୍ କର, କିମ୍ବା କିଛି ସମୟପରେ ଆଉ ଥରେ ଖୋଜ ।

ଯଦି ସେହି ପୃଷ୍ଠା ଆଗରୁ କେବେ ଖୋଜି ପାଇଛ ଓ କମ୍ପ୍ୟୁଟରରେ ଯାହା ସାଇତା ରହିଛି ତାକୁ ଦେଖିବାକୁ ଚାହୁଁଛ, ତେବେ ଫାଇଲ କ୍ଲିକ୍ କରି, ତା ପରେ ୱାର୍କ୍ ଅଫଲାଇନ୍ କ୍ଲିକ୍ କର । ଅଫ୍‌ଲାଇନ ଖୋଜିବା କିପରି କରାଯାଏ ଜାଣିବା ଲାଗି ହେଲ୍‌ପ ମେନୁକୁ ଯାଅ ଓ କଣ୍ଟେଣ୍ଟସ୍ ଆଣ୍ଡ ଇଣ୍ଡେକ୍ସ କ୍ଲିକ୍ କର ।




ୱେବ୍ ପୃଷ୍ଠା ଖୋଲିଲା ବେଳେ କିଛି ନ ବାହାରିଲେ କି କି କାରଣ ହୋଇପାରେ ଓ ତାହାର ସମାଧାନ କିପରି କରିବ କମ୍ପ୍ୟୁଟର ବତାଏ । ଯଦି ଠିକଣା (ୟୁଆର୍‌ଏଲ୍) ଭୁଲ ଟାଇପ୍ କରିଥିବ ତେବେ ବନାନ ଠିକ୍ କରି ଟାଇପ୍ କର । କନେକ୍ସନ ସମସ୍ୟା ଥିଲେ ଟୁଲ୍ ମେନୁକୁ ଯାଇ ଇଣ୍ଟରନେଟ୍ ଅପ୍ସନ କ୍ଲିକ୍ କର, ପରେ କନେକ୍ସନ, ସେଟିଂ, ଲାନ୍ ସେଟିଂ, ପରେ ଅଟୋମେଟିକାଲି ଡିଟେକ୍ଟ ସେଟିଂ କ୍ଲିକ୍ କରି ଓକେ କ୍ଲିକ୍ କର । କିଛି କରି ନପାରିଲେ ପୃଷ୍ଠା ବନ୍ଦ କରି କିଛି ସମୟ ପରେ ପୁଣି ନୂଆ କରି ଖୋଲ ।







ମନେରଖ ଏପରି ମରାମତି ଇଚ୍ଛା ଥିଲେ ଅସଲ ମାଇକ୍ରୋସଫ୍ଟ ୱିଣ୍ଡୋ ଏକ୍ସପି (ଅପରେଟିଂ ସିଷ୍ଟମ) ରଖିବ, ଚୋରା ନୁହେଁ । ମାଗଣା ପାଇବା ଲାଗି ଆମେ ଚୋରା ଏକ୍ସପି ଲଗାଇଥାଉ । ଚୋରା ରଖିଥିଲେ ଇଣ୍ଟରନେଟ୍ ବାଟେ ମରାମତି ଚାହିଁଲା କ୍ଷଣି ମାଇକ୍ରୋସଫ୍ଟ କମ୍ପାନୀ ଜାଣିଯିବ ଓ ତୁମ କମ୍ପ୍ୟୁଟରରେ ବାରମ୍ବାର ଚେତାବନୀ ଆସିବ, ମରାମତି ବି କରିବ ନାହିଁ ।

**Download updates for**
**Windows (R) WDM driver for Realtek AC'97 (ALCXWDM.**

This problem was caused by **Windows (R) WDM driver for Realtek AC'97 (/** was created by **Realtek Semiconductor Corp.**.

**Solution**

To solve this problem, follow these steps:

1. Go online to the following website:
   ➔ Realtek Semiconductor Corp.
2. Find **Windows 98Gold/98se/Me/2000/XP for Driver only**, and then

## ସର୍ଭର

ନେଟ୍‌ରେ ଥାଇ ଯେଉଁ କମ୍ପ୍ୟୁଟର ଅନ୍ୟ କମ୍ପ୍ୟୁଟରମାନଙ୍କୁ ସେବା ଯୋଗାଏ ତାକୁ ସର୍ଭର, server, ଯୋଗାଏ, ପରଶେ ବୋଲି ନାଁ ସର୍ଭର, ପରିବେଶକ ବା ପରଶୁଣି । ଅନ୍ୟଗୁଡିକ ତାହାର କ୍ଲାଏଣ୍ଟ ବା ଗରାଖ । ଏହା ତୁମଠାରୁ ଯାଉଥିବା ଖବର ବା ତୁମ ପାଖକୁ ଆସୁଥିବା ଖବରକୁ ଜମା କରି ରଖେ ଓ ତୁମେ ଚାହିଁଲା କ୍ଷଣି ତାକୁ ପରଶି ଦିଏ । ତେଣୁ ତୁମ ଇ-ମେଲ ଠିକଣାଟି ଗୋଟିଏ ପାଠାଗାରର ଅଙ୍ଗ ହୋଇଯାଏ । ଛାତ୍ରଛାତ୍ରୀମାନେ ଦେଶରେ ହେଉ ବା ବିଦେଶରେ ହେଉ ଅନ୍ୟ ଛାତ୍ରଙ୍କ ସହ ପାଠ ବିଷୟରେ କଥାବାର୍ତ୍ତା କରିପାରିବେ ।




ଛବି ନଥାଇ ତ୍ରିଭୁଜାକାର ବିସ୍ମୟ ଚିହ୍ନ (!) ଥିଲେ ଇଣ୍ଟରନେଟ୍ ଭଲ କାମ କରିବ ନାହିଁ ବୋଲି ଜଣାଏ । ଇଣ୍ଟରନେଟ୍ ଆସିବ ନାହିଁ




Diagnose Connection Pro ଉପରେ କ୍ଲିକ୍ କଲେ ୱିଣ୍ଡୋ ଏକ୍ସପି ଆପେ ଆପେ ସଂଯୋଗ ଚେକ୍ କରିବ ଓ ସୁଧାରିବ ବା ଆଉ କଣ କରିବାକୁ ହେବ କହିବ । କୌଣସି ଧୂରୀଣ ଲୋକ (ଏକ୍ସପାର୍ଟ) ପାଖକୁ ଯିବା ଦରକାର ନାହିଁ ।




କମ୍ପୁଟର ନିଜେ କନେକ୍ଟିଭିଟି ପୁନରୁଦ୍ଧାର କରୁଥିବା ଚେଷ୍ଟା




ମୋଡେମ୍ ବା ରାଉଟର ବା ଉଭୟକୁ ଅଫ୍ କରି ପୁଣି ଅନ୍ କର, କେବୁଲ ଚେକ୍ କର, ସଂଯୋଗ ଆସିଯିବ ।

ନ ପାରିଲେ ତଳ ଲେଖା ଉପରେ

○ I don't know how to do this

କ୍ଲିକ୍ କର ।

ତୁମେ ଖୋଜୁଥିବା ୱେବ୍ ପୃଷ୍ଠା ଖୋଲୁନାହିଁ । ୱିଣ୍ଡୋ ଏକ୍ସପ୍ଲୋରର କାରଣ କଣ ହୋଇପାରେ କହୁଛି । କଣ କରିବ ବତାଉଛି । ଆଉ ଗୋଟିଏ ୱେବ୍ ପୃଷ୍ଠା ଚାହିଁଲେ ବି ଯଦି ଖୋଲୁନାହିଁ ତେବେ କନେକ୍ଟିଭିଟି ସମସ୍ୟା ଥିବ, ଅର୍ଥାତ୍ କମ୍ପୁଟରର ମୋଡେମ୍ ଇଣ୍ଟରନେଟ୍ ସମ୍ପର୍କ ଆଣିପାରୁନଥିବ । ସେ କ୍ଷେତ୍ରରେ କ୍ଲିକ୍ କଲେ କମ୍ପୁଟର ନିଜେ କନେକ୍ଟିଭିଟି ପୁନରୁଦ୍ଧାର କରିବ । ଇଣ୍ଟରନେଟ୍ ଥିଲେ ତୁମେ ନିଜେ **କମ୍ପୁଟର ପାଠ ରିପେୟାର୍** (ଠିକ୍) କରିପାରିବ, - ଏ ହେଉଛି ତାହାର ଗୋଟିଏ ଉଦାହରଣ ।


Indiatimes Email - The most evolved email service - Microsoft Internet Explorer
File Edit View Favorites Tools Help
ଇଣ୍ଡିଆଟାଇମସ୍ ଇମେଲ୍ ସଭିସ୍
Back Search Favorites
Address http://infinite.indiatimes.com/cgi-bin/gateway
Search Web
Indiatimes Email - The most evol...
Add Tab
Compose Mail
Send SMS
You are using 0.0MB of 1000MB
୧ ଗିଗାବାଇଟ ମେମୋରୀ
You have no unread message
Folders
Infinite Inbox ଅସୀମ ଡାକଥଳି
Draft ଚିଠା
Sent ପ୍ରେରିତ
Bulk ଅନାବଶ୍ୟକ (Empty)
Trash ବାଜେ (Empty)
All Folders ଫୋଲ୍ଡର (ଥଳି)
Today June 18, 2007
Reminders :
Add Reminders
Set Reminder(s) for the day
To Do :
Add Task
No To Do task scheduled for today
Options
Search Mail ମେଲ୍ ଖୋଜିବା
Preferences କଣ ଚାହୁଁଛ
Change Password ପାସ୍‌ୱାର୍ଡ ବଦଳାଇବା
Astrospeak Predictions :
ଇଣ୍ଡିଆଟାଇମସ୍‌ର ଇନ୍‌ବକ୍ସ

ଇନ୍‌ବକ୍ସ


Rediffmail
Unlimited Storage
ରିଡିଫ୍ ମେଲ୍ ର ଅସୀମ ଭଣ୍ଡାର
Write New Mail
Mail Folders | Check Mails
Inbox (5)
Drafts
Attach files (You can attach upto 20 files. Maximum size allowed is 20MB.)
ରିଡିଫ୍‌ମେଲ୍ ୨୦ଟି ଯାଏ ସଂଲଗ୍ନିକା ୨୦ ଏମ୍‌ବି ଯାଏ ଦିଏ । ୟାହୁ ୧୦ଟି ୧୦ ଏମ୍‌ବି ଯାଏ ।

# ମୋବାଇଲ ଫୋନ୍‌ରେ ଇଣ୍ଟରନେଟ

କମ୍ପୁଟରର ସଫ୍‌ଟୱେୟାର୍ ଦିଆଯାଇଥିବା ମୋବାଇଲ ଫୋନ୍‌ରେ ଇଣ୍ଟରନେଟ ମିଳୁଛି । ବ୍ଲାକ୍‌ବେରି, ଟ୍ରାଇଓଡ, ସାଇଡ଼କିକ୍ସ ଓ ୱିଣ୍ଡୋସ୍ମାର୍ଟଫୋନ୍ ଭଳି କେତେକ ସେଲ୍‌ଫୋନ୍ ପୁରା କମ୍ପୁଟର ପରି କାମ କରେ । ଗୋଟିଏ ଅସୁବିଧା ତାହାର ଛୋଟ ପରଦା, ଛୋଟ 'କି ବୋର୍ଡ' । ସ୍ୱଳ୍ପ ଲେଖା ସନ୍ଦେଶ (ଏସ୍‌ଏମ୍‌ଏସ୍) ପଠାଉଥିବା ବା ଫୋନ୍ ତାଲିକା ଲେଖୁଥିବା ଲୋକ ଜାଣେ କିପରି ଫୋନ୍‌ର ଆଲ୍‌ଫାନ୍ୟୁମେରିକ (ଅକ୍ଷର-ସଂଖ୍ୟା) ଠାର ବ୍ୟବହାର କରି ଟାଇପ୍ କରିହେବ ।

ଫୋନ୍‌ର ବ୍ରାଉଜରରେ m.yahoo.com ଠିକଣା (ୟୁଆର୍‌ଏଲ୍) ଲେଖିଲେ ୟାହୁମୋବାଇଲ ଇମେଲ ଚାଲୁହୋଇଯିବ, ନଚେତ୍ ମୋବାଇଲ୍ ନମ୍ବର ଦେଇ ଲିଂକ୍ ମାଗିଲେ ୟାହୁ ଇଣ୍ଟରନେଟ୍ କନେକ୍ସନ୍ ଦେବ, କିନ୍ତୁ ମୋବାଇଲ ଫୋନ୍ କମ୍ପାନୀ (ନେଟ୍‌ୱାର୍କ ଅପରେଟର) ଏହି ବ୍ୟବହାର ପାଇଁ ପାଉଣା ନେଇପାରେ ।







ୟାହୁ ମୋବାଇଲ୍ ସେବା ମାଧ୍ୟମରେ ମୋବାଇଲ୍ ଫୋନ୍‌ରେ ମାଗଣା ଇମେଲ୍ ସେବା । ନେଟ୍‌ୱାର୍କ ସେବା (କନେକ୍ଟିଭିଟି ) ପାଇଁ ଆଇଏସ୍‌ପିକୁ ପଇସା ଦେବାକୁ ପଡ଼ିବ ।

**How do I use Yahoo! Mail on my mobile phone?** | **BACK TO TOP**
On any Internet-enabled phone, type http://m.yahoo.com into your web browser, click Mail, and enter your Yahoo! ID. Then you can easily read, reply to, send, file, and delete messages. Sign up for text message alerts to get notified when important mail hits your inbox. Every email you send or receive on your phone will automatically be reflected in your online account.

ଫୋନ୍‌ରେ ଇଣ୍ଟରନେଟ୍ ବ୍ୟବସ୍ଥା ଥିଲେ ୱେବ୍ ବ୍ରାଉଜରରେ http://m.yahoo.com ଲେଖି ମେଲ୍ ଉପରେ କ୍ଲିକ୍ କର, ପରେ ନିଜ ୟାହୁ ଆଇଡି ଦେଇ ୟାହୁ ଇନ୍‌ବକ୍ସ ପାଅ ଓ ଇଣ୍ଟରନେଟ୍ ସେବା ଆରମ୍ଭ କରନିଅ ।




ମୋବାଇଲ୍‌ରେ ରିଡିଫ୍‌ମେଲ୍ ଇନ୍‌ବକ୍ସ

ବେତାର ବାଟେ ଇଣ୍ଟରନେଟ୍ ଧରିବା ପାଇଁ ୱାୟାରଲେସ୍ ଆପ୍ଲିକେସନ ପ୍ରୋଟୋକଲ WAP ଜେନେରାଲ ପାକେଟ୍ ରେଡିଓ ସର୍ଭିସ୍ GPRS ମାଧ୍ୟମରେ ମୋବାଇଲ ଫୋନ୍‌ରେ ଇଣ୍ଟରନେଟ୍ ଧରିହେବ ।

General packet radio service (**GPRS**) is a packet oriented mobile data service available to users of the 2G cellular communication systems global system for mobile communications (**GSM**), as well as in the 3G systems.

# କମ୍ପୁଟରରେ ଲେଖିବାର ସଫ୍‌ଟୱେୟାର୍ ASCII.

କମ୍ପୁଟରରେ ସାଧା ଅକ୍ଷର ଓ ସଂଖ୍ୟା ଲେଖିବାର ପାଠ ବା ସଫ୍‌ଟୱେୟାର୍ ହେଉଛି American Standard Code for Information Interchange, ସଂକ୍ଷେପରେ ASCII. ୭ ବିଟ୍ ଢାଞ୍ଚାରେ ASCII ଗଢା, ଏ କଟକଣା ଯୋଗୁଁ Standard Internet ଷ୍ଟାଣ୍ଡାର୍ଡ ଇଣ୍ଟର୍‌ନେଟ୍ ଡାକରେ ଯଥା ଟେଲ୍‌ନେଟ୍, Telnet, ରେ କୌଣସି ବିଶେଷ ପ୍ରୟୋଗ ବା ଛବିଳ ପାଠ ପଠାଯାଇପାରେ ନାହିଁ । :-smiley face, ହସକୁରା ମୁହଁ, ପଠାଇବା ଲାଗି ୮ ବିଟ୍ ଢାଞ୍ଚାରେ ASCII art ସଫ୍‌ଟୱେୟାର ବ୍ୟବହାର ହୁଏ । (ପୃଷ୍ଠା ୨୮ ଦେଖ)






କମ୍ପ୍ୟୁଟରରେ ବେତାର ସଂଯୋଗରେ ଇଣ୍ଟରନେଟ୍, ତାକୁ ୱାଇଫାଇ କନେକ୍ସନ କହନ୍ତି ।

ସବୁ ଇନ୍ ବକ୍ସ ସମାନ ନୁହେଁ, ୟାହୁର ବିଜ୍ଞାପନ ଇନ୍‌ବକ୍ସ ତୁଳନା




ଚାକିରୀ ସାଇଟ୍






ତୁମ ୟାହୁମେଲ୍ ଇନ୍‌ବକ୍ସ ଖୋଲିଲେ ତାହାର ଉପର ଭାଗ ଯାହା ଦିଶିବ ଦୁଇ ପୃଷ୍ଠା ବ୍ୟାପୀ ଚିତ୍ରରେ ଦିଆଯାଇଛି । ଭୁବନେଶ୍ୱର ପାଣିପାଗ ଦେଖାଇବ ବୋଲି ନିର୍ଦ୍ଦେଶ ଦିଆଯାଇ ଥିବାରୁ ତାହା ବି ଡାହାଣ ପୃଷ୍ଠାରେ ଦିଶୁଛି ।




ଏ ସନ୍ତକ (ଆଇକନ୍) ଗୁଡିକର ଅର୍ଥ ବୁଝ ।



କ୍ଲିକ୍ କଲେ ଅଦ୍ୟତନ (ଏ ଯାବତ୍) ଆସିଥିବା ମେଲ୍ ଦିଶିବ



କ୍ଲିକ୍ କଲେ ନୂଆ କରି ଚିଠି ଲେଖିବ, ଆବଶ୍ୟକ କ୍ଷେତ୍ର ପୂରଣ କରି ପ୍ରେରଣ କରିବ



ହୋମ୍ ୟାହୁର ପ୍ରଥମ ପୃଷ୍ଠା



ଇନ୍‌ବକ୍ସ ରେ ୨୮୯୧ଟି ମେଲ୍ ଅଛି ବୋଲି ଜଣାଉଛି




**(Advertisement)**

Offline — ଅଫ୍‌ଲାଇନ୍ କ୍ଲିକ୍ କଲେ ଇଣ୍ଟରନେଟ୍ କନେକ୍ସନ କାଟି ଇଣ୍ଟରନେଟ୍ ଜିନିଷ ଯଥା ଗେମ୍‌ସ୍ ବା ଭିଡିଓ ଦେଖିହେବ । ('କେସ୍ ମେମୋରୀ' ଦେଖ) ।

Sign Out — ସାଇନ୍ ଆଉଟ । ଆଉ କେହି ନଖୋଲିପାରିବାର ବିଦାୟ

My Account — ମାଇଁ ଏକାଉଣ୍ଟ ଏକାଉଣ୍ଟ ସଜେଇବାର କାଇଦା ବତାଏ

Mail Classic — ଯଦି ନୂଆ ମେଲ୍‌ରେ ତାକ ଖୋଲୁନାହିଁ ତେବେ କ୍ଲାସିକ୍ ବା ପୁରୁଣା ମେଲ୍ ଢାଞ୍ଚାକୁ ଯାଅ

ପୁରୁଣା ମେଲ୍ ଖୋଜିବାର ଥିଲେ ତାହାର ଏକ ବା ଏକାଧିକ ମୁଖ୍ୟ ଶବ୍ଦ Search Mail ଜାଗାରେ ଲେଖି Go [Search Mail... | Go] ଉପରେ କ୍ଲିକ୍ କଲେ ଇନ୍ ବକ୍ସରେ ସେହି ଶବ୍ଦାବଳି ଥିବା ଯେତେ ମେଲ୍ ଆସିଛି ବା ତୁମେ ପଠାଇଛ ଗୋଟିକ ପରେ ଗୋଟିଏ ବାହାରିବ । ତହିଁରୁ ତୁମର ଦରକାରୀଟି ବାଛି କ୍ଲିକ୍ କଲେ ପୂରା ମେଲ୍‌ଟି ବାହାରିବ ।

Yahoo! | My Yahoo! | News

କେବଳ ମେଲ୍ | ୟାହୁରେ ତୁମ ନିଜ ପୃଷ୍ଠା | ସମ୍ବାଦ

ମୋବାଇଲ ସହାୟତା

Mobile | Options | Help

ଏକାଉଣ୍ଟ ସଜାଡିବାର ସୁବିଧା




ଆଇଏସ୍‌ପି ଗ୍ରାହକ ହୋଇଥିଲେ ଇଣ୍ଟରନେଟ୍ କନେକ୍ସନ୍ ମିଳିଥାଏ । ଇମେଲ ବା ଇନ୍‌ବକ୍ସ ବା ଅନ୍ୟ ୱେବ୍ ଖୋଲିବା ଲାଗି ପଇସାଦିଆ ଗ୍ରାହକ ହେବା ଦରକାର ନାହିଁ. ଗ୍ରାହକ ହେବାକୁ ଚାହିଁଲେ ସାଇନ୍ ଅପ୍, ଗ୍ରାହକ ହୋଇସାରିଥିଲେ ସାଇନ୍ ଇନ୍ । ନିଜ ଗ୍ରାହକ ନାମ ଓ ପାସ୍ ୱାର୍ଡ ଦେଲେ ଇମେଲ ପର୍ଦ୍ଦା ଖୋଲିବ ।




ରିଡିଫ୍‌ମେଲ୍‌ର ମେସେଞ୍ଜର ସର୍ଭିସ୍, ରିଡିଫ୍ ବୋଲ୍

କଥା କହିପାରିବ ଓ ଦେଖିପାରିବ




ଆଳାପ କରି ପାରିବ




ଏସ୍‌ଏମ୍‌ଏସ୍ ପଠାଇପାରିବ




ସାଙ୍ଗେ ସାଙ୍ଗେ ଖବର ଦେବା (ଇନ୍‌ଷ୍ଟାଣ୍ଟ ମେସେଜିଂ)







ରିଡିଫମେଲ୍‌ର ହୋମ୍ ପେଜ୍

---

ପିପିପି, PPP, **Point to Point Protocol**: ପଏଣ୍ଟ୍ ଟୁ ପଏଣ୍ଟ୍ ପ୍ରୋଟୋକଲ୍ । ପର୍ସନାଲ କମ୍ପ୍ୟୁଟର ଯେପରି ଫୋନ୍ ସଂଯୋଗକୁ ବ୍ୟବହାର କରିପାରିବ ତାହାର ସୁବିଧା ଲାଗି ଏଥିରେ କେତେଗୁଡ଼ିଏ କମାଣ୍ଡ (ଆଦେଶ) ଥାଏ ।

# ଡାକର ଗୋପନୀୟତା

ସମସ୍ତେ ଯଦି ତୁମ ଡାକ ଦେଖିପାରିବେ, ଆଉ ତୁମେ ସମସ୍ତଙ୍କ ଡାକ ଦେଖିପାରିବ ତେବେ ତ କେହି ଇଲେକ୍ଟ୍ରନିକ୍ ମେଲ୍ (ଇ-ମେଲ୍) ବ୍ୟବହାର କରିବେ ନାହିଁ । ଇ-ମେଲ୍ ସେବା ଯୋଗାଣକାରୀମାନେ ଗୋପନୀୟତା ରକ୍ଷା କରିବା ଲାଗି ଅଙ୍ଗୀକାର କରନ୍ତି । ସେମାନେ ଗ୍ରାହକର ପରଦା ନାମ (କମ୍ପ୍ୟୁଟର ପରଦାରେ ଜଣାଇଥିବା ନାମ, ସ୍କ୍ରିନ୍ ନେମ୍) ଏବଂ ଚିହ୍ନିବାର ଠାର ବା ପାସ୍‌ୱାର୍ଡ ଚାହାଁନ୍ତି । କେବଳ ତାଙ୍କ ପାଖରେ ଥିବା ସର୍ଭରରେ ଏ ରହିବ, ଆଉ କାହାକୁ ଜଣାଯିବ ନାହିଁ । ମନେ ରଖ, ତାଙ୍କ ସର୍ଭରରେ ତୁମେ ପାଇବା ଏବଂ ପଠାଇଥିବା ସବୁ ଚିଠିର କପି ହିଥାଏ ବୋଲି ତ ତୁମେ କମ୍ପ୍ୟୁଟର ଖୋଲିଦେଲେ ଡାକ ଦେଖିଥାଅ । ଅବଶ୍ୟ ଇ-ମେଲ୍ ଯୋଗାଉଥିବା କମ୍ପାନୀମାନେ ଗ୍ରାହକର ପେସା ତଥା ରୋଜଗାର ସମ୍ପର୍କରେ କେତେକ ତଥ୍ୟ ଚାହାଁନ୍ତି, ଜିନିଷ ବିକାବିକିରେ ସେସବୁ ତଥ୍ୟକୁ ଭିତ୍ତି କରି ଇ-ମେଲ୍ ବା ଅନ୍ୟ ଉପାୟରେ ପ୍ରଲୋଭିତ କରନ୍ତି । ଇ-ମେଲ୍ ସେବା ଯୋଗାଣକାରୀମାନେ ବିଜ୍ଞାପନ ଜରିଆରେ ରୋଜଗାର କରନ୍ତି ବୋଲି ତ ମାଗଣା ଇମେଲ ସେବା ଯୋଗାଇପାରନ୍ତି ।




ସାର୍ଟିଫାଏଡ୍ ଇମେଲ କଣ ଜାଣିବାକୁ ଚାହୁଁଛ ତ 'ଲର୍ଣ୍ଣ ମୋର' କ୍ଲିକ୍ କର । ସ୍ୱୀକୃତିପ୍ରାପ୍ତ ବାଣିଜ୍ୟିକ, ବିନାଲାଭ ଓ ସରକାରୀ ପ୍ରେରକମାନେ ପଠାଇଥିବା ଡାକ । ଯାହୁ ମାନଙ୍କ ଦ୍ୱାରା ଯାଞ୍ଚ ହୋଇଥିବାରୁ ଏଥିରେ ସ୍ପାମ୍ ନଥିବ ।




ନୀଳ ଫିତା (ବ୍ଲୁ ରିବନ୍) ଚିହ୍ନିତ ଲଫାପା ହେଉଛି ସାର୍ଟିଫାଏଡ୍ ମେଲ୍‌ର ସଙ୍କେତ ।







ସାଇଜ୍ - ମେମୋରୀ ପରିମାଣ, କ୍ଲିପ୍ - ଆଟାଚ୍‌ମେଣ୍ଟ (ସଂଲଗ୍ନିକା), ଫ୍ଲାଗ୍ (ପତାକା) - ମନେ ରଖିବା ଚିହ୍ନ, କାନିରେ ଗଣ୍ଠି ପକାଇବା ଭଳି ।

---

ପିଓପି, POP, **Point of Presence:** ସର୍ଭିସ୍ ପ୍ରୋଭାଇଡରର ଟେଲିଫୋନ୍ ପାଇବା ନମ୍ବର । ଏହା ଦ୍ୱାରା ଇଣ୍ଟରନେଟ୍ ସହିତ ଯୋଡି ହୁଏ, ଅଧିକାଂଶ ଆଇଏସ୍‌ପିଙ୍କର ଦେଶ ସାରା ଗୁଡଏ ପିଓପି ଥାଏ । ତେଣୁ ଭିନ୍ନ ଜାଗାକୁ ଲୋକାଲ କଲ୍ ରେଟ୍‌ରେ ଇଣ୍ଟରନେଟ୍ ସଂଯୋଗ ପାଇହୁଏ ।




ବ୍ରାଉଜର (ଯଥା ଇଣ୍ଟରନେଟ୍ ଏକ୍ସପ୍ଲୋରର) କ୍ଲିକ୍ କଲା କ୍ଷଣି ତୁମେ ଚାହୁଁଥିବା ଇନ୍‌ବକ୍ସ ଖୋଲିବ ବୋଲି ଯଦି ଚାହଁ ତେବେ ଇଣ୍ଟରନେଟ୍ ଅପ୍ସନ୍‌କୁ ଯାଇ ତୁମ ଇମେଲ ପ୍ରୋଭାଇଡରର ୟୁଆର୍‌ଏଲ୍ (Address) ଲେଖି ମନେରଖ (ଆପ୍ଲାଏ, Apply) ବୋଲି କ୍ଲିକ୍ କର ।

ଇଣ୍ଟରନେଟ୍‌ରେ ତୁମର ପ୍ରଥମ ପୃଷ୍ଠା। ବ୍ରାଉଜର କ୍ଲିକ୍ କଲାକ୍ଷଣି ଯେଉଁ ପୃଷ୍ଠାଟା ପ୍ରଥମେ ଖୋଲେ ତାକୁ ତୁମର ହୋମ୍ ପେଜ୍ କୁହାଯାଏ ।




ଗୋଟିଏ ପରେ ଗୋଟିଏ ପୃଷ୍ଠା ଖୋଲି ନିଜର ଚାହିଁବା ପୃଷ୍ଠାକୁ ଯିବାର ସର୍ଫିଂ ସମୟ ବରବାଦ୍ ନ କରି ଏକାଥରକେ ନିଜ ଚାହୁଁଥିବା ପୃଷ୍ଠାକୁ ଆସିବା ପାଇଁ ତାକୁ ହୋମ୍ ପେଜ୍ କରିବାର ସୁବିଧା (ପୃଷ୍ଠା ୨୧ ପାଦ ଦେଖ)

କମ୍ପ୍ୟୁଟରରେ ସୀମାତିରିକ୍ତ ଅସ୍ଥାୟୀ Delete Files... ଫାଇଲ ରହିଗଲେ ବା କୁକି Delete Cookies... ଜମିଗଲେ (କାଳକ୍ରମେ ଏହା ହୁଏ) ସେସବୁକୁ ଉଡାଇ ଦେବାର ସୁବିଧା ଏଠାରେ ଅଛି ।

# ପାସ୍‌ୱାର୍ଡ

ଡାୟାଲ୍ ଅପ୍ କନେକ୍ସନରେ ପ୍ରଥମେ ଖୋଲିଲେ ଇ-ମେଲ ଯୋଗାଣକାରୀ ତୁମର ପରିଚୟ ଯାଞ୍ଚ କରିବ (ଭେରିଫାଇଙ୍ଗ ୟୁଜର୍ ନେମ୍ ଆଣ୍ଡ ପାସ୍‌ୱାର୍ଡ, verifying user name and password । ଇଣ୍ଟରନେଟ୍ ସର୍ଫ କରିବା, ଇଣ୍ଟରନେଟରେ ଘୁରି ବୁଲିବା ଲାଗି ବ୍ରାଉଜର ବ୍ୟବହାର କରିବାକୁ ପଡିବ, ଯଥା - ଇଣ୍ଟରନେଟ୍ ଏକ୍ସପ୍ଲୋରର୍ । ଇ-ମେଲ୍ ପାଇବା ଲାଗି ତୁମକୁ ଦୁଇଟି ଏକାଉଣ୍ଟ ଖୋଲିବାକୁ ପଡିବ । ଗୋଟିଏ ଆଇଏସ୍‌ପି ସହ ଘଣ୍ଟାୱାରି ବା ନିର୍ଦ୍ଦିଷ୍ଟ ସଂଖ୍ୟକ ଏମ୍‌ବି ମେମୋରି ଡାଉନଲୋଡ ପାଇଁ ପଇସାଦିଆ ଏବଂ ଅନ୍ୟଟି ଇ-ମେଲ୍ ଯୋଗାଣକାରୀ (ଆକ୍ସେସ୍ ପ୍ରୋଭାଇଡର୍) ସହ ମାଗଣା । କେତେକ ଆଇଏସ୍‌ପି ନିଜ ତରଫରୁ ମାଗଣା ଇମେଲ ଯୋଗାନ୍ତି, କିନ୍ତୁ ପଇସାଦିଆ ଏକାଉଣ୍ଟଟି ତମାଦୀ ହୋଇଗଲେ ମାଗଣା ଇ-ମେଲ ଏକାଉଣ୍ଟଟି ଉଭେଇଯାଏ ।

ତୁମେ ପାସ୍‌ୱାର୍ଡ ଭୁଲିଗଲେ Forget my password ରେ କ୍ଲିକ୍ କଲେ ତୁମେ ଫର୍ମ ପୂରଣ କଲା ବେଳେ ଦେଇଥିବା ତୁମର ଗୋପନୀୟ ପ୍ରଶ୍ନର ଉତ୍ତର ମାଗିବ, ଗ୍ରାହକ ହେବା ବେଳେ ପୂରଣ କରିଥିବା ଉତ୍ତର ସାଙ୍ଗରେ ତୁମର ବର୍ତ୍ତମାନ ଉତ୍ତର ମିଳିଗଲେ ଇ-ମେଲ ପାସ୍‌ୱାର୍ଡଟା ଜଣାଇ ଦେବ, ନଚେତ୍ ନୂଆ ପାସ୍‌ୱାର୍ଡଟିଏ ଦେବ । ଯଦି ତୁମେ ଉତ୍ତର ଠିକ୍ ଦେଇ ପାରିଲ ନାହିଁ, ବା ଭୁଲି ଯାଇଛ, ପୁରୁଣା ଏକାଉଣ୍ଟ ପାଇବ ନାହିଁ, ଗୋଟିଏ ନୂଆ ଏକାଉଣ୍ଟ୍ ଖୋଲିବ, Sign Up as a new Member. ପଇସା ତ ପଡୁନାହିଁ !




ଇଣ୍ଟରନେଟ୍ ରେ ଯେଉଁ ସବୁ ପୃଷ୍ଠା (ୱେବ୍) ଦେଖୁଛ ସେସବୁ ଅସ୍ଥାୟୀ ନଥି ଭାବରେ କମ୍ପ୍ୟୁଟରରେ ରହିଯାଏ ବୋଲି ଅଫ୍‌ଲାଇନ୍‌ରେ ବି ସମ୍ପ୍ରତି ଖୋଲିଥିବା ପୃଷ୍ଠା ଦେଖିପାର । କମ୍ପ୍ୟୁଟରର ଭାର ହାଲୁକା କରିବା ଲାଗି ଏହି କାରଣରୁ ମଝିରେ ମଝିରେ ଟେମ୍ପୋରାରୀ ଫାଇଲକୁ ଉଡାଇଦେବା ଉଚିତ, ନଚେତ୍ ଇଣ୍ଟରନେଟ୍ ଧୀର ହୋଇଯିବ ।

(ପୃଷ୍ଠା ୩୭ ଦେଖ)

ତୁମେ ଯାହା ଦେଖୁଛ ତାହା ଇଣ୍ଟରନେଟ୍ ଇତିହାସ (ହିଷ୍ଟ୍ରି) କେତେ ଦିନ ମନେ ରଖିବ ତାହା ବି ନିର୍ଦ୍ଦେଶ ଦେଇପାର । ସେତିକି ଦିନ ପାର ହୋଇଗଲେ ପୁରୁଣା ପୃଷ୍ଠାସବୁ ଆପେ ଆପେ ଲିଭିଯିବ । ତୁମ ଅଜାଣତରେ କେହି କମ୍ପ୍ୟୁଟର ବ୍ୟବହାର କରିଥିଲେ ତାହା ହିଷ୍ଟ୍ରିରୁ ଜାଣିହୁଏ ।



# ଜିଏସ୍ଏମ୍ ଓ ସିଡିଏମ୍ଏ, ଡୁଆଲ୍ ଫୋନ ଓ ଇଣ୍ଟରନେଟ

ଜାଣିବା କଥା ଯେ ସେଲ୍‌ଫୋନ ଗୋଟିଏ ରେଡିଓ, ଟେଲିଭିଜନ ବି । ଆମେରିକା ଏମ୍‌ଆଇଟି ଗ୍ରାଜୁଏଟ ଭାନୁ ବୋଷ ୧୯୯୬ରେ ସେଲୁଲାର ଫୋନର ରେଡିଓ କାମକୁ ସହଜ କରିଦେଲେ । ଆଗେ ହାର୍ଡୱେଆର, ସଫ୍‌ଟୱେଆର ଓ ଇଲେକ୍‌ଟ୍ରନିକ୍ସ ମିଶ୍ରଣରେ ବେତାର କେନ୍ଦ୍ର କାମ କରୁଥିଲା, ତାକୁ ସଫ୍‌ଟୱେଆରରେ ଚାଲୁ କରିପାରିବାର ବ୍ୟବସ୍ଥା ସେ କରିଦେଲେ । ଟେକ୍ନିସିଆନ ପଠାଇ ରେଡିଓ ଟାୱାରକୁ ମରାମତି କରି ସେଲ୍‌ଫୋନ୍‌କୁ ବାର୍ତ୍ତା ପଠାଇବା ଠାରୁ ସେଲ୍‌ଫୋନ୍‌ର ସଫ୍‌ଟୱେଆରକୁ ଉନ୍ନତ କରିବା ସହଜ ଓ ଶସ୍ତା । ପ୍ରଥମେ ସଫ୍‌ଟୱେଆର ଭିତ୍ତିକ ରେଡିଓ ସାମରିକ ବାହିନୀ ବ୍ୟବହାର କଲା, ଭିନ୍ନ ଭିନ୍ନ କିସମର ରେଡିଓ, ଭିନ୍ନ ଭିନ୍ନ କମ୍ପାନୀର ରେଡିଓ ଷ୍ଟେସନ, ପୁଣି ଭିନ୍ନ ଭିନ୍ନ ରେଡିଓୱେଭ୍‌ର ବାର୍ତ୍ତା – ଏସବୁକୁ ଗୋଟିଏ ସେଟ୍‌ରେ ଧରିବା କଷ୍ଟକର ଥିଲା – ସେଥିଲାଗି ବୋଷ ସଫ୍‌ଟୱେଆର ତିଆରି କଲେ । ଜିଏସ୍ଏମ୍ (global system for mobile) ବ୍ୟବସ୍ଥା ଥିବା ସେଟ୍‌ରୁ ସିଡିଏମ୍ଏ (code division multiple access) ବ୍ୟବସ୍ଥା ଥିବା ସେଟ୍‌କୁ ଆଳାପ ବା ଓଲଟା ଦିଗରୁ ଆଳାପ ସମ୍ଭବ ନ ଥିଲା । ଯୋଡିଏ ଫୋନ ରଖିବାକୁ ଦରକାର ହେଉଥିଲା । ବୋଷଙ୍କ ସଫ୍‌ଟୱେଆର ଆପେ ଆପେ ଗୋଟିଏ ବ୍ୟବସ୍ଥାରୁ ଅନ୍ୟ ବ୍ୟବସ୍ଥାକୁ ଚାଲିଯାଏ । ସେଲୁଲାର ଫୋନ ସେବା ସହଜ ହୋଇଗଲା । ନୂଆ ଟେକ୍ନୋଲଜି ୱାଇମାକ୍ସ ବା ଏଚ୍ଏସ୍‌ଡିପିଏ (WiMax or H.S.D.P.A., high-speed downlink packet access) ବଜାରକୁ ଆସିଗଲେ ଭବିଷ୍ୟତରେ ସାରା ପୃଥିବୀକୁ, ପ୍ରତି ଘରକୁ, ରେଡିଓ ବ୍ୟବସ୍ଥାରେ ଯୋଡିହେବ । ଏବେ ଗୋଟିଏ ନୂଆ କଥା ହେଉଛି "ଫେମ୍‌ଟୋ ସେଲ୍" ତାକୁ ଯେକୌଣସି ଜାଗାର ପାୱାର ଆଉଟ୍‌ଲେଟ୍‌ରେ ଭର୍ତ୍ତି କରିଦେଲେ ସେଲ୍‌ଫୋନ ଧରିହେବ ।




## ୟୁଆର୍‌ଏଲ୍ ବା ୱେବ୍ ଠିକଣା

ପ୍ରତ୍ୟେକ ୱେବ୍ ପୃଷ୍ଠାର ସ୍ୱତନ୍ତ୍ର ନାମ ବା ଠିକଣାକୁ ୟୁନିଫର୍ମ ରିସୋର୍ସ ଲୋକେଟର୍ ବା ୟୁଆର୍‌ଏଲ୍ URL କୁହାଯାଏ । ୟୁଆର୍‌ଏଲ୍ ତୁମ ବ୍ରାଉଜରକୁ ୱେବ୍ ପୃଷ୍ଠାର ଅବସ୍ଥିତି ଜଣାଏ । ଯଥା http://www.microsoft.com/windows ଟାଇପ କଲେ www.microsoft.com ସର୍ଭରରେ ଥିବା ୱିଣ୍ଡୋଜ୍ ବିଷୟକ ପ୍ରଥମ ପୃଷ୍ଠା ଦେଖାଯିବ । ୟୁଆର୍‌ଏଲ୍‌ର ଆରମ୍ଭରେ ଲେଖାଥିବ http://. Hyper Text Transfer Protocol. ହାଇପର୍‌ଟେକ୍ସ୍ଟ ଟ୍ରାନସଫର୍ ପ୍ରୋଟୋକଲ୍ ।

## ମୋବାଇଲ୍ ବନାମ ସେଲୁଲାର ଫୋନ୍



ମୋବାଇଲ ଫୋନ ଗୋଟିଏ ବେତାର (ରେଡିଓ) ଫୋନ୍। ଫୋନ କମ୍ପାନୀମାନେ ଦେଶଟାକୁ କାହିଁକି, ପୃଥିବୀଟାକୁ ଛୋଟ ଛୋଟ ଇଲାକାରେ, (କୋଠରୀ, ଇଂରାଜୀରେ ସେଲ୍, ଭଳି) ଭାଗ କରିଥାନ୍ତି, ୨୦ କି ୨୫ କିଲୋମିଟର ବ୍ୟାପୀ ପ୍ରତି ଇଲାକାର କେନ୍ଦ୍ରରେ ଗୋଟିଏ ବେତାର କେନ୍ଦ୍ର (ଆକାଶବାଣୀ କେନ୍ଦ୍ର ଭଳି), ଏକ କେନ୍ଦ୍ରର ଖମ୍ବରୁ ପାଖ କେନ୍ଦ୍ରର ଖମ୍ବକୁ ଓ ହାତଧରା ସେଟ୍‌କୁ ବେତାର ତରଙ୍ଗ ଯାଏ। ହାତଧରା ସେଟ୍‌ରୁ ସେଲ୍‌କୁ, ସେଲ୍‌ରୁ ଅନ୍ୟ ସେଲ୍‌କୁ ବେତାରରେ ଫୋନ୍ ଯାଇ ଶୁଣାଳୀର ହାତଧରା ସେଟ୍‌ରେ ପହଞ୍ଚେ-ବୋଲି ଏହାର ନାମ ସେଲୁଲାର ଫୋନ, ସେଲ୍‌ଫୋନ୍। ବୁଲାବୁଲି କରୁଥିବା (ମୋବାଇଲ୍ ଥିବା) ବେଳେ ବି ଫୋନ ପାଇହୁଏ ବୋଲି ଏହାର ଅନ୍ୟ ନାମ ମୋବାଇଲ୍ ଫୋନ୍।

ଗୋଟିଏ ମୋବାଇଲ ବେତାର ଖୁଣ୍ଟ (ସେଲ୍ ଟାୱାର) ଏବଂ ବେତାର ତରଙ୍ଗ ଗ୍ରହଣ ଓ ପ୍ରେରଣ କରିବାର ଥାଳି (ଡିସ୍ ଆଣ୍ଟେନା)



ଆମେରିକାନ୍ ଭେରାଇଜନ୍ ଫୋନ୍। କିଛି ଦିନ ଭିତରେ ଭାରତରେ ମିଳିଯିବ। ଏ ସେଲ୍‌ଫୋନ୍ ଲାଣ୍ଡଲାଇନ୍ ଫୋନ୍ ଭଳି, ଭନେଜ୍ ଭଳି



ଇଣ୍ଟରନେଟ୍ ଫୋନ୍ ଓ ରେଫ୍ରିଜରେଟରରେ ଲାଖି ରହିବା ପାଇଁ ହଳେ ଚୁମ୍ବକ, ଦାମ୍ ପ୍ରାୟ ୧୫୦ ଡଲାର (୭୫୦୦ ଟଙ୍କା)

## ଉଇଜାର୍ଡ୍, Wizard

ଏକାଧିକ ପ୍ରୋଗ୍ରାମ୍ ଭିତରେ ସହଯୋଗ ଓ ଉପଦେଶ ଯୋଗାଇ କମ୍ପ୍ୟୁଟର କାମକୁ ସହଜ କରିଦିଏ। ଉଇଜାର୍ଡ ଉପରେ କ୍ଲିକ୍ କଲେ ପ୍ରଶ୍ନ-ଉତ୍ତରର ଫର୍ଦ୍ଦ ବାହାରେ ଏବଂ ସେ ପଚାରେ ତୁମେ କଣ ଚାହୁଁଛ। ତୁମେ କଣ ଚାହୁଁଛ ଜାଣିଗଲେ ଉଇଜାର୍ଡଟି ତୁମ କାମଟି କରିଦିଏ କିମ୍ବା ତୁମେ ସେ କାମଟି କିପରି କରିବ ବତାଏ।

**ଇଣ୍ଟରନେଟ୍ ସର୍ଭିସ୍ ପ୍ରୋଭାଇଡର** (ଆଇଏସ୍‌ପି) ଅର୍ଥାତ୍ ଇଣ୍ଟରନେଟ୍ ସଂଯୋଗକାରୀ, ପାଉଣା ନେଇ ଇଣ୍ଟରନେଟ୍ କନେକ୍ସନ ଦିଅନ୍ତି, ଯଥା ବିଏସ୍‌ଏନ୍‌ଏଲ୍, ଅର୍‌ଟେଲ୍, ଟାଟା ଇଣ୍ଡିକମ୍ ଆଦି । କନେକ୍ସନ ନ ମିଳିଲେ ଇମେଲ୍ ଦେଖିହେବ ନାହିଁ, ୱେବ୍ ମିଳିବ ନାହିଁ । ୱେବ୍ ଦେଖିବା ବା ଇମେଲ୍ ପାଇବା ପାଇଁ ଯେଉଁ ଡୋମେନ୍‌ରେ ଇମେଲ ଠିକଣା ରଖିଛ ସେହି ଡୋମେନ୍‌ର ଠିକଣାକୁ ଯିବାକୁ ପଡିବ । ଯଥା ୟାହୁଡଟ୍‌କମ୍ ଡୋମେନ୍‌ରେ ଡାକ ଥିଲେ ବା ୱେବ୍ ଖୋଜିବାର ଥିଲେ, ୟାହୁ ମେଲ୍‌କୁ ଯିବାକୁ ପଡିବ, ରିଡିଫ୍‌ମେଲ୍‌ଡଟ୍‌କମ୍ ଡୋମେନ୍‌ରେ ଥିଲେ ରିଡିଫ୍‌ମେଲ୍‌କୁ ଯିବାକୁ ପଡିବ, ଇତ୍ୟାଦି ଇତ୍ୟାଦି । ଡୋମେନ୍‌ବାଲା ହେଉଛି **ଇଣ୍ଟରନେଟ୍ କଣ୍ଟେଣ୍ଟ ପ୍ରୋଭାଇଡର** ('କଣ୍ଟେଣ୍ଟ' ମାନେ ବିଷୟସୂଚୀ, ସାମଗ୍ରୀ ଅର୍ଥାତ୍ ଡାକ ମୁଣି ବା ଇନ୍‌ବକ୍ସ), ଏମାନେ ମାଗଣା ସେବା ଯୋଗାନ୍ତି, ସେମାନଙ୍କ ଖର୍ଚ୍ଚ ବିଜ୍ଞାପନରୁ ଉଠାଇଥାନ୍ତି ।




ୟାହୁ ମାଗଣାରେ **ଅସୀମ ଭଣ୍ଡାର**ରେ କଣ୍ଟେଣ୍ଟ (ଡାଉନ୍ ଲୋଡ୍ ରଖିବାର ଜାଗା ଯୋଗାଏ ବୋଲି ଏଠାରେ କହୁଛି ।*

ଇମେଲ୍ ଖୋଲିଲେ ଯାହା ଆସେ ତାହା ଆପେ ଆପେ ଡାଉନ୍‌ଲୋଡ୍ ହୋଇଥାଏ । ତାହା ସାଙ୍ଗରେ ଆଟାଚମେଣ୍ଟ (ସଂଲଗ୍ନିକା) ଥିଲେ ତାକୁ ତୁମେ ଡାଉନ୍‌ଲୋଡ୍ କରିବାର ଆଦେଶ ଦେଲେ ହିଁ ଡାଉନ୍‌ଲୋଡ୍ ହେବ । ଆଇଏସ୍‌ପିର ସର୍ଭରରେ ଏ ସବୁ ମେଗାବାଇଟ୍ ବା ଗିଗାବାଇଟ୍‌ରେ ମାପ ହେଉଥାଏ, ତେଣୁ ତୁମ ଫି ଦେଇଥିବା ପରିମାଣର ଡାଉନ୍‌ଲୋଡ୍ ହୋଇଯାଇଥିଲେ ଆଇଏସ୍‌ପି ତୁମ ଇଣ୍ଟରନେଟ୍ ସମ୍ପର୍କ (କନେକ୍ସନ୍) ବନ୍ଦ କରିଦେବ । ତୁମ ଅଧିକା ପାଉଣା ଦେଲା ପରେ ହିଁ ପୁଣି ଇଣ୍ଟରନେଟ୍ ସମ୍ପର୍କ ଚାଲୁ କରିଦେବ । ଇମେଲ୍ କଣ୍ଟେଣ୍ଟ ପ୍ରୋଭାଇଡର ମାଗଣାରେ ସେବା ଯୋଗାଉଥିଲେ (*ଯେପରି ଉପରେ ୟାହୁ କହୁଛି) ବି ତୁମେ **ଆଇଏସ୍‌ପିର ସୀମା** ଦ୍ୱାରା ନିୟନ୍ତ୍ରିତ ।

# ଡୋମେନ୍ ଓ ୟୁଆରଏଲ୍ (ଠିକଣା)

ଇ-ମେଲ୍‌ବାଲାଙ୍କ ଠିକଣା ଖୋଜିବା ବେଳେ ଡୋମେନ୍ କଥା ଉଠେ । ଆମ ଇ-ମେଲ୍ ଠିକଣାରେ @ ହିଁ ଡୋମେନ୍ ସୂଚକ । ଏହା ହେଉଛି ଇଣ୍ଟରନେଟ୍ ହାଇୱେର ଗୋଟିଏ ସଡକ । ଡୋମେନ୍ ଯଦି ଜାଣିଥିବ, ତେବେ ଇ-ମେଲ୍ ଠିକଣା ଖୋଜିବାରେ ୯୦% ସଫଳତା ମିଳିବ । ଯେମିତି ଟେଲିଫୋନ ଡାଇରେକ୍ଟରି, Directory,ରେ ଠିକଣା ନ କହିଲେ ଉଙ୍କ୍ ନମ୍ବର ପାଇବ । ତୁମ ଅଡଳ ଇମେଲ୍ ଠିକଣା ସଂଶୋଧନ କରି ନଥିଲେ ତୁମକୁ ଖୋଜୁଥିବା ଲୋକ ସେହିପରି ଭୁଲରେ ପଡିଯିବ । ଇ-ମେଲ କ୍ଲାଏଣ୍ଟ ବି ଗୋଟିଏ ଆଡ୍ରେସ ବୁକ୍ ଯୋଗାନ୍ତି । ତହିଁରେ ସମସ୍ତଙ୍କ ଠିକଣା ରଖିଥିଲେ ଠିକଣାର ଗୋଟିଏ ଦୁଇଟି ଅକ୍ଷର, ଯଥା sah ଲେଖିଲାକ୍ଷଣି, **sahadevas@yahoo.com** , ଏ ଗ୍ରନ୍ଥର ଲେଖକର ପୂରା ଠିକଣା ଆସିଯିବ ।

ପବ୍ଲିକ୍ ଡୋମେନ୍, public domain (PD), ହେଉଛି ନକଲ କରିବାର ଫ୍ରି ବା କଟକଣା ନଥିବା ସଫ୍‌ଟୱେୟାର୍ । ଏଥିରେ ରଚକ ବା ଲେଖକ କପିରାଇଟ୍ ରଖିଥାଏ କିନ୍ତୁ ମାଗଣାରେ ବାଣ୍ଟେ । କେତେକ କମ୍ପାନୀ ତୁମ ନିଜ ନାଁରେ ଡୋମେନ୍ ବା ତୁମ ମନପସନ୍ଦ ଡୋମେନ୍ ଯୋଗାନ୍ତି । ଏବେ ଏତେ ବେଶି ଇ-ମେଲ୍ ଗ୍ରାହକ ହୋଇଗଲେଣି ଯେ ଯିଏ ଆଗେ ଗ୍ରାହକତ୍ୱ ମାଗିଛି ସେ ଏ ସୁବିଧା ମାରି ନେଇଛି, ସମ୍ଭବତଃ ତୁମେ ଚାହୁଁଥିବା ଠିକଣା (ଯଥା ତୁମ ପୂରା ନାଁ) ମିଳିବ ନାହିଁ । ଲେଖକର ପୂରା ନାମ sahadevasahoo ଅନ୍ୟ କେହି ବ୍ୟବହାର କରି ସାରିଥିବାରୁ Yahoo.com ଡୋମେନ୍‌ରେ sahadevas ବାଛିବାକୁ ପଡିଲା । ଅଣ୍ଡରସ୍କୋର୍ '_' ଥାଇ sahadeva_sahoo ନାଁରେ ବି କେହି ନେଇ ସାରିଥିଲା । ଏବେ ୟାହୁ ବିକଳ୍ପ sahadeva.sahoo ଦେଉଛି ।

# ଇନ୍‌ବକ୍ସ ମେମୋରି

ୟାହୁ, ଜିମେଲ୍, ହଟ୍‌ମେଲ୍, ଆଦି ମାଗଣା ଇଣ୍ଟରନେଟ୍ କଣ୍ଟେଣ୍ଟ ପ୍ରୋଭାଇଡର କମ୍ପାନୀମାନେ ସେମାନଙ୍କ ସର୍ଭର୍‌ରେ ତୁମ ଡାକ ରଖିବା ଲାଗି ବହୁତ ଜାଗା (ମେମୋରି) ଦିଅନ୍ତି । ପାଞ୍ଚ ଛ ବର୍ଷ ତଳେ କମ୍ ମେମୋରି ଦେଉଥିଲେ, ୮ , ୨୦ ବା ଅତି ବେଶିରେ ୩୨ ଏମ୍‌ବି । ପୁଣି ଆଟାଚ୍‌ମେଣ୍ଟ ପାଇଁ ୧ ବା ଦେଢ ଏମ୍‌ବି । ତୁମ ଡାକମୁଣି ବା ଇନ୍‌ବକ୍ସ ଭର୍ତ୍ତି ହୋଇଗଲେ ଇମେଲ ଫେରି ଯାଉଥିଲା । ଏବେ ସବୁ କମ୍ପାନୀ ମେମୋରି ବଢାଇଦେଲେଣି, ଅସୀମ ମେମୋରୀ ଦେଲେଣି । ଇନ୍‌ବକ୍ସକୁ ଫାଙ୍କା କରିବା ଲାଗି ଡାକ ଲିଭାଇବା ଦରକାର ନାହିଁ । ଅଦରକାରୀ ବା ବାଜେ (ଜଙ୍କ୍) ଇମେଲ ବଲ୍କ ବା ଟ୍ରାସ୍ ଫୋଲ୍‌ଡରରେ ରହି ଯାଉଥିବାରୁ ମେମୋରି ଭିତରେ ଗଣାଯାଉନାହିଁ, ନିର୍ଦ୍ଦିଷ୍ଟ ସମୟ ପରେ, ଯଥା ୭ ଦିନ ପରେ, ସେ ଡାକଗୁଡିକ ଲିଭିଯାଏ ।


:: BSNL Bhubaneswar :: - Microsoft Internet Explorer
File Edit View Favorites Tools Help
Back Search Favorites
Address http://www.orissa.bsnl.co.in/bhubaneswar/cli.htm
Search Groups TV Notepad
The more you talk less you pay
Profile | STD/ ISD | Forms | GM's Message
About Us
Services
Networking
Commercial
Organisation Chart
Tariff
Tender
Bsnl Links
Photo Gallery
Sitemap
Guest Book
ବିଏସ୍‌ଏନ୍‌ଏଲ୍ ଫୋନ୍‌ଲାଇନ୍ ସାଙ୍ଗରେ ବ୍ରଡ୍‌ବେଣ୍ଡ୍ ବି ଯୋଗାଏ ।
1. Just dial with User name: netone
Password: netone and
2. Go to the registration web-site http://net
3. Fill up the Registration Form in the web-pa
to access your new 'Accountless' Internet
NOTE: The customer must give his Telephone N
TARIFF
The charges for CLI (Account free Internet Se
10 paise per minute + Nor




ବିଏସ୍ଏନ୍ଏଲ୍ ଫୋନ୍‌ଲାଇନ୍ ସାଙ୍ଗରେ ବ୍ରଡ୍‌ବେଣ୍ଡ୍ ବି ଯୋଗାଏ ।

# ଏକାଧିକ ଇନ୍‌ବକ୍ସ ଓ ଇନ୍‌ବକ୍ସରେ ଭିନ୍ନ ଭିନ୍ନ ଫୋଲ୍‌ଡର କାହିଁକି ଦରକାର

ବହୁତ ଲୋକ ଚିହ୍ନା ଥିଲେ, ବହୁତ କମ୍ପାନୀ ସେମାନଙ୍କ ବିଜ୍ଞାପନ ପଠାଇଲେ, ବହୁତ ଇମେଲ୍ ଆସିବ, ଦିନକୁ ୨୫ଟା ପାଇଲେ ବର୍ଷକୁ ୯୧୨୫ ହେବ । ତହିଁରୁ ଅଧିକାଂଶ ଅଳିଆ (ଜଙ୍କ୍) ଇ-ମେଲ୍ । ଫିଲ୍‌ଟରିଙ୍ଗ, Filtering, ଛାଙ୍କିବା, ହେଉଛି ଏହାର ସମାଧାନ । ଆଜିକାଲି ଯା ଠିକଣା ତୁମ ଆଡ୍ରେସ୍ ବୁକ୍‌ରେ ନଥିବ ସେ ଚିହ୍ନା ଲୋକ ନୁହେଁ ବୋଲି ତାର ଇମେଲ୍ ବଲ୍କ ଫୋଲ୍‌ଡରକୁ ଚାଲିଯିବ । ତେଣୁ ମଝିରେ ମଝିରେ ବଲ୍କ ଫୋଲ୍‌ଡର ଦେଖ, ନଚେତ୍ ଛାତ୍ରଛାତ୍ରୀଙ୍କର ଆଡ୍‌ମିସନ ଫର୍ମ ଭଳି ଦରକାରୀ ଜିନିଷ ବା ତୁମର ବେଙ୍କ ଷ୍ଟେଟ୍‌ମେଣ୍ଟ ବଲ୍କଫୋଲ୍‌ଡରରେ ରହିଯାଇଥିବ । ଯଦି ସେକ୍ୟୁରିଟି ସ୍ତର ବଢାଇଦେବ ତେବେ ଅଶ୍ଳୀଳ ବା ଜୁଆ ଖେଳର ଇମେଲ୍ Junk mail ବା Trash (ଅଳିଆ ଗଦା, ଜଙ୍କ୍ ବା ଟ୍ରାସ୍) ଫୋଲଡର୍‌କୁ ଚାଲିଯିବ । ମାଇକ୍ରୋସଫ୍ଟ ଆଉଟଲୁକ୍‌ରେ ଟୁଲ୍‌ସ୍ ମେନୁ, tools menu ରୁ ଅର୍ଗନାଇଜରକୁ ବାଛିଲେ ଗୋଟିଏ ଫର୍ଦ୍ଦ ବାହାରିବ । ସେଥିରେ ୪ଟି କଥା ଥିବ, ଗୋଟିକୁ ବାଛିବ । Folder ବାଛି, ରଙ୍ଗ ବାଛି, ଜଙ୍କ୍ ଫାଇଲ ଚିହ୍ନଟ କରିବ । ହଟ୍ ମେଲ୍, hot mail, ନେଟସ୍କେପ୍, netscape, ୱେବ୍‌ମେଲ୍, webmail, ୟାହୁ, yahoo ଆଦିକୁ ଫିଲ୍‌ଟର୍ କରି ପାରିବ ନାହିଁ, ସେମାନେ ନିଜ ୱେବ୍ ଆଧାରିତ ଫିଲ୍‌ଟର୍ ଯୋଗାନ୍ତି । ଏହି କାରଣରୁ ଏକାଧିକ ଇ-ମେଲ୍ ରଖିବା ଉଚିତ, ଅଗ୍ରାଧିକାର ଭିତ୍ତିରେ କେଉଁ ଇ-ମେଲ୍‌ରେ କେଉଁ ଶ୍ରେଣୀର ଚିଠି ରହିବ, ଠିକ୍ କରିପାରିବ, ତଦନୁଯାୟୀ ଆଡ୍ରେସ୍‌ବୁକ୍‌ରେ ଠିକଣା ରଖିବ । କେଉଁ ମେଲ୍‌ର ଚିଠି ସାଙ୍ଗେ ସାଙ୍ଗେ ଦେଖିବ, କେଉଁ ମେଲ୍‌ର ଚିଠି ପରେ ଦେଖିବ, ତାହା ସହଜ ହେବ ।

---




ବିବାହ ଯୋଟକ ପାଇଁ ଅନେକ ୱେବ୍ ସାଇଟ୍ ଭିତରୁ ଯୋଡିଏ । ଅଧିକାଂଶ ଭାରତୀୟ ଇମେଲ ପ୍ରୋଭାଇଡର ବିବାହ ଯୋଟକ ପାଇଁ ସାଇଟ୍ (ବିଜ୍ଞାପନ ସ୍ଥାନ) ଯୋଗାନ୍ତି । ମାଗଣାରେ ସିନା ବିବରଣୀ ନେବେ, ଅପର ପକ୍ଷର ଉତ୍ତର ଚାହିଁଲେ ତୁମଠୁଁ ପାଉଣା ମାଗିବେ ।



# ଇଣ୍ଟରନେଟ୍ କ୍ଲାଏଣ୍ଟ (ବ୍ରାଉଜର)

କମ୍ପ୍ୟୁଟରରେ ୱିଣ୍ଡୋ ଅପରେଟିଂ ସିଷ୍ଟମ (କେ୍ୂଟର ଚଳେଇବା ବ୍ୟବସ୍ଥା) ଥିଲେ ତହିଁରେ ଇଣ୍ଟରନେଟ୍ ଏକ୍ସପ୍ଲୋରର୍ ଥାଏ । ଆଇଏସ୍‌ପି ସହ ସଂଯୁକ୍ତ ହୋଇଗଲା ପରେ ଇଣ୍ଟରନେଟ୍ ଏକ୍ସପ୍ଲୋରର୍‌କୁ କ୍ଲିକ୍ କଲେ ଇଣ୍ଟର୍‌ନେଟ ମେଲ ପ୍ରୋଭାଇଡରର ହୋମ ପେଜ୍ ଖୋଲେ କିମ୍ବା ଇଣ୍ଟରନେଟ୍ ଅପ୍ସନ୍ ଟୁଲ୍‌ରେ ଯାହା ଠିକଣା ଦେଇଥିବ ତାହା ଖୋଲେ । (ପୃଷ୍ଠା ୧୮ ଦେଖ, ଯଥା ରିଡିଫ୍‌ମେଲ) । ସେଠାରେ ତୁମ ଆଇଡି (ଆଇଡେଣ୍ଟିଫିକେସନ, ପରିଚୟ) ଓ ପାସ୍‌ୱାର୍ଡ (ଖୋଲିବାର ଲେଖା) ଲେଖିଦେଲେ ଇନ୍‌ବକ୍ସ ଖୋଲେ । ଆଗେ କେବଳ ମାଇକ୍ରୋସଫ୍‌ଟ୍ ଆଉଟ୍‌ଲୁକ୍ ଏକ୍ସପ୍ରେସ୍ ଇ-ମେଲ୍ କ୍ଲାଏଣ୍ଟ ସାଙ୍ଗକୁ ବ୍ୟକ୍ତିଗତ ସୂଚନା ସଂଗଠକ (ପର୍ସନାଲ୍ ଇନ୍‌ଫର୍ମେସନ୍ ଅର୍ଗାନାଇଜର୍) ଭଳି ଇମେଲ୍ ସଂପର୍କୀୟ ଯାବତୀୟ ସେବା ମାଗଣା ଯୋଗାଉଥିଲା, ପରେ ପରେ ୟାହୁ, ହଟ୍‌ମେଲ୍, ଜିମେଲ, ଆଦି ସବୁଥିରେ ରକମ ରକମର ମାଗଣା ସେବା ମିଳୁଛି । କେତେକ ଇ-ମେଲ୍ କ୍ଲାଏଣ୍ଟ ୱେବସାଇଟ୍ ତିଆରି କରିବାର କୌଶଳ ମାଗଣାରେ ଶିଖାଉଛନ୍ତି ଏବଂ ତାଙ୍କ ସର୍ଭରରେ ବିନା ଭଡାରେ ରଖିବାର ସୁବିଧା ଯୋଗାଉଛନ୍ତି ।

***ବ୍ରାଉଜର୍*** (ଖୋଜକ) ଯାହା, ***କ୍ଲାଏଣ୍ଟ୍*** ସେଇଆ । ବଜାରରେ ଯେତେ ବ୍ରାଉଜର ମିଳେ ତନ୍ମଧ୍ୟରୁ ମାଇକ୍ରୋସଫ୍‌ଟର ଏକ୍ସପ୍ଲୋରର ବେଶି ଲୋକ ବ୍ୟବହାର କରନ୍ତି । ତା ତଳକୁ ଫାୟାରଫକ୍ସ । ଆଉ କେତେକ ବ୍ରାଉଜର ନାମ ହେଉଛି ମୋଜିଲା, ନେଟ୍‌ସ୍କେପ୍, ଓପେରା, ସଫାରୀ, କଙ୍କ୍ୱରର । ଏମାନେ ୱେବ୍‌ରେ ଗୋଟିଏ ଗୋଟିଏ ୱିଣ୍ଡୋ (ଝରକା) ଭଳି କାମ କରନ୍ତି ।

ଇଣ୍ଟରନେଟ୍ କ୍ଲାଏଣ୍ଟ ତାଲିକା

@Mail
Alpine
Citadel
Claws Mail
Courier (formerly Calypso)
Eudora
Eureka Email
Gnus
GroupWise
Internet Explorer
i.Scribe / InScribe
IBM Lotus Notes
Kerio WebMail
KMail
Microsoft Office Outlook
Mozilla Mail & Newsgroups
Mozilla Thunderbird
Mulberry
Mutt
Netscape Messenger
Netscape Messenger 9
nmh / MH
Novell Evolution
Open-Xchange
Opera Mail
Outlook Express
Pegasus Mail
Pine
Pocomail
SeaMonkey Mail & Newsgroups
Sylpheed
The Bat!
Turnpike
Windows Live Mail
Windows Mail
Zimbra




ଇନ୍‌ବକ୍ସରେ 'ଦେଖିନଥିବା' ଇମେଲ୍ ଅଛି ବୋଲି ଲଫାପା ସନ୍ତକ ପାଖରେ ଲାଲ ତାରକା ଚିହ୍ନଟି ସୂଚାଉଛି ।

ଗୋଟିଏ ଗୋଟିଏ ଇମେଲ ବହୁତ ଲୋକଙ୍କୁ ପଠାଯାଇଥାଏ. ତା ଭିତରୁ ତୁମେ ଜଣେ । ଉତ୍ତର ଦେଲେ ବା r ଅକ୍ଷର ଟାଇପ୍ କଲେ ପ୍ରେରକ ପାଖକୁ ଯିବ (Reply to Sender) । ସମସ୍ତଙ୍କୁ ଉତ୍ତର ଦେବାକୁ ଚାହିଁବ ତ ରିପ୍ଲାୟ୍ ଟୁ ଅଲ୍ (Reply to All) ଉପରେ କ୍ଲିକ୍ ବା a ଅକ୍ଷର ଟାଇପ୍ କରି ତୁମ ଉତ୍ତର ଦିଅ. ମୂଳ ମେଲ୍‌ଟି ପାଇଥିବା ସମସ୍ତେ ତୁମ ଉତ୍ତର ପାଇବେ ।







## ଇମେଲ୍ ଓ ହେଡର୍

ଇମେଲ କେଉଁଠୁ ଆସିଛି ତାହା ହେଡର୍ ଜଣାଏ । ଷ୍ଟାଣ୍ଡାର୍ଡ ହେଡର ସଂକ୍ଷିପ୍ତ । ଫୁଲ୍ ହେଡର୍ ଇମେଲ ଆସିଥିବା ବାଟ ଜଣାଏ. କମ୍ପ୍ୟୁଟର ଓସ୍ତାଦମାନେ ବା ଗୁଇନ୍ଦା ସଂସ୍ଥାର ଲୋକେ ଏହିଥିରୁ କିଏ କେଉଁଠୁ ପଠାଇଛି ଜାଣିପାରନ୍ତି ।



# ବାର୍ତ୍ତାର ଉତ୍ତର

ନୂଆ ବାର୍ତ୍ତା ଟିଏ ପାଇଗଲେ, ତହାର ଉତ୍ତର ଦେବାକୁ ପଡିପାରେ । ଆଗେ ଇ-ମେଲ୍ କ୍ଲାଏଣ୍ଟ ମାନେ ଗୋଟିଏ ପ୍ରକାରର ଉତ୍ତର ଛାଞ୍ଚ ଯୋଗାଉଥିଲେ । ଏବେ ପ୍ରାୟ ସମସ୍ତେ ବିଭିନ୍ନ ପ୍ରକାରର ଛାଞ୍ଚ ଦେଉଛନ୍ତି । ତା ଭିତରୁ ଭଲଟିଏ ବାଛିଲେ ତୁମ ଚିଠି ଆକର୍ଷଣୀୟ ହେବ ।




ୟାହୁ ଏକାଉଣ୍ଟରେ ଅପ୍ସନରେ ରିଚ୍ ଟେକ୍ସ୍ଟ (Rich Text) ବତାଇଛ, ତେବେ ସାଧାରଣ ଅକ୍ଷର ନେବ ନାହିଁ, ଲେଖିବା ପୂର୍ବରୁ ସାଦା ପାଠ (Plain Text) କ୍ଲିକ୍ କରିବାକୁ ପଡିବ ।

## ଇମେଲ ପଠାଇବା ଠିକଣା ଓ ବିଷୟ ବସ୍ତୁ

ରିପ୍ଲାୟ କତରେ ଥିବା




ସ୍କ୍ରୋଲ (ଓଲଟା ତ୍ରିଭୁଜ) ଉପରେ କର୍ସର୍ ଟିପିଲେ ଦୁଇଟି ବିକଳ୍ପ ଆସିବ, ପ୍ରେରକକୁ ବା ସମସ୍ତଙ୍କୁ ।







ମେଲିଙ୍ଗ୍ ଲିଷ୍ଟ ବ୍ୟବସ୍ଥାରେ ଗୁଡିଏ ଠିକଣାର ଗୋଟିଏ ଗୋଷ୍ଠୀ କରି ରଖିଲେ ସେହି ଗୋଷ୍ଠୀର ସମସ୍ତଙ୍କୁ ଗୋଟିଏ କ୍ଲିକ୍‌ରେ ସୂଚନା ପଠାଇହେବ । ବହୁତ ସାଙ୍ଗଙ୍କୁ ଏକାଥରକେ ନିମନ୍ତ୍ରଣ କରିହେବ । ବାର୍ତ୍ତା ବିନିମୟ କରିବା ବା ଚାଟ୍ ପାଇଁ ସମଭାବାପନ୍ନ ଲୋକଙ୍କ ତାଲିକା ଅଛି, ସଙ୍ଗୀତ ଶୁଣିବା ପାଇଁ ଗୋଷ୍ଠୀ ଅଛି । ଭାବ ବିନିମୟ କରିବା, ପରସ୍ପରକୁ ସାନ୍ତ୍ୱନା ଦେବା ପାଇ ନୂଆ ଗୋଷ୍ଠୀ କରିବା, ଯଥା ଏକା ସ୍କୁଲର ଛାତ୍ରଛାତ୍ରୀ ଗୋଷ୍ଠୀ କରିବା, ପାଇଁ ଇଣ୍ଟରେନଟ୍ ଏକ ପ୍ରକୃଷ୍ଟ ମାଧ୍ୟମ, ବନ୍ଧୁ ତାଲିକାରେ ମନଇଚ୍ଛା ଯୋଗି ହେବ, ତହିଁରୁ ମନଇଚ୍ଛା କାଟିହେବ ।

# ଇଣ୍ଟରନେଟ୍ ଚାଳିତ କମ୍ପୁଟର







ଆଜିକାଲି ଲାପ୍‌ଟପ୍‌ରୁ ଛୋଟ, ନୋଟ୍‌ବୁକ୍, ବାହାରିଛି, ତହିଁରେ ଆଟମ୍ ପ୍ରସେସର ଅଛି, କଙ୍କାଳସାର । ଲାପ୍‌ଟପ୍‌ଠାରୁ ଶସ୍ତା, ଅସୁବିଧା ଏତିକି ଯେ ଏ କମ୍ପୁଟରରେ ଅଧିକା ମେମୋରୀ ପାଇଁ, ସିଡି ଡ୍ରାଇଭ୍ ବା ଅନ୍ୟ କୌଣସି ହାର୍ଡୱେୟାର ଯୋଡିବା ପାଇଁ ବାହାରୁ ଲଗାଇବାକୁ ପଡିବ, କମ୍ପୁଟରଟି ଇଣ୍ଟରନେଟ୍‌ରେ ଥିବା ଏକ ବଡ କମ୍ପୁଟର (ସର୍ଭର) ସହିତ ଯୋଡି ହୋଇ ରହିବ, ଇଣ୍ଟରନେଟ୍ ଅନ୍ ଥିଲେ ଏହାର ସାମର୍ଥ୍ୟ ଯେ କୌଣସି ବଡ କମ୍ପୁଟର ସହିତ ସମାନ । ଏବେ ବିଏସ୍‌ଏନ୍‌ଏଲ୍ (ଭାରତ ସଞ୍ଚାର ନିଗମ ଲିମିଟେଡ୍) ଇଣ୍ଟରନେଟ୍ କମ୍ପୁଟର ଯୋଗାଉଛି ।




ନୋଭା ନେଟ୍ ପି ସି ଲଗାଇଲେ ଦେବ ଟ ୨୯୯୯ (, ଅଧିକା ମନିଟରଟିଏ କିଣିବ ପ୍ରାୟ ଟ ୫୦୦୦ ( ଓ ଘରେ ଲଗାଇବା ଲୋକର ପାଉଣା ଟ୭୦୦ ( ଅଧିକା, ଗାଏ ମୋଟ ଟ ୮୭୦୦( । ତା ଉପରେ ଟାକ୍ସ । ମାସିକ ପାଉଣା ଟ ୨୭୪ ( ।

---

ଟିସିପି/ଆଇପି, **TCP/IP.** ଟ୍ରାନ୍‌ସମିସନ୍ ପ୍ରୋଟୋକଲ୍/ଇଣ୍ଟରଫେସ୍ ପ୍ରୋଗ୍ରାମ୍: ଇଣ୍ଟରନେଟ୍‌ରେ କମ୍ପୁଟର କମ୍ପୁଟର ଭିତରେ କଥାବାର୍ତ୍ତା କରିବାର ଉପାୟ ବା ପ୍ରୋଟୋକଲ୍ । ଟିସିପି/ଆଇପି ସାଧାରଣତଃ ନେଟ୍‌ୱାର୍କରେ କାମକରେ, କିନ୍ତୁ ପିପିପି ବ୍ୟବସ୍ଥା ଗୋଟିଏ ଫୋନ୍ ଲାଇନ୍ ଉପରେ ଚାଲୁ କରିଦିଏ । ମୋଡେମ୍ ଲଗାଇ ଇଣ୍ଟରନେଟ୍‌କୁ ଯିବାକୁ ହେଲେ ତୁମକୁ ପିପିପି ବ୍ୟବସ୍ଥା ବ୍ୟବହାର କରିବାକୁ ପଡିବ ।




ଇଣ୍ଟରନେଟ୍ କିଣାକିଣି । କେତେକ ସାମଗ୍ରୀ ପାଖଆଖ ଦୋକାନରେ ମିଳେ ନାହିଁ ।




ଇଣ୍ଟରନେଟ୍ ଦୋକାନ, ସର୍ବପ୍ରଥମ ଓ ସବୁଠାରୁ ବଡ - ଇ'ବେ

ରିମାଇଣ୍ଡର,
କାମ ମନେପକାଇବା


Rs.471 Consumer no. 0804003 self, 10/5/2009, 11:00
Yahoo! Reminder <reminders@reply.yahoo.com> Add
To: sahadevas@yahoo.com

YAHOO! CALENDAR
UK & IRELAND

Reminder from: sahadevas's Calendar

Title: Rs.471 Consumer no. 0804003 self
Date: Sunday 10 May 2009
Time: 11:00 - 12:00
Repeats: This event repeats every month.
Notes: EE, PH Division II, Bhubaneswar. PH Section, Gautam Nagar. Consumer no. 0804003 S D Sahoo. Rs.520 less 2% rebate, or 5% penalty

Get reminders on your Yahoo! Messenger or via email.
Edit reminder options

## ବ୍ୟକ୍ତିଗତ ସହାୟକ

ଇଣ୍ଟର୍‌ନେଟ୍ ସେବା ସହାୟତାରେ ପର୍ସନାଲ କମ୍ପ୍ୟୁଟରଟି ଆମର ବ୍ୟକ୍ତିଗତ ସହାୟକ (ପର୍ସନାଲ୍ ଆସିଷ୍ଟାଣ୍ଟ) ଭାବେ କାମ କରି ପାରିବ । ବ୍ଲାକ୍‌ବେରି, ଟ୍ରାଇଓଜ, ସାଇଡ୍‌କିକ୍ସ ଓ ୱିଣ୍ଡୋସ୍ମାର୍ଟଫୋନ୍ ଭଳି କେତେକ ସେଲ୍‌ଫୋନ୍ ଡିଜିଟାଲ ପର୍ସନାଲ ଆସିଷ୍ଟାଣ୍ଟ (ବ୍ୟକ୍ତିଗତ ସହାୟକ)ର କାମ କରିପାରୁଛି । ଫୋନ୍ କଲ୍ ବା ଫଟୋ କାଲେଣ୍ଡର, କାଲ୍‌କୁଲେଟର, ଷ୍ଟପ୍‌ୱାଚ୍, କାଉଣ୍ଟଡାଉନ ଟାଇମର (ନିର୍ଦ୍ଦିଷ୍ଟ ଅବଧିରୁ କେତେ ସମୟ କଟିଲାଣି ଜାଣିବାକୁ) ଆଦି ସାଙ୍ଗକୁ ଇମେଲ, ୱେବ୍ ବ୍ରାଉଜିଂ, ଯାବତୀୟ ହିସାବ ରଖିବା, ଦୈନନ୍ଦିନ କାର୍ଯ୍ୟ ପରିଚାଳନା, କାଲେଣ୍ଡର ଆଦି । ଏଫ୍ ଏମ୍ ରେଡିଓ କାର୍ଯ୍ୟକ୍ରମ କଥା ଛାଡ, ଇମେଲ୍‌ରୁ ପାଣିପାଗର ସୂଚନା ପାଇପାରିବ । ଫୋନ୍‌ର ଉତ୍ତର ଦେବା ଲାଗି ଗୋଟିଏ କିରାଣି ବା ସହାୟକ ରଖିଲେ ଦରମା ବାବଦରେ ବହୁତ ଖର୍ଚ୍ଚ । କମ୍ପ୍ୟୁଟରକୁ ଭଏସ୍ ମେଲ୍, voice mail, ବ୍ୟବସ୍ଥାରେ ପରିଣତ କରି ପାରିଲେ ଆନ୍‌ସରିଂ, answering, ମେସିନ୍ ଠାରୁ ବେଶି ଭଲ କାମ ଦିଏ । ରେକର୍ଡ କରିଥିବା ଭଏସ୍ ଜରିଆରେ ଫୋନ୍ କରିଥିବାଲୋକକୁ ବିଶେଷ ତଥ୍ୟ ଦେଇହେବ, ସେ ଭାବିବ ଆମ କମ୍ପାନୀ ଖୁବ୍ ବଡ । ଅଫିସ୍ ଆରମ୍ଭରେ ଯେପରି ଷ୍ଟେନୋ ବା ବ୍ୟକ୍ତିଗତ ସହାୟକ ଅଫିସରଙ୍କୁ ଜଣାଇଦିଏ, ସେହିପରି ଇ-ମେଲ୍‌ର ପ୍ରଥମ ପୃଷ୍ଠାକୁ ମନମୁତାବକ ତରାଦିଆ କରିହେବ, କେଉଁ କେଉଁ ସମ୍ବାଦପତ୍ର ବା ଟେଲିଭିଜନ ସୂତ୍ରରୁ କି ଶିରୋନାମାର ସମ୍ବାଦ ଆଜି ଥିଲେ ତୁମେ ଜାଣିବାକୁ ଚାହୁଁଛ, ଇ-ମେଲ୍‌ର ନୂଆ ଡାକ ଅଛି କି, ଆଜି କି କି କାର୍ଯ୍ୟକ୍ରମ, ଅଛି ଇ-ମେଲ୍ ମନେ ପକାଇ ଦେବ ।

**Indian Railway Catering and Tourism Corporation Limited**

A Government of India Enterprise

Address http://www.irctc.co.in/cgi-bin/bv60.dll/irctc/booking/p

**Train Reservation**

From * BBS To * R

Date * 01 Jun 2009 Class * AC 2-tier sleeper(2A)

Ticket Type * ○ i-ticket ⦿ e-ticket

Quota ☐ Tatkal

Find Trains Rese

ଟ୍ରେନ୍ ରିଜର୍ଭେସନ

ବେଙ୍କ କାରବାର

**Online Bill payment** using Credit Card payment through our website **www.reliancecommunications.co.in** by following a online simple **registration process. Online Bill payment using net banking** IDBI, ABN Amro, Bank of Baroda, Bank of India, Corporation Bank, Central Bank of India, Citi Bank,HDFC Bank, State Bank of India, Syndicate Bank,etc.) **Customers can go to their respective bank's net banking site and they have to login using their Internet account Login id and password.**

ଘରେ ବସି କ୍ରେଡିଟ୍ କାର୍ଡରୁ ପଇସା ଦେଇ ଇଣ୍ଟରନେଟ ଜରିଆରେ ଟିକଟ ଛପାଇ ଚିଠି ଉପରେ ଲଗାଇହେବ।

**Royal Mail Online Postage - Print postage from your computer - Windows Inter**

Discounts & Payment

Online postage

Prices

FAQs

How to buy

**Top links**

> Find a postcode
> Postal prices
> Shop
> Track an item
> Product A-Z
> Work for us
> Customer service

## Online Postage

ନିଜେ ଡାକଟିକଟ ଛପାଅ

Overview | Details | Prices | FAQs | How to buy

Print your postage online directly from your PC or Mac. The s postage prices and easy to use. You can print your postage w out again.

ଟିକଟ ନାହିଁ ବା ଡାକଘରକୁ ଯାଇ ହେଉ ନି ବୋଲି ଚିଠି ପଠାଇବା ଅଟକିଯିବ ନାହିଁ। ବିଲାତ ଓ ଆମେରିକାରେ ଏ ସୁବିଧା ଅଛି।

- All you need is a computer and a printer
- Print postage and an address directly
- Make secure payments online
- Select the right postage with our Price Finder
- Print first class postage now

କିଛି ଦିନ ଭିତରେ ଆମ ଦେଶରେ ଏମିତି ହୋଇପାରେ।

You don't need any new software or equipment – just a com postage you want and download it.




ଇମେଲରୁ ଡାଉନ୍‌ଲୋଡ୍ କରିଥିବା ୱେବ୍ ପେଜ୍‌କୁ ୱାର୍ଡରେ ସମ୍ପାଦନା ବା ସଂଶୋଧନ କରିବାର ସୁବିଧା ମିଳେ ।




ସାଧାରଣ **ସେୟାର୍‌ୱେୟାର୍**ର ଗୋଟିଏ ନମୁନା ହେଉଛି Address Book ବା ଇ-ମେଲ୍ ଠିକଣା ବହି । ଏଥିରେ ପ୍ରାପକମାନଙ୍କ ଠିକଣା ସହ ଆମେ କିଛି ଟିପ୍ପଣୀ ରଖିପାରିବା । ମନେରଖିବା କଥା ଯେ ଆଗରୁ ସେୟାରୱୟାର ଦୁଇ ପ୍ରକାରର ଥିଲା, ୧୬ ବିଟ୍ ଓ ୩୨ ବିଟ୍ । ୧୬ ବିଟ୍ ୱିଣ୍ଡୋ ୩.୧ ପାଇଁ ଓ ୩୨ ବିଟ୍ ୱିଣ୍ଡୋ ୯୫ ଓ ୯୮ ପାଇଁ ଉଦ୍ଦିଷ୍ଟ ।







ଏଭଳି ଏକ୍ସଟେନ୍‌ସନ୍ (ଫର୍ମାଟ୍) ଫାଇଲରେ ଭାଇରସ୍ ଆସିବାର ଆଶଙ୍କା କମ୍ ।




ଡାଉନ୍ ଲୋଡ୍ କରିବାରେ ସାବଧାନତା

## କୁକି (Cookies)

ଇଣ୍ଟରନେଟରେ ତୁମେ ଯାହା ପଠାଅ ବା ପାଅ ସେ ସବୁ ଅସ୍ଥାୟୀ ଫାଇଲ ରୂପେ କମ୍ପ୍ୟୁଟରରେ ରହିଯାଏ, ତାକୁ ନ ଉଡାଇଲା (ଲିଭାଇବା) ଯାଏ ରହିଥାଏ । ଇଣ୍ଟରନେଟ ବ୍ରାଉଜର ତାକୁ ମାଗିଲେ ସାଙ୍ଗେ ସାଙ୍ଗେ ବାହାରି ପଡେ । ସେଗୁଡିକୁ କୁକି କହନ୍ତି । ଯେତେ ନୂଆ ୱେବ୍ ଖୋଲିବ କୁକି ସଂଖ୍ୟା (ତେଣୁ ମେମୋରୀ) ଏତେ ବଢିଯାଏ, ତୁମ କେଶ୍ ମେମୋରୀ ପାଏ ନାହିଁ, କମ୍ପ୍ୟୁଟର ଚାଲିବା ବା ଖୋଲିବା ଧୀର ହୋଇଯାଏ । ତେଣୁ ମଝିରେ ମଝିରେ ଇଣ୍ଟରନେଟ୍ ଟେମ୍ପୋରାରୀ ଫାଇଲ ସବୁକୁ ଡିଲିଟ୍ କରିବାକୁ (ଲିଭାଇବାକୁ) ପଡେ ।

# ଅନ୍ ଲାଇନ୍, ଅଫ୍ ଲାଇନ୍

ଇଣ୍ଟରନେଟରେ କାମ କରୁଥିବା ବେଳେ ତୁମେ ଅନ୍ ଲାଇନ୍, On line, ଅର୍ଥାତ୍ ଲାଇନରେ ଅଛ । କେବୁଲ ନେଇଥିବା ଲୋକ ସବୁବେଳେ ଅନ୍‌ଲାଇନ, ମାନେ ଆଇଏସ୍‌ପି (ଇଣ୍ଟରନେଟ୍ ଯୋଗାଣକାରୀ) ସହ କନେକ୍ସନ ରହିଥାଏ । ସେ କନେକ୍ସନ୍ କଟିଗଲେ ତୁମେ ଅଫ୍‌ଲାଇନ ହୋଇଗଲ ! ବିଜୁଳି କଟିଗଲେ (ତୁମର ୟୁପିଏସ୍, ଅନ୍‌ଇଣ୍ଟରପ୍‌ଟେଡ୍ ପାୱାର୍ ସପ୍ଲାଏ, ଥିଲେ ବି) ଅଫ୍‌ଲାଇନ, Off Line, ହୋଇଯାଅ । ଲାଣ୍ଡ ଲାଇନ ଟେଲିଫୋନ୍ ତା ଏକ୍ସଚେଞ୍ଜରୁ ପାୱାର ପାଉଥିବାରୁ ବିଏସ୍‌ଏନ୍‌ଏଲ୍ ଭଳି ଫୋନ୍ କମ୍ପାନୀ ସବୁବେଳିଆ (ଅନ୍‌ଲାଇନ୍) ଇଣ୍ଟର୍‌ନେଟ ସେବା ଯୋଗାନ୍ତି । ଅଫ୍‌ଲାଇନ ଦେଖିଲେ ଫୋନ ଖର୍ଚ୍ଚ ବଞ୍ଚିଯାଏ । ଇଣ୍ଟରନେଟରୁ ପୃଷ୍ଠା ଆସିଗଲା ପରେ ଅସ୍ଥାୟୀ ଫାଇଲ୍ ହୋଇଯାଏ । କନେକ୍ସନ୍ କାଟିଦେଇ (ପରଦାରେ ୱାର୍କ ଅଫ୍ ଲାଇନ୍, work off line, କ୍ଲିକ୍ କଲେ ଇଣ୍ଟରନେଟରୁ ବାହାରି ଆସି ଏ ପୃଷ୍ଠାଗୁଡିକୁ ଦେଖିପାରିବ । ହାର୍ଡ ଡିସ୍କ, Hard disk, ରେ କେତେ ଜାଗା ଛାଡିଥିବ ତା ଉପରେ ନିର୍ଭର କରେ ଅସ୍ଥାୟୀ ଫାଇଲରେ କେତେ ୱେବ୍ ପୃଷ୍ଠା ରଖିପାରିବ । ଯଦି ତୁମ କମ୍ପ୍ୟୁଟରର ହାର୍ଡ ଡିସ୍କରେ ବହୁତ ଜାଗା ଅଛି, ତହିଁର ୫% ବା ୧୦% ସଂରକ୍ଷିତ କରି ରଖିଦେଲେ, ବ୍ରାଉଜର ଏ ଜାଗାରେ ୱେବ ପୃଷ୍ଠାଗୁଡିକୁ ରଖିଦେବ । ଏ ପ୍ରକାର ଅସ୍ଥାୟୀ ଭଣ୍ଡାର (ମହଜୁଦ କରାଯିବା ସ୍ଥାନ)କୁ cache memory, କେଶ୍ ମେମୋରି, କୁହନ୍ତି । ଏ ଏକ ତୀବ୍ର ବେଗର ମେମୋରି ଜାଗା । ସ୍ଲାଇଡର୍, Slider କୁ ବ୍ୟବହାର କରି, କେଶ୍ ମେମୋରି କେତେ ରଖିବ ଠିକ୍ କର । ଯେତେ ବଡ ଜାଗା ଏଠି ମାଡିବସିବ offline ରେ ରଖିବା ପାଇଁ ସେତେ ବେଶି ମେମୋରି ମିଳିବ । ଏଥିରେ ଛବି ଏବଂ ଏଚ୍‌ଟିଏମ୍‌ଏଲ୍ ଫାଇଲ୍, ଚଳଚ୍ଚିତ୍ର ବି ରହିପାରିବ । ଫଳରେ ଆଉଥରେ ସେ ତଥ୍ୟ ଖୋଜିଲେ ସାଙ୍ଗେ ସାଙ୍ଗେ ମିଳିଯିବ ।

ପିଲାମାନେ ଗେମ୍‌ସ (ଖେଳ) ବହୁତ ସମୟ କାଟନ୍ତି, ଥରେ ଇଣ୍ଟରନେଟ୍ ଖୋଲି ପାଇଥିବା ଗେମ୍‌ସକୁ ଅଫ୍‌ଲାଇନ୍ କରି ଖେଳ ବୋଲି ପିଲାକୁ ବୁଝାଇବା ଦରକାର ।

କମ୍ପ୍ୟୁଟର କେତେ ଦିନ ଏହି ପୃଷ୍ଠାଗୁଡିକୁ ମନେ ରଖିଥିବ, ସେଥିପାଇଁ ଗୋଟିଏ ଉପାୟ (ଅପ୍ସନ୍, option) ଅଛି, ତାହା ନାଁ ଇତିହାସ, ହିଷ୍ଟ୍ରି, history । କେତେ ଦିନ ମନେରଖିବ ବାଛି ଆପ୍ଲାଏ, apply, (ମନେ ରଖ) ବୋତାମକୁ କ୍ଲିକ୍ କରି ତାପରେ ଓକେ (ଠିକ୍ ଅଛି) ବୋତାମକୁ କ୍ଲିକ୍ କରିବ ! ଏତିକି ହାର୍ଡ ଡିସ୍କ ଭିତରେ ରହିଯିବ । ଯେଉଁଟା ଚାହୁଁଛ ଯଦି କେଶ୍ ମେମୋରିରେ ନଥିବ, କମ୍ପ୍ୟୁଟର କହିବ, କନେକ୍ଟ, connect, ଅର୍ଥାତ୍ ପୁଣି ଇଣ୍ଟରନେଟ ଯୋଡ ।

# ଭାଇରସ୍

ମଣିଷ ଦେହରେ ଯେପରି ଭାଇରସ୍ (ଭୂତାଣୁ) ପଶି ରୋଗ କରାଏ, ସେହି ନଜିରରେ କମ୍ପୁଟରକୁ ଅକାମୀ କରିଦେବାର ପାଠକୁ ଭାଇରସ କୁହାଯାଏ । ସଫ୍ଟୱେଆର୍ ଯୋଗାଇବାର ଜ୍ଞାନ ହାସଲ କରିଥିବା ଲୋକ ଖଳ ପ୍ରକୃତିର ହୋଇଥିଲେ, କମ୍ପୁଟରକୁ ଖରାପ କଲା ଭଳି ପାଠ (ଭାଇରସ୍) ତିଆରି କରି ଇଣ୍ଟରନେଟ୍‌ରେ ଛାଡିଦିଏ । ତୁମେ ଯଦି କୋଣସି ନଥି କମ୍ପୁଟରକୁ ଆଣିବାକୁ (ଡାଉନ୍ ଲୋଡ୍ କରିବାକୁ) ଚାହଁ, ପ୍ରଥମେ ତୁମେ ଦେଖ ସେଥିରେ ଭାଇରସ୍ ଅଛି କି ନାହିଁ । ଖଳ ଲୋକେ ରସାଳିଆ ନାଁ ଦେଇ ତୁମକୁ ଲୋଭାନ୍ତି, ଯେପରି ତୁମେ ତାକୁ ଖୋଲିବାକୁ ଚାହିଁବ । ଖୋଲିଦେଲେ କମ୍ପୁଟରରେ ଭାଇରସ୍ ପଶିଯିବ, ଆସ୍ତେ ଆସ୍ତେ ଫାଇଲ ସବୁ ଖରାପ କରିବ ଦିନେ କମ୍ପୁଟରଟା ବି ଅକାମୀ ହୋଇଯିବ । ଭାଇରସ୍‌କୁ ଜଗିବାକୁ କେତେ ଗୁଡିଏ ଆଣ୍ଟିଭାଇରସ ସଫ୍ଟୱେୟାର୍ ମିଳେ । ତହିଁରୁ କେଉଁଟା ବେଶି ଭଲ କାମ କରେ ତାକୁ ବାଛି ତୁମ କମ୍ପୁଟରରେ ରଖ ଓ ତାହା ଯେପରି ସବୁବେଳେ କାମ କରୁଥାଏ ତା ପ୍ରତି ଲକ୍ଷ୍ୟ ରଖ । ସନ୍ଦେହ ଥିଲେ ନ ଖୋଲି ସେଭ୍ କର, ପରେ ଖୋଲିଲା ପୂର୍ବରୁ ତାକୁ ଆଣ୍ଟିଭାଇରସ୍ ସଫ୍ଟୱେଆର ଦ୍ୱାରା ଯାଞ୍ଚ କରିନିଅ ।

କେତେକ ଫାଇଲ୍ ଉପକାରୀ ସତ, କିନ୍ତୁ ଜାଣିନଥିବା ଉତ୍ସରୁ ଆସିଥିଲେ ସେ ଫାଇଲ୍ ତୁମ କମ୍ପୁଟରକୁ ଖରାପ କରିଦେଇପାରେ ।










ଇମେଲ୍‌ଟିଏ ଖୋଲିଲେ ଯଦି ତହିଁରେ ଭାଇରସ୍ ଥାଏ ତୁମର ଆଣ୍ଟିଭାଇରସ୍ ସଫ୍ଟୱେଆର ତାକୁ ଅଟକାଏ (blocked)।




କୁକି (ମିଠାଇ ନୁହେଁ) ସମ୍ପର୍କରେ ପୃଷ୍ଠା ୨୦-୨୧ ଦେଖ







ରନ୍ ଲାଇଭ୍ ଅପ୍‌ଡେଟ୍ କ୍ଲିକ୍ କଲେ ଅଦ୍ୟତନ (ଅପ୍‌ଡେଟ୍) କରିଦେବ । ଅପ୍‌ଡେଟ୍ (ଅଦ୍ୟତନ) ହୋଇଥିବା ଆଣ୍ଟାଇଭାଇରସ୍ ସଫ୍‌ଟୱେଆରରେ ସାରା କମ୍ପୁଟର ବ୍ୟବସ୍ଥାକୁ ଯାଞ୍ଚ (Scan) କରାଇନେବା ଦରକାର, ଏବେ ଏବେ ବାହାରିଥିବା ଭାଇରସ୍ ଉଡାଇ ଦେଇହେବ ।

## ନର୍ଟନ୍ ଆଣ୍ଟିଭାଇରସ୍ (ଆଣ୍ଟାଇଭାଇରସ୍)

ମଝିରେ ମଝିରେ ଆଣ୍ଟିଭାଇରସ୍ ଦ୍ୱାରା ସ୍କାନ୍ କରାଇନେବ, କେହି ତୁମ କମ୍ପୁଟରରୁ ତଥ୍ୟ ନେବାକୁ (Tracking) ଚାହୁଁଥିଲେ (ଯେପରି ପୃ.୩୮ ତଳ ଛବି ଭଳି) ଦୃଷ୍ଟି ଆକର୍ଷଣକାରୀ ନୋଟିସ୍ ଦିଶିବ । ତାହା ଦୂର କରିବାର ବାଟ ଦେଖାଇବ ।

# ଫାଇଲ୍ ଫର୍‌ମାଟ୍ File Format

ଭିନ୍ନ ଭିନ୍ନ ପ୍ରୋଗ୍ରାମ ଦ୍ୱାରା ତିଆରି ହୋଇଥିବା ଫାଇଲ୍ ଯେଉଁ ରୂପରେ ସାଇତି ରଖା ଯାଇଥାଏ (Saved), ତାକୁ ଫାଇଲ୍ ଫର୍ମାଟ କହନ୍ତି । ଗୋଟିଏ ପ୍ରୋଗ୍ରାମରେ ତିଆରି ହୋଇଥିବା ଫାଇଲ୍ ଆଉ ଗୋଟିଏ ପ୍ରୋଗ୍ରାମ୍‌ରେ ପଢିବା କଷ୍ଟ । କେତେଗୁଡିଏ ସାଧାରଣ ଫାଇଲ୍ ଫର୍‌ମାଟ୍‌ର ଉଦାହରଣ:

ଭିଡିଓ ସଂକୁଚନ, Video Compressed, avi,.mov,.mpg,.qt,.arc,.arj,.gz,.hqx,.sit,.tar,.z,.zip

ଲେଖା, Text:.asc. doc. htm. html., msg. txt. wpd

ଛବି, Image :.bmp. eps. gif. jpg. pict. png. tif

ପ୍ରୋଗ୍ରାମ୍, Program:.bat. com. exe

ଶବ୍ଦ, Sound : .au. mid. ra. snd. wav.

# ପୁରୁଣା ଇମେଲ୍ ଭୁଲିଯାଇଥିଲେ ଖୋଜିବାର ଉପାୟ

ଖୋଜୁଥିବା କୌଣସି ଇମେଲ୍ ନ ପାଇଲେ Find Message ଜାଗାରେ ସମ୍ପର୍କୀୟ ଗୋଟିଏ କି ଦୁଇଟି ଶବ୍ଦ ଲେଖି Go କ୍ଲିକ୍ କର, ବ୍ରାଉଜର ଦେଖାଇଦେବ ।







# ଏକାଧିକ ଠିକଣା ଓ ଟୁ କଲମ (ପ୍ରାପକ ସ୍ତମ୍ଭ)ର ଆବଶ୍ୟକତା

ନିଜେ ପ୍ରାପକ ହୋଇଥିବାରୁ ଟୁ, To, (ପ୍ରାପକ ଠିକଣା) କାହିଁକି ଦରକାର ବୋଲି ପଚାରିପାର । ଆଜିକାଲି ବହୁତ କମ୍ପାନୀ ନୂଆ ନୂଆ ଡୋମେନ୍ ଖୋଲି ନୂଆ ନୂଆ ଇମେଲ ସେବା ଯୋଗାଉଛନ୍ତି । ତୁମର ଅନ୍ୟ ୟୁଆର୍ଏଲ୍, ଇମେଲ୍ ଠିକଣା, ଯଥା ହଟ୍ ମେଲ୍, ଜିମେଲ୍ ଥିଲେ, ସେଠାରୁ ପଠାଇଥିବା ତୁମ ଚିଠିର ଉତ୍ତର ଯଦି ତୁମର ୟାହୁମେଲ୍କୁ ଆସିବାକୁ ଲେଖିଥିବ (ମେଲ୍ ଏକାଉଣ୍ଟରେ Reply to) ତାହା ତୁମେ ଟୁ (ସ୍ତମ୍ଭ)ରୁ ଜାଣିପାରିବ (ପୃଷ୍ଠା ୩୧ ଦେଖ) ଏବଂ ତାକୁ ଖୋଲିବ କି ନାହିଁ ନିଷ୍ପତ୍ତି ନେଇପାରିବ । ଟୁ ନ ଥିଲେ ସବୁ ମେଲ୍ ୟାହୁ ଇନ୍ବକ୍ସରୁ ଯାଇଥିବା ଚିଠିର ଉତ୍ତର ବୋଲି ଭାବିବ ଓ ଖୋଲିବାରେ ସମୟ ନଷ୍ଟ ହେବ ।







ତୁମ ଇନ୍‌ବକ୍ସ କିପରି ସଜାଇବ ? ଟୁଲ୍ ବାର୍ (ଉପାୟ ପଟି)ରେ ଅପ୍ସନ୍ ଉପରେ କ୍ଲିକ୍ କର, ବା ସ୍କ୍ରୋଲ କର, ଗଡାଇଆଣ । 'ମେଲ୍ ଅପ୍ସନ୍‌ସ' ବାହାରିବ, ସେଠି କ୍ଲିକ୍ କର । 'ଜେନେରାଲ' ବାଛ । 'ଟୁ' To ସ୍ତମ୍ଭ ଦେଖାଅ ବୋଲି ବିନ୍ଦୁ ଦେଲେ ହିଁ ଇନ୍‌ବକ୍ସରେ ପ୍ରାପକର ଠିକଣା ଆସିବ ।




ଏକାଧିକ ଇନ୍‌ବକ୍ସ (ଡାକମୁଣି) କରିଥିଲେ, ଯେଉଁ ଇନ୍‌ବକ୍ସକୁ ସବୁବେଳେ ଖୋଲୁଛ ସେଠିକି ଉତ୍ତରଟା ଆସୁ ବୋଲି ଚାହିଁବ । ତେଣୁ ତୁମେ କେଉଁ ଠିକଣାରେ ମେଲ୍ ପାଇବ (Reply to) ତାହା ଦର୍ଶାଇବ । ୟାହୁମେଲ୍‌ରୁ ପଠାଇଥିଲେ ବି ତାହାର ଉତ୍ତର ଜିମେଲ୍‌ରେ ଆସିବ ବୋଲି ଲେଖିପାର, କିମ୍ବା ଓଲଟା ଜିମେଲ୍‌ରୁ ପଠାଇଥିବା ଡାକର ଉତ୍ତର ୟାହୁମେଲ ଠିକଣାକୁ ଆସୁ ବୋଲି ନିର୍ଦ୍ଦେଶ ଦେଇପାର ।






ଭିଡିଓ **ତ୍ୱରାନ୍ୱିତ** କରିବାର ସାଧନ (ସ୍ପିଡ୍ ବିଟ୍ ଭିଡିଓ ଆକ୍ସିଲରେଟର) । ସାଧାରଣ ବ୍ରାଉଜର ତୁଳନାରେ ପ୍ରାୟ ୧୦ଗୁଣ ବେଗରେ **ଡାଉନ୍‌ଲୋଡ୍** କରିଥାଏ । ମାଗଣାରେ (ଫ୍ରି ୱେୟାର) ବା କିଣିବାକୁ ମିଳେ ।






ଯେଉଁ ସୂଚନାଟିକୁ ବେଶି ଥର ବା ବାରମ୍ବାର ଦେଖିବାକୁ ଚାହୁଁଛ ତାକୁ ଖୋଲିଥିଲା ବେଳେ ଫେଭୋରିଟ୍ ତାଲିକାରେ ଯୋଡିଦେଲେ ଆଉଥରେ ଖୋଲିଲା ବେଳକୁ ଫେଭୋରିଟ୍‌ରେ କ୍ଲିକ୍ କରି ଉକ୍ତ ୱେବ୍‌କୁ କ୍ଲିକ୍ କଲେ, ତାହା ଆସିଯିବ ! ପୁଣି ୟୁଆର୍‌ଏଲ୍ ଟାଇପ୍ କରିବାକୁ ପଡିବ ନାହିଁ, କମ୍ପୁଟର ମନେ ରଖିଥିବ ।

ବାରମ୍ବାର ଟ୍ରେନରେ ଆସୁଥିବା କାହାରିକୁ ଆଣିବାର ଥିଲେ ତୁମ ଷ୍ଟେସନରେ ନିର୍ଦ୍ଦିଷ୍ଟ ଟ୍ରେନଟି କେତେବେଳେ ପହଞ୍ଚୁଛି ଜାଣିବାର ୟୁଆର୍‌ଏଲ୍‌ଟିକୁ* ପୂରା ୟୁଆର୍‌ଏଲ୍ ନ ଦେଇ ଏକ ନାମ ଦ୍ୱାରା ଚିହ୍ନଟ କରାଯାଇଛି । ସେହିପରି ଅନ୍ୟ ୟୁଆର୍‌ଏଲ୍‌ର ସଂକ୍ଷିପ୍ତ ନାମ ପାର୍ଶ୍ୱ ତାଲିକାରେ ଅଛି ।

ଇଣ୍ଟରନେଟ୍ ସଂଯୋଗ କଟି ଯାଇ ଥିଲେ ତାହା ହଳଦିଆ ରଙ୍ଗରେ ତଳ ଧାଡିରେ ଦେଖାଯିବ ।

**ଡାଉନ୍‌ଲୋଡ୍ କାଇଦା, ସେଭ୍ କରି ପରେ ଖୋଲ**

ଯଦି ନଥିରେ ଭାଇରସ୍ ଅଛି କି ନାହିଁ ଜାଣିନାହଁ, ତେବେ save ବିକଳ୍ପଟି ନେବ, ତାପରେ ଖୋଲିବା ବେଳେ ଭାଇରସ୍ ଚେକ୍ କରିବ । ପୁଣି ଯଦି ଇ-ମେଲ୍ ଖୋଲି ତାହାର ସଂଲଗ୍ନ ଫାଇଲ୍ ଖୋଲିପାରନାହିଁ, ତେବେ ଫାଇଲ୍‌ଟିକୁ ଆଉ କେଉଁ ପ୍ରୋଗ୍ରାମରେ ଖୋଲିହେବ କମ୍ପୁଟର ସାବଧାନ କରିଦିଏ, ଯଥା database, spreadsheet.




ନୂଆ ମେଲ୍ ପ୍ରୋଭାଇଡର ମାନେ ତାଙ୍କ ଇନ୍‌ବକ୍ସ ବ୍ୟବହାର କରିବାକୁ ଲୋଭ ଦେଖାଉଛନ୍ତି । ଏମିତି ଦେବୁ ସେମିତି ଦେବୁ କହୁଛନ୍ତି । ତୁମ ଇଚ୍ଛା ବା ଦରକାର ଅନୁଯାୟୀ ତୁମେ ପ୍ରୋଭାଇଡର ଠିକ୍ କର ।




ତୁମ ମେଲ କାମ କରୁଛି କି ନାହିଁ ଜାଣିବା ଲାଗି ଅଜଣା ଖଳଲୋକ ମାନେ ଛବି ଭିତରେ ଠିକଣା ଯାଞ୍ଚ କରିବାର ପାଠ ପଠାନ୍ତି, ଏହା ସ୍ପାମ୍, ଅଯାଚିତ ମେଲ୍, ଭିତରେ ଗଣା । ତେଣୁ ଜଣା ଲୋକଠାରୁ ଛବି ପାଇଲେ ଖୋଲ, ଅନ୍ୟକୁ ଅଟକାଇଦିଅ । ମେଲ୍ ପ୍ରୋଭାଇଡରମାନେ (ଏଠି ରିଡିଫ୍‌ମେଲ) ଛବିକୁ ବ୍ଲକ୍ (Block) କରନ୍ତି (ଅଟକାଇ ଦିଅନ୍ତି), ଛବି ବଦଳରେ କାଳିଆ ଇଲାକା ଦେଖାନ୍ତି । ତୁମେ ଯାଞ୍ଚ କରିବାକୁ ସମୟ ପାଇଯିବ, ଚାହିଁଲେ ଛବି ଖୋଲିବ । ନହେତ୍ ମେଲ୍‌ଟା ଲିଭାଇଦେବ (ଡିଲିଟ୍ କରିବ) ।

ମେଲ୍‌ରେ ଆବର୍ଜନା ଓ ଭାଇରସ୍ ଆସେ ବୋଲି କେତେକ ମେଲ୍ ପ୍ରୋଭାଇଡର ସେମାନଙ୍କ ସର୍ଭରରେ ରୋକିବାର ସଫ୍‌ଟୱେଆର ରଖିଛନ୍ତି, ଯଥା ତୁମେ ନ ଚାହିଁବା ଯାଏ ଛବି ନ ଦେଖାଇବା ।

କମ୍ପୁଟର ଭାଷା : ଡିସେବୁଲ୍‌ଡ୍ (Disabled) କାମ କରିବ ନାହିଁ, ଏନେବୁଲ୍‌ଡ୍ (Enabled) କାମ କରିବ

**I have moved to Indyarocks**
Bijay Acharya <2660290@irwebhost5.indyarocks.com> Add

Indyarocks

I have moved to Indyarocks. Now you can check out all my latest photos, videos and blogs a

s at one place..

Click on the link below to join me
Link: http://www.indyarocks.com/register_step1.php?invitor=MjY2MDI5MA==&emailencryp=c2FoYWRJdmFzQHlhaG9vLmNvbQ==

Thanks
Bijay Acharya

**Why did I move?**

At Indyarocks I can

- Access and Share Movies, Games, Music and Cricket for free
- Send unlimited free SMS
- Participate in cool contests and Win Prizes.
- Buy movie tickets, print photos
- Share all my photos, videos and blogs from one place

**Indyarocks Tip**: Accept the invite on ly if you know this user.

Please note: This message was sent to you by a user at Indyarocks.com
wish to receive any invite from this user. Click here if you do not wish to
Indyarocks user. If you have any queries please contact us at privacy@i

s.com. Click here in case you do not
vish to get any invitations from any
acy@indyarocks.com

ନୂଆ ନୂଆ ଇଣ୍ଟରନେଟ୍ ଯୋଗାଣକାରୀମାନେ ଭଲ ଭଲ ବିଭିନ୍ନ ପ୍ରକାରର ସେବା ଯୋଗାଉଛନ୍ତି ବୋଲି କହି ନୂଆ ନୂଆ ଗ୍ରାହକ (ମାଗଣା) ସଂଗ୍ରହ କରନ୍ତି । ଭଲ ଖରାପ ଯାଞ୍ଚ କରିବା ସମୟ ଏଡାଇବା ଲାଗି ସାଙ୍ଗ ଜରିଆରେ ନିମନ୍ତ୍ରଣ ଜଣାନ୍ତି । ଜିମେଲ୍ ଯେତେବେଳେ ପ୍ରଥମେ ବଜାରକୁ ଆସିଲା ଏହି ଭଳି ନିମନ୍ତ୍ରଣ କ୍ରମେ ଗ୍ରାହକ କରୁଥିଲା । ଇଣ୍ଡିଆରକ୍ ୱେବ୍ ସାଇଟ୍ ଏକାଧାରରେ ଫଟୋ, ଭିଡିଓ ଓ ବ୍ଲଗ୍ ଯୋଗାଉଛି ତେଣୁ ମୁଁ ଇଣ୍ଡିଆରକ୍ସ ଗ୍ରାହକ ହେଲିଣି, ତୁମେ ହୁଅ ବୋଲି ମୋର ଏ ନିମନ୍ତ୍ରଣ କହି ଜଣେ ବନ୍ଧୁ ଇମେଲ ଦେଇଛନ୍ତି । ତୁମେ ଚୁପ୍ ରହିଲେ, କିଛି ନ କଲେ, ଦିନେ ଦୁଇ ଦିନରେ ଆଉ ଗୋଟିଏ ମେଲ୍ ଆସିବ ଯେ ତୁମ ସାଙ୍ଗ ଅରାଜି ହେଉଛନ୍ତି ତୁମର ଉତ୍ତର ନ ପାଇ । ଯଦି ଏକାଧିକ ଇମେଲ ସମ୍ଭାଳି ନ ପାରିବ ଏଭଳି ଇମେଲକୁ ଲିଭାଇ ଦିଅ । ଡାହାଣ ପୃଷ୍ଠାରେ ୱେଟ୍‌ପେଣ୍ଟ (wetpaint) ଓ ୟୁଏନ୍‌ୱାଇକେ (UNYK)ର ଏହିଭଳି ଏକ ନିମନ୍ତ୍ରଣ ।

wetpaint

**The e ORISSA Crew wants YOU!**
**Manisha <invite@wetpaint.com>** Add To: sahadeva.sahoo@yahoo

Hi netizens.Please visit this wiki site and join as registred user to share thoughts.I salute all of you.Happy surfing

accept invitation

Please come join Manisha on *e ORISSA*.

e ORISSA is a Wetpaint site, which means it's really easy for the people I invite to come and add what they know to the site.

**Personal invitation from Raviraj Parbat**
**Raviraj Parbat <charbhinti@gmail.com>** Add
To: sahadevas@yahoo.com

UNYK

**Personal invitation from Raviraj Parbat**

Hello,

Finally, a smart and simple way to manage your contacts!

With UNYK, I put all my contacts together in **one address book** that is **automatically updated.** One of my contacts changes his or her information at UNYK.com: My address book is updated. I change information at UNYK.com: My contacts' address books are updated. Simple, but life-changing!

Can I add you as one of my contacts? To accept, click here!

You too can create your own smart address book.

## ରାଇଟ୍ କ୍ଲିକ୍ ମେନୁ

Right click menu, ମାଉସ୍‌ର ଡାହାଣ ପାଖ କ୍ଲିକ୍ କଲେ ଯେଉଁ କାମତାଲିକା (ମେନୁ) ବାହାରେ । ଯେଉଁ ଆଇକନ୍ ପାଖରେ ରାଇଟ୍ କ୍ଲିକ୍ କରିବା ସେଇ ଆଇକନ୍‌ର ପ୍ରପର୍ଟିଜ୍ ବା ଗୁଣକୁ ଦେଖିହେବ, ବଦଳାଇ ହେବ, ତାର ସର୍ଟକଟ୍ କରିହେବ, ଭଣ୍ଡାର (ମେମୋରି) କମାଇହେବ, ଭାଇରସ୍ ସଫା କରିହେବ, ଇ-ମେଲ୍‌ରେ କାହାକୁ ପଠାଇହେବ ବା ଅନ୍ୟ ଫାଇଲ୍ ଭିତରେ ଭର୍ତ୍ତି କରିହେବ ।




ବହୁତ ଲୋକଙ୍କୁ ଏକାବେଳକେ ମେଲ୍ ଦେବାର ସୁବିଧା ଫେସ୍‌ବୁକ୍‌ରେ ଅଛି, କିନ୍ତୁ ଥରେ ସେଥିରେ ପଶିଲେ ବାହାରି ପାରିବ ନାହିଁ, ଅର୍ଥାତ୍ ନାଁ ଲିଭାଇ ପାରିବ ନାହିଁ । ଫେସ୍‌ବୁକ୍ ଭଳି ମାଇଁସ୍ପେସ୍ ବହୁ ଲୋକଙ୍କୁ ମେଲ୍ କରିବାର ବ୍ୟବସ୍ଥା କିନ୍ତୁ ଏଠୁ ବାହାରି ଯାଇହେବ ।

http://www.allindiaonline.in/







ସବୁ ଭାରତୀୟଙ୍କୁ ଏକାଠି କରିବାର ପ୍ରୟାସରେ ଏ ୱେବ୍

Essay - Referral System Turns Patients Into Commodities - NYTimes.com

http://www.nytimes.com/2009/05/26/health/26essa.html?th&emc=th

I was chatting recently with a doctor friend who was depressed because he thought he had lost a referral source.

Enlarge This Image



Mark Alan Miller

"This internist was sending me patients," he told me, as I recall. "Then last month he sent me only one patient. And this month only one patient."

I nodded hesitantly, unsure what he was driving at.

"So I understand something must have happened," he said.

ଦୂର ପର୍ବତ ସୁନ୍ଦର ଯେ ପର୍ଯ୍ୟନ୍ତ ପାଖରେ ଦେଖିନାହଁ, ଇଣ୍ଟରନେଟ୍ ସବୁକୁ ପାଖ କରିଦେଉଛି, ଯଥା ଆମେରିକାରେ ବି ଦଲାଲମାନେ ଡାକ୍ତରଙ୍କୁ ରୋଗୀ ଜୁଟାନ୍ତି ।




କମ୍ପାନୀମାନଙ୍କ ଭିତରେ ପ୍ରତିଯୋଗିତା କାରଣରୁ ଆକ୍ସେସ୍ ପ୍ରୋଭାଇଡର ମାନେ ନୂଆ ନୂଆ ଫିଚର (ସୁବିଧା) ଯାଚନ୍ତି । ଯଥା: ୟାହୁମେଲ୍‌ର ଦୁଇଟି ନୂଆ କାମ— ସବୁ ସଂଲଗ୍ନିକାକୁ ଏକାବେଳକେ ଡାଉନ୍‌ଲୋଡ୍ କରିବା, ମୋବାଇଲ୍‌ରେ ଇମେଲ୍ ପାଇବା ।







ଉପରର ଚେତାବନୀକୁ ସୁଧାରିବାକୁ, ଅଦ୍ୟତନ କରିବାକୁ, ଯାଇ ଏ ଉତ୍ତର ମିଳିଲା । କ୍ୱିକ୍‌ହିଲ୍ ସପୋର୍ଟ ମାଗିବାରୁ ଯାହା ମିଳିଲା ତାହା ପର ପୃଷ୍ଠାରେ

General Update problems - Powered By Kayako eSupport - Microsoft Internet Explorer

http://support.quickheal.com/esupport/index.php?_m=knowledgebase&_a=viewarticle&kbarticleid=50

eSupport

Support Center » Knowledgebase » General Update problems

## General Update problems

Solution

For general update problem go through this article.

There are two possibilities if your QH license is not getting updated.

1] Either your system is infected by worm Kido.
2] Or Quick Heal is not getting updated due to heavy traffic on our server.

Now how to identify whether QH is not getting updated due any of above mentioned reasons.

Step 1 :

Well, check the error message you are receiving while trying to update Quick Heal, by going through start->Programs->Quick Heal->Quick Update.

Is it "Unable to detect Internet connection...." ?
If so, then check if www.quickheal.com is getting open on your Pc.

If not, then there are chances that your system is infected by worm kido, to remove this worm from your computer, visit below URL.

http://support.quickheal.com/esupport/index.php?_m=knowledgebase&_a=viewarticle&kbarticleid=41&nav=0,11

Alternate URL :

http://74.55.60.172/esupport/index.php?_m=knowledgebase&_a=viewarticle&kbarticleid=41&nav=0,11

Step 2:

If www.quickheal.com is getting open on your Pc, and you are getting message as
* "Unable to detect Internet connection..",
* "Connection disconnected from remote side."
* "Your Quick Heal license is up to date":

# ଅବିରତ ଡାଉନ୍ ଲୋଡ୍ ଉପାୟ

ଅନେକ ପ୍ରୋଗ୍ରାମ୍ ଡାଉନ୍‌ଲୋଡ୍ କରିବା ବେଳେ ବହୁତ ସମୟ ନିଏ, କାରଣ ସେଗୁଡିକ ଖୁବ୍ ବଡ । ଡାଉନ୍ ଲୋଡ୍ କରୁ କରୁ ବିଜୁଳି ଚାଲିଯିବା ଯୋଗୁଁ ହେଉ କି ଅନ୍ୟ କାରଣରୁ ହେଉ ଇଣ୍ଟରନେଟ୍ ବନ୍ଦ ହୋଇଯାଏ । ଡାଉନ୍‌ଲୋଡ୍ କଟିଯାଏ, ପୁଣି ମୂଳରୁ ଡାଉନ୍‌ଲୋଡ୍ ଆରମ୍ଭ କରିବାକୁ ପଡେ । ଜିନିଷ ଗଲା, ସମୟ ବି ନଷ୍ଟ, ଖର୍ଚ୍ଚ ବଢେ । ଏ ଅସୁବିଧା ଏଡାଇବା ପାଇଁ, ଡାଉନ୍ ଲୋଡ ଯେଉଁଠି କଟିଗଲା ସେଇଠୁ ଡାଉନ୍ ଲୋଡ୍ ପୁଣି ଆରମ୍ଭ କରିବା ପାଇଁ Godzilla, (ଗୋଡ୍‌ଜିଲା) NetAnts (ନେଟ୍‌ଆଣ୍ଟସ୍) ଭଳି ପାଠ ଅଛି । ଏ ସଫ୍‌ଟୱେୟାର୍ ଅନ୍ ଥିଲେ ଡାଉନ୍‌ଲୋଡ୍ କରୁଥିବାବେଳେ କନେକ୍ସନ୍ କଟିଗଲେ ବି ପୁଣି କନେକ୍ସନ ମିଳିଲେ ଯେଉଁଠି ବନ୍ଦ ହୋଇଥିଲା ସେହିଠୁ ଆରମ୍ଭ ହେବ, ମୂଳରୁ ଆରମ୍ଭ କରିବା ଦରକାର ହେବନାହିଁ ।

ଇଣ୍ଟରନେଟ୍ ମାଧ୍ୟମରେ ହଜାର ହଜାର ରକମର ଛୁଆଙ୍କ ଖେଳ ମାଗଣାରେ www.kidsdomain.com ବା Universal Studio ଚଳାଉଥିବା Kid's Playroom ରୁ ଡାଉନ୍‌ଲୋଡ୍ କରିହେବ । ସଙ୍ଗୀତ ଶିକ୍ଷା, ବିଦେଶୀ ଭାଷା ଶିକ୍ଷା, ଓସ୍ତାଦ୍ ଭଳି ଚିତ୍ର ଆଙ୍କିବା, ଧର୍ମ ଦର୍ଶନ ଗଣିତ ଓ ବିଜ୍ଞାନ ଆଦି ଶିଖିବାର କୌଶଳ ମିଳେ । ସବୁ ଯଦି ତୁମେ ଡାଉନ୍‌ଲୋଡ୍ କରିବ ବହୁତ ଜାଗା ମାଡି ବସିବ, ତୁମ ପର୍ସନାଲ୍ କମ୍ପୁଟର୍ ଧୀର ହୋଇଯିବ । ତେଣୁ ଅତି ଦରକାର ନଥିଲେ ଡାଉନ୍‌ଲୋଡ୍ କରନାହିଁ ବା ଡାଉନ୍‌ଲୋଡ୍ କରିଥିଲେ ଲିଭାଇଦିଅ ।

ଇତିମଧ୍ୟରେ ଇଣ୍ଟରନେଟ୍ ବହୁତ ଆଗେଇଛି । ଖୁବ୍ ଜୋରରେ ଡାଉନଲୋଡ୍ କରିବା ଲାଗି ସ୍ପିଡ୍‌ବିଟ୍ ଆକ୍ସିଲରେଟର ଭଳି ସଫ୍‌ଟୱେୟାର ଭିଡିଓ ଭଳି ଖୁବ୍ ବେଶି ମେମୋରୀର ଡାଉନଲୋଡ୍ ପାଇଁ, ପୁଣି ଛବି ନ ଦେଇଁ (ବଫରିଂ ନକରି) ଦେଖିବାର ଏ ଏକ ଭଲ ଉପାୟ । ଯେଉଁଠି ବନ୍ଦ ହୋଇଥିଲା ସେହିଠୁ ଆରମ୍ଭ କରିବ ।

ଡାଉନ୍ ଲୋଡ୍ ହେଉଛି ବୋଲି କାଗଜ ପର୍ଦ୍ଦ ଉଡିଯାଉଥିବାର ଛବି,




ଫର୍ଦ୍ଦଟି ଖସିପଡିଲେ (ଡାଉନ୍ ଲୋଡ୍ ହେଲେ) ଲାଲ ବିସ୍ଫୋରଣ ଛବି ଆସିବ ।









## ପୋର୍ଟେବ୍ଲ ଡିଜିଟାଲ ଫର୍ମାଟ୍ (ବହନଶୀଳ ରୂପ) ଓ ଛପାଇବା

ଡାଉନ୍‌ଲୋଡ୍ ଛପାଇ ରଖିବାକୁ ଚାହିଁଲେ ପୋର୍ଟେବ୍ଲ ଡିଜିଟାଲ ଫର୍ମାଟ୍ (ପିଡିଏଫ୍) ଭଳି ଫାଇଲ ସୃଷ୍ଟି ହୁଏ ନାହିଁ । ଛବି ଆକାରରେ ଛପାଅ (ପ୍ରିଣ୍ଟ ଆଜ୍ ଇମେଜ୍), ବଡ ପୃଷ୍ଠାକୁ କାଗଜ ଆକାରର କର, ବୁଲାଇ ସିଧା କର ଓ କେନ୍ଦ୍ରରେ ରଖ, - କହିଲେ ଛପା ସୃଷ୍ଟି ହେବ । ଯେ କୌଣସି ଭାଷାର ପିଡିଏଫ୍‌କୁ ଇଣ୍ଟରନେଟ୍‌ରେ ପଠାଇହୁଏ, ପାଇବାଲୋକ ସେ ଭାଷାର ଫଣ୍ଟ (ବର୍ଣ୍ଣମାଳା)ର ସଫ୍‌ଟୱେଆର୍ ରଖିବା ଦରକାର ନାହିଁ । ଲେଖା ଡିଜିଟାଲ ଅର୍ଥାତ୍ ଲେଖାର ପ୍ରତି କଣା ବା ବିନ୍ଦୁ ଜ୍ୟାମିତିର ଗ୍ରାଫ୍ ଆକାରରେ, ଏକ୍ସ ଓ ୱାଇ କୋଅର୍ଡିନେଟ୍‌ରେ ଲିଖିତ ହୋଇ ରହୁଥିବାରୁ ଫର୍ଦ୍ଦର ନିର୍ଦ୍ଦିଷ୍ଟ ସ୍ଥାନରେ ରହିଯାଏ । ଛବି ପୋର୍ଟେବ୍ଲ (ସହଜରେ ନେବା), ହୁଏ । ପୃ ୮୮ ବି ଦେଖ ।)

# ମୋଡେମ୍ ଓ ଫାକ୍ସ

ଇଣ୍ଟରନେଟ ସହ ସଂଯୁକ୍ତ ହେବା ଲାଗି କେବୁଲ କନେକ୍ସନ ବା ଟେଲିଫୋନ କନେକ୍ସନ ନେଲେ କଥା ସରେ ନାହିଁ । କମ୍ପୁଟରରେ ଗୋଟିଏ ମୋଡେମ୍ ଲାଗିଥିବା ଦରକାର । ମୋଡେମ୍ ହେଉଛି ଦୁଇଟି ଶବ୍ଦର ଯୋଖାରୁ ଗଢା ଗୋଟିଏ ସଂକର ଶବ୍ଦ । modulator, ମୋଡୁଲେଟର୍ ପ୍ରଥମ ଦୁଇ ଅକ୍ଷର ମୋ (mo), demodulator, ଡିମୋଡୁଲେଟର୍ ପ୍ରଥମ ତିନିଅକ୍ଷର ଡେମ୍ (dem), ମିଶି ହୋଇଛି ମୋଡେମ୍ । କଥା ବା ସୂଚନା ପଠାଇଲା ବେଳେ ମୋଡେମ୍‌ଟି ମୋଡୁଲେଟ୍ କରେ, କମ୍ପୁଟରର ଇଲେକଟ୍ରନିକ ସିଗ୍‌ନାଲକୁ ସାଉଣ୍ଡୱେଭ୍‌ରେ (ଶବ୍ଦତରଙ୍ଗରେ) ରୂପାନ୍ତର କରେ । ତାହା କେବୁଲ ବା ଫୋନ୍-ତାର ବାଟେ ଯାଇ ଅନ୍ୟ କମ୍ପୁଟରରେ ପହଞ୍ଚିଲେ, ସେଠାରେ ମୋଡେମ୍ ଓଲଟା କାମ କରେ, ସାଉଣ୍ଡ ସିଗ୍‌ନାଲକୁ ଡିଜିଟାଲ (ସଂଖ୍ୟାଭିତ୍ତିକ) ଇଲେକ୍‌ଟ୍ରୋନିକ୍ ସିଗ୍‌ନାଲରେ ରୂପାନ୍ତର କରେ । ଆଗେ ମୋଡେମ୍ ଆନାଲଗ୍ ଭିତ୍ତିରେ ଚାଲୁଥିଲା । ବ୍ରଡ୍‌ବେଣ୍ଡ ଟେକ୍ନୋଲୋଜି ଆସିଗଲା ପରେ ଡିଜିଟାଲ ହୋଇଯାଇଛି । ତାର ବା ବେତାରରେ ଆନାଲଗ୍ ଲାଇନରେ ସୂଚନା ଆସେ । ସୂଚନା ପଠାଇଲା ବେଳେ ଓ ପହଞ୍ଚିଲା ବେଳେ ଡିଜିଟାଲରେ ପରିବର୍ତ୍ତିତ ହୁଏ । ପ୍ରଥମେ ଗଲାବେଳେ ମୋଡୁଲେଟ୍ (ଡିଜିଟାଲରୁ ଆନାଲୋଗ) କରି ପହଞ୍ଚିଲା ବେଳକୁ ଡିମଡୁଲେଟ (ଆନାଲୋଗରୁ ଡିଜିଟାଲ) କରେ ବୋଲି ଏହାର ନାମ ମୋଡେମ ।

ଫାକ୍ସ ମେସିନ୍‌ରେ ୩ଟି ଜିନିଷ ଥାଏ, ସ୍କାନର, ମୋଡେମ୍ ଏବଂ ପ୍ରିଣ୍ଟର । ଯଦି ତୁମର ପର୍ସନାଲ୍ କମ୍ପୁଟର, ପ୍ରିଣ୍ଟର୍ ଓ ମୋଡେମ୍ ଅଛି, ତେବେ ଶସ୍ତା ସ୍କାନରଟିଏ ଲଗାଇଲେ, ଫାକ୍ସ ମେସିନ୍ କିଣିବା ଦରକାର ନାହିଁ । ଅଧିକାଂଶ ମୋଡେମ୍‌ରେ ଓ ସ୍କାନରରେ ଫାକ୍ସର ସଫ୍‌ଟୱେଆର୍ ଥାଏ । ୱିଣ୍ଡୋ ୯୫ର ଅଙ୍ଗ ରୂପେ ମାଇକ୍ରୋସଫ୍‌ଟ ଫାକ୍ସ ଓ ୱିଣ୍ଡୋ ୯୮ରେ ଆଟ୍‌ୱାର୍କ ଫାକ୍ସ ସଫ୍‌ଟୱେଆର୍ ଥାଏ । ଏହାକୁ ଇନ୍‌ଷ୍ଟାଲ କରିବା (ପୂରେଇବା) ପୂର୍ବରୁ ଗୋଟିଏ ମାଇକ୍ରୋସଫ୍‌ଟ ମେଲ୍‌କ୍ଲାଏଣ୍ଟ ଥିବା ଦରକାର । ଯଦି ନାହିଁ, ୱିଣ୍ଡୋଜ୍ ୯୮ ସିଡି-ରୋମ୍‌ରୁ ସେହି ପାଠ ଆଣି ପୂରାଇ, ୱିଣ୍ଡୋଜ୍ ୯୮ରୁ, Start, Setting ଓ ପରେ Control Panelକୁ କ୍ଲିକ୍ କର, Add/Removeକୁ ଦୁଇଥର କ୍ଲିକ୍ କରି, Install/uninstall କ୍ଲିକ୍ କର, ତା ପରେ Microsoft Outlook ୯୮ କ୍ଲିକ୍ କରି, Add/Removeକୁ କ୍ଲିକ୍ କର । Add New Components କୁ ତା ପରେ କ୍ଲିକ୍ କଲେ କମ୍ପୁଟର ପଚାରିବ, ୱାର୍ଲ୍ଡ ୱାଇଡ୍ ୱେବ୍ ନା ସିଡି-ରୋମ୍ କେଉଁଥିରୁ ନେବ । ଦ୍ୱିତୀୟଟି ବାଛିବ । ଆଉଟ୍‌ଲୁକ୍ ଏବେ ଇଣ୍ଟରନେଟ୍ ଏକ୍ସପ୍ଲୋରର ଆରମ୍ଭ କରିଦେବ, ୱେବ୍ ପେଜ୍‌କୁ ଯୋଡିଦେବ । Symantec Winfax Starter Edition କ୍ଲିକ୍ କରି ତା ପରେ Next କ୍ଲିକ୍ କଲେ ପାଠ ପୂରେଇବା (ଇନ୍‌ଷ୍ଟାଲେସନ୍) ସମ୍ପୂର୍ଣ୍ଣ ହୋଇଗଲା । ସବୁ ପ୍ରୋଗ୍ରାମ୍ ବନ୍ଦ କରି ଏବେ କମ୍ପୁଟର ରିଷ୍ଟାର୍ଟ କରିଦେଲେ ମୋଡେମ୍ ଡାଏଲ୍ କରି ଫାକ୍ସ ପଠାଇବ । ପାଇବାବାଲାର ଫାକ୍ସ ମେସିନ୍ ଥାଉ କି ମୋଡେମ୍ ଥାଉ, ସେ ଫାକ୍ସ ପାଇବ । Symantec, ସିମାଣ୍ଟେକ୍, କମ୍ପାନୀର ୱିନ୍‌ଫାକ୍ସପ୍ରୋ WinFaxpro

ସଫ୍‌ଟୱେୟାର୍‌ଟି ଭଲ ବୋଲି କୁହାଯାଏ । ଏଥିରେ ପ୍ରାୟ ୨୦୦ ପ୍ରଥମ ପୃଷ୍ଠା (ମଲାଟର) ନକ୍ସା (cover-page designs), ମାଇକ୍ରୋସଫ୍‌ଟ ଏକ୍ସଚେଞ୍ଜ୍ ଫୋନ୍‌ବୁକ୍ ସହିତ ମେଳ କରିବା ବ୍ୟବସ୍ଥା, ଆଦି ଅଛି । ମାଇକ୍ରୋସଫ୍‌ଟ ଫାକ୍ସ ଭଳି ଅଧିକାଂଶ ସଫ୍‌ଟୱେୟାରରେ ଏକାଧିକ ଡିଜାଇନ୍‌ର ମଲାଟ ବା କଭର ପେଜ୍ ଥାଏ, ଏହା ଉପରେ ତୁମେ ବାର୍ତ୍ତା ପଠାଇ ପାରିବ । ଛବି ବା ପିକ୍‌ଚର୍ ପୋଷ୍ଟ କାର୍ଡରେ ଚିଠି ଲେଖିଲା ଭଳି ଏ ବେଶ୍ ବଢ଼ିଆ ଦିଶିବ । ଯଦି ଜଣେ ଜଣାଶୁଣା ଲୋକଙ୍କୁ ଫାକ୍ସ କରୁଛ, ମଲାଟ ଦରକାର ନାହିଁ । ସମୟ ଓ ୱେବ୍‌ସାଇଟ୍ ଖର୍ଚ୍ଚ ବଞ୍ଚିବ, ପାଇବାବାଲାର ବି କାଗଜ କମ୍ ଦରକାର । ଯଦି କୌଣସି କମ୍ପାନୀ ବା ଅଜଣା ଲୋକକୁ ପଠାଅ, ତେବେ ସେଥିରେ ଚିଠି ନଂ, ତାରିଖ, ବିଷୟବସ୍ତୁର ଶିରୋନାମା, କେତେ ପୃଷ୍ଠା ପଠାଇଲ, ତାହା ସବୁ ଦେବାକୁ ପଡ଼େ । ନିଜର ସନ୍ତକ ବା ଲୋଗୋ ରଖିପାର । ଦସ୍ତଖତକୁ ସ୍କାନ୍ କରି ଫାକ୍ସରେ ରଖିପାରିବ । ଯଦି ସ୍କାନର ନାହିଁ ଜଣେ ଫାକ୍ସ ରଖିଥିବା ସାଙ୍ଗ ପାଖକୁ ଦସ୍ତଖତ ଫାକ୍ସରେ ପଠାଇବ ଓ ସେ ଫେରନ୍ତା ଫାକ୍ସରେ ତୁମକୁ ପଠାଇବାକୁ କହିବ, ତାକୁ ପାଇ କ୍ଲିପ୍ କରି କମ୍ପ୍ୟୁଟରରେ ରଖିବ, ତାହା ହେବ ତୁମ ଦସ୍ତଖତ । ଫାକ୍ସ କଭର ପେଜ୍ ମଲାଟଟି ମଧ୍ୟ ଲେଟର ହେଡ୍ ଭଳି କାମ କରିପାରିବ ।

କମ୍ପ୍ୟୁଟର ଫାକ୍ସ ଗୋଟିଏ ସ୍ୱତନ୍ତ୍ର ଫାକ୍ସ କଳଠାରୁ ୩ଟି ଦୃଷ୍ଟିରୁ ଭଲ । ଅଧିକାଂଶ ଫାକ୍ସ ମେସିନ୍‌ରେ ସ୍କାନିଙ୍ଗ୍ ହେଡ୍ ଲୁଚିରହିଥାଏ, ତେଣୁ ସଫା କରିହୁଏନାହିଁ । ବେଳେ ବେଳେ କାଳି ଛିଟିଲା ଭଳି ବା ଗାର ଗାର ଆସେ । ପାଇବା ଲୋକ ନ କହିବା ପର୍ଯ୍ୟନ୍ତ ତୁମେ ଜାଣିପାରିବ ନାହିଁ । କମ୍ପ୍ୟୁଟରରୁ ବାହାରୁଥିବା ଫାକ୍ସ ସବୁବେଳେ ସ୍ୱଚ୍ଛ । ଆସୁଥିବା ଫାକ୍ସଗୁଡ଼ିକ କମ୍ପ୍ୟୁଟରର ହାର୍ଡ ଡିସ୍କରେ ରହିଯିବା ଯୋଗୁଁ ତୁମେ ଯେତେବେଳେ ଚାହିଁବ ପଢ଼ିପାରିବ, ସଂଶୋଧନ କରିପାରିବ ବା ଛପେଇ ପାରିବ । ସବୁଠୁ ବଡ଼ କଥା ହେଉଛି ୩ୟ ଲାଭ, ଫାକ୍ସ ମେସିନରେ କାଗଜ ନଥିଲେ ଫାକ୍ସ ଗ୍ରହଣ କରେ ନାହିଁ । କିନ୍ତୁ କମ୍ପ୍ୟୁଟର- ଫାକ୍ସ ହାର୍ଡ ଡିସ୍କରେ ସାଧାରଣତଃ .tif ଫର୍ମାଟରେ ରହିବ । ପ୍ରିଣ୍ଟ ଦରକାର ହେଲେ କାଗଜ ପୂରେଇବ । କମ୍ପ୍ୟୁଟର ଖୋଲାଥିଲେ, ଫାକ୍ସ ଆସୁଛି ବୋଲି ଗୋଟିଏ ଶବ୍ଦ ହେବ ବା ଛବିଟିଏ ପରଦାରେ ଆସିଯାଏ, କ୍ଲିକ୍ କଲେ ଫାକ୍ସ ଦେଖାଯିବ । ସବୁ ଫାକ୍ସ ସଫ୍‌ଟୱେଆର ଦୁଇ ଉପାୟରେ ବ୍ୟବହାର କରାଯାଇପାରେ । ପ୍ରୋଗ୍ରାମ୍ ଆରମ୍ଭ କରି କଣ ଫାକ୍ସ କରିବ ତାହା ଠିକ୍ କରିବ । ତା ପରେ Send ବୋତାମକୁ କ୍ଲିକ୍ କରିବ । କିମ୍ବା Word processor ବା ଅନ୍ୟ ଆପ୍ଲିକେସନରେ ଫାକ୍ସକୁ ବିକଳ୍ପମୁଦ୍ରକ, printer, ହିସାବରେ ବାଛିବ । ମୋଡେମ୍ on ଥିଲେ କାମ ବନ୍ଦ ନ କରି ମଧ୍ୟ ଫାକ୍ସ ପାଇ ପାରିବ । ମାଇକ୍ରୋସଫ୍‌ଟ ୱେବ୍‌ସାଇଟ୍‌ରୁ Imaging for Windows ଡାଉନ୍‌ଲୋଡ୍ କରିଥିବା ଫାକ୍ସ ଛାପିବା ପୂର୍ବରୁ ନିଜର ମତାମତ ଯୋଡ଼ି ପାରିବ କିମ୍ବା ଫାକ୍ସଟିକୁ ଅନ୍ୟ କାହାକୁ ପଠାଇ ଦେଇ ପାରିବ ।

# ଇ-ମେଲ୍ ଠିକଣା ଖୋଜିବା

କୋଟି କୋଟି ଲୋକ ଇ-ମେଲ୍ ଗ୍ରାହକ । ଯଦି ତୁମେ ବନ୍ଧୁଙ୍କ ଠିକଣା ଜାଣିନ, ତାହା ପାଇବ କିପରି? WhoWhere, Four11, Bigfoot, ଭଳି ୱେବ୍‌ସାଇଟ୍ ବ୍ୟକ୍ତିବିଶେଷ ଓ ବ୍ୟବସାୟୀ ମାନଙ୍କର ଇ-ମେଲ୍ ଠିକଣା ରଖନ୍ତି । ୟାହୁମେଲ୍ ଭଳି ସର୍ଭିସ୍ ପ୍ରୋଭାଇଡରମାନେ ସେମାନଙ୍କ ହୋମ୍ ପେଜ୍‌ରେ ଲୋକଙ୍କ ଇମେଲ ଖୋଜିବା ସୁବିଧା ଦେଇଛନ୍ତି । ନାମ ସହ ଅଞ୍ଚଳ ନାଁ ଦେଲେ ଇମେଲ ଠିକଣା ମିଳିଯାଏ । ପୂରା ଲେଖିବା ଦରକାର ନାହିଁ, ମୁଖ୍ୟ ଶବ୍ଦ (କି' ୱାର୍ଡ) ଟାଇପ୍ କରିଦେଲେ ସର୍ଚ୍ଚ ଆରମ୍ଭ ହୋଇଯାଏ, ଯଦି ନମିଳିଲା, ବିକଳ୍ପ କଣ କଣ ହୋଇପାରେ ପରାମର୍ଶ ଦିଏ । ନେଟ୍‌ସ୍କେପ୍ ମେସେଞ୍ଜର, ମାଇକ୍ରୋସଫ୍‌ଟ ଆଉଟ୍ ଲୁକ୍ ଏକ୍ସପ୍ରେସ୍, ୟାହୁମେଲ ଓ ୟୁଡୋରା ଭଳି କେତେକର ନିଜ ପୃଷ୍ଠାରେ ସର୍ଚ୍ଚ ଇଂଜିନ୍ ସୁବିଧା ଅଛି । ଠିକଣା ଖୋଜିବାର ସାଇଟ୍ ତିନି ପ୍ରକାରର - ସର୍ଚ୍ଚ ଇଂଜିନ୍, ୱେବ୍ ଡାଇରେକ୍ଟୋରିଜ୍ ଓ ସମାନ୍ତରାଳ ତଥା ମେଟାସର୍ଚ୍ଚ ସାଇଟ୍ । ଏକ୍ସାଇଟ୍, Exciete, ଓ ହଟ୍ ବଟ୍, HotBot, ଭଳି ସର୍ଚ୍ଚ ଇଂଜିନ୍, ୱେବ୍ ସ୍କୋଲର୍ ବା ସ୍ପାଇଡର ଭଳି ସଫ୍‌ଟ୍‌ୱେଆର୍ ବ୍ୟବହାର ହୁଏ, ଗୋଟିଏ ୱେବ୍ ସାଇଟରୁ ଆଉ ଗୋଟିଏ ୱେବସାଇଟକୁ ଗତି କରେ । ଲକ୍ଷ ଲକ୍ଷ ୱେବ୍ ସାଇଟକୁ ଛୁଇଁ ତାକୁ ଅଦ୍ୟତନ, ଅଦ୍ୟାବଧି (ଅପ୍‌ଟୁଡେଟ୍) କରେ । ଏ କାମ କରିବା ପାଇଁ କେତେକ ସମ୍ପାଦକ ବା ଏଡିଟର ନିଯୁକ୍ତ ଥାନ୍ତି ।

# ସାଇବର୍‌ସ୍ପେସ୍ ଓ ଭଦ୍ରାମି

ସାଇବର୍ ମାନେ ଜୀବ ଅଜୀବ ଭିତରେ ସ୍ୱତଃ ଚଳମାନ ଓ ଯୋଗାଯୋଗ ବ୍ୟବସ୍ଥା । ସ୍ପେସ୍ ମାନେ ସ୍ଥାନ ବା ଦୁନିଆ, କମ୍ପ୍ୟୁଟର ଭିତରର ଦୁନିଆକୁ ସାଇବର ସ୍ପେସ୍ କହନ୍ତି । ନିୟମ, ଆଦବ କାଇଦା, ମାନିବାକୁ ଏଟିକେଟ୍, ଇଣ୍ଟରନେଟ୍‌ରେ ତା ମାନିବାକୁ, ଭଦ୍ର ବ୍ୟବହାରକୁ, ନେଟିକେଟ୍, Netiquette, କହନ୍ତି । ସ୍ପାମିଙ୍ଗ୍ ବା ଗୋଟିଏ ବାର୍ତ୍ତାକୁ ବହୁତ ଲୋକଙ୍କୁ ବା ଚାହୁଁନଥିବା ଲୋକକୁ ପଠାଇବା ଏକ ଅଭଦ୍ରାମି । ଇଣ୍ଟରନେଟରେ ଶବ୍ଦ-ସଂକ୍ଷେପ ବ୍ୟବହାର ଅଭଦ୍ରାମି ନୁହେଁ, ଯଥା IRL, in real life, ବାସ୍ତବ ଜୀବନରେ, ପାରିବାରିକ ଜୀବନରେ । FYI, for your information, ତୁମ ଗୋଚରାର୍ଥେ (ଜାଣିବା ପାଇଁ), :-smiley face, ହସୁଛି (ପୃଷ୍ଠା ୧୪। ସୌଜନ୍ୟର ଆଉ ଗୋଟିଏ ଦିଗ ଇ-ମେଲ୍ ପଠାଇବାରେ । ଧର, ସହଦେବ ଠିକଣା ଖୋଜିଲ, 'ସହଦେବ' ନାମଧାରୀ ସମସ୍ତଙ୍କ ଇ-ମେଲ୍ ଠିକଣା ଆସିବ । ଏ ବଡ ତାଲିକା ଭିତରୁ ତୁମ ସହଦେବକୁ ଚିହ୍ନିବ କିପରି? ଗୋଟିଏ 'ସହଦେବ'କୁ ବାଛି ତାକୁ ନମ୍ରତା ସହକାରେ ଇ-ମେଲ୍‌ଟିଏ ପଠାଇ ପଚାରିବ, ଆପଣ ଅମୁକ ସହଦେବ କି? ଏ ହେଉଛି ନେଟିକେଟ୍, ନେଟ୍ ସୌଜନ୍ୟତା । ତାଙ୍କଠାରୁ ହଁ ପାଇଲା ପରେ ବ୍ୟକ୍ତିଗତ, ଗୋପନୀୟ, ବାର୍ତ୍ତା ପଠାଇବ । ନଚେତ୍ ତୁମ ଘରୋଇ କଥା ବାହାରେ ପଡିଯିବ ଯେ !




## ଯାବତୀୟ ସମସ୍ୟାର ସମାଧାନ

କମ୍ପ୍ୟୁଟରଟି ଅସୁବିଧା କଲେ, ଘରେ ବସି ପର୍ସନାଲ୍ କମ୍ପ୍ୟୁଟର ବ୍ୟବହାର କରୁଥିବା ଲୋକ ଗୋଟିଏ ବଡ ସମସ୍ୟାର ସମ୍ମୁଖୀନ ହୁଏ । ତେବେ ଗୁଡିଏ ନିଉଜ୍ ଗ୍ରୁପ୍, News groups, ସାହାଯ୍ୟ ଯୋଗାନ୍ତି । ଯଥା, ମାଇକ୍ରୋସଫ୍ଟ, microsoft ଓ ପବ୍ଲିକ୍, public । କେତେକ ପ୍ରଶ୍ନୋତ୍ତର ସୁବିଧା ଯୋଗାଇ ଜ୍ଞାନୀ ଲୋକେ ତୁମ ପ୍ରଶ୍ନର ସମାଧାନ କରିପାରନ୍ତି । ସେହିଭଳି କେତେକ ନିଉଜ୍ ଗ୍ରୁପ୍‌କୁ ଡିସ୍କ ମାନେଜ୍‌ମେଣ୍ଟ୍, disk management, ପାଇଁ ତ, କେତେକ ପ୍ରିଣ୍ଟିଙ୍ଗ୍, printing, ଅର୍ଥାତ୍ ଛପାଇବା ବିଷୟରେ ପ୍ରଶ୍ନ କରିପାରିବ । ଡେଜାନିଉଜ୍ ପାଇବାଲାଗି http://dejanews.com କ୍ଲିକ୍ କରିବ, ପ୍ରଥମେ ଗୁଗ୍ଲର ୱେବ୍ ପୃଷ୍ଠା ଦେଖିବ, ବିଭିନ୍ନ ବିଷୟର ଏକ ସୂଚୀପତ୍ର । ଅଧିକାଂଶ ପ୍ରଶ୍ନର ଉତ୍ତର ସେମାନଙ୍କ ୱେବପେଜ୍‌ରେ ଥାଏ, ଆଉଥରେ ପଚାରିଲେ ଅଭଦ୍ରାମି ହୁଏ । ଉତ୍ତର ନଥିଲେ କମ୍ପୋଜ୍, Compose, ବୋତାମଟି ଟିପି ପ୍ରଶ୍ନ ଲେଖି ତା ସଙ୍ଗରେ ନିଜ କମ୍ପ୍ୟୁଟରର ସବୁ ଟେକ୍ନିକାଲ ତଥ୍ୟ ଯୋଗାଇ ଇ-ମେଲ୍ କଲେ ତୁମେ ଉତ୍ତର ପାଇପାରିବ । ତୁମେ ଚାହୁଁଥିବା ବିଷୟର ଶିରୋନାମା ବା କେତେ ଗୁଡିଏ ମୁଖ୍ୟ ଶବ୍ଦକୁ ଧରି ପଚାରିଲେ ଇଣ୍ଟରନେଟ୍‌ରୁ ଉତ୍ତର ମିଳେ । ଏ ଦିଗରେ ଦୃଶ୍ୟ ଓ କଥା ଜରିଆରେ ୟୁଟ୍ୟୁବ୍ କିପରି ମରାମତି କରାଯାଏ ଦେଖାଇଦେବ । ପ୍ରସବ-ଅପେକ୍ଷାରେ ଥିବା ମାଆ ପ୍ରସବ କିପରି ହୁଏ ଦେଖିପାରିବ । ଡାକ୍ତରୀ ଚିକିତ୍ସା, ଏପରିକି ନିର୍ଦ୍ଦିଷ୍ଟ ରୋଗରେ ଅପରେସନ୍ କିପରି ହୁଏ ଦେଖାଇବ । ଅଙ୍କ କଷିବାର ସୂତ୍ର (ଫର୍ମୁଲା) ବି । ଅକ୍ଷର କିପରି ଲେଖିବ ତାହା ବି (ପୃ ୫୮ରେ ଛବି ଦେଖ) ।

# ସଂଲଗ୍ନିକା ବା ଆଟାଚ୍‌ମେଣ୍ଟ କିପରି ପଠାଇବ

ଚିଠିଟିଏ ବା ଖାଲି କେତେ ଗୁଡିଏ ଶବ୍ଦର ପୃଷ୍ଠାଟିଏ ପଠାଇବାକୁ ଖୁବ୍ କମ୍ ମେମୋରୀ ନିଏ, ତେଣୁ ଖୁବ୍ କମ୍ ସମୟ ଲାଗେ । ଯେତେବେଳେ ଇ-ମେଲ୍ ସାଙ୍ଗରେ ଶହ ଶହ ପୃଷ୍ଠାର ବହିଟିଏ ବା ନଥିଟିଏ ଯୋଡିବ ତୁମେ ପଠାଉଥିବା ଇ-ମେଲ୍‌ର ଆକାର ବଢିଯିବ ଓ ତାହା ଯିବାକୁ ବହୁତ ସମୟ ନେବ । ଗୀତ ବା ଆଳାପର ନଥି (ଭିଡିଓ) ବହୁତ ମେମୋରୀ ମାଡି ବସେ । ସେଗୁଡିକୁ ସଂକ୍ଷିପ୍ତ କରି ବା ଅଳ୍ପ କରି ପଠାଇବାର ଗୋଟିଏ ପ୍ରୋଗ୍ରାମ ଅଛି, ତାକୁ ଉଇନ୍‌ଜିପ୍, Winzip, କହନ୍ତି । ଫାଇଲ ଶେଷରେ ଲେଖାଥିବ .zip । ଲେଖାଗୁଡିକୁ .gif ଫାଇଲରେ ଓ ଫଟୋ ଗୁଡିକୁ .jpg ଫାଇଲରେ ପଠାଇଲେ ଖୁବ୍ କମ୍ ମେମୋରୀ ନିଏ, 

ଆଟାଚ୍‌ମେଣ୍ଟ ରୂପେ ସହଜ ପଠାଇବା ସୁବିଧା ହୁଏ ।




ଚିଠି ଲେଖି ସାରି କୌଣସି ନଥି ସଂଲଗ୍ନ କରିବା ବା ଯୋଡିବା (Attachment) ଦରକାର ଥିଲେ Attachment ରେ କ୍ଲିକ୍ କରିବ । ସାଙ୍ଗେ ସାଙ୍ଗେ ଗୋଟିଏ ବ୍ରାଉଜର୍ ଝରକା ଖୋଲିଯିବ । ପ୍ରଥମେ ବ୍ରାଉଜରରେ କ୍ଲିକ୍ କଲେ କମ୍ପ୍ୟୁଟରରେ କେଉଁଠି ସଂଲଗ୍ନ କରାହେବା ନଥିଟି ଅଛି ତାହା ବାହାର କରିବା (ସିଲେକ୍ଟ) ପାଇଁ ଗୋଟିଏ ଝରକା ଖୋଲିବ । ଫାଇଲ୍‌ରେ କଣ ଅଛି ଓ କି ପ୍ରକାରର ଫାଇଲ ଅଛି ଜଣା ନଥିଲେ ଫାଇଲ୍ ଅଫ୍ ଟାଇପ୍‌ସ୍ file of types ଜାଗାରେ All files କ୍ଲିକ୍ କର । ସେଥିରୁ ଫାଇଲ୍‌ଟି ବାଛ, ତା ଉପରେ କ୍ଲିକ୍ କଲେ ଫାଇଲ୍‌ଟି open ଧାଡିକୁ ଆସିଯିବ । ଏହାପରେ ନଥି ଖୋଲିବା ଝରକାଟି ଉଭେଇ ଯିବ ଏବଂ ବ୍ରାଉଜର ଧାଡିରେ ଫାଇଲ୍‌ର ନାମ ଆସିଯିବ । ଅର୍ଥାତ୍ ନଥିଟି ବଛା ହୋଇଗଲା । ଏବେ ଆଟାଚ୍ ଫାଇଲ୍‌ରେ କ୍ଲିକ୍ କଲେ Attach file/size ଟେବୁଲ୍‌ରେ ଦେଖାଯିବ ଫାଇଲ୍‌ର ନାଁ ଓ କେତେ ମେମୋରି । ୧୦ ମେଗାବାଇଟର ମେମୋରି ପର୍ଯ୍ୟନ୍ତ ନଥି ସଂଲଗ୍ନ କରିପାରିବ । ୩ୟ ପର୍ଯ୍ୟାୟରେ, Done/Continue to Message ରେ କ୍ଲିକ୍ କର। ଆଟାଚ୍ ଝରକାଟି ଉଭେଇ ଯିବ ଓ ଟାଇପ୍ କରାଯାଇଥିବା ମୂଳ ଇ-ମେଲ୍ ଚିଠିଟି ଦିଶିବ, ଆଟାଚ୍‌ମେଣ୍ଟ ଅଛି ବୋଲି ଆଇକନ୍ ଥିବ । ଏବେ ପଠାଅ, Send ଉପରେ କ୍ଲିକ୍ କର। ଚିଠିଟି ଚାଲିଯାଇଛି ବାର୍ତ୍ତା ଆସିଯିବ ।






ଏ କ୍ଲିପ୍ ସଂଲଗ୍ନିକା (ଆଟାଚ୍‌ମେଣ୍ଟ)ର ସନ୍ତକ । ସେଠି କର୍ସର (ମାଉସ୍ ତୀର) ରଖିଲେ ଧଳା ହୋଇଯାଏ, କ୍ଲିକ୍ କର, ନଥି ଖୋଜିବାର ବାଟ (ସବା ଉପର ପଟି ବାମ କୋଣରେ Choose file) ଦେଖାଇବ, ମାଇଁ ଡକୁମେଣ୍ଟ ଫୋଲ୍‌ଡରର ସର୍ବମୋଟ ମେମୋରୀ ୧୧୦ ଏମ୍ ବି ଦର୍ଶାଉଛି ।




ସବୁ ପ୍ରକାରର ଫାଇଲ୍, ସନ୍ତକ [*.*]

## Winzip ୱିନ୍‌ଜିପ୍




(ଖୁନ୍ଦି ରଖିବାର ପାଠ)-କୌଣସି ଫାଇଲ୍‌କୁ କମ୍ ମେମୋରୀର (ଜିପ୍) କରିବାକୁ ହେଲେ ଫାଇଲ୍ ଉପରେ ରାଇଟ୍ କ୍ଲିକ୍ କର, ମେନୁବାର ଖୋଲିବ, ତହିଁରେ Add to Zip କ୍ଲିକ୍ କଲେ, ସିଲେକ୍ଟ କରିଥିବା ଫାଇଲ୍‌ଟି କେତେ ପରସେଣ୍ଟ କମିଗଲା ଦେଖାଇବ । Zip ଫାଇଲ୍‌ଟି କେଉଁଠି ରଖିବ ତାହା କହିବ । ଇ-ମେଲ୍ ସାଙ୍ଗରେ ସଂଲଗ୍ନ କରିବା ପୂର୍ବରୁ ଫାଇଲ୍‌କୁ ଛୋଟ କରି Zip ଆରକାଇଭ୍ (ଭଣ୍ଡାର) ରେ ରଖିବା ଭଲ କଥା ।




ଫାଇଲ୍ ବାଛ (ହାଇଲାଇଟ୍ କର), ତା ପରେ ଖୋଲ (open) କ୍ଲିକ୍ କର । ଦୁଇଟି Scann ତୀର ଘୁରିବ, ଡାଉନ୍ ଲୋଡ୍ କରିବା ପୂର୍ବରୁ ଭାଇରସ୍ ସ୍କାନିଂ ଓ ଆଟାଚ୍ କରୁଛି ବୋଲି ।




ଉପର ପଟି (ବାର୍)




ତଳ ପଟି




ତଳ ପଟିରେ ଶୂନ୍ୟ ବାକ୍ସଟି ସବୁଜ ରଙ୍ଗରେ ଭର୍ତ୍ତି ହେଉଥିବ । ପୂରା ଭର୍ତ୍ତି ହୋଇଗଲେ ଅପ୍‌ଲୋଡ୍ ସମ୍ପୂର୍ଣ୍ଣ ହେଲା ଓ ତୀରଦ୍ୱୟର ଘୁରିବା ବନ୍ଦ ହେବ । ଗୋଟିଏ କ୍ଲିପ୍ ଛବି



ଆସିଯିବ । ଯଦି ଯୋଖିବା (ଆଟାଚ୍‌ମେଣ୍ଟ)ରେ ଭୁଲ ହୋଇଗଲା ତେବେ କାନ୍‌ସେଲ୍ (cancel) ଉପରେ କ୍ଲିକ୍ କର, ତାହା ଉଡିଯିବ ଓ ତୁମେ ଆଉ ଥରେ ବାଛି ଯୋଖିବ ।

## ବୁକ୍‌ମାର୍କ

ୱେବ୍‌ରେ ଏ ଏକ ଠାର ବା ଚିହ୍ନ, ସେଠି କ୍ଲିକ୍ କଲାକ୍ଷଣି ତୁମେ ଚିହ୍ନ ଦେଇଥିବା ପୃଷ୍ଠାଟି ଖୋଲିଯିବ । ଅନ୍ୟଥା ତୁମେ ପ୍ରଥମେ ଡୋମେନ୍‌କୁ ଯାଆନ୍ତ, ତା ପରେ ୟୁଆର୍‌ଏଲ୍ ଅର୍ଥାତ୍ ୱେବ୍‌ର ପ୍ରଥମ ପୃଷ୍ଠା ଦେଖନ୍ତ, ସେଠାରୁ ହାଇପର ଲିଂକ୍‌ରେ କ୍ଲିକ୍ କଲେ ତୁମେ ଚାହୁଁଥିବା ୱେବ୍ ପୃଷ୍ଠାଟି ମିଳନ୍ତା । ମୁଦ୍ରିତ ବହିରେ ବୁକ୍‌ମାର୍କ ଠାରେ ବହି ଖୋଲିହୁଏ, ଫର୍ଦ୍ଦ ଫର୍ଦ୍ଦ କ୍ରମାନ୍ୱୟରେ ଓଲଟାଇବାକୁ ପଡେ ନାହିଁ । ବୁକ୍‌ମାର୍କର ଗୋଟିଏ ତାଲିକା ରଖିବାର ସଫ୍‌ଟୱେୟାର୍ ବ୍ରାଉଜର୍‌ରେ ଅଛି ।

# ବସ୍ତାନୀ ବୋହିବା ଦରକାର ନାହିଁ

ଅଫିସରୁ ବାହାରକୁ ଗଲେ ଇଣ୍ଟରନେଟ ବଡ ବଡ ଫାଇଲ ଯୋଗାଇଦେବ । ବଡ ବଡ ଫାଇଲକୁ କମ୍ପ୍ରେସ୍ଡ୍ ଫର୍ମରେ, compressed form, ବା ସଂକୁଚିତ କରି ପଠାଇଲେ, ସମୟ ଓ ଖର୍ଚ୍ଚ କମିଯାଏ । ପାଇବାବାଲା ତାକୁ ଡିକମ୍ପ୍ରେସ୍ଡ୍, Decompressed, କରି ପଢିପାରେ । ଯଦି ତୁମ କମ୍ପ୍ୟୁଟରରେ ୱିନ୍‌ଜିପ୍, WinZip, ନାହିଁ ତେବେ www.pkwere.com/ରୁ ପିକେଜିପ୍, pkzip, ଡାଉନ୍‌ଲୋଡ୍ କଲେ, ଏହି ସୁବିଧା ମିଳିଯିବ । ଭ୍ରମଣଶୀଳ କର୍ମଚାରୀମାନେ ମୋଡେମ ଥିବା ଲ୍ୟାପଟପ୍ ବ୍ୟବହାର କରୁଥିବାରୁ ଇଣ୍ଟରନେଟ୍ ଜରିଆରେ ଫାଇଲ୍ ପାଇପାରନ୍ତି, ତେଣୁ ଫାଇଲ୍ ବସ୍ତାନୀ ଧରି ମିଟିଂକୁ ଯିବା ଦରକାର ନାହିଁ । ପର୍ଯ୍ୟଟକମାନେ ଗୁଡାଏ ମାନଚିତ୍ର ବୋହିବା ଦରକାର ନାହିଁ, କମ୍ପ୍ୟୁଟରରେ ମାନଚିତ୍ର ଡାଉନ୍‌ଲୋଡ୍ କରିହେବ । କମ୍ପ୍ୟୁଟରର ବ୍ରିଫ୍‌କେଶ୍ ଫୋଲ୍ଡରରେ ଫାଇଲ ସବୁ ରଖିଥିଲେ ଇଣ୍ଟରନେଟ୍ ଜରିଆରେ ସେଗୁଡିକ ମିଳିଯିବ । କିମ୍ବା ଅଫିସ୍ କମ୍ପ୍ୟୁଟରର ଅପରେଟର ଅନ୍ ଥିଲେ ଇମେଲ୍ ଆଟାଚ୍‌ମେଣ୍ଟ ଭାବେ ସେଗୁଡିକୁ ମଗାଇହେବ । ବସ୍ତାନୀ ବୋହିବା ଦରକାର ନାହିଁ !

ଯଦି କେବେ ତୁମେ ଇ-ମେଲ୍ ଶେଷରେ ଅସ୍ପଷ୍ଟ ବା ଅବୋଧ୍ୟ ଲେଖା ଦେଖ, ତାହା ଏକ ଆଟାଚ୍‌ମେଣ୍ଟ ହୋଇ ଥାଇପାରେ । ସେଗୁଡିକୁ ପଢିବାର କେତେକ ଏନ୍‌କୋଡିଙ୍ଗ୍ ସଫ୍‌ଟୱେଆର ହେଉଛି ବିନ୍‌ହେକ୍ସ, ମାଇମ୍, ୟୁୟୁଇ, Binhex, MIME, UUE.




## ପପ୍‌ଅପ୍ ବ୍ଲକର୍ (ଉଙ୍କିମରା ପୃଷ୍ଠା ରୋକିବା)

ମଝିରେ ମଝିରେ ଝଟ୍ କିନା ଗୋଟିଏ ପୃଷ୍ଠା ଉଙ୍କିମାରେ, ପପ୍ ଅପ୍ କରେ, ସେଗୁଡିକ ଇମେଲକୁ କିଛି ସମୟ ପାଇଁ ଲୁଚାଇଦିଏ, ଭାଇରସ୍ ବି ପୂରାଏ । କେତେକ ଇମେଲ ପ୍ରୋଭାଇଡର ତାକୁ ବନ୍ଦ କରି ଦିଅନ୍ତି, ତୁମେ ଚାହିଁଲେ (କ୍ଲିକ୍ କଲେ) ହିଁ ଦିଶିବ ।





**Rs.471 Consumer no. 0804003 self, 10/5/2009, 11:00**
**Yahoo! Reminder <reminders@reply.yahoo.com>** Add
To: sahadevas@yahoo.com

YAHOO! CALENDAR
UK & IRELAND

Reminder from: **sahadevas's Calendar**

Title: Rs.471 Consumer no. 0804003 self

Date: Sunday 10 May 2009

Time: 11:00 - 12:00

Repeats: This event repeats every month.

Notes: EE, PH Division II, Bhubaneswar. PH Section, Gautam Nagar. Consumer no. 0804003 S D Sahoo. Rs.520 less 2% rebate, or 5% penalty

Get reminders on your Yahoo! Messenger or via email.
Edit reminder options

କାମ ମନେ ପକାଇବାର (ରିମାଇଣ୍ଡର) ଇମେଲ

## ବ୍ୟକ୍ତିଗତ ସହାୟକ

ଇଣ୍ଟରନେଟ୍ ସେବା ସହାୟତାରେ ପର୍ସନାଲ କମ୍ପୁଟରଟି ଆମର ବ୍ୟକ୍ତିଗତ ସହାୟକ (ପର୍ସନାଲ୍ ଆସିଷ୍ଟାଣ୍ଟ) ଭାବେ କାମ କରି ପାରିବ । ବ୍ଲାକ୍‌ବେରି, ଟ୍ରାଇଓଜ, ସାଇଡ୍‌କିକ୍ସ ଓ ୱିଣ୍ଡୋସ୍ମାର୍ଟଫୋନ୍ ଭଳି କେତେକ ସେଲ୍‌ଫୋନ୍ ପୂରା କମ୍ପୁଟର ପରି କାମ କରେ, ସେଗୁଡିକ ପର୍ସନାଲ ଡିଜିଟାଲ୍ ଆସିଷ୍ଟାଣ୍ଟ (ବ୍ୟକ୍ତିଗତ ସହାୟକ)ର କାମ କରିପାରୁଛି । ଫୋନ୍ କଲ୍ ବା ଫଟୋ କାଲେଣ୍ଡର, କାଲ୍‌କୁଲେଟର, ଷ୍ଟପ୍‌ୱାଚ୍, କାଉଣ୍ଟଡାଉନ ଟାଇମର (ନିର୍ଦ୍ଦିଷ୍ଟ ଅବଧିରୁ କେତେ ସମୟ କଟିଲାଣି ଜାଣିବାକୁ) ଆଦି ସାଙ୍ଗକୁ ଇମେଲ, ୱେବ୍ ବ୍ରାଉଜିଂ, ଯାବତୀୟ ହିସାବ ରଖିବା, ଦୈନନ୍ଦିନ କାର୍ଯ୍ୟ ପରିଚାଳନା, କାଲେଣ୍ଡର ଆଦି । ଏଫ୍ ଏମ୍ ରେଡିଓ କାର୍ଯ୍ୟକ୍ରମ ଶୁଣିବା ଲାଗି ରିସିଭର୍ ଥାଏ । ବନ୍ୟା, ଝଡ ବା ଅନ୍ୟ କୌଣସି କାରଣରୁ ଇମେଲ୍ ବା ଟିଭି ପାଉନଥିବା ଲୋକ ଏଫ୍‌ଏମ୍ ରେଡିଓରୁ ପାଣିପାଗର ଓ ଝଡର ସୂଚନା ପାଇପାରିବ । ଭିନ୍ନ ଭିନ୍ନ କମ୍ପାନୀ ସ୍ୱତନ୍ତ୍ର ପ୍ରୟୋଗ ଯୋଗାନ୍ତି, କେତେକ ଜାଭାରେ ଲିଖିତ ପ୍ରୋଗ୍ରାମ ଦେଉଛନ୍ତି । ବେତାର ନେଟ୍‌ୱାର୍କରୁ ରିଙ୍ଗ ଟୋନ୍, ଗ୍ରାଫିକ୍, ଗେମ୍‌ସ୍ ଆଦି ଉତାରି ହେବ (ଡାଉନ୍‌ଲୋଡ୍ କରିହେବ) । ଫୋନ୍‌ର ଉତ୍ତର ଦେବା ଲାଗି ଗୋଟିଏ କିରାଣି ବା ସହାୟକ ରଖିଲେ ଦରମା ବାବଦରେ ବହୁତ ଖର୍ଚ୍ଚ । କମ୍ପୁଟରକୁ ଭଏସ୍ ମେଲ୍, voice mail, ବ୍ୟବସ୍ଥାରେ ପରିଣତ କରି ପାରିଲେ ଆନ୍‌ସରିଂ,

answering, ମେସିନ୍ ଠାରୁ ବେଶି ଭଲ କାମ ଦିଏ । ରେକର୍ଡ କରିଥିବା ଭଏସ୍ ଜରିଆରେ ଫୋନ୍ କରିଥିବାଲୋକଙ୍କୁ ବିଶେଷ ତଥ୍ୟ ଦେଇହେବ, ସେ ଭାବିବ ଆମ କମ୍ପାନୀ ଖୁବ୍ ବଡ । ମୋଡେମ୍ ଫାକ୍ସ ପଠାଏ ଓ ଗ୍ରହଣ କରେ, ଦ୍ରୁତବେଗର ହେଲେ କମ୍ ସମୟରେ ଫାକ୍ସ ଯିବ, ଫୋନ୍ ଖର୍ଚ୍ଚ କମ୍ ହେବ । ଫୋନ୍‌କଲ୍‌ଠାରୁ ବେଶି ଖବର ଫାକ୍ସରେ ଯାଏ ବୋଲି ଫାକ୍ସ ଶସ୍ତା ଓ ଦ୍ରୁତତର । ଯେଉଁମାନେ ଫାକ୍ସ ବେଶି କରନ୍ତି ସେମାନେ ଫାକ୍ସ ପାଇଁ ଗୋଟିଏ ସ୍ୱତନ୍ତ୍ର ଟେଲିଫୋନ୍ ରଖିବା ଉଚିତ୍ । ଯାହାର ଅଳ୍ପ ଅଳ୍ପ ଫାକ୍ସ ଦରକାର କିମ୍ବା ଯିଏ ଘରେ ଥାଇ ବ୍ୟବସାୟ କରେ, ଅଥଚ ତା ଘରେ ଫାକ୍ସମେସିନ୍ ରଖିବାକୁ ଜାଗା ନାହିଁ, ସେ କମ୍ପ୍ୟୁଟରକୁ ଫାକ୍ସ ମେସିନ୍ କରିପାରିବ ।

ଅଫିସ୍ ଆରମ୍ଭରେ ଯେପରି ଷ୍ଟେନୋ ବା ବ୍ୟକ୍ତିଗତ ସହାୟକ ଅଫିସରଙ୍କୁ ଜଣାଇଦିଏ, ବରାଦିଆ ମାଇଁ ୟାହୁ ବି ସେମିତି ଦେଖାଇବ, ଇମେଲ୍‌ରେ ମନେପକାଇବ । ଇ-ମେଲ୍‌ର ପ୍ରଥମ ପୃଷ୍ଠା (ମାଇଁ ୟାହୁ)କୁ ମନମୁତାବକ ବରାଦିଆ କରିହେବ, କେଉଁ କେଉଁ ସମ୍ବାଦପତ୍ର ବା ଟେଲିଭିଜନ ସୂତ୍ରରୁ କି ଶିରୋନାମାର ସମ୍ବାଦ ତୁମେ ଜାଣିବାକୁ ଚାହୁଁଛ, ନୂଆ ଇ-ମେଲ୍ ଅଛି କି, ଆଜି କି କି କାର୍ଯ୍ୟକ୍ରମ ଅଛି, ଇଣ୍ଟରନେଟ୍ ଖୋଲିଲା କ୍ଷଣି ମନେ ଦେଖାଇଦେବ, ପକାଇ ଦେବ । ଫୋନ୍‌କଲ୍‌ଠାରୁ ବେଶି ଖବର ଫାକ୍ସରେ ଯାଏ ବୋଲି ଫାକ୍ସ ଶସ୍ତା ଓ ଦ୍ରୁତତର । ଯେଉଁମାନେ ଫାକ୍ସ ବେଶି କରନ୍ତି ସେମାନେ ଫାକ୍ସ ପାଇଁ ଗୋଟିଏ ସ୍ୱତନ୍ତ୍ର ଟେଲିଫୋନ୍ ରଖିବା ଉଚିତ୍ । ଯାହାର ଅଳ୍ପ ଅଳ୍ପ ଫାକ୍ସ ଦରକାର କିମ୍ବା ଯିଏ ଘରେ ଥାଇ ବ୍ୟବସାୟ କରେ, ଅଥଚ ତା ଘରେ ଫାକ୍ସମେସିନ୍ ରଖିବାକୁ ଜାଗା ନାହିଁ, ସେ କମ୍ପ୍ୟୁଟରକୁ ଫାକ୍ସ ମେସିନ୍ କରିପାରିବ ।

## ପାଣିପାଗ ସୂଚନା




ଇଣ୍ଟରନେଟ୍ ଥିଲେ ପାଣିପାଗ ଖବର ଲାଗି ରେଡିଓ ବା ଟିଭି ଶୁଣିବା ଦରକାର ନାହିଁ । ଆଜିର ପାଗ ଏବଂ ୫-୬ ଦିନ ଯାଏ ଆଗତୁରା ପାଗ ଜାଣିହେବ । ବାତ୍ୟା, ଝଡ ବା ସାଧାରଣ ବର୍ଷା । ପାଞ୍ଜି ଭଳି କେବଳ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ନୁହେଁ, ଆର୍ଦ୍ରତା, ବାୟୁ ପ୍ରବାହ ବେଗ, ଦୃଷ୍ଟି ସୀମା, ଆଦି ମିଳେ ।

ଇଣ୍ଟରନେଟ୍ ଥିଲେ ପାଣିପାଗ ଖବର ଲାଗି ରେଡିଓ ବା ଟିଭି ଶୁଣିବା ଦରକାର ନାହିଁ । ଆଜିର ପାଗ ଏବଂ ୫-୬ ଦିନ ଯାଏ ଆଗତୁରା ପାଗ ଜାଣିହେବ । ବାତ୍ୟା, ଝଡ ବା ସାଧାରଣ ବର୍ଷା । ପାଞ୍ଜି ଭଳି କେବଳ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ନୁହେଁ, ଆର୍ଦ୍ରତା, ବାୟୁ ପ୍ରବାହ ବେଗ, ଦୃଷ୍ଟି ସୀମା, ଆଦି ମିଳେ ।




ବ୍ୟକ୍ତିଗତ ସହାୟକ (ପର୍ସନାଲ୍ ଆସିଷ୍ଟାଣ୍ଟ) ହେବାରେ ୟାହୁର ହୋମ୍ ପେଜ୍ ସଜାଯାଇଛି । କାଲ୍ କୁଲେଟର ହିସାବ କରିହେବ । କାଲେଣ୍ଡର ଦେଖିହେବ । ଖବର ପଢିହେବ, କାର୍ଯ୍ୟନିର୍ଘଣ୍ଟ (ତାରିଖ ଓ ସମୟ) ଜାଣିହେବ, ରାଶିଫଳରେ ବିଶ୍ୱାସ ଥିଲେ ତାହା ବି ।




ୟାହୁର ହୋମ୍‌ପେଜ୍‌ର ଡାହାଣ ଅଧ । ଖବର ପଢିହେବ । ହେଡ୍ ଲାଇନ୍ (ଶିରୋନାମା) ଉପରେ କର୍ସର ରଖିଲେ ଖବରର ପ୍ରଥମ ବାକ୍ୟ ଦେଖାଇବ. ତାକୁ ପଢି ତୁମେ ଠିକ୍ କରିପାରିବ ପୂରା ଖବରଟି ପଢିବ କି ନାହିଁ ।




ୟାହୁର ହୋମ୍‌ପେଜ୍‌ର ତଳକୁ ତଳକୁ ଗଡିଗଲେ (ସ୍କ୍ରୋଲ କଲେ) ସଜାଯାଇଛି । କାଲ୍‌କୁଲେଟର ହିସାବ କରିହେବ । ଖବର ପଢିହେବ, କାର୍ଯ୍ୟନିର୍ଘଣ୍ଟ (ତାରିଖ ଓ ସମୟ) ଜାଣିହେବ, ରାଶିଫଳରେ ବିଶ୍ୱାସ ଥିଲେ ତାହା ବି ।







ୟାହୁର ହୋମ୍‌ପେଜ୍‌ରେ ଅଛ ବୋଲି ମାଇଁ ୟାହୁ ସନ୍ତକ ।




୧.୨୯ ପିଏମ୍ (ଅପରାହ୍ଣ) ସମୟ ଜଣାଉଛି. ଏଠି କର୍ସର (ମାଉସ୍ ବୁଲାଇଲେ ଯେଉଁ ତୀର ଚିହ୍ନ ଆସେ ତାକୁ) ରଖିଲେ ତାରିଖ ମାସ ଓ ବର୍ଷ ଦିଶିବ ।

# ସାଇବର୍ ବଦମାସି

ଇଣ୍ଟରନେଟ୍‌କୁ ସାଇବର୍, କମ୍ପୁଟରର ସଂସାର କହନ୍ତି । ଛତରା ବା ବଦମାସ୍ କେବଳ ଯେ ଆମ ଘର ପାଖ ସଂସାରରେ ଅଛନ୍ତି ତା ନୁହେଁ, ସାଇବର୍‌ରେ ବି ଅଛନ୍ତି, ଇଣ୍ଟରନେଟ୍‌ରେ କାମ କରୁଛନ୍ତି, ତେଣୁ ବଦମାସି ଜିନିଷ ଇଣ୍ଟରନେଟ୍‌ରେ ମିଳେ । ଅନେକ ଲୋକ ବଦମାସି ଜିନିଷ ବା ଦୃଶ୍ୟ ଯୋଗାଇ ରୋଜଗାର କରନ୍ତି । ଗୋଟିଏ ଦୁଇଟି ବଦମାସ ଛବି ଦେଖାଇ ତା ପରେ ପଇସା ନ ଦେଲେ ଦେଖାନ୍ତି ନାହିଁ । ଅବଶ୍ୟ ୧୮ ବର୍ଷରୁ ବେଶି ହେବା କଥା, କିନ୍ତୁ ଘର ଭିତରେ ମାନୁଛି କିଏ ? କ୍ରେଡିଟ୍ କାର୍ଡ, credit card, ନମ୍ବର ଯୋଗାଇ ଦେଲେ ସେମାନେ ଖୋଲିଦେବେ । ଆଜିକାଲିର ଧର୍ମାନ୍ଧତା ଯୋଗୁଁ ଆଉ ଗୋଟିଏ ପ୍ରକାରର ବଦମାସି ବାହାରିଛି । ଘୃଣ୍ୟ ରୂପରେ । ପାକିସ୍ତାନର କେତେକ ୱେବ୍‌ସାଇଟ୍‌କୁ ଭାରତର କେତେକ ଖଳ ଲୋକ (ହ୍ୟାକର୍ ବା କଟାଳି) ଖରାପ କରୁଛନ୍ତି ବୋଲି କହି କିମ୍ବା କାଶ୍ମୀର ଦ୍ୱନ୍ଦ୍ୱ ଯୋଗୁଁ ରାଗି କେତେକ ପାକିସ୍ଥାନୀ ହ୍ୟାକର୍ ଭାରତ ସରକାରଙ୍କ ୱେବ୍ ସାଇଟ୍‌କୁ ଖରାପ କରିଦେଉଛନ୍ତି, ତା ଉପରେ ଅଶ୍ଳୀଳ ଚିତ୍ର ବା ହିନ୍ଦୁ ବିରୋଧୀ ଲେଖା ରଖି ଦେଉଛନ୍ତି । ଭୋଟ ସମୟରେ ଯେମିତି କାନ୍ଥ ବା ପାଚେରିରେ ଲେଖା ଉପରେ ଗୋବର ଲିପାଯାଏ ବା ରଙ୍ଗ ବୋଳି ଦେଇ ତା ଉପରେ ଆଉ ଗୋଟିଏ ଦଳର ପ୍ରଚାର ଲେଖାଯାଏ ।

**Re: Fw: Yahoo!!!Unused Account Removal Confirm Your Account!!!_Is it SPAM? (KHM9294967...**
Yahoo! India <in-mail-abuse@cc.yahoo-inc.com> View Saturday, 10 J
To: Sahadeva Sahoo <sahadevas@yahoo.com>

Thank you for contacting Yahoo! India Customer Care.
The webpage or message that you are writing about is a hoax originated by someone other than Yahoo!
You should assume that any unsolicited message asking for your Yahoo! ID and password, security key, or other sensitive information is part of a scam to gain unauthorised access to your account. Feel free to simply delete such messages, or if you would like to be sure we are aware of the scam, you can forward a copy to mail-spoof@cc.yahoo-inc.com. If you have already entered your information into a suspicious message or web page, you should immediately change your password and update any other information you provided.
If you provided credit card or other financial details, you should also contact your financial institution. If you are unable to change your

ଏକାଉଣ୍ଟ କାଢିନେବା ବିଷୟରେ ୟାହୁ ମେଲ୍ ନାଁରେ ଗୋଟିଏ ଡାକ ଆସିବାରୁ ତାହାର ସତ୍ୟତା ଜାଣିବା ଲାଗି ୟାହୁ କମ୍ପାନୀକୁ ଲେଖିଥିବା ଡାକର ଉତ୍ତର ।

ଏମିତି ଇମେଲ, ଫିସିଂ, ଆସିବାର କାରଣ ତୁମେ ତାକୁ ଉତ୍ତର ଦେଲେ ସେ ତୁମ କମ୍ପୁଟର ବିଷୟରେ ଟିକିନିଖି ଖବର ରଖିନେବ ଓ ନିଜର ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରିବ, ଯଥା ତୁମ କ୍ରେଡିଟ୍ କାର୍ଡ, ବେଙ୍କ ଏକାଉଣ୍ଟ ଆଦି ଯାହା କିଛି ବିବରଣୀ କମ୍ପୁଟରରେ ଥିବ ତାକୁ ନେଇ ନେବ, ଟଙ୍କା ଉଠାଇନେଇ ପାରିବ ।

Microsoft® Phishing Filter

# Report a website

ମାଇକ୍ରୋସଫ୍ଟ କମ୍ପାନୀର ଫିଷିଂ ଫିଲ୍ଟର

Phishing websites impersonate trustworthy websites for the purpose of obtaining your personal or financial information. You can help us evaluate this website by letting us know whether you think it is a phishing website.

**Website you are reporting:**
file:///C:/Documents%20and%20Settings/Sahadeva%20%20Sahoo/Desktop/Yahoo!%20Business%20Domain%20Name%20Registration,%20Website%20Design,%20Web%20Business%20Email.mht

- ◯ **I don't think this is a phishing website**
- ◯ **I think this is a phishing website**
- ◯ **I am the owner or representative of thi about this website**

**Resources**
Phishing Filter FAQ
Learn about Phishing

**Type the characters you see in the picture**

Picture:



The picture contains 8 characters.

Characters:

ମଣିଷ ଆଉ ମେସିନ୍ ଭିତରେ ପ୍ରଭେଦ । ତେଡାମେଡା ଅକ୍ଷର, RECK9TZ4, କମ୍ପୁଟର ପଢ଼ି ପାରିବ ନାହିଁ ବୋଲି ଏବେ ଧରା ଯାଉଛି, ତେଣୁ ମଣିଷ ଉତ୍ତର ଦେଇଛି ବୋଲି ମେସିନ୍ ଧରିବ । ଦିନେ ମେସିନ୍ ବି ଏ କଥା ଶିଖିଯିବ । ସେତେବେଳ ଯାଏ ଫିଷିଂ (ଜଣାଶୁଣା ୱେବ୍‌ର ନକଲ କରି ମେଲ ପଠାଉଥିବା ମେସିନ୍ ନକଲ କରିପାରିବ ନାହିଁ ।

ଫିଷିଂ

ତୁମେ ଭାଗ ନେଇନଥିବା ଲଟେରୀ ଜିତିଛ ବୋଲି ଠକାମିର ଏକ ଇମେଲ୍ । ତୁମ ଇମେଲ ଠିକଣାଟା ଜିତିଛି ବୋଲି ବି କହନ୍ତି, ଏମିତି କେତେ କେତେ ଲୋକଙ୍କୁ କହନ୍ତି ସୀମା ନାହିଁ । ତାକୁ ଉତ୍ତର ଦେଲେ ତୁମ କମ୍ପୁଟରରେ ଭାଇରସ୍ ପଶିପାରେ । ତୁମେ ଲୋଭ କଲେ ସେ ତୁମକୁ କିଛି ଅଗ୍ରୀମ ମାଗିବ, ତା ଦେଲ ତ ସେତିକ ହରାଇଲ । କିମ୍ବା ତୁମକୁ ତା ଜାଗାକୁ ଡାକିବ, ସେଠାରୁ ବଞ୍ଚି ଫେରିବା କଷ୍ଟକର । ଆମ ଦେଶରେ ପଢୁଥିବା କେତକ ନାଇଜେରିଆ ଛାତ୍ର ଏମିତି କରି ଧରାପଡିଛନ୍ତି । ବଡ ବଡ ବା ଜଣାଶୁଣା କମ୍ପାନୀ ନାଁରେ ଇମେଲ ବା ବିଶ୍ୱାସ ଯୋଗ୍ୟ ଲୋକ ନାଁରେ ମେଲ୍ ପଠାଇ ତୁମଠାରୁ ତାହାର ଉତ୍ତର ପାଇଗଲେ ତୁମ ପାସ୍‌ୱାର୍ଡ, ବେଙ୍କ ଏକାଉଣ୍ଟ ବିବରଣି ବା କ୍ରେଡିଟ୍ କାର୍ଡ ବିବରଣି ନେଇପାରିବେ, ତୁମ ନାଁ ରେ କାରବାର କରିବା ଅଥବା ଏକାଉଣ୍ଟରୁ ପଇସା ଉଠାଇବା ସହଜ ହେବ । ଏ ପ୍ରକାର ଇମେଲ୍‌କୁ ମାଛ ଖାଳେଇବା, ଫିଷିଂ, Phishing, (ଯେଦିଓ ବନାନ ଟିକେ ଟେଢ଼ା) କୁହାଯାଏ ।




ବର୍ଣ୍ଣାନୁକ୍ରମରେ ଇମେଲ ଖୋଜି ଏମିତି ପୁରସ୍କାର ବା ଲଟେରୀ ଜିତିଛ କହି ଠକିବାର ମନୋବୃତ୍ତି ଥିବା ଖଳ ଲୋକେ ପ୍ରଲୋଭନ ଦେଖାନ୍ତି । ଏଲ୍‌ଜି ଭଳି ନାମୀ କମ୍ପାନୀ ନାଁ ରେ ।




ଭେରିସାଇନ୍ (ଭେରିଫାଏ, ଯାଞ୍ଚ, ରୁ ଭେରୀ, ନିରାପଦ ବୋଲି ଜଣାଉଛି ।

ଷ୍ଟେଟ୍ ବେଙ୍କ୍ ଅଫ୍ ଇଣ୍ଡିଆର ଅନ୍ ଲାଇନ୍ ଏକାଉଣ୍ଟ ଦେଖିବା ଓ ଟଙ୍କା ପଠାଇବା (ଟ୍ରାନସଫର) ସୁବିଧା । ଘରେ ବସି ଚେକ୍ ବହି ମାଗିପାରିବ ।

# ମୁହାଁମୁହିଁ ଆଳାପ, ଭିଡିଓ ମେଲ୍, ଭିଡିଓ କନ୍‌ଫରେନ୍‌ସିଙ୍ଗ୍

ୱେବ୍‌କାମ୍ ଏକ ଡିଜିଟାଲ୍ ଭିଡିଓ କେମେରା । ସାଙ୍ଗରେ ପ୍ରାୟ ଦୁଇମିଟରର ତାର । ମନିଟର ଉପରେ ନ ରଖି ଅନ୍ୟ କେଉଁଠି ରଖିବ ତ ଅଧିକ ଲମ୍ବର ତାର ମାଗିବ । କମ୍ପ୍ୟୁଟରରେ USB ପୋର୍ଟ (ଗାତ)ରେ ସଂଯୁକ୍ତ ହୁଏ। କମ୍ପ୍ୟୁଟର ଆଗରେ ଚୌକିରେ ବସି ଥିଲେ ତୁମର ମୁହାଁମୁହିଁ ହୁଏ । ଦୁଇ ଜଣ ୱେବ୍‌କାମ୍ ବ୍ୟବହାରକାରୀ ମୁହାଁମୁହିଁ ଆଳାପ କରିପାରିବେ । ୱେବ୍‌କାମ୍‌ଟିକୁ କୌଣସି ଦୃଶ୍ୟ ବା ଜିନିଷ ଉପରେ ଫୋକସ୍ କଲେ ବା ଚାରିଆଡେ ବୁଲାଇଲେ ତାହା ଚଳଚ୍ଚିତ୍ର ଭଳି ଜୀବନ୍ତ ଚିତ୍ର ଇ-ମେଲ୍ ପାଉଥିବା ଲୋକର ୱେବ୍‌କାମ୍‌କୁ ପଠାଇ ଦେବ। ଟେଲିଭିଜନ ଚାନେଲ୍‌ରେ ଦୁର୍ଗମ ଅଞ୍ଚଳରୁ ନେତାଙ୍କ ଚଳାଚଳ ଓ କଥାବାର୍ତ୍ତା ଦେଖାଇବାରେ ଭିଡିଓ ମେଲ୍‌କୁ କାମରେ ଲଗାଯାଏ।

ମୁହାଁମୁହିଁ ଇଣ୍ଟରନେଟ୍‌ରେ କଥାବାର୍ତ୍ତା ସହ ଦଲିଲ (କାଗଜପତ୍ର) ଦେଖାଇ ପାରିଲେ ଭିଡିଓ କନ୍‌ଫରେନ୍‌ସିଙ୍ଗ (ସମ୍ମିଳନୀ) କୁହନ୍ତି । ନେଟ୍‌ରେ ଭିଡିଓ ପ୍ରସାରଣ ପାଇଁ www.webcamnow.com ରୁ ନୂଆ ସଫ୍‌ଟୱେଆର୍ ଡାଉନ୍‌ଲୋଡ୍ କରିହେବ । ଯାହୁରେ ମୁଭି ବା ଚଳଚ୍ଚିତ୍ର ତିଆରି କରିପାରିବ ଓ ପଠାଇ ପାରିବ । ଅପ୍‌ଲୋଡ୍ ପାଇଁ ଆଇକ୍ଲିପ୍‌ସ୍ ସେବାରୁ www.iclips.com ବ୍ୟବହାର କରିହେବ । କେତେକ ମାଗଣା ଭିଡିଓ କନ୍‌ଫରେନ୍‌ସିଂ ସଫ୍‌ଟୱେଆର୍ ମିଳିବାର ଠିକଣା www.paltalk.com, www.eyeball.com, www.im.co.in.kr/English/index.htm/, www.tandberg.com, www.GoToMeeting, LifeSize.com. ଭିଡିଓ କାମର ମାପକ ହେଉଛି ଫ୍ରେମ୍‌ସ୍ ପର ସେକେଣ୍ଡ୍, ସେକେଣ୍ଡ୍ ପ୍ରତି କେତେ ଫ୍ରେମ୍ ଛବି ଦେଖାଇ ପାରୁଛି । ସେକେଣ୍ଡକୁ ଯେତେ ବେଶି ଫ୍ରେମ୍ ଆସିବ, ଗୋଟିଏ ଛବିରୁ ପରବର୍ତ୍ତୀ ଛବିକୁ ଯିବା ଲାଗି ସମୟ-ବ୍ୟବଧାନ ସେତେ କମ୍ ହେବ, ଅର୍ଥାତ୍ ଛବି ଛବି ମଧ୍ୟରେ ଡେଇଁବା, buffering, ସେତେ କମିବ ଓ ଛବି ସେତେ ଚଳତ୍ ହେବ, ଚଳଚିତ୍ର ସେତେ ବେଶି ସ୍ୱଚ୍ଛ ହେବ । ଆଖିରେ ଛବିଟିଏ ପଡିଲେ ସେକେଣ୍ଡକର ୧୫ ଭାଗରୁ ଭାଗେ ସମୟ ଯାଏ ମନେରହିଯାଏ । ତେଣୁ ସେକେଣ୍ଡକୁ ୧୫ରୁ କମ୍ ଫ୍ରେମ୍ ଦିଶିଲେ ଛବି ଡେଇଁବ, ଖାପଛଡା ହୋଇଯିବ । ଟେଲିଭିଜନ ପ୍ରୋଗ୍ରାମ୍‌ରେ ସେକେଣ୍ଡକୁ ପ୍ରାୟ ୩୦ଟି ଛବି ପ୍ରସାରିତ ହୁଏ । ବ୍ୟବସାୟିକ ଭିଡିଓ ସମ୍ମିଳନୀ ଲାଗି ସ୍ୱତନ୍ତ୍ର ଦରରେ ଇମେଲ୍ ସେବା ନେବା ଉଚିତ୍ । ନଚେତ୍ ଅତିରିକ୍ତ ମେମୋରୀ ବ୍ୟବହାର କାରଣରୁ ଇଣ୍ଟରନେଟ୍ ଯୋଗାଣକାରୀ କମ୍ପାନୀ ତୁମ କନେକ୍ସନ କାଟିଦେବ । ଆଜିକାଲି ମୁଖ୍ୟମନ୍ତ୍ରୀ ମାନେ ରାଜଧାନୀରେ ନଥିବା ଜିଲାପାଳମାନଙ୍କ ସହିତ ମୁହାଁମୁହିଁ କଥା ହୋଇପାରୁଛନ୍ତି। ଆମ ରାଜ୍ୟରେ ବିଚାରାଧୀନ କଏଦୀମାନଙ୍କୁ ଭିଡିଓ କନ୍‌ଫରେନ୍‌ସିଂରେ ଜେରା କରାଯାଉଛି, କଚେରୀକୁ ନେବା ଦରକାର ନାହିଁ। ରାସ୍ତାରେ ପୁଲିସ ବନ୍ଦୋବସ୍ତ କି ଜନସାଧାରଣଙ୍କ ଅସୁବିଧା ନାହିଁ । ଆସାମୀ ଚମ୍ପଟ ମାରିବାର ଭୟ ନାହିଁ। ଯିବା ଆସିବା ଖର୍ଚ୍ଚ ବି କମିଯାଏ ।




ମାଗଣାରେ ୧୦ ଜଣ ଯାଏ ଭିଡିଓ କନ୍‌ଫରେନ୍‌ସିଂ କରିପାରିବାର ସଫ୍‌ଟୱେଆର ପାଲ୍‌ଟକ୍‌* ଯୋଗାଉଛି । ଦଲିଲ ପତ୍ର ଦିଆନିଆ ଓ ପ୍ରଦର୍ଶନ (ପ୍ରେଜେଣ୍ଟେସନ୍) କରିହେବ । ୱେବକ୍ୟାମ୍ ଦରକାର ନାହିଁ, ଦରକାର କେବଳ ଅପରେଟିଂ ସିଷ୍ଟମ ହୋଇଥିବ ୱିଣ୍ଡୋ ଏକ୍ସପି ବା ଊର୍ଦ୍ଧ୍ୱ ମାନର ।

http://www.paltalk.com/

*ପୃ ୧୨୫ ଦେଖ




ଏକା ସାଙ୍ଗରେ ୫ ଜଣ ଯାଏ ଲୋକଙ୍କ ସହ ଭିଡିଓ ସମ୍ମିଳନୀ କରିବାର ଆଉ ଗୋଟିଏ ସଫ୍‌ଟୱେଆର




ଆମେରିକାନ୍ ଅନୁକରଣରେ ସେମି, ଆଣ୍ଟି, semi, anti, କୁ ସେମାଇ, ଆଣ୍ଟାଇ, ଉଚ୍ଚାରଣ କରାଯାଉଛି, କାଳେ ଆର୍ମାଇଷ୍ଟଇସ୍ ହୋଇଥିବ କି? ଉତ୍ତର ମିଳିଲା ଆର୍ମିଷ୍ଟିସ୍। ଶବ୍ଦର ମାନେ, ଏକାର୍ଥବୋଧକ (Thesaurus), ବିପରୀତ ଅର୍ଥର ଶବ୍ଦ (Antonyms) ଓ ଶବ୍ଦର ବ୍ୟବହାର (Citations) ମିଳୁଛି ।

## ଅଭିଧାନ କିଣିବା ଯୁଗ ସରିଗଲା

ଇଣ୍ଟରନେଟ୍ ଥିଲେ ଅଭିଧାନ (ଡିକ୍ସିନାରୀ) କିଣିବା ଦରକାର ନାହିଁ । ଏ ସୁବିଧା କେବଳ ଇଂରାଜୀ ଭାଷାର ଅଭିଧାନ ପାଇଁ । ଗୁଗୁଲ ପରେ ପରେ ଏତେ ପ୍ରକାରର ସର୍ଚ୍ଚ ଇଂଜିନ ବାହାରିଲାଣି ଯେ ପ୍ରତି ଶବ୍ଦ ବିଷୟରେ ଯାବତୀୟ କଥା ସାଙ୍ଗେ ସାଙ୍ଗେ ମିଳୁଛି । ବିଶ୍ୱକୋଷ ଆଉ ଛପା ହେବ ନି, ହେଲେ ବିକ୍ରି ହେବ ନି, କାରଣ ଗୁଗୁଲ-ସୂଚୀ ଭୁକ୍ତ ୱେବ୍ ପୃଷ୍ଠା ଗୁଡିକ ଏକ ବିଶାଳ ବିଶ୍ୱକୋଷ ରୂପ ନେଇଗଲାଣି ଏବଂ ନିମିଷକରେ ଶବ୍ଦ ବା ଶବ୍ଦପୁଞ୍ଜ ବା ଆପ୍ତ ବାକ୍ୟ ଖୋଜିଦେଉଛି, ପୁଣି କମ୍ପ୍ୟୁଟର ପାଖରୁ ନ ଉଠି, ବହି ନ ଖୋଲି ବା ପୃଷ୍ଠା ନ ଓଲଟାଇ । ମାଇକ୍ରୋସଫ୍ଟ କମ୍ପାନୀର ଏନ୍‌କାର୍ଟା ଏନ୍‌ସାଇକ୍ଲୋପେଡିଆ କେତେ ଜାକଜମକରେ ୧୯୯୩ ରୁ ଚାଲିଲା, ଏବେ ମାନଚିତ୍ର, ଫଟୋ ଆଦି ଥାଇ ବି ତାହା କାହାରି ଧ୍ୟାନ ଆକର୍ଷଣ କରୁନାହିଁ । ଇଣ୍ଟରନେଟ୍ ରଖିଥିବା ଲୋକେ ଆଉ ୱାର୍ଲ୍ଡ ବୁକ୍, ଏନ୍‌ସାଇକ୍ଲୋପେଡିଆ ବ୍ରିଟାନିକା ଖୋଜୁନାହାନ୍ତି । ଆଖିପିଛୁଳାକେ ଶବ୍ଦ ଓ ମାନେ ମିଳୁଛି । (ପୃ ୭୬ ଦେଖ)

# ଇଣ୍ଟର୍‌ନେଟ୍‌ରେ ଫୋନ୍ ବା ଇଣ୍ଟର୍‌ନେଟ୍ ଟେଲିଫୋନି

ନେଟ୍‌ର ତଥ୍ୟ ପଠାଇବାରେ ଇଣ୍ଟରନେଟ୍ ପ୍ରୋଟୋକଲ୍, IP, ବ୍ୟବହୃତ ହୁଏ । ଆଇପି ଟେଲିଫୋନି ଇଣ୍ଟରନେଟ୍‌କୁ ପରିବହନ ମାଧ୍ୟମ ରୂପେ ବ୍ୟବହାର କରେ, ଭଏସ୍ ପଠାଏ । ଏଥିପାଇଁ ଭୋଇପ୍, VoIP, ଭଏସ୍ ଓଭର୍ ଇଣ୍ଟରନେଟ୍ ପ୍ରୋଟୋକଲ୍, Voice over Internet Protocol ସଫ୍‌ଟୱେୟାର୍ ଦରକାର । ସାଧାରଣ କଥାବାର୍ତ୍ତାକୁ ଡିଜିଟାଲ୍ କରି ପଠାଇଲେ ବହୁତ ମେମୋରି ମାଡି ବସେ । ବେଣ୍ଡୱିଡ୍‌ଥ୍ କମ୍ ଥିଲେ ଅସୁବିଧା ହୁଏ । କମ୍ ମେମୋରିରେ ଯିବା ପାଇଁ ଡାଟା କମ୍ପ୍ରେସନ୍ ଆଲ୍‌ଗୋରିଦ୍‌ମ୍, data compression algorithms, ପ୍ରକ୍ରିୟାରେ ଅଡିଓ ସିଗ୍‌ନାଲ୍‌କୁ ଡିଜିଟାଲ୍ ଡାଟା କରାଯାଏ ଓ ପାଇବାବାଲା ପାଖରେ ଡିଜିଟାଲ୍ ଡାଟାରୁ ଶବ୍ଦରେ ପରିଣତ କରାଯାଏ ।

ଆଇପି ଟେଲିଫୋନି ତିନି ପ୍ରକାରର, କମ୍ପ୍ୟୁଟରରୁ କମ୍ପ୍ୟୁଟର, କମ୍ପ୍ୟୁଟରରୁ ଫୋନ୍ ଏବଂ ଫୋନ୍‌ରୁ ଫୋନ୍ । ଏଥିଲାଗି ଏମ୍ ଏସ୍ ନେଟ୍‌ମିଟିଂ, MS NetMeeting, ମେଡିଆ ରିଂ ଟକ୍, Media Ring Talk, ୟାହୁ ଫୋନ୍ କାର୍ଡ, ଭଳି ସଫ୍‌ଟୱେୟାର୍ ଦରକାର । ୟାହୁ ଇନଷ୍ଟାଣ୍ଟ ମେସେଞ୍ଜର୍ ଓ ଏମ୍‌ଏସ୍‌ଏନ୍ ମେସେଞ୍ଜର ସର୍ଭିସ୍ ଏ କାମ କରୁଛି । ପ୍ରେରକ ଓ ଗ୍ରହୀତା ଉଭୟଙ୍କର ଏକା ରକମର ସଫ୍‌ଟୱେୟାର୍ ଥିବା ଦରକାର । ଇଣ୍ଟରନେଟ୍ ଟେଲିଫୋନରେ ବେଳେ ବେଳେ ସାଧାରଣ ଟେଲିଫୋନ୍ ଭଳି ସ୍ପଷ୍ଟତା ଆସେ ନାହିଁ । ଇଣ୍ଟରନେଟ୍ ପ୍ରୋଟୋକଲ୍ ଭିତରେ ତ୍ରୁଟି ଯୋଗୁଁ ନିଜ ସ୍ୱର ଆଉ ଥରେ ଲେଖାଏଁ ଶୁଭେ ଓ ତାହା ଆଳାପରେ ଅସୁବିଧା ସୃଷ୍ଟି କରେ । ଆଉ ଯଦି ତୁମ ମାଇକ୍ ସ୍ପିକରର ପାଖାପାଖି ଥାଏ ସ୍ପିକରରୁ ଶବ୍ଦ ମାଇକ୍ ବାଟେ ଯାଇ ଦୋହରା (ଡବ୍ଲ) ଧ୍ୱନି, ପ୍ରତିଧ୍ୱନି, ତିଆରି କରେ । ମୁହାଁମୁହିଁ କଥାବାର୍ତ୍ତା ଲାଗି ଦରକାର, ଅତି କମ୍‌ରେ ୧୩୩ ମେଗାହର୍ଜର କମ୍ପ୍ୟୁଟର, ୩୨ ଏମ୍‌ବି ରାମ୍ RAM ଓ ୧୬ ବିଟ୍ ସାଉଣ୍ଡ କାର୍ଡ ଏବଂ ଗୋଟିଏ ଫାଷ୍ଟ (ଦ୍ରୁତତର) ମୋଡେମ୍ । ଭିଡିଓମେଲ୍ ସଫ୍‌ଟୱେଆର୍ ବି । Universal Serial Bus (USB) port, ୟୁଏସ୍‌ବି ଗାତ, ଥିଲେ ଭଲ । ୱିଣ୍ଡୋ ୯୮ ବା ପରବର୍ତ୍ତୀ ସଂସ୍କରଣରେ ୟୁଏସ୍‌ବି ପୋର୍ଟ ଥାଏ । ନଚେତ୍ କମ୍ପ୍ୟୁଟରରେ ଖାଲିଥିବା PCI ଗାତରେ ଶବ୍ଦ ସଂଗ୍ରାହକ, ଅର୍ଥାତ୍ ସାଉଣ୍ଡ କାପ୍‌ଚର୍, କାର୍ଡ ପୂରେଇବାକୁ ପଡିବ ।

କେତେକ ସଫ୍‌ଟୱେୟାରରେ କଲିଂ ଟାବ୍, Calling tab, ଥାଏ । ଏଠି ଚିପିଦେଲେ ଆସୁଥିବା କଲ୍‌ଟି ଆପେ ଆପେ ଶୁଭେ । ତାପରେ ଅଡିଓ ଟାବ୍ ଅଛି, ତାକୁ ଫୁଲ୍ ଡୁପ୍ଲେକ୍ସ, full duplex, କରିଦେଲେ ଉଭୟ ପକ୍ଷର କଥା ଶୁଣିହେବ । ତୁମର କଥାକୁ ରେକର୍ଡ କରିବା ସଙ୍ଗେ ସଙ୍ଗେ ପ୍ଲେ ବି କରିବ, କହୁଥିବା ବେଳେ ବି ଶୁଣିପାରିବ । ଏଥିରେ ଚଳଚ୍ଚିତ୍ର ବି ପଠାଇପାରିବ । କଥାବାର୍ତ୍ତା ସହ ଦୃଶ୍ୟ । ଏଇଟା ନଥିଲେ ୱାକିଟକି ଭଳି ଜଣେ କହି ସାରି ଚୁପ୍ ରହିଲେ ଆଉ ଜଣେ କହିବ ।










***ପ୍ଲଗ ଇନ୍*** Plug-in, ଆମ କମ୍ପ୍ୟୁଟରରେ ଗୋଟିଏ ୱେବ୍‌ପେଜ୍‌ରେ ନିର୍ଦ୍ଦିଷ୍ଟ ସୂଚୀ ଜାଣିବା ବା ଦେଖିବା ଲାଗି ୱେବ୍ ବ୍ରାଉଜର୍ ବ୍ୟବହାର କରୁଥିବା ପ୍ରୋଗ୍ରାମକୁ ପ୍ଲଗଇନ୍ କହନ୍ତି । ଯଥା ୱେବ୍ ପେଜ୍‌ରେ ଭିଡିଓ ଦେଖିବା-ଶୁଣିବା ଏକ ପ୍ରକାରର ଏକ ପ୍ଲଗ୍ ଇନ୍ ।

---

# ଟେଲିଫୋନି - କମ୍ପ୍ୟୁଟରରୁ କମ୍ପ୍ୟୁଟରକୁ ଫୋନ୍ କଲ୍

କମ୍ପ୍ୟୁଟରରୁ କମ୍ପ୍ୟୁଟରକୁ ଫୋନ୍ କଥାବାର୍ତ୍ତା । ମାଇକ୍ (Mic, ମାଇକ୍ରୋଫୋନ) ଓ ସ୍ପିକର୍ ଥିବା ଦରକାର. ମାଇକ୍‌ରେ କହିବ, ସ୍ପିକରରେ ଶୁଣିବ । ଟେଲିଫୋନ୍ ବିଭାଗର ଅଜାଣତରେ । ଫୋନ୍ ନମ୍ବର ଦରକାର ନାହିଁ । ଆଗେ ମାଗଣା ଥିଲା, ଏବେ ମେଲ୍ ପ୍ରୋଭାଇଡର କମ୍ପ୍ୟୁଟରରୁ କମ୍ପ୍ୟୁଟରକୁ କଲ୍ ପାଇଁ କିଛି ନେଉଛନ୍ତି, ଫୋନ୍‌ଠାରୁ ଶସ୍ତା ଅବଶ୍ୟ । ସ୍କାଇପେ ନାମକ ଏକ କମ୍ପାନୀ ଆମେରିକାର ଗ୍ରାହକମାନଙ୍କ ଠାରୁ ପାଉଣା ନେଇ ଫୋନ୍ ନମ୍ବରରେ ଫୋନ୍ ସୁବିଧା କମ୍ପ୍ୟୁଟର ବାଟେ ଦେଉଛି, କେବଳ ସ୍କାଇପେ ଗ୍ରାହକମାନଙ୍କ ସହ । ଆମେରିକା ବାହାରର ଗ୍ରାହକଠାରୁ ପାଉଣା ନେଉନାହିଁ ।

# ଇଣ୍ଟରନେଟ୍ ହିଁ ତୁମର ଲାଇବ୍ରେରୀ

ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ଲୋକଙ୍କୁ କିମ୍ବା ଆମ ଦେଶରୁ ଯାଇ ସେଠାରେ ବସବାସ କରିଥିବା ଲୋକର ପିଲାଙ୍କୁ ଶିବଙ୍କୁ ବେଲ ପତ୍ର ଦେଇ ପୂଜା କରାଯାଏ କହିଲେ ସେ ବେଲପତ୍ର କଣ ଜାଣିବାକୁ ଚାହିଁବ । ଅଲ୍‌ଟାଭିଷ୍ଟା ଇମେଜ୍ ସର୍ଚ୍ଚ ଇଂଜିନରୁ ଖୋଜିଲେ ଗଛ, ଫୁଲ, ଫଳ, ମଞ୍ଜି ଆଦି ଦେଖିବାକୁ ମିଳିବ । ସାରା ୱେବ୍‌ରୁ, କେବଳ ଭାରତୀୟ ସାଇଟ୍‌ରୁ, ନୁହେଁ । (କିପରି ଖୋଜିବ, ସର୍ଚ୍ଚ ଇଂଜିନ, ପୃ ୮୫ ଦେଖ)

**bael leaves - Google Search - Microsoft Internet Explorer**

Address http://www.google.com/custom?q=bael+leaves&sa=Search&client=pub-0987418253915647&forid=18

bael leaves — powered by Google — Results **1** - **10** of about **2,710** for **bael leaves**. (**0.10** seconds)

**Web** ସେକଣ୍ଡକର ଏକ ଦଶମାଂଶରେ ୨୭୧୦ ସାଇଟ୍‌ରୁ ପ୍ରଥମ ୧୦ଟି ସାଇଟ୍ ଦେଖାଉଛି ।

**Bael** Fruit as natural remedies for good health
An infusion of **bael leaves** is regarded as an effective remedy for peptic ulcer. The **leaves** are soaked overnight in water. This water is strained and taken ...
www.asianonlinerecipes.com/herbs-health/**bael**-fruit.php - Similar pages

**Bael**, Aegle Marmelos, **Bael** Fruit, Aegle Marmelos India, **Bael** India ...
Suppliers of quality **Bael**, **Bael** Fruits, **Bael Leaves** and Roots. Order bulk **Bael**, **Bael** Fruits, **Bael Leaves** and Roots from sales@biosourcing.com.
www.sssbiotic.com/product/**Bael**.asp - Similar pages

[PDF] **Bael** (Aegle Marmelos) Nature's Most Natural Medicinal Fruit
File Format: PDF/Adobe Acrobat - View as HTML
Tanin. This substance helps to cure diabetes. 2. Treatment of Asthma - Grind 5 gms. of **Bael leaves**. Add 1 spoon of honey. Take orally ...
orissagov.nic.in/e-magazine/Orissareview/Sept2004/englishPdf/**bael**.pdf - Similar pages

Shivaratri
Offerings of **bael leaves** are made to the Lingam. **Bael leaves** are very sacred as, it is said, Lakshmi resides in them. Hymns in praise of Lord Shiva, ...
www.hinduism.8k.com/shivaratri.html - Similar pages

VIRTUALBANGALORE.COM - Bangalore, Events ...
On the Shivalinga he had inadvertently offered the "**bael**" **leaves**. With his mouth he uttered the name of Shiva, thus he fulfilled the conditions needed for ...


AltaVista - Image Search results for: bael leaves - Microsoft Internet Explorer
File Edit View Favorites Tools Help
Back
Search
Favorites
Address
http://www.altavista.com/image/results?pg=q&stype=simage&imgset=2&q=bael+leaves
nero
Y!
atoall
Search
Groups
altavista
Web
Images
MP3/Audio
Video
News
bael leaves
FIND
Find:
Photos
Graphics
Buttons/Banners
Color:
All Colors
Sources:
All Sources
Sizes:
All Sizes
bael-leaves.jpg
146x152 • 3.7kB
More info
bael_fruit_slices.jpg
700x525 • 42.5kB
More info
bilwa4.jpg
480x349 • 99.3kB
More info
bilwa5.jpg
480x360 • 90.9kB
More info
beal leaves 1.jpg
400x300 • 28.4kB
More info
bot1158.jpg
710x540 • 88.2kB
More info

Google

list of scams worth India | Search | Advanced | Preferenc

Search: ⦿ the web ◯ pages from India

Telecom spectrum allocation: 'Scam worth Rs 18k cr involved ...
8 Nov 2008 ... New Delhi, November 8: In the backdrop of the row over spectrum allocation to mobile companies, Samajwadi Party alleged that a **scam worth** Rs ...
www.express**india**.com/latest-news/Telecom-spectrum-allocation-**Scam-worth**-Rs-18k-cr-involved/383124/ - 52k - Cached - Similar pages

**Scams worth** Rs 1,64467 unearthed-Chandigarh-Cities-The Times of **India**
ambala: according to figures collected from the cbi and central vigilance commission, **scams** involving rs 1,64467 crore have been unearthed from 1948 to 1997 ...
timeso**findia**.**india**times.com/articleshow/1508030762.cms - 38k - Cached - Similar pages

Results **1** - **10** of about **2,940,000** for **list of scams worth India**. (**0.12** seconds)

ଖବରକାଗଜରେ ବାହାରିବା ପୂର୍ବରୁ ବିଜ୍ଞାନ ଓ ବୈଷୟିକ ବିଦ୍ୟାରେ ଅଦ୍ୟତନ ବିକାଶ ଇଣ୍ଟରନେଟ୍‌ରୁ ସାଙ୍ଗେ ସାଙ୍ଗେ ଜାଣିହେବ । ଏଠାରେ ଭବିଷ୍ୟତ ବିଷୟ "ବିନା ତାରରେ ବିଜୁଳି ମିଳିବ" ।

WORLD SCIENCE

*"Long before it's in the papers"*
June 18, 2007
RETURN TO THE WORLD SCIENCE HOME PAGE

## Power goes wireless

June 18, 2007
By Frank Hadley, MIT
and staff

**A new system for transmitting power could get rid of the tangle of cables that keep aliv our cell phones, laptops and other devices, researchers report.**

**Physicists at the Massachusetts Institute of Technology in Cambridge, Mass. found th power could be transmitted without wires using special "resonant" antennas. The r searchers used the system to power a 60-watt light bulb more than two meters (about tw yards) from a wireless transmitter at 40 percent efficiency.**

ୟାହୁ ସର୍ଚ୍ଚ ଇଂଜିନ

Search In: ⦿ the Web ◯ in UK ◯ in Ireland

ଖୋଜିବାରେ ସାରା ୱେବ୍, ବା କେବଳ ବିଲାତ, UK,ର ୱେବ୍ ବା ଆୟର୍ଲାଣ୍ଡ, Ireland, ର ୱେବ୍

Editorial - The Rural Life - What the Land Says - NYTimes.com

http://www.nytimes.com/2009/06/11/opinion/11thu4.html

# What the Land Says

By VERLYN KLINKENBORG
Published: June 10, 2009

A couple of months ago, I found myse
in a public forum, what language the
it speaks to me. Several glib answers
my brain — mostly the names of arca
but it was a serious question. So I sai
believe, that I value the land for its si
freedom from language.

Not that I always experience this sma
way. There are days when I feel peste
nomenclature, when words like Robi
pseudoacacia — the black locust, whi

SIGN IN TO RECOMMEND

SIGN IN TO E-MAIL

PRINT

SHARECLOSE

LINKEDIN

DIGG

FACEBOOK

MIXX

MYSPACE

YAHOO! BUZZ

PERMALINK

ARTICLE TOOLS SPONSORED BY

Adam

ନିୟୁୟର୍କ ଟାଇମସ୍ ଭଳି ସମ୍ବାଦପତ୍ରର କୌଣସି ସମ୍ବାଦ ଖୋଲିଲେ ତୁମେ ତାକୁ ଛପାଇ ରଖିବ, କି କାହା ପାଖକୁ ପଠାଇବ ବା ସବୁ ଚିହ୍ନା ଲୋକଙ୍କୁ ଏକାଥରେ ପଠାଇବ ସେଥିଲାଗି ଭିନ୍ନ ଭିନ୍ନ ୱେବ୍‌ସାଇଟ୍ ସମ୍ପର୍କ (ଡାହାଣ ସ୍ତମ୍ଭର ଆର୍ଟିକ୍ଲ ଟୁଲ୍ ଦେଖ) ଦେଇଥାଏ । ସେଠି କ୍ଲିକ୍ କଲେ ଛପାଇବା ବା ପଠାଇବା ସହଜ ହୋଇଯାଏ । ତାକୁ କମ୍ପ୍ୟୁଟରରେ ରଖିବାକୁ (ଡାଉନ୍‌ଲୋଡ୍) ଚାହିଁଲେ ପ୍ରିଣ୍ଟ ବିକଳ୍ପକୁ ଯାଇ କପି କରି, ନୋଟ୍‌ବୁକ୍‌ରେ ଉତାରି, ସମ୍ପାଦନା କରି, ୱାର୍ଡ ଫର୍ମାଟ୍‌ରେ ସାଇତି ରଖିପାରିବ ।







ସମାଜ ଇପେପର୍ । ଏମ୍‌ଏସ୍ ଇଣ୍ଟରନେଟ୍ ଏକ୍ସପ୍ଲୋରର କେଉଁ ସଂସ୍କରଣରେ ଓ କେତେ ରିଜୋଲୁସନ୍‌ରେ ଭଲ ଦିଶିବ, କହୁଛି ।

Site best viewed in MS Internet Explorer 5.5+ in 800x600 & 1024x768 resolution.

ଇଣ୍ଟରନେଟ୍ ଏକ୍ସପ୍ଲୋରର ଅଦ୍ୟତନ ସଂସ୍କରଣ ଡାଉନ୍‌ଲୋଡ୍ କରିବାର ସୁବିଧା ଦେଉଛି ।

Click here to download the latest version of Internet Explorer

ତଳେ ସମାଜର ସାଧାରଣ (ଇପେପର୍ ନୁହେଁ) ସଂସ୍କରଣ






# ଇଣ୍ଟର୍‌ନେଟ୍‌ରେ ଖବର କାଗଜ

ଇଣ୍ଟର୍‌ନେଟ୍ ଥିଲେ ଖବର କାଗଜ କିଣିବା ପ୍ରାୟ ଦରକାର ନାହିଁ । ପ୍ରାୟ ସବୁ ସମ୍ବାଦପତ୍ର ଅନ୍‌ଲାଇନ୍ ଏଡିସନ୍, ଇଣ୍ଟର୍‌ନେଟ୍ ସଂସ୍କରଣ, ଦେଉଛନ୍ତି । ଓଡିଆ କାଗଜ ପଛରେ ଥିଲା, ଏବେ ପ୍ରାୟ ସମସ୍ତେ ଇଣ୍ଟରନେଟ୍‌ରେ ସଂସ୍କରଣ ଯୋଗାଉଛନ୍ତି, ସମାଜ ଇ-ପେପର ବାହାର କଲାଣି । ଏହା ବି ସହଜ । କାରଣ ଆଜିକାଲି ଯାହାକିଛି ଛପାଯାଉଛି, ସେସବୁ କମ୍ପ୍ୟୁଟରରେ ଟାଇପ୍ କରାଯାଉଛି । କମ୍ପ୍ୟୁଟର୍‌ରୁ ୱେବ୍‌ସାଇଟ୍‌କୁ ଅପ୍‌ଲୋଡ୍ କରିବା ସହଜ । ଇଂରେଜୀ ଭାଷାରେ ଇଣ୍ଟର୍‌ନେଟ୍ ବହୁତ ଆଗେଇଥିବାରୁ ଇଂରେଜୀ ସମ୍ବାଦପତ୍ରମାନେ ସାଙ୍ଗେ ସାଙ୍ଗେ ଅନ୍‌ଲାଇନ୍ ଏଡିସନ୍ ବାହାର କରୁଛନ୍ତି, ଛପା-ସମ୍ବାପତ୍ରରେ ବାସି ଖବର ମିଳିପାରେ, କିନ୍ତୁ ଇଣ୍ଟରନେଟ୍‌ରେ ତାଜା ଖବର, ଧାରାବାହିକ ବିବରଣି, ଦୃଶ୍ୟ ସହ ଖବର, ମିଳେ । ଖବର ଅଦ୍ୟତନ କରିବା ଲାଗି ପ୍ରକାଶକମାନେ ସ୍ୱତନ୍ତ୍ର ସଂପାଦକ, ସହ ସଂପାଦକ ବା ସମ୍ବାଦ ସଂପାଦକ ରଖିଛନ୍ତି । ଆମ ଓଡିଆ କାଗଜମାନେ ଏତେ ଖର୍ଚ୍ଚ କରୁନାହାନ୍ତି, ବିଶେଷ ଖବର ଥିଲେ ବି ଓଡ଼ିଆରେ ତାହା ମିଳୁନାହିଁ । ଅବଶ୍ୟ ଦିନେ ନା ଦିନେ ଇଂରାଜୀ ସମ୍ବାଦପତ୍ର ଭଳି ଓଡିଆ ସମ୍ବାଦପତ୍ର ଅଦ୍ୟତନ ଖବର ଯୋଗାଇବେ । ଇଂରାଜୀ ସମ୍ବାଦପତ୍ରମାନେ ପାଠକ ଯେପରି ଚାହୁଁଛି ସେପରି ଖବର ଯୋଗାଉଛନ୍ତି, ଯଥା କେବଳ ଶିରୋନାମା, ବା କେବଳ ଖେଳ ବା କେବଳ ବ୍ୟବସାୟ ବା କେବଳ ସେଆର ଦର - ଏଭଳି ଛଣା ଖବର ।






ଛବିରେ ସମ୍ପୃକ୍ତ ଓଡିଆ କାଗଜର ୟୁଆର୍‌ଏଲ୍ ଅଛି ।




## ଇଲେକ୍‌ଟ୍ରନିକ୍ ବହି ଓ ପତ୍ରିକା, E-zines, ebooks

ଇ-ପତ୍ରିକା ପ୍ରାୟ ମାଗଣା, କେତେକ ପ୍ରକାଶକ ଗ୍ରାହକ ଚାନ୍ଦା ମାଗନ୍ତି, କ୍ରେଡିଟ୍ କାର୍ଡରେ ଦେୟ ଦେଲେ ସେମାନେ ପତ୍ରିକା ଖୋଲି ଦିଅନ୍ତି । ଇ-ବହି ବିକ୍ରି ହୁଏ । ପାର୍ସଲରେ ଆସେ ନାହିଁ, ଡାଉନ୍‌ଲୋଡ୍ କରି ନିଜ କମ୍ପ୍ୟୁଟରରେ ବା ସିଡିରେ ରଖି ହେବ । ଉପଯୁକ୍ତ ପ୍ଲଗ୍‌ଇନ୍ ଥିଲେ, ଏହାକୁ ପଢି ହେବ, କମ୍ପ୍ୟୁଟର ପଢି ଶୁଣାଇବ, ଅନ୍ୟ କାମ କରୁଥିବା ବେଳେ ବା ଗାଡି ଚଳାଇ ଯାଉଥିଲା ବେଳେ ଆମେ ଶୁଣିବା । ଆନିମେସନ୍ ଥିଲେ ବହିର କେତେକ ଅଂଶ ଚଳଚ୍ଚିତ୍ର ଭଳି ଚାଲିବ ବା କଥା କହିବ ।




ଇଣ୍ଟରନେଟ୍‌ରେ ସମ୍ବାଦ, ପୁଣି ସଦ୍ୟ ବା ଅଦ୍ୟତନ ସମ୍ବାଦ, ମିଳିଯାଉଥିବାରୁ କାଗଜରେ-ଛପା ଖବରକାଗଜ ପଢ଼ିବା ଲୋକଙ୍କ ସଂଖ୍ୟା କମି କମି ଯିବ । ଇ-ପେପର୍ ଉପରେ ସମ୍ପାଦକମାନେ ନିର୍ଭର କରିବେ । ଶସ୍ତା ପଡୁଥିବାରୁ ଯୁକ୍ତରାଷ୍ଟ୍ର ଆମେରିକାର ଖବରକାଗଜର ସମ୍ପାଦକମାନେ ଭାରତୀୟ ଆଇଟି ଜ୍ଞାନୀଙ୍କୁ କାମରେ ଲଗାଇଲେଣି । ପାଠକକୁ ସେ ଚାହୁଁଥିବା ବିଷୟର ଖବର ମିଳିବ, ଅନ୍ୟ ଖବର ସେ ନ ଚାହିଁଲେ ଦେଖାଯିବ ନାହିଁ । ସମୟ ବଞ୍ଚିବ, ପୁଣି କାଗଜ ବ୍ୟବହାର କମିଯିବାରୁ ଜଙ୍ଗଲର ଗଛଲତା-କଟା କମିଯିବ ।




ଇଣ୍ଡିଆଟୁଡେର ଇ-ସଂସ୍କରଣ

ନେତା ହେବା ଲାଗି କାରିସ୍ମା (ଜନମୋହନ ଶକ୍ତି) ଦରକାର ନାହିଁ – ଏ ପ୍ରବନ୍ଧଟି ଆମେରିକାର ଟାଇମ୍ ମାଗାଜିନ୍‌ରୁ ଖୋଜିବାର ପୃଷ୍ଠା। http://www.time.com/time



# କିପରି ଖୋଜିବ (ସର୍ଚ୍ଚ ଇଂଜିନ୍)

ଇଣ୍ଟରନେଟ୍ ତୁମର ପ୍ରକାଣ୍ଡ ପାଠାଗାର (ପୃଷ୍ଠା ୭୬) କହିଲେ ସର୍ଚ୍ଚ ଇଂଜିନର କରାମତି ବୁଝାଏ । କୌଣସି ବିଷୟ ଜାଣିବା ଲାଗି ବା ପାଇବା ଲାଗି ସର୍ଚ୍ଚ ଇଂଜିନରେ ଖୋଜିଲେ ତାହା କେଉଁ ଠିକଣା (ୟୁଆର୍‌ଏଲ୍)ରେ ମିଳିବ ତାହା ବତାଇବ । ବିଷୟଟି ବହି, ପତ୍ରିକା, ଖବର, କଥା, ଶବ୍ଦ, ବା ଚିତ୍ର ହେଉ କିମ୍ବା କୌଣସି ଲୋକ ସମ୍ପର୍କରେ ହେଉ । ଆଗେ ଏକ ମାତ୍ର ସର୍ଚ୍ଚ ଇଂଜିନ ଥିଲା ଗୁଗୁଲ, ଏବେ ବହୁତ । କେତେକ ମେଲ୍ ପ୍ରୋଭାଇଡର ନିଜ ପକ୍ଷରୁ ସର୍ଚ୍ଚ ଇଂଜିନ ଯୋଗାଉଛନ୍ତି । ଭିନ୍ନ ଭିନ୍ନ ସର୍ଚ୍ଚ ଇଂଜିନ୍ ବିଭିନ୍ନ ପ୍ରକାରର ଫଳ ମିଳିଥାଏ, ତେଣୁ ଗୋଟିଏ କୌଣସି ସର୍ଚ୍ଚ ଇଂଜିନରେ ସବୁ ପ୍ରକାରର ଏକାଜାଗାରେ ମିଳିଯିବ, ତାହା ନୁହେଁ ।




ସମଧର୍ମୀ ୱେବ୍‌ସାଇଟ୍ ଦେଖି ନିଜର ୱେବ୍‌ସାଇଟ୍ କରିବା ସହଜ । ସର୍ଚ୍ଚ ଇଂଜିନକୁ ଯାଅ, ସମ୍ପୃକ୍ତ ବିଷୟରେ ୱେବ୍‌ସାଇଟ୍ କଣ କଣ ଅଛି ମାଗ । କେଉଁଟା ଅନୁକରଣୀୟ ବାଛ । ଏଠାରେ ଡାକଟିକଟ ସଂଗ୍ରହ (Philately) ସମ୍ପର୍କୀୟ ୱେବ୍‌ସାଇଟ୍ କଣ କଣ ଅଛି ପଚାରିବାର ଉତ୍ତର । ଭିନ୍ନ ଭିନ୍ନ ସର୍ଚ୍ଚ ଇଂଜିନର ଫଳ ଭିନ୍ନ, ଏକା ଜିନିଷ ଫିଲେଟଲୀ ୱେବ୍‌ସାଇଟ୍ ଖୋଜିବାରେ ଗୁଗୁଲ ୦.୨୧ ସେକେଣ୍ଡରେ ୧,୯୯,୦୦୦ ସାଇଟ୍ ଓ ୟାହୁ ୦.୯୯ ସେକେଣ୍ଡରେ ୧୪,୫୦,୦୦ ସାଇଟ୍, ଏଟୁଅଲ୍‌ରେ ୦.୨୧ ସେକେଣ୍ଡରେ ୭୬,୯୦୦ ସାଇଟ୍, ଆସ୍କଡଟ୍‌କମ୍‌ରେ ୭୭,୫୦୦ ସାଇଟ୍, ପୁଣି ଭିନ୍ନ ଭିନ୍ନ ଅଗ୍ରାଧିକାର ଭିତ୍ତିରେ । (ପୃ ୮୬ରେ ଛବି)




ଇଣ୍ଡ୍ୟାର ନିଜ ସର୍ଚ୍ଚରେ କିଛି ନାହିଁ ।

**philately websites - Ask.com Search - Microsoft Internet Explo**

Ask | philately websites

AskEraser Settings Sign In

Web Images

Showing 1-10 of 67,500 for philately websites

Recommended Links To Other **Philatelic Websites**

(RPSC) is Canada's national society for philatelists (stamp collectors, enthusiasts and aficic speaks for all Canadian collectors at provincial, federal and international levels of **philately**.

www.asppp.org/links.htm

**Stamps Philately**

Worldwide Rare Stamp Auctions. Join For Free & View Our Lo

Sandafayre.com/Philatelic

**Topical Postage Stamps**

Thematic and Topical Postage Stamps For Collectors and De

www.westminsterstamp.com/catalog

**eStampShop**

For Commonwealth & European stamps, booklets & FDCs at

www.estampshop.biz

**rubystamps**

thousands of stamps, covers, lots largest inventory-wholesale

www.rubystamps.com

**Related Searches**

- **Philately** Terms Used
- Dictionary of **Philately**
- **Philately** Definition
- Value of Old Postage Stamps
- Postage Stamps
- Stamp Dealers
- Stamp Collecting
- Stamps Collection
- **Philatelic** Supplies
- Stamp Prices
- Stanley Gibbons
- Scott Stamp

**Atoall** | philately websites | Search | powered by Google™

**Web** Results **1** - **10** of about **66,900** for **philately websites**. (**0.21** seconds)

Stamps **Philately**

Sandafayre.com/Philatelic Worldwide Rare Stamp Auctions. Join For Free & View Our Lots!

Topical Postage Stamps

www.westminsterstamp.com/catalog Thematic and Topical Postage Stamps For Collectors an

**Philately**

gbstamps.co.uk Do you collect Great Britain stamps ? full online listing

The-SaleRoom.com

www.The-SaleRoom.com Bid Live at Auction Rooms from Your Computer - Real-time Audio &

Recommended Links To Other **Philatelic Websites**

The American **Philatelic** Society **website** has information on Stampshow, as well as links to **philatelic** publications and information on all types of collecting ...

ସଚିତ୍ର ଇଣ୍ଟରନେଟ୍

http://sabitri.aahwaan.com/

ନ୍ୟାସା ନବୋଦିତା ଉପସ୍ଥାପନା କରୁଛନ୍ତି

# ସାବିତ୍ରୀ ବ୍ରତ କଥା

ଏକ ଓଡିଆ ଇ-ବୁକ୍, କେତେକ ଲୋକ ମାଗିଥିଲେ ବି କପି ପହଞ୍ଚୁ ନାହିଁ ।

**This e-Book is sponsored**

## Sabitri Brata Katha

This mythological manuscript is of much importance to all those billions of married women in India and in all the hindu traditional countries in world. Every year on the auspicious day of Sabitri Amabasya, all the women folk read and listen to this book, and it is said that those women who listen to this manuscript reach the BAIKUNTHA.

We at Aahwaan Infotech has been publishing this manuscript every year for last three years and now we present a copy of it to you.

---

ଇନ୍‌ବକ୍ସ କମ୍ପାନୀମାନେ ତାଙ୍କ କପିରାଇଟ୍ ମାନନ୍ତି, କିନ୍ତୁ ଗ୍ରାହକର ପରିଚୟ ଚୋରି କରନ୍ତି । ତୁମ ଖବର ସଂଗ୍ରହ କରନ୍ତି । କୌଣସି ଲେଖା ପ୍ରିଣ୍ଟ୍ ସ୍ତରକୁ ନେଲେ ଏମିତି ଲେଖା ଦିଶିବ, 'ନୋଟିସ୍: ଏଠାରେ ଆମେ ତୁମର ଘରୋଇ ବିବରଣୀ ସଂଗ୍ରହ କରୁଛୁ ।'

Terms of Service Remarks and Suggestions Copyright/IP Policy

Copyright © 2008 Reuters Limited. All rights reserved. Republication or redissemination of the

Printed from http://uk.news.yahoo.com/22/20081118/r_t_rtrs_pl_debtmrkt/tpl-uk-financial1-2

Notice: We collect personal information on this site. To learn more about how we use your info

---

ଆଜିକାଲି ଟ୍ବିଟର ମାନିଆ ଏତେ ବଢିଛି ଯେ ତାହା ଜରିଆରେ ଭୋଟରମାନଙ୍କୁ ପ୍ରଭାବିତ କରିହେବ ବୋଲି କୁହାଯାଉଛି । ନାସ୍‌ନାଲ୍ ଜିଓଗ୍ରାଫିକ୍ ଭଳି ପ୍ରସିଦ୍ଧ ପତ୍ରିକା ଟ୍ବିଟର ଓ ଫେସ୍ ବୁକ୍‌ରେ ମିଳୁଛି ।

**ALSO FROM NATIONAL GEOGRAPHIC**

**Visions of Earth**



National Geographic Magazine features breathtaking photos in Visions of Earth.

View Photos »

**Gigapixel Photos**



If a picture is worth a thousand words, what's a thousand-megapixel picture worth?

Read the Article, View Photos »

**Follow Nat Geo on twitter**

BECOME A FAN NATIONAL GEOGRAPHIC CHANNEL facebook

» Orissa's share of central universities in the 11th plan: Samaja op-ed by Sahadeva Sahu

Address http://www.orissalinks.com/archives/786

ଆମ ଓଡ଼ିଶା

A PLATFORM TO DISCUSS AND ACT ABOUT EDUCATION IN ODISHA

HOME | ARCHIVE | SUBSCRIBE | ABOUT US | CONTACT US

## Orissa's share of central universities in the 11th plan: Samaja op-ed by Sahadeva Sahu

November 2nd, 2007



# ଏକାଦଶ ଯୋଜନାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶାର ଭାଗ

ସହଦେବ ସାହୁ

୨୦୦୭ ନଭେମ୍ବର୨ର ଏ ପ୍ରବନ୍ଧରେ ଓଡିଶା ଦୁଇଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇବା ଉଚିତ୍ ବୋଲି ଲେଖାଯାଇଛି । ୨୦୦୯ ନିର୍ବାଚନ ପୂର୍ବରୁ କୋରାପୁଟରେ ଗୋଟିଏ ସ୍ଥାପିତ ହୋଇଛି । ଅନ୍ୟଟି ପାଇଁ ଲବି ଦରକାର ।

ପବିତ୍ର ଇଣ୍ଟରନେଟ୍



http://www.indianbuzz.com/index.php - Microsoft Internet Explorer
File Edit View Favorites Tools Help
Back Search Favorites
Address http://www.indianbuzz.com/index.php
Search Web Groups
Search Web MyStuff Zoom
ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ପୋଷ୍ଟିଂ ଓ ବଦଳିର ଖବର ପାଇବେ ଏଥିରୁ।
gfiles
INSIDE THE GOVERNMENT
INDIANBUZ
.: Buzz Today News Tomorrow :.
: Home : About Us : Advertise : Contact Us :
CATEGORY
India
TV Channels
News Papers
Magazines
Websites
Radios
Pakistan
TV Channels
News Papers
Magazines
Websites
Radios
USA
TV Channels
News Papers
Magazines
Websites
Radios
UK
TV Channels
News Papers
entertainment never ends...
HEADLINES
HAPPY DIWALI
Searh for Chief Secretary Andhra Prac
GAURI SINGH : JS New and Renewabl
ALKA TYAGI : CMD Hindustan Diamonc
PANKAJ SARAN: Joint Secretary PMO
Reshuffle in BANKS
S C JHA posted in Berlin
Dr S K BRAHMACHARI to be DG CSIR!
Lt. Gen. A S SEKHON will be new Direc Operations!
R PRASAD : new CBDT Chairman
RENU KHATOR: first Indian-American t USA
ASEEM MAHAJAN : Dy Secretary MEA
Orissa HC has new Addl Judges appo
Justice A.P.SUBBA transferred to Sikki
Punjab & Haryana HC have two NEW
HAPPY DIWALI Searh for Chief Secretary Andhra Pradesh! GAURI SINGH : JS New and Renewable Er







ତୁମ ଇନ୍‌ବକ୍ସ କିପରି ସଜାଇବ ? ଟୁଲ୍ ବାର୍ (ଉପାୟ ପଟି)ରେ ଅପ୍ସନ୍ ଉପରେ କ୍ଲିକ୍ କର, ବା ସ୍କ୍ରୋଲ କର, ଗଡାଇଆଣ । 'ମେଲ୍ ଅପ୍ସନ୍‌ସ' ବାହାରିବ, ସେଠି କ୍ଲିକ୍ କର । 'ଜେନେରାଲ' ବାଛ । 'ଟୁ' To ସ୍ତମ୍ଭ ଦେଖାଅ ବୋଲି ବିନ୍ଦୁ ଦେଲେ ହିଁ ଇନ୍‌ବକ୍ସରେ ପ୍ରାପକର ଠିକଣା ଆସିବ ।




ଏକାଧିକ ଇନ୍‌ବକ୍ସ (ଡାକମୁଣି) କରିଥିଲେ, ଯେଉଁ ଇନ୍‌ବକ୍ସକୁ ସବୁବେଳେ ଖୋଲୁଛ ସେଠିକି ଉତ୍ତରଟା ଆସୁ ବୋଲି ଚାହିଁବ । ତେଣୁ ତୁମେ କେଉଁ ଠିକଣାରେ ମେଲ୍ ପାଇବ (Reply to) ତାହା ଦର୍ଶାଇବ । ୟାହୁମେଲ୍‌ରୁ ପଠାଇଥିଲେ ବି ତାହାର ଉତ୍ତର ଜିମେଲ୍‌ରେ ଆସିବ ବୋଲି ଲେଖିପାର, କିମ୍ବା ଓଲଟା ଜିମେଲ୍‌ରୁ ପଠାଇଥିବା ଡାକର ଉତ୍ତର ୟାହୁମେଲ ଠିକଣାକୁ ଆସୁ ବୋଲି ନିର୍ଦ୍ଦେଶ ଦେଇପାର ।






ଭିଡିଓ **ତ୍ୱରାନ୍ୱିତ** କରିବାର ସାଧନ (ସ୍ପିଡ୍ ବିଟ୍ ଭିଡିଓ ଆକ୍ସିଲରେଟର) । ସାଧାରଣ ବ୍ରାଉଜର ତୁଳନାରେ ପ୍ରାୟ ୧୦ଗୁଣ ବେଗରେ **ଡାଉନ୍‌ଲୋଡ୍** କରିଥାଏ । ମାଗଣାରେ (ଫ୍ରି ୱେୟାର) ବା କିଣିବାକୁ ମିଳେ ।






ଯେଉଁ ସୂଚନାଟିକୁ ବେଶି ଥର ବା ବାରମ୍ବାର ଦେଖିବାକୁ ଚାହୁଁଛ ତାକୁ ଖୋଲିଥିଲା ବେଳେ ଫେଭୋରିଟ୍ ତାଲିକାରେ ଯୋଡିଦେଲେ ଆଉଥରେ ଖୋଲିଲା ବେଳକୁ ଫେଭୋରିଟ୍‌ରେ କ୍ଲିକ୍ କରି ଉକ୍ତ ୱେବ୍‌କୁ କ୍ଲିକ୍ କର, ତାହା ଆସିଯିବ ! ପୁଣି ୟୁଆର୍‌ଏଲ୍ ଟାଇପ୍ କରିବାକୁ ପଡିବ ନାହିଁ, କମ୍ପ୍ୟୁଟର ମନେ ରଖିଥିବ ।

ବାରମ୍ବାର ଟ୍ରେନରେ ଆସୁଥିବା କାହାରିକୁ ଆଣିବାର ଥିଲେ ତୁମ ଷ୍ଟେସନରେ ନିର୍ଦ୍ଦିଷ୍ଟ ଟ୍ରେନଟି କେତେବେଳେ ପହଞ୍ଚୁଛି ଜାଣିବାର ୟୁଆର୍‌ଏଲ୍‌ଟିକୁ* ପୁରା ୟୁଆର୍‌ଏଲ୍ ନ ଦେଇ ଏକ ନାମ ଦ୍ୱାରା ଚିହ୍ନିତ କରାଯାଇଛି । ସେହିପରି ଅନ୍ୟ ୟୁଆର୍‌ଏଲ୍‌ର ସଂକ୍ଷିପ୍ତ ନାମ ପାର୍ଶ୍ୱ ତାଲିକାରେ ଅଛି ।




ଇଣ୍ଟରନେଟ୍ ସଂଯୋଗ କଟି ଯାଇ ଥିଲେ ତାହା ହଳଦିଆ ରଙ୍ଗରେ ତଳ ଧାଡିରେ ଦେଖାଯିବ ।

**ଡାଉନ୍‌ଲୋଡ୍ କାଇଦା, ସେଭ୍ କରି ପରେ ଖୋଲ**

ଯଦି ନଥିରେ ଭାଇରସ୍ ଅଛି କି ନାହିଁ ଜାଣିନାହଁ, ତେବେ save ବିକଳ୍ପଟି ନେବ, ତାପରେ ଖୋଲିବା ବେଳେ ଭାଇରସ୍ ଚେକ୍ କରିବ । ପୁଣି ଯଦି ଇ-ମେଲ୍ ଖୋଲି ତାହାର ସଂଲଗ୍ନ ଫାଇଲ୍ ଖୋଲିପାରନାହିଁ, ତେବେ ଫାଇଲ୍‌ଟିକୁ ଆଉ କେଉଁ ପ୍ରୋଗ୍ରାମରେ ଖୋଲିହେବ କମ୍ପ୍ୟୁଟର ସାବଧାନ କରିଦିଏ, ଯଥା database, spreadsheet.




ନୂଆ ମେଲ୍ ପ୍ରୋଭାଇଡର ମାନେ ତାଙ୍କ ଇନ୍‌ବକ୍ସ ବ୍ୟବହାର କରିବାକୁ ଲୋଭ ଦେଖାଉଛନ୍ତି । ଏମିତି ଦେବୁ ସେମିତି ଦେବୁ କହୁଛନ୍ତି । ତୁମ ଇଚ୍ଛା ବା ଦରକାର ଅନୁଯାୟୀ ତୁମେ ପ୍ରୋଭାଇଡର ଠିକ୍ କର ।




ତୁମ ମେଲ କାମ କରୁଛି କି ନାହିଁ ଜାଣିବା ଲାଗି ଅଜଣା ଖଳଲୋକ ମାନେ ଛବି ଭିତରେ ଠିକଣା ଯାଞ୍ଚ କରିବାର ପାଠ ପଠାନ୍ତି, ଏହା ସ୍ପାମ୍, ଅଯାଚିତ ମେଲ୍, ଭିତରେ ଗଣା । ତେଣୁ ଜଣା ଲୋକଠାରୁ ଛବି ପାଇଲେ ଖୋଲ, ଅନ୍ୟକୁ ଅଟକାଇଦିଅ । ମେଲ୍ ପ୍ରୋଭାଇଡରମାନେ (ଏଠି ରିଡିଫ୍‌ମେଲ) ଛବିକୁ ବ୍ଲକ୍ (Block) କରନ୍ତି (ଅଟକାଇ ଦିଅନ୍ତି), ଛବି ବଦଳରେ କାଳିଆ ଇଲାକା ଦେଖାନ୍ତି । ତୁମେ ଯାଞ୍ଚ କରିବାକୁ ସମୟ ପାଇଯିବ, ଚାହିଁଲେ ଛବି ଖୋଲିବ । ନହେତ୍ ମେଲ୍‌ଟା ଲିଭାଇଦେବ (ଡିଲିଟ୍ କରିବ) ।

ମେଲ୍‌ରେ ଆବର୍ଜନା ଓ ଭାଇରସ୍ ଆସେ ବୋଲି କେତେକ ମେଲ୍ ପ୍ରୋଭାଇଡର ସେମାନଙ୍କ ସର୍ଭରରେ ରୋକିବାର ସଫ୍‌ଟୱେଆର ରଖିଛନ୍ତି, ଯଥା ତୁମେ ନ ଚାହିଁବା ଯାଏ ଛବି ନ ଦେଖାଇବା ।

କମ୍ପ୍ୟୁଟର ଭାଷା : ଡିସେବ୍ଲଡ୍ (Disabled) କାମ କରିବ ନାହିଁ, ଏନେବ୍ଲଡ୍ (Enabled) କାମ କରିବ

**I have moved to Indyarocks**
Bijay Acharya <2660290@irwebhost5.indyarocks.com> Add

Indyarocks

I have moved to Indyarocks. Now you can check out all my latest photos, videos and blogs at one place..

Click on the link below to join me
Link: http://www.indyarocks.com/register_step1.php?invitor=MjY2MDI5MA==&emailencryp=c2FoYWRjdmFzQHlhaG9vLmNvbQ==

Thanks
Bijay Acharya

**Why did I move?**

At Indyarocks I can

- Access and Share Movies, Games, Music and Cricket for free
- Send unlimited free SMS
- Participate in cool contests and Win Prizes.
- Buy movie tickets, print photos
- Share all my photos, videos and blogs from one place

**Indyarocks Tip**: Accept the invite on ly if you know this user.

Please note: This message was sent to you by a user at Indyarocks.com. Click here in case you do not wish to receive any invite from this user. Click here if you do not wish to get any invitations from any Indyarocks user. If you have any queries please contact us at privacy@indyarocks.com

ନୂଆ ନୂଆ ଇଣ୍ଟରନେଟ୍ ଯୋଗାଣକାରୀମାନେ ଭଲ ଭଲ ବିଭିନ୍ନ ପ୍ରକାରର ସେବା ଯୋଗାଉଛନ୍ତି ବୋଲି କହି ନୂଆ ନୂଆ ଗ୍ରାହକ (ମାଗଣା) ସଂଗ୍ରହ କରନ୍ତି । ଭଲ ଖରାପ ଯାଞ୍ଚ କରିବା ସମୟ୍ ଏଡାଇବା ଲାଗି ସାଙ୍ଗ ଜରିଆରେ ନିମନ୍ତ୍ରଣ ଜଣାନ୍ତି । ଜିମେଲ୍ ଯେତେବେଳେ ପ୍ରଥମେ ବଜାରକୁ ଆସିଲା ଏହି ଭଳି ନିମନ୍ତ୍ରଣ କ୍ରମେ ଗ୍ରାହକ କରୁଥିଲା । ଇଣ୍ଡିଆରକ୍ ୱେବ୍ ସାଇଟ୍ ଏକାଧାରରେ ଫଟୋ, ଭିଡିଓ ଓ ବ୍ଲଗ୍ ଯୋଗାଉଛି ତେଣୁ ମୁଁ ଇଣ୍ଡିଆରକ୍ସ ଗ୍ରାହକ ହେଲିଣି, ତୁମେ ହୁଅ ବୋଲି ମୋର ଏ ନିମନ୍ତ୍ରଣ କହି ଜଣେ ବନ୍ଧୁ ଇମେଲ ଦେଇଛନ୍ତି । ତୁମେ ଚୁପ୍ ରହିଲେ, କିଛି ନ କଲେ, ଦିନେ ଦୁଇ ଦିନରେ ଆଉ ଗୋଟିଏ ମେଲ୍ ଆସିବ ଯେ ତୁମ ସାଙ୍ଗ ଅରାଜି ହେଉଛନ୍ତି ତୁମର ଉତ୍ତର ନ ପାଇ । ଯଦି ଏକାଧିକ ଇମେଲ ସମ୍ଭାଳି ନ ପାରିବ ଏଭଳି ଇମେଲକୁ ଲିଭାଇ ଦିଅ । ଡାହାଣ ପୃଷ୍ଠାରେ ୱେଟ୍ପେଣ୍ଟ (wetpaint) ଓ ୟୁଏନ୍ୱାଇକେ (UNYK)ର ଏହିଭଳି ଏକ ନିମନ୍ତ୍ରଣ ।

wetpaint

**The e ORISSA Crew wants YOU!**
**Manisha <invite@wetpaint.com>** Add To: sahadeva.sahoo@yahoo

Hi netizens.Please visit this wiki site and join as registred user to share thoughts.I salute all of you.Happy surfing

accept invitation

Please come join Manisha on *e ORISSA*.

e ORISSA is a Wetpaint site, which means it's really easy for the people I invite to come and add what they know to the site.

**Personal invitation from Raviraj Parbat**
**Raviraj Parbat <charbhinti@gmail.com>** Add
To: sahadevas@yahoo.com

UNYK

**Personal invitation from Raviraj Parbat**

Hello,

Finally, a smart and simple way to manage your contacts!

With UNYK, I put all my contacts together in **one address book** that is **automatically updated.** One of my contacts changes his or her information at UNYK.com: My address book is updated. I change information at UNYK.com: My contacts' address books are updated. Simple, but life-changing!

Can I add you as one of my contacts? To accept, click here!

You too can create your own smart address book.

## ରାଇଟ୍ କ୍ଲିକ୍ ମେନୁ

Right click menu, ମାଉସ୍‌ର ଡାହାଣ ପାଖ କ୍ଲିକ୍ କଲେ ଯେଉଁ କାମତାଲିକା (ମେନୁ) ବାହାରେ । ଯେଉଁ ଆଇକନ୍ ପାଖରେ ରାଇଟ୍ କ୍ଲିକ୍ କରିବା ସେଇ ଆଇକନ୍‌ର ପ୍ରପର୍ଟିଜ୍ ବା ଗୁଣକୁ ଦେଖିହେବ, ବଦଳାଇ ହେବ, ତାର ସର୍ଟକଟ୍ କରିହେବ, ଭଣ୍ଡାର (ମେମୋରି) କମାଇହେବ, ଭାଇରସ୍ ସଫା କରିହେବ, ଇ-ମେଲ୍‌ରେ କାହାକୁ ପଠାଇହେବ ବା ଅନ୍ୟ ଫାଇଲ୍ ଭିତରେ ଭର୍ତ୍ତି କରିହେବ ।







ବହୁତ ଲୋକଙ୍କୁ ଏକାବେଳକେ ମେଲ୍ ଦେବାର ସୁବିଧା ଫେସ୍‌ବୁକ୍‌ରେ ଅଛି, କିନ୍ତୁ ଥରେ ସେଥିରେ ପଶିଲେ ବାହାରି ପାରିବ ନାହିଁ, ଅର୍ଥାତ୍ ନାଁ ଲିଭାଇ ପାରିବ ନାହିଁ । ଫେସ୍‌ବୁକ୍ ଭଳି ମାଇଁସ୍ପେସ୍ ବହୁ ଲୋକଙ୍କୁ ମେଲ୍ କରିବାର ବ୍ୟବସ୍ଥା କିନ୍ତୁ ଏଠୁ ବାହାରି ଯାଇହେବ ।

http://www.allindiaonline.in/

Connecting indians worldwide

rce & E Business | IT Enabled Services | Indic conte

# All India On-Line®

Web Hosting | Server Colocation | E Con

Whois Search
Domain Services
Web Hosting
Online Payment
Indic Content

**All India On-Line®**
**Connecting Indians Worldwide®**

Email: info@allindiaonline.in

A/93 Sahid Nagar,
Bhubaneswar - 751007, Orissa, India

ସବୁ ଭାରତୀୟଙ୍କୁ ଏକାଠି କରିବାର ପ୍ରୟାସରେ ଏ ୱେବ୍

**Essay - Referral System Turns Patients Into Commodities - NYTimes.com**

http://www.nytimes.com/2009/05/26/health/26essa.html?th&emc=th

I was chatting recently with a doctor friend who was depressed because he thought he had lost a referral source.

Enlarge This Image



"This internist was sending me patients," he told me, as I recall. "Then last month he sent me only one patient. And this month only one patient."

I nodded hesitantly, unsure what he was driving at.

"So I understand something must have happened," he said.

ଦୂର ପର୍ବତ ସୁନ୍ଦର ଯେ ପର୍ଯ୍ୟନ୍ତ ପାଖରେ ଦେଖିନାହଁ, ଇଣ୍ଟରନେଟ୍ ସବୁକୁ ପାଖ କରିଦେଉଛି, ଯଥା ଆମେରିକାରେ ବି ଦଲାଲମାନେ ଡାକ୍ତରଙ୍କୁ ରୋଗୀ ଜୁଟାନ୍ତି ।




କମ୍ପାନୀମାନଙ୍କ ଭିତରେ ପ୍ରତିଯୋଗିତା କାରଣରୁ ଆକ୍ସେସ୍ ପ୍ରୋଭାଇଡର ମାନେ ନୂଆ ନୂଆ ଫିଚର (ସୁବିଧା) ଯାଚନ୍ତି । ଯଥା: ୟାହୁମେଲ୍‌ର ଦୁଇଟି ନୂଆ କାମ— ସବୁ ସଂଲଗ୍ନିକାକୁ ଏକାବେଳକେ ଡାଉନ୍‌ଲୋଡ୍ କରିବା, ମୋବାଇଲ୍‌ରେ ଇମେଲ୍ ପାଇବା ।







ଉପରର ଚେତାବନୀକୁ ସୁଧାରିବାକୁ, ଅଦ୍ୟତନ କରିବାକୁ, ଯାଇ ଏ ଉତ୍ତର ମିଳିଲା । କ୍ୱିକ୍‌ହିଲ୍ ସପୋର୍ଟ ମାଗିବାରୁ ଯାହା ମିଳିଲା ତାହା ପର ପୃଷ୍ଠାରେ

General Update problems - Powered By Kayako eSupport - Microsoft Internet Explorer

http://support.quickheal.com/esupport/index.php?_m=knowledgebase&_a=viewarticle&kbarticleid=50

eSupport

Support Center » Knowledgebase » General Update problems

# General Update problems

Solution

For general update problem go through this article.

There are two possibilities if your QH license is not getting updated.

1] Either your system is infected by worm Kido.
2] Or Quick Heal is not getting updated due to heavy traffic on our server.

Now how to identify whether QH is not getting updated due any of above mentioned reasons.

Step 1 :

Well, check the error message you are receiving while trying to update Quick Heal, by going through start->Programs->Quick Heal->Quick Update.

Is it "Unable to detect Internet connection...." ?
If so, then check if www.quickheal.com is getting open on your Pc.

If not, then there are chances that your system is infected by worm kido, to remove this worm from your computer, visit below URL.

http://support.quickheal.com/esupport/index.php?_m=knowledgebase&_a=viewarticle&kbarticleid=41&nav=0,11

Alternate URL :

http://74.55.60.172/esupport/index.php?_m=knowledgebase&_a=viewarticle&kbarticleid=41&nav=0,11

Step 2:

If www.quickheal.com is getting open on your Pc, and you are getting message as
* "Unable to detect Internet connection..",
* "Connection disconnected from remote side."
* "Your Quick Heal license is up to date";

# ଅବିରତ ଡାଉନ୍ ଲୋଡ୍ ଉପାୟ

ଅନେକ ପ୍ରୋଗ୍ରାମ୍ ଡାଉନ୍‌ଲୋଡ୍ କରିବା ବେଳେ ବହୁତ ସମୟ ନିଏ, କାରଣ ସେଗୁଡିକ ଖୁବ୍ ବଡ । ଡାଉନ୍ ଲୋଡ୍ କରୁ କରୁ ବିଜୁଳି ଚାଲିଯିବା ଯୋଗୁଁ ହେଉ କି ଅନ୍ୟ କାରଣରୁ ହେଉ ଇଣ୍ଟରନେଟ୍ ବନ୍ଦ ହୋଇଯାଏ । ଡାଉନ୍‌ଲୋଡ୍ କଟିଯାଏ, ପୁଣି ମୂଳରୁ ଡାଉନ୍‌ଲୋଡ୍ ଆରମ୍ଭ କରିବାକୁ ପଡେ । ଜିନିଷ ଗଲା, ସମୟ ବି ନଷ୍ଟ, ଖର୍ଚ୍ଚ ବଢେ । ଏ ଅସୁବିଧା ଏଡାଇବା ପାଇଁ, ଡାଉନ୍ ଲୋଡ ଯେଉଁଠି କଟିଗଲା ସେଇଠୁ ଡାଉନ୍ ଲୋଡ୍ ପୁଣି ଆରମ୍ଭ କରିବା ପାଇଁ Godzilla (ଗୋଡ୍‌ଜିଲା) NetAnts (ନେଟ୍‌ଆଣ୍ଟସ୍) ଭଳି ପାଠ ଅଛି । ଏ ସଫ୍‌ଟୱେୟାର୍ ଅନ୍ ଥିଲେ ଡାଉନ୍‌ଲୋଡ୍ କରୁଥିବାବେଳେ କନେକ୍ସନ୍ କଟିଗଲେ ବି ପୁଣି କନେକ୍ସନ ମିଳିଲେ ଯେଉଁଠି ବନ୍ଦ ହୋଇଥିଲା ସେହିଠୁ ଆରମ୍ଭ ହେବ, ମୂଳରୁ ଆରମ୍ଭ କରିବା ଦରକାର ହେବନାହିଁ ।

ଇଣ୍ଟରନେଟ୍ ମାଧ୍ୟମରେ ହଜାର ହଜାର ରକମର ଛୁଆଙ୍କ ଖେଳ ମାଗଣାରେ www.kidsdomain.com ବା Universal Studio ଚଳାଉଥିବା Kid's Playroom ରୁ ଡାଉନ୍‌ଲୋଡ୍ କରିହେବ । ସଙ୍ଗୀତ ଶିକ୍ଷା, ବିଦେଶୀ ଭାଷା ଶିକ୍ଷା, ଓସ୍ତାଦ୍ ଭଳି ଚିତ୍ର ଆଙ୍କିବା, ଧର୍ମ ଦର୍ଶନ ଗଣିତ ଓ ବିଜ୍ଞାନ ଆଦି ଶିଖିବାର କୌଶଳ ମିଳେ । ସବୁ ଯଦି ତୁମେ ଡାଉନ୍‌ଲୋଡ୍ କରିବ ବହୁତ ଜାଗା ମାଡି ବସିବ, ତୁମ ପର୍ସନାଲ୍ କମ୍ପୁଟର୍ ଧୀର ହୋଇଯିବ । ତେଣୁ ଅତି ଦରକାର ନଥିଲେ ଡାଉନ୍‌ଲୋଡ୍ କରନାହିଁ ବା ଡାଉନ୍‌ଲୋଡ୍ କରିଥିଲେ ଲିଭାଇଦିଅ ।

ଇତିମଧ୍ୟରେ ଇଣ୍ଟରନେଟ୍ ବହୁତ ଆଗେଇଛି । ଖୁବ୍ ଜୋରରେ ଡାଉନଲୋଡ୍ କରିବା ଲାଗି ସ୍ପିଡ୍‌ବିଟ୍ ଆକ୍ସିଲରେଟର ଭଳି ସଫ୍‌ଟୱେୟାର ଭିଡିଓ ଭଳି ଖୁବ୍ ବେଶି ମେମୋରୀର ଡାଉନଲୋଡ୍ ପାଇଁ, ପୁଣି ଛବି ନ ଡେଇଁ (ବଫରିଂ ନକରି) ଦେଖିବାର ଏ ଏକ ଭଲ ଉପାୟ । ଯେଉଁଠି ବନ୍ଦ ହୋଇଥିଲା ସେହିଠୁ ଆରମ୍ଭ କରିବ ।

ଡାଉନ୍ ଲୋଡ୍ ହେଉଛି ବୋଲି କାଗଜ ପର୍ଦ୍ଦ ଉଡିଯାଉଥିବାର ଛବି,




ଫର୍ଦ୍ଦଟି ଖସିପଡିଲେ (ଡାଉନ୍ ଲୋଡ୍ ହେଲେ) ଲାଲ ବିସ୍ଫୋରଣ ଛବି ଆସିବ ।









## ପୋର୍ଟେବ୍ଲ ଡିଜିଟାଲ ଫର୍ମାଟ୍ (ବହନଶୀଳ ରୂପ) ଓ ଛପାଇବା

ଡାଉନ୍‌ଲୋଡ୍ ଛପାଇ ରଖିବାକୁ ଚାହିଁଲେ ପୋର୍ଟେବ୍ଲ ଡିଜିଟାଲ ଫର୍ମାଟ୍ (ପିଡିଏଫ୍) ଭଳି ଫାଇଲ ସୃଷ୍ଟି ହୁଏ ନାହିଁ । ଛବି ଆକାରରେ ଛପାଅ (ପ୍ରିଣ୍ଟ ଆଜ୍ ଇମେଜ୍), ବଡ ପୃଷ୍ଠାକୁ କାଗଜ ଆକାରର କର, ବୁଲାଇ ସିଧା କର ଓ କେନ୍ଦ୍ରରେ ରଖ, - କହିଲେ ଛପା ସୃଷ୍ଟି ହେବ । ଯେ କୌଣସି ଭାଷାର ପିଡିଏଫ୍‌କୁ ଇଣ୍ଟରନେଟ୍‌ରେ ପଠାଇହୁଏ, ପାଇବାଲୋକ ସେ ଭାଷାର ଫଣ୍ଟ (ବର୍ଣ୍ଣମାଳା)ର ସଫ୍‌ଟୱେଆର୍ ରଖିବା ଦରକାର ନାହିଁ । ଲେଖା ଡିଜିଟାଲ ଅର୍ଥାତ୍ ଲେଖାର ପ୍ରତି କଣା ବା ବିନ୍ଦୁ ଜ୍ୟାମିତିର ଗ୍ରାଫ୍ ଆକାରରେ, ଏକ୍ସ ଓ ୱାଇ କୋଅର୍ଡିନେଟ୍‌ରେ ଲିଖିତ ହୋଇ ରହୁଥିବାରୁ ଫର୍ଦ୍ଦର ନିର୍ଦ୍ଦିଷ୍ଟ ସ୍ଥାନରେ ରହିଯାଏ । ଛବି ପୋର୍ଟେବ୍ଲ (ସହଜରେ ନେବା), ହୁଏ । ପୃ ୮୮ ବି ଦେଖ ।)

# ମୋଡେମ୍ ଓ ଫାକ୍ସ

ଇଣ୍ଟର୍‌ନେଟ ସହ ସଂଯୁକ୍ତ ହେବା ଲାଗି କେବୁଲ କନେକ୍ସନ ବା ଟେଲିଫୋନ କନେକ୍ସନ ନେଲେ କଥା ସରେ ନାହିଁ । କମ୍ପ୍ୟୁଟରରେ ଗୋଟିଏ ମୋଡେମ୍ ଲାଗିଥିବା ଦରକାର । ମୋଡେମ୍ ହେଉଛି ଦୁଇଟି ଶବ୍ଦର ଯୋଖାରୁ ଗଢା ଗୋଟିଏ ସଂକର ଶବ୍ଦ। modulator, ମୋଡୁଲେଟର୍ ପ୍ରଥମ ଦୁଇ ଅକ୍ଷର ମୋ (mo), demodulator, ଡିମୋଡୁଲେଟର୍ ପ୍ରଥମ ତିନିଅକ୍ଷର ଡେମ୍ (dem), ମିଶି ହୋଇଛି ମୋଡେମ୍ । କଥା ବା ସୂଚନା ପଠାଇଲା ବେଳେ ମୋଡେମ୍‌ଟି ମୋଡୁଲେଟ୍ କରେ, କମ୍ପ୍ୟୁଟରର ଇଲେକଟ୍ରନିକ ସିଗ୍‌ନାଲକୁ ସାଉଣ୍ଡୱେଭ୍‌ରେ (ଶବ୍ଦତରଙ୍ଗରେ) ରୂପାନ୍ତର କରେ । ତାହା କେବୁଲ ବା ଫୋନ୍-ତାର ବାଟେ ଯାଇ ଅନ୍ୟ କମ୍ପ୍ୟୁଟରରେ ପହଞ୍ଚିଲେ, ସେଠାରେ ମୋଡେମ୍ ଓଲଟା କାମ କରେ, ସାଉଣ୍ଡ ସିଗ୍‌ନାଲକୁ ଡିଜିଟାଲ (ସଂଖ୍ୟାଭିତ୍ତିକ) ଇଲେକ୍‌ଟ୍ରୋନିକ୍ ସିଗ୍‌ନାଲରେ ରୂପାନ୍ତର କରେ । ଆଗେ ମୋଡେମ୍ ଆନାଲଗ୍ ଭିତ୍ତିରେ ଚାଲୁଥିଲା । ବ୍ରଡ୍‌ବେଣ୍ଡ ଟେକ୍ନୋଲୋଜି ଆସିଗଲା ପରେ ଡିଜିଟାଲ ହୋଇଯାଇଛି । ତାର ବା ବେତାରରେ ଆନାଲଗ୍ ଲାଇନରେ ସୂଚନା ଆସେ । ସୂଚନା ପଠାଇଲା ବେଳେ ଓ ପହଞ୍ଚିଲା ବେଳେ ଡିଜିଟାଲରେ ପରିବର୍ତ୍ତିତ ହୁଏ । ପ୍ରଥମେ ଗଲାବେଳେ ମୋଡୁଲେଟ୍ (ଡିଜିଟାଲରୁ ଆନାଲୋଗ) କରି ପହଞ୍ଚିଲା ବେଳକୁ ଡିମଡୁଲେଟ (ଆନାଲୋଗରୁ ଡିଜିଟାଲ) କରେ ବୋଲି ଏହାର ନାମ ମୋଡେମ ।

ଫାକ୍ସ ମେସିନ୍‌ରେ ୩ଟି ଜିନିଷ ଥାଏ, ସ୍କାନର, ମୋଡେମ୍ ଏବଂ ପ୍ରିଣ୍ଟର । ଯଦି ତୁମର ପର୍ସନାଲ୍ କମ୍ପ୍ୟୁଟର, ପ୍ରିଣ୍ଟର୍ ଓ ମୋଡେମ୍ ଅଛି, ତେବେ ଶସ୍ତା ସ୍କାନରଟିଏ ଲଗାଇଲେ, ଫାକ୍ସ ମେସିନ୍ କିଣିବା ଦରକାର ନାହିଁ । ଅଧିକାଂଶ ମୋଡେମ୍‌ରେ ଓ ସ୍କାନରରେ ଫାକ୍ସର ସଫ୍‌ଟୱେଆର୍ ଥାଏ । ୱିଣ୍ଡୋ ୯୫ର ଅଙ୍ଗ ରୂପେ ମାଇକ୍ରୋସଫ୍‌ଟ ଫାକ୍ସ ଓ ୱିଣ୍ଡୋ ୯୮ରେ ଆଟ୍‌ୱାର୍କ ଫାକ୍ସ ସଫ୍‌ଟୱେଆର୍ ଥାଏ । ଏହାକୁ ଇନ୍‌ଷ୍ଟାଲ କରିବା (ପୂରେଇବା) ପୂର୍ବରୁ ଗୋଟିଏ ମାଇକ୍ରୋସଫ୍‌ଟ ମେଲ୍‌କ୍ଲାଏଣ୍ଟ ଥିବା ଦରକାର । ଯଦି ନାହିଁ, ୱିଣ୍ଡୋଜ୍ ୯୮ ସିଡି-ରୋମ୍‌ରୁ ସେହି ପାଠ ଆଣି ପୂରାଇ, ୱିଣ୍ଡୋଜ୍ ୯୮ରୁ, Start, Setting ଓ ପରେ Control Panelକୁ କ୍ଲିକ୍ କର, Add/Removeକୁ ଦୁଇଥର କ୍ଲିକ୍ କରି, Install/uninstall କ୍ଲିକ୍ କର, ତା ପରେ Microsoft Outlook ୯୮ କ୍ଲିକ୍ କରି, Add/ Removeକୁ କ୍ଲିକ୍ କର । Add New Components କୁ ତା ପରେ କ୍ଲିକ୍ କଲେ କମ୍ପ୍ୟୁଟର ପଚାରିବ, ୱାର୍ଲ୍ଡ ୱାଇଡ୍ ୱେବ୍ ନା ସିଡି-ରୋମ୍ କେଉଁଥିରୁ ନେବ । ଦ୍ୱିତୀୟଟି ବାଛିବ । ଆଉଟ୍‌ଲୁକ୍ ଏବେ ଇଣ୍ଟରନେଟ୍ ଏକ୍ସପ୍ଲୋରର ଆରମ୍ଭ କରିଦେବ, ୱେବ୍ ପେଜ୍‌କୁ ଯୋଡିଦେବ । Symantec Winfax Starter Edition କ୍ଲିକ୍ କରି ତା ପରେ Next କ୍ଲିକ୍ କଲେ ପାଠ ପୂରେଇବା (ଇନ୍‌ଷ୍ଟାଲେସନ୍) ସମ୍ପୂର୍ଣ୍ଣ ହୋଇଗଲା । ସବୁ ପ୍ରୋଗ୍ରାମ୍ ବନ୍ଦ କରି ଏବେ କମ୍ପ୍ୟୁଟର ରିଷ୍ଟାର୍ଟ କରିଦେଲେ ମୋଡେମ୍ ଡାଏଲ୍ କରି ଫାକ୍ସ ପଠାଇବ । ପାଇବାବାଲାର ଫାକ୍ସ ମେସିନ୍ ଥାଉ କି ମୋଡେମ୍ ଥାଉ, ସେ ଫାକ୍ସ ପାଇବ । Symantec, ସିମାଣ୍ଟେକ୍, କମ୍ପାନୀର ୱିନ୍‌ଫାକ୍ସପ୍ରୋ WinFaxpro

ସଫ୍‌ଟୱେୟାର୍‌ଟି ଭଲ ବୋଲି କୁହାଯାଏ । ଏଥିରେ ପ୍ରାୟ ୨୦୦ ପ୍ରଥମ ପୃଷ୍ଠା (ମଲାଟର) ନକ୍ସା (cover-page designs), ମାଇକ୍ରୋସଫ୍‌ଟ ଏକ୍ସଚେଞ୍ଜ୍ ଫୋନ୍‌ବୁକ୍ ସହିତ ମେଳ କରିବା ବ୍ୟବସ୍ଥା, ଆଦି ଅଛି । ମାଇକ୍ରୋସଫ୍‌ଟ ଫାକ୍ସ ଭଳି ଅଧିକାଂଶ ସଫ୍‌ଟୱେୟାରରେ ଏକାଧିକ ଡିଜାଇନ୍‌ର ମଲାଟ ବା କଭର ପେଜ୍ ଥାଏ, ଏହା ଉପରେ ତୁମେ ବାର୍ତ୍ତା ପଠାଇ ପାରିବ । ଛବି ବା ପିକ୍‌ଚର୍ ପୋଷ୍ଟ କାର୍ଡରେ ଚିଠି ଲେଖିଲା ଭଳି ଏ ବେଶ୍ ବଢ଼ିଆ ଦିଶିବ । ଯଦି ଜଣେ ଜଣାଶୁଣା ଲୋକଙ୍କୁ ଫାକ୍ସ କରୁଛ, ମଲାଟ ଦରକାର ନାହିଁ । ସମୟ ଓ ୱେବ୍‌ସାଇଟ୍ ଖର୍ଚ୍ଚ ବଞ୍ଚିବ, ପାଇବାବାଲାର ବି କାଗଜ କମ୍ ଦରକାର । ଯଦି କୌଣସି କମ୍ପାନୀ ବା ଅଜଣା ଲୋକକୁ ପଠାଅ, ତେବେ ସେଥିରେ ଚିଠି ନଂ, ତାରିଖ, ବିଷୟବସ୍ତୁର ଶିରୋନାମା, କେତେ ପୃଷ୍ଠା ପଠାଇଲ, ତାହା ସବୁ ଦେବାକୁ ପଡ଼େ । ନିଜର ସନ୍ତକ ବା ଲୋଗୋ ରଖିପାର । ଦସ୍ତଖତକୁ ସ୍କାନ୍ କରି ଫାକ୍ସରେ ରଖିପାରିବ । ଯଦି ସ୍କାନର ନାହିଁ ଜଣେ ଫାକ୍ସ ରଖିଥିବା ସାଙ୍ଗ ପାଖକୁ ଦସ୍ତଖତ ଫାକ୍ସରେ ପଠାଇବ ଓ ସେ ଫେରନ୍ତା ଫାକ୍ସରେ ତୁମକୁ ପଠାଇବାକୁ କହିବ, ତାକୁ ପାଇ କ୍ଲିପ୍ କରି କମ୍ପ୍ୟୁଟରରେ ରଖିବ, ତାହା ହେବ ତୁମ ଦସ୍ତଖତ । ଫାକ୍ସ କଭର ପେଜ୍ ମଲାଟଟି ମଧ୍ୟ ଲେଟର ହେଡ୍ ଭଳି କାମ କରିପାରିବ ।

କମ୍ପ୍ୟୁଟର ଫାକ୍ସ ଗୋଟିଏ ସ୍ୱତନ୍ତ୍ର ଫାକ୍ସ କଳଠାରୁ ୩ଟି ଦୃଷ୍ଟିରୁ ଭଲ । ଅଧିକାଂଶ ଫାକ୍ସ ମେସିନ୍‌ରେ ସ୍କାନିଙ୍ଗ୍ ହେଡ୍ ଲୁଚିରହିଥାଏ, ତେଣୁ ସଫା କରିହୁଏନାହିଁ । ବେଳେ ବେଳେ କାଳି ଛିଟିଲା ଭଳି ବା ଗାର ଗାର ଆସେ । ପାଇବା ଲୋକ ନ କହିବା ପର୍ଯ୍ୟନ୍ତ ତୁମେ ଜାଣିପାରିବ ନାହିଁ । କମ୍ପ୍ୟୁଟର୍‌ରୁ ବାହାରୁଥିବା ଫାକ୍ସ ସବୁବେଳେ ସ୍ୱଚ୍ଛ । ଆସୁଥିବା ଫାକ୍ସଗୁଡ଼ିକ କମ୍ପ୍ୟୁଟରର ହାର୍ଡ ଡିସ୍କରେ ରହିଯିବା ଯୋଗୁଁ ତୁମେ ଯେତେବେଳେ ଚାହିଁବ ପଢ଼ିପାରିବ, ସଂଶୋଧନ କରିପାରିବ ବା ଛପେଇ ପାରିବ । ସବୁଠୁ ବଡ଼ କଥା ହେଉଛି ୩ୟ ଲାଭ, ଫାକ୍ସ ମେସିନରେ କାଗଜ ନଥିଲେ ଫାକ୍ସ ଗ୍ରହଣ କରେ ନାହିଁ । କିନ୍ତୁ କମ୍ପ୍ୟୁଟର- ଫାକ୍ସ ହାର୍ଡ ଡିସ୍କରେ ସାଧାରଣତଃ .tif ଫର୍ମାଟରେ ରହିବ । ପ୍ରିଣ୍ଟ ଦରକାର ହେଲେ କାଗଜ ପୂରେଇବ । କମ୍ପ୍ୟୁଟର ଖୋଲାଥିଲେ, ଫାକ୍ସ ଆସୁଛି ବୋଲି ଗୋଟିଏ ଶବ୍ଦ ହେବ ବା ଛବିଟିଏ ପରଦାରେ ଆସିଯାଏ, କ୍ଲିକ୍ କଲେ ଫାକ୍ସ ଦେଖାଯିବ । ସବୁ ଫାକ୍ସ ସଫ୍‌ଟୱେଆର ଦୁଇ ଉପାୟରେ ବ୍ୟବହାର କରାଯାଇପାରେ । ପ୍ରୋଗ୍ରାମ୍ ଆରମ୍ଭ କରି କଣ ଫାକ୍ସ କରିବ ତାହା ଠିକ୍ କରିବ । ତା ପରେ Send ବୋତାମକୁ କ୍ଲିକ୍ କରିବ । କିମ୍ବା Word processor ବା ଅନ୍ୟ ଆପ୍ଲିକେସନରେ ଫାକ୍ସକୁ ବିକଳ୍ପମୁଦ୍ରକ, printer, ହିସାବରେ ବାଛିବ । ମୋଡେମ୍ on ଥିଲେ କାମ ବନ୍ଦ ନ କରି ମଧ୍ୟ ଫାକ୍ସ ପାଇ ପାରିବ । ମାଇକ୍ରୋସଫ୍‌ଟ ୱେବ୍‌ସାଇଟ୍‌ରୁ Imaging for Windows ଡାଉନ୍‌ଲୋଡ୍ କରିଥିବା ଫାକ୍ସ ଛାପିବା ପୂର୍ବରୁ ନିଜର ମତାମତ ଯୋଡ଼ି ପାରିବ କିମ୍ବା ଫାକ୍ସଟିକୁ ଅନ୍ୟ କାହାକୁ ପଠାଇ ଦେଇ ପାରିବ ।

# ଇ-ମେଲ୍ ଠିକଣା ଖୋଜିବା

କୋଟି କୋଟି ଲୋକ ଇ-ମେଲ୍ ଗ୍ରାହକ । ଯଦି ତୁମେ ବନ୍ଧୁଙ୍କ ଠିକଣା ଜାଣିନ, ତାହା ପାଇବ କିପରି? WhoWhere, Four11, Bigfoot, ଭଳି ୱେବ୍‌ସାଇଟ୍ ବ୍ୟକ୍ତିବିଶେଷ ଓ ବ୍ୟବସାୟୀ ମାନଙ୍କର ଇ-ମେଲ୍ ଠିକଣା ରଖନ୍ତି । ୟାହୁମେଲ୍ ଭଳି ସର୍ଭିସ୍ ପ୍ରୋଭାଇଡରମାନେ ସେମାନଙ୍କ ହୋମ୍ ପେଜ୍‌ରେ ଲୋକଙ୍କ ଇମେଲ ଖୋଜିବା ସୁବିଧା ଦେଇଛନ୍ତି । ନାମ ସହ ଅଞ୍ଚଳ ନାଁ ଦେଲେ ଇମେଲ ଠିକଣା ମିଳିଯାଏ । ପୂରା ଲେଖିବା ଦରକାର ନାହିଁ, ମୁଖ୍ୟ ଶବ୍ଦ (କି' ୱାର୍ଡ) ଟାଇପ୍ କରିଦେଲେ ସର୍ଚ୍ଚ ଆରମ୍ଭ ହୋଇଯାଏ, ଯଦି ନମିଳିଲା, ବିକଳ୍ପ କଣ କଣ ହୋଇପାରେ ପରାମର୍ଶ ଦିଏ । ନେଟ୍‌ସ୍କେପ୍ ମେସେଞ୍ଜର, ମାଇକ୍ରୋସଫ୍‌ଟ ଆଉଟ୍ ଲୁକ୍ ଏକ୍ସପ୍ରେସ୍, ୟାହୁମେଲ ଓ ୟୁଡୋରା ଭଳି କେତେକର ନିଜ ପୃଷ୍ଠାରେ ସର୍ଚ୍ଚ ଇଂଜିନ୍ ସୁବିଧା ଅଛି । ଠିକଣା ଖୋଜିବାର ସାଇଟ୍ ତିନି ପ୍ରକାରର - ସର୍ଚ୍ଚ ଇଂଜିନ୍, ୱେବ୍ ଡାଇରୋକ୍ଟୋରିଜ୍ ଓ ସମାନ୍ତରାଳ ତଥା ମେଟାସର୍ଚ୍ଚ ସାଇଟ୍ । ଏକ୍ସାଇଟ୍, Exciete, ଓ ହଟ୍ ବଟ୍, HotBot, ଭଳି ସର୍ଚ୍ଚ ଇଂଜିନ୍, ୱେବ୍ ସ୍କ୍ରୋଲର୍ ବା ସ୍ପାଇଡର ଭଳି ସଫ୍‌ଟ୍‌ୱେଆର୍ ବ୍ୟବହାର ହୁଏ, ଗୋଟିଏ ୱେବ୍ ସାଇଟରୁ ଆଉ ଗୋଟିଏ ୱେବସାଇଟକୁ ଗତି କରେ । ଲକ୍ଷ ଲକ୍ଷ ୱେବ୍ ସାଇଟକୁ ଛୁଇଁ ତାକୁ ଅଦ୍ୟତନ, ଅଦ୍ୟାବଧି (ଅପ୍‌ଟୁଡେଟ୍) କରେ । ଏ କାମ କରିବା ପାଇଁ କେତେକ ସମ୍ପାଦକ ବା ଏଡିଟର ନିଯୁକ୍ତ ଥାନ୍ତି ।

# ସାଇବରସ୍ପେସ୍ ଓ ଭଦ୍ରାମି

ସାଇବର୍ ମାନେ ଜୀବ ଅଜୀବ ଭିତରେ ସ୍ୱତଃ ଚଳମାନ ଓ ଯୋଗାଯୋଗ ବ୍ୟବସ୍ଥା । ସ୍ପେସ୍ ମାନେ ସ୍ଥାନ ବା ଦୁନିଆ, କମ୍ପ୍ୟୁଟର ଭିତରର ଦୁନିଆକୁ ସାଇବର ସ୍ପେସ୍ କହନ୍ତି । ନିୟମ, ଆଦବ କାଇଦା, ମାନିବାକୁ ଏଟିକେଟ୍, ଇଣ୍ଟରନେଟ୍‌ରେ ତା ମାନିବାକୁ, ଭଦ୍ର ବ୍ୟବହାରକୁ, ନେଟିକେଟ୍, Netiquette, କହନ୍ତି । ସ୍ପାମିଙ୍ଗ୍ ବା ଗୋଟିଏ ବାର୍ତ୍ତାକୁ ବହୁତ ଲୋକଙ୍କୁ ବା ଚାହୁଁନଥିବା ଲୋକକୁ ପଠାଇବା ଏକ ଅଭଦ୍ରାମି । ଇଣ୍ଟରନେଟରେ ଶବ୍ଦ-ସଂକ୍ଷେପ ବ୍ୟବହାର ଅଭଦ୍ରାମି ନୁହେଁ, ଯଥା IRL, in real life, ବାସ୍ତବ ଜୀବନରେ, ପାରିବାରିକ ଜୀବନରେ । FYI, for your information, ତୁମ ଗୋଚରାର୍ଥେ (ଜାଣିବା ପାଇଁ), :-smiley face, ହସୁଛି (ପୃଷ୍ଠା ୧୪। ସୌଜନ୍ୟର ଆଉ ଗୋଟିଏ ଦିଗ ଇ-ମେଲ୍ ପଠାଇବାରେ । ଧର, ସହଦେବ ଠିକଣା ଖୋଜିଲ, 'ସହଦେବ' ନାମଧାରୀ ସମସ୍ତଙ୍କ ଇ-ମେଲ୍ ଠିକଣା ଆସିବ । ଏ ବଡ ତାଲିକା ଭିତରୁ ତୁମ ସହଦେବକୁ ଚିହ୍ନିବ କିପରି? ଗୋଟିଏ 'ସହଦେବ'କୁ ବାଛି ତାକୁ ନମ୍ରତା ସହକାରେ ଇ-ମେଲ୍‌ଟିଏ ପଠାଇ ପଚାରିବ, ଆପଣ ଅମୁକ ସହଦେବ କି? ଏ ହେଉଛି ନେଟିକେଟ୍, ନେଟ୍ ସୌଜନ୍ୟତା । ତାଙ୍କଠାରୁ ହଁ ପାଇଲା ପରେ ବ୍ୟକ୍ତିଗତ, ଗୋପନୀୟ, ବାର୍ତ୍ତା ପଠାଇବ । ନଚେତ୍ ତୁମ ଘରୋଇ କଥା ବାହାରେ ପଡିଯିବ ଯେ !




# ଯାବତୀୟ ସମସ୍ୟାର ସମାଧାନ

କମ୍ପ୍ୟୁଟରଟି ଅସୁବିଧା କଲେ, ଘରେ ବସି ପର୍ସନାଲ୍ କମ୍ପ୍ୟୁଟର ବ୍ୟବହାର କରୁଥିବା ଲୋକ ଗୋଟିଏ ବଡ ସମସ୍ୟାର ସମ୍ମୁଖୀନ ହୁଏ । ତେବେ ଗୁଡିଏ ନିଉଜ୍ ଗ୍ରୁପ୍, News groups, ସାହାଯ୍ୟ ଯୋଗାନ୍ତି । ଯଥା, ମାଇକ୍ରୋସଫ୍ଟ, microsoft ଓ ପବ୍ଲିକ୍, public । କେତେକ ପ୍ରଶ୍ନୋତ୍ତର ସୁବିଧା ଯୋଗାଇ ଜ୍ଞାନୀ ଲୋକେ ତୁମ ପ୍ରଶ୍ନର ସମାଧାନ କରିପାରନ୍ତି । ସେହିଭଳି କେତେକ ନିଉଜ୍ ଗ୍ରୁପ୍‌କୁ ଡିସ୍କ ମାନେଜ୍‌ମେଣ୍ଟ୍, disk management, ପାଇଁ ତ, କେତେକ ପ୍ରିଣ୍ଟିଙ୍ଗ୍, printing, ଅର୍ଥାତ୍ ଛପାଇବା ବିଷୟରେ ପ୍ରଶ୍ନ କରିପାରିବ । ଡେଜାନିଉଜ୍ ପାଇବାଲାଗି http://dejanews.com କ୍ଲିକ୍ କରିବ, ପ୍ରଥମେ ଗୁଗ୍ଲର ୱେବ୍ ପୃଷ୍ଠା ଦେଖିବ, ବିଭିନ୍ନ ବିଷୟର ଏକ ସୂଚୀପତ୍ର । ଅଧିକାଂଶ ପ୍ରଶ୍ନର ଉତ୍ତର ସେମାନଙ୍କ ୱେବପେଜ୍‌ରେ ଥାଏ, ଆଉଥରେ ପଚାରିଲେ ଅଭଦ୍ରାମି ହୁଏ । ଉତ୍ତର ନଥିଲେ କମ୍ପୋଜ୍, Compose, ବୋତାମଟି ଟିପି ପ୍ରଶ୍ନ ଲେଖି ତା ସଙ୍ଗରେ ନିଜ କମ୍ପ୍ୟୁଟରର ସବୁ ଟେକ୍ନିକାଲ ତଥ୍ୟ ଯୋଗାଇ ଇ-ମେଲ୍ କଲେ ତୁମେ ଉତ୍ତର ପାଇପାରିବ । ତୁମେ ଚାହୁଁଥିବା ବିଷୟର ଶିରୋନାମା ବା କେତେ ଗୁଡିଏ ମୁଖ୍ୟ ଶବ୍ଦକୁ ଧରି ପଚାରିଲେ ଇଣ୍ଟରନେଟ୍‌ରୁ ଉତ୍ତର ମିଳେ । ଏ ଦିଗରେ ଦୃଶ୍ୟ ଓ କଥା ଜରିଆରେ ୟୁଟ୍ୟୁବ୍ କିପରି ମରାମତି କରାଯାଏ ଦେଖାଇଦେବ । ପ୍ରସବ-ଅପେକ୍ଷାରେ ଥିବା ମାଆ ପ୍ରସବ କିପରି ହୁଏ ଦେଖିପାରିବ । ଡାକ୍ତରୀ ଚିକିତ୍ସା, ଏପରିକି ନିର୍ଦ୍ଦିଷ୍ଟ ରୋଗରେ ଅପରେସନ୍ କିପରି ହୁଏ ଦେଖାଇବ । ଅଙ୍କ କଷିବାର ସୂତ୍ର (ଫର୍ମୁଲା) ବି । ଅକ୍ଷର କିପରି ଲେଖିବ ତାହା ବି (ପୃ ୫୮ରେ ଛବି ଦେଖ) ।

# ସଂଲଗ୍ନିକା ବା ଆଟାଚ୍‌ମେଣ୍ଟ କିପରି ପଠାଇବ

ଚିଠିଟିଏ ବା ଖାଲି କେତେ ଗୁଡ଼ିଏ ଶବ୍ଦର ପୃଷ୍ଠାଟିଏ ପଠାଇବାକୁ ଖୁବ୍ କମ୍ ମେମୋରୀ ନିଏ, ତେଣୁ ଖୁବ୍ କମ୍ ସମୟ ଲାଗେ । ଯେତେବେଳେ ଇ-ମେଲ୍ ସାଙ୍ଗରେ ଶହ ଶହ ପୃଷ୍ଠାର ବହିଟିଏ ବା ନଥିଟିଏ ଯୋଡ଼ିବ ତୁମେ ପଠାଉଥିବା ଇ-ମେଲ୍‌ର ଆକାର ବଢ଼ିଯିବ ଓ ତାହା ଯିବାକୁ ବହୁତ ସମୟ ନେବ । ଗୀତ ବା ଆଳାପର ନଥି (ଭିଡିଓ) ବହୁତ ମେମୋରୀ ମାଡ଼ି ବସେ । ସେଗୁଡ଼ିକୁ ସଂକ୍ଷିପ୍ତ କରି ବା ଅଳ୍ପ କରି ପଠାଇବାର ଗୋଟିଏ ପ୍ରୋଗ୍ରାମ ଅଛି, ତାକୁ ଉଇନ୍‌ଜିପ୍, Winzip, କହନ୍ତି । ଫାଇଲ ଶେଷରେ ଲେଖାଥିବ .zip । ଲେଖାଗୁଡ଼ିକୁ .gif ଫାଇଲରେ ଓ ଫଟୋ ଗୁଡ଼ିକୁ .jpg ଫାଇଲରେ ପଠାଇଲେ ଖୁବ୍ କମ୍ ମେମୋରୀ ନିଏ, Attach ଆଟାଚ୍‌ମେଣ୍ଟ ରୂପେ ସହଜ ପଠାଇବା ସୁବିଧା ହୁଏ ।




ଚିଠି ଲେଖି ସାରି କୌଣସି ନଥି ସଂଲଗ୍ନ କରିବା ବା ଯୋଡ଼ିବା (Attachment) ଦରକାର ଥିଲେ Attachment ରେ କ୍ଲିକ୍ କରିବ । ସାଙ୍ଗେ ସାଙ୍ଗେ ଗୋଟିଏ ବ୍ରାଉଜର୍ ଝରକା ଖୋଲିଯିବ । ପ୍ରଥମେ ବ୍ରାଉଜରରେ କ୍ଲିକ୍ କଲେ କମ୍ପ୍ୟୁଟରରେ କେଉଁଠି ସଂଲଗ୍ନ କରାହେବା ନଥିଟି ଅଛି ତାହା ବାହାର କରିବା (ସିଲେକ୍ଟ) ପାଇଁ ଗୋଟିଏ ଝରକା ଖୋଲିବ । ଫାଇଲ୍‌ରେ କଣ ଅଛି ଓ କି ପ୍ରକାରର ଫାଇଲ ଅଛି ଜଣା ନଥିଲେ ଫାଇଲ୍ ଅଫ୍ ଟାଇପ୍‌ସ୍ file of types ଜାଗାରେ All files କ୍ଲିକ୍ କର । ସେଥିରୁ ଫାଇଲ୍‌ଟି ବାଛ, ତା ଉପରେ କ୍ଲିକ୍ କଲେ ଫାଇଲ୍‌ଟି open ଧାଡ଼ିକୁ ଆସିଯିବ । ଏହାପରେ ନଥି ଖୋଲିବା ଝରକାଟି ଉଭେଇ ଯିବ ଏବଂ ବ୍ରାଉଜର ଧାଡ଼ିରେ ଫାଇଲ୍‌ର ନାମ ଆସିଯିବ । ଅର୍ଥାତ୍ ନଥିଟି ବଛା ହୋଇଗଲା । ଏବେ ଆଟାଚ୍ ଫାଇଲ୍‌ରେ କ୍ଲିକ୍ କଲେ Attach file/size ଟେବୁଲ୍‌ରେ ଦେଖାଯିବ ଫାଇଲ୍‌ର ନାଁ ଓ କେତେ ମେମୋରି । ୧୦ ମେଗାବାଇଟର ମେମୋରି ପର୍ଯ୍ୟନ୍ତ ନଥି ସଂଲଗ୍ନ କରିପାରିବ । ୩ୟ ପର୍ଯ୍ୟାୟରେ, Done/Continue to Message ରେ କ୍ଲିକ୍ କର । ଆଟାଚ୍ ଝରକାଟି ଉଭେଇ ଯିବ ଓ ଟାଇପ୍ କରାଯାଇଥିବା ମୂଳ ଇ-ମେଲ୍ ଚିଠିଟି ଦିଶିବ, ଆଟାଚ୍‌ମେଣ୍ଟ ଅଛି ବୋଲି ଆଇକନ୍ ଥିବ । ଏବେ ପଠାଅ, Send ଉପରେ କ୍ଲିକ୍ କର । ଚିଠିଟି ଚାଲିଯାଇଛି ବାର୍ତ୍ତା ଆସିଯିବ ।






ଏ କ୍ଲିପ୍ ସଂଲଗ୍ନିକା (ଆଟାଚ୍‌ମେଣ୍ଟ)ର ସଙ୍କେତ । ସେଠି କର୍ସର (ମାଉସ୍ ତୀର) ରଖିଲେ ଧଳା ହୋଇଯାଏ, କ୍ଲିକ୍ କର, ନଥି ଖୋଜିବାର ବାଟ (ସବା ଉପର ପଟି ବାମ କୋଣରେ Choose file) ଦେଖାଇବ, ମାଇଁ ଡକୁମେଣ୍ଟ ଫୋଲ୍‌ଡରର ସର୍ବମୋଟ ମେମୋରୀ ୧୧୦ ଏମ୍ ବି ଦର୍ଶାଉଛି ।




ସବୁ ପ୍ରକାରର ଫାଇଲ୍, ସଙ୍କେତ [*.*]

## Winzip ୱିନ୍‌ଜିପ୍




(ଖୁନ୍ଦି ରଖିବାର ପାଠ)-କୌଣସି ଫାଇଲ୍‌କୁ କମ୍ ମେମୋରୀର (ଜିପ୍) କରିବାକୁ ହେଲେ ଫାଇଲ୍ ଉପରେ ରାଇଟ୍ କ୍ଲିକ୍ କର, ମେନୁବାର ଖୋଲିବ, ତହିଁରେ Add to Zip କ୍ଲିକ୍ କଲେ, ସିଲେକ୍ଟ କରିଥିବା ଫାଇଲ୍‌ଟି କେତେ ପରସେଣ୍ଟ କମିଗଲା ଦେଖାଇବ । Zip ଫାଇଲ୍‌ଟି କେଉଁଠି ରଖିବ ତାହା କହିବ । ଇ-ମେଲ୍ ସାଙ୍ଗରେ ସଂଲଗ୍ନ କରିବା ପୂର୍ବରୁ ଫାଇଲ୍‌କୁ ଛୋଟ କରି Zip ଆରକାଇଭ୍ (ଭଣ୍ଡାର) ରେ ରଖିବା ଭଲ କଥା ।




ଫାଇଲ୍ ବାଛ (ହାଇଲାଇଟ୍ କର), ତା ପରେ ଖୋଲ (open) କ୍ଲିକ୍ କର । ଦୁଇଟି Scan ତୀର ଘୁରିବ, ଡାଉନ୍ ଲୋଡ୍ କରିବା ପୂର୍ବରୁ ଭାଇରସ୍ ସ୍କାନିଂ ଓ ଆଟାଚ୍ କରୁଛି ବୋଲି ।




ଉପର ପଟି (ବାର୍)




ତଳ ପଟି






ତଳ ପଟିରେ ଶୂନ୍ୟ ବାକ୍ସଟି ସବୁଜ ରଙ୍ଗରେ ଭର୍ତ୍ତି ହେଉଥିବ । ପୁରା ଭର୍ତ୍ତି ହୋଇଗଲେ ଅପ୍‌ଲୋଡ୍ ସମ୍ପୂର୍ଣ୍ଣ ହେଲା ଓ ତୀରଦ୍ୱୟର ଘୁରିବା ବନ୍ଦ ହେବ । ଗୋଟିଏ କ୍ଲିପ୍ ଛବି ଆସିଯିବ । ଯଦି ଯୋଖିବା (ଆଟାଚ୍‌ମେଣ୍ଟ)ରେ ଭୁଲ ହୋଇଗଲା ତେବେ କାନ୍‌ସେଲ୍ (cancel) ଉପରେ କ୍ଲିକ୍ କର, ତାହା ଉଡିଯିବ ଓ ତୁମେ ଆଉ ଥରେ ବାଛି ଯୋଖିବ ।

## ବୁକ୍‌ମାର୍କ

ୱେବ୍‌ରେ ଏ ଏକ ଠାର ବା ଚିହ୍ନ, ସେଠି କ୍ଲିକ୍ କଲାକ୍ଷଣି ତୁମେ ଚିହ୍ନ ଦେଇଥିବା ପୃଷ୍ଠାଟି ଖୋଲିଯିବ । ଅନ୍ୟଥା ତୁମେ ପ୍ରଥମେ ଡୋମେନ୍‌କୁ ଯାଆନ୍ତ, ତା ପରେ ୟୁଆର୍‌ଏଲ୍ ଅର୍ଥାତ୍ ୱେବ୍‌ର ପ୍ରଥମ ପୃଷ୍ଠା ଦେଖନ୍ତ, ସେଠାରୁ ହାଇପର ଲିଂକ୍‌ରେ କ୍ଲିକ୍ କଲେ ତୁମେ ଚାହୁଁଥିବା ୱେବ୍ ପୃଷ୍ଠାଟି ମିଳନ୍ତା । ମୁଦ୍ରିତ ବହିରେ ବୁକ୍‌ମାର୍କ ଠାରେ ବହି ଖୋଲିହୁଏ, ଫର୍ଦ୍ଦ ଫର୍ଦ୍ଦ କ୍ରମାନ୍ୱୟରେ ଓଲଟାଇବାକୁ ପଡେ ନାହିଁ । ବୁକ୍‌ମାର୍କର ଗୋଟିଏ ତାଲିକା ରଖିବାର ସଫ୍ଟୱେୟାର୍ ବ୍ରାଉଜର୍‌ରେ ଅଛି ।

# ବସ୍ତାନୀ ବୋହିବା ଦରକାର ନାହିଁ

ଅଫିସରୁ ବାହାରକୁ ଗଲେ ଇଣ୍ଟରନେଟ ବଡ ବଡ ଫାଇଲ ଯୋଗାଇଦେବ । ବଡ ବଡ ଫାଇଲକୁ କମ୍ପ୍ରେସ୍ଡ୍ ଫର୍ମରେ, compressed form, ବା ସଂକୁଚିତ କରି ପଠାଇଲେ, ସମୟ ଓ ଖର୍ଚ୍ଚ କମିଯାଏ । ପାଇବାବାଲା ତାକୁ ଡିକମ୍ପ୍ରେସ୍ଡ୍, Decompressed, କରି ପଢିପାରେ । ଯଦି ତୁମ କମ୍ପୁଟରରେ ୱିନ୍‌ଜିପ୍, WinZip, ନାହିଁ ତେବେ www.pkwere.com/ରୁ ପିକେଜିପ୍, pkzip, ଡାଉନ୍‌ଲୋଡ୍ କଲେ, ଏହି ସୁବିଧା ମିଳିଯିବ । ଭ୍ରମଣଶୀଳ କର୍ମଚାରୀମାନେ ମୋଡେମ ଥିବା ଲ୍ୟାପଟପ୍ ବ୍ୟବହାର କରୁଥିବାରୁ ଇଣ୍ଟରନେଟ୍ ଜରିଆରେ ଫାଇଲ୍ ପାଇପାରନ୍ତି, ତେଣୁ ଫାଇଲ୍ ବସ୍ତାନୀ ଧରି ମିଟିଂକୁ ଯିବା ଦରକାର ନାହିଁ । ପର୍ଯ୍ୟଟକମାନେ ଗୁଡାଏ ମାନଚିତ୍ର ବୋହିବା ଦରକାର ନାହିଁ, କମ୍ପୁଟରରେ ମାନଚିତ୍ର ଡାଉନ୍‌ଲୋଡ୍ କରିହେବ । କମ୍ପୁଟରର ବ୍ରିଫ୍‌କେଶ୍ ଫୋଲ୍ଡରରେ ଫାଇଲ ସବୁ ରଖିଥିଲେ ଇଣ୍ଟରନେଟ୍ ଜରିଆରେ ସେଗୁଡିକ ମିଳିଯିବ । କିମ୍ବା ଅଫିସ୍ କମ୍ପୁଟରର ଅପରେଟର ଅନ୍ ଥିଲେ ଇମେଲ୍ ଆଟାଚ୍‌ମେଣ୍ଟ ଭାବେ ସେଗୁଡିକୁ ମଗାଇହେବ । ବସ୍ତାନୀ ବୋହିବା ଦରକାର ନାହିଁ !

ଯଦି କେବେ ତୁମେ ଇ-ମେଲ୍ ଶେଷରେ ଅସ୍ପଷ୍ଟ ବା ଅବୋଧ୍ୟ ଲେଖା ଦେଖ, ତାହା ଏକ ଆଟାଚ୍‌ମେଣ୍ଟ ହୋଇ ଥାଇପାରେ । ସେଗୁଡିକୁ ପଢିବାର କେତେକ ଏନ୍‌କୋଡିଙ୍ଗ୍ ସଫ୍‌ଟଓ୍ୱେଆର ହେଉଛି ବିନ୍‌ହେକ୍ସ, ମାଇମ୍, ୟୁୟୁଇ, Binhex, MIME, UUE.




# ପପ୍‌ଅପ୍ ବ୍ଲକର୍ (ଉଙ୍କିମରା ପୃଷ୍ଠା ରୋକିବା)

ମଝିରେ ମଝିରେ ଝଟ୍ କିନା ଗୋଟିଏ ପୃଷ୍ଠା ଉଙ୍କିମାରେ, ପପ୍ ଅପ୍ କରେ, ସେଗୁଡିକ ଇମେଲକୁ କିଛି ସମୟ ପାଇଁ ଲୁଚାଇଦିଏ, ଭାଇରସ୍ ବି ପୂରାଏ । କେତେକ ଇମେଲ ପ୍ରୋଭାଇଡର ତାକୁ ବନ୍ଦ କରି ଦିଅନ୍ତି, ତୁମେ ଚାହିଁଲେ (କ୍ଲିକ୍ କଲେ) ହିଁ ଦିଶିବ ।




Rs.471 Consumer no. 0804003 self, 10/5/2009, 11:00

Yahoo! Reminder <reminders@reply.yahoo.com> Add

To: sahadevas@yahoo.com

YAHOO! CALENDAR UK & IRELAND

Reminder from: sahadevas's Calendar

Title: Rs.471 Consumer no. 0804003 self

Date: Sunday 10 May 2009

Time: 11:00 - 12:00

Repeats: This event repeats every month.

Notes: EE, PH Division II, Bhubaneswar. PH Section, Gautam Nagar. Consumer no. 0804003 S D Sahoo. Rs.520 less 2% rebate, or 5% penalty

Get reminders on your Yahoo! Messenger or via email.
Edit reminder options

କାମ ମନେ ପକାଇବାର (ରିମାଇଣ୍ଡର) ଇମେଲ

## ବ୍ୟକ୍ତିଗତ ସହାୟକ

Pass, Shoot, Drib Basketball Does After All
Phobias
Planet Song
PlayPumps: A Ne Work Into Play
Playing Favorites
Polar Bears Liste
Q&A With Enric S
Rattlesnake Rus
Record-Breaking
Saving the Saiga
Scientists Help C Twins
Scout Bassett: Si One Step at a Tir
Sea Turtle Soup?
Seeking the Star
Ski Patrol: Alway Avalanche Safety
Snow Fences: H Project Snowball

Ten Freaky Force
Thanksgiving Tra
The Dog Whispe and Owners—Be Behavior
The Facts on Fis
The Original 7 W
The Salem Witch
The Secret Lang
The Sherpa Peo
The Truth About

KIDS HOME | **Site Map** | ANIMALS | GAMES

VIDEOS | STORIES | ACTIVITIES | PEOPLE & PLACES | PHOTOS

## Animals

Adelie Penguins
African Elephants
American Alligators
American Bullfrogs
Anacondas
Anhiosaurus Magniventris
Atlantic Puffins
Bald Eagles
Black Rhinoceroses
Blue Whales
Blue-Footed Boobies
Boa Constrictors
Bottlenose Dolphins
Brachychampsa Montana
Brown Bears
Bull Sharks
Canada Geese
Cane Toads
Caribou
Cheetahs
Chimpanzees
Clown Anemonefish
Coyotes
Duck-Billed Platypus
Dung Beetles
Emperor Penguins
Galápagos Tortoises
Giant Pandas
Giraffes
Gray Wolves
Great White Sharks
Guanacos
Hammerhead Sharks

## Games

Armadillo Alley
Baby Animal Memory
Brainteaser: Africa
Brainteaser: Cool Cats
Brainteaser: Dinosaurs
Brainteaser: Egypt
Brainteaser: Giants of the Past
Brainteaser: Grand Canyon
Brainteaser: Inca
Brainteaser: Lion Ghosts of Africa
Brainteaser: Sea Monsters
Brainteaser: Tornado
Cluedoku
Copycat
Cosmic Card Challenge
Cranberry Swing
Crittercam: African Adventure
Crittercam: Antarctic Adventure
Cuddly Animals Puzzler
Eggsercise
Flowery Fields Puzzler
Funny Fill-In: A Holiday Letter
Funny Fill-In: A Noteworthy Adventure
Funny Fill-In: A Royal Vacation
Funny Fill-In: Back to School
Funny Fill-In: Back to School Survival
Funny Fill-In: Halloween Surprise
Funny Fill-In: Lost in the Jungle
Funny Fill-In: Luck o' the Irish
Funny Fill-In: Monster Madness
Funny Fill-In: No Fooling
Funny Fill-In: Picture-Perfect Turkey Day

## Stories

*National Geogra*
Guinness World
A Big Day for Am
A Different Way t
Akshay Rajagop Wins the 20th N Bee
Amazing Bats of
Animal Myths Bu
Baby Boom! Gia Hope to an Enda
Bad Posture Me Ergonomics and
Balding Penguin Wetsuit
Balloon-Popping
Beelzebufo: A Gi
Beijing Prepares Olympic Games
Booking Your va
Calvin the Right
Can Animals Be
Cat Adopts Dog
Cat Versus Dog:
Cat Versus Dog
Cat Versus Dog
Cat Versus Dog:
Chinese Horosc
Chomp! Meat-Ea
Cool Job: Firefig
Cool Vacations
Cow Power
Crabs Clean Up
Dino Death Pit

# ଇଣ୍ଟରନେଟ୍ ପିଲାଙ୍କ ଶିକ୍ଷକ

ActiveX ନାମକ ମାଇକ୍ରୋସଫ୍ଟ ସଫ୍ଟୱେଆର୍ ଟେକ୍ନୋଲଜି ଷ୍ଟାଣ୍ଡାର୍ଡ ପାଇଲେ ୱେବ୍ ରଚକମାନେ ଆନିମେସନ୍, ସ୍କ୍ରୋଲିଙ୍ଗ ବାନର୍ସ୍, ଲାଇଭ୍ ସାଉଣ୍ଡ, ଆଦିର କଣ୍ଟ୍ରୋଲ-ସେଟ୍ ବ୍ୟବହାର କରିପାରନ୍ତି । ମ୍ୟାପ୍ କରିବା କଳ, ରୋବୋଟ୍ ତିଆରି କୌଶଳ, ମନଇଚ୍ଛା ଗୋଟିଏ ପତ୍ରିକା ତିଆରି, ନିଜେ ଜାଣିଥିବା ମଉଜିଆ ଗପ, ହୋମ୍‌ୱାର୍କ (ଘରପାଇଁ ପାଠ) ଆଦି ଲେଖିବା ବା ଶିଖାଇବା ପାଇଁ nationalgeographic.com/kids । ଅନ୍‌ଲାଇନ୍‌ରେ ଏଭଳି ବହୁତ ଶିଖିବାର ଜିନିଷ ମିଳେ, ପିଲା ବୁଢ଼ା ସମସ୍ତଙ୍କୁ । ଦର୍ଶାଯାଇଥିବା ବ୍ୟବହାର-କାଇଦା ଅନୁସରଣ କଲେ ପାଠପଢ଼ା ପିଲାଙ୍କ ପାଇଁ ଇଣ୍ଟରନେଟ୍ ଗୋଟିଏ ଭଲ ଶିକ୍ଷକ ହୋଇପାରେ । ଅପର ପକ୍ଷରେ ଇଣ୍ଟର୍‌ନେଟ୍‌ରେ ଗେମ୍‌ସ୍ (ଖେଳିବା)ରେ ମାତିଗଲେ ପାଠପଢ଼ା ନଷ୍ଟ ହୁଏ ।

ଛାତ୍ରମାନେ ସାବଧାନ ! ସବୁବେଳେ ଅନ୍‌ଲାଇନ୍ ହୁଅ ନାହିଁ । ଦେହ ଖରାପ ତ ହେବ, ମୁଣ୍ଡ ବି । ପିଚା କଷ୍ଟ ବି ହୋଇପାରେ । ମଝିରେ ମଝିରେ କମ୍ପ୍ୟୁଟର୍‌କୁ ଦୂରକୁ ଚାଲିଯାଅ । ନିଜ କାମଗୁଡାକ କାହା ପରେ କେଉଁଟା କରିବ, ଠିକ୍ କରିନିଅ । ତାକୁ ସାରିଦେଲା ପରେ କିଛି ସମୟ ଅନ୍‌ଲାଇନ୍‌କୁ ଆସ । ଅନ୍ୟ ଆଗ୍ରହ, ସଉକ ବା ଆସକ୍ତି ଉପରେ ମନ ଦିଅ । ବସି ରହି ଲଗ୍ ଅନ୍ କରିବାଠାରୁ କିଛି ସମୟ ପାଇଁ ଚଲାବୁଲା କରିଆସ । ଅଟୋ ସାଇନ୍-ଇନ୍ ରଖନାହିଁ, ଯାହା ଠାରୁ ମେଲ୍ ନ ଆସୁ ବୋଲି ଚାହୁଁଛ ତା ଠିକଣା ଆଡ୍ରେସ୍ ବୁକ୍‌ରୁ ଲିଭାଇ ଦିଅ, ତାହା ହେଲେ ତା ମେଲ୍ ସ୍ପାମ୍ ବା ବଲ୍କ ଫୋଲ୍‌ଡରକୁ ଚାଲିଯିବ ।









ସିନେମା, ଆନିମେସନ, ମଲଟିମେଡିଆ - ଏସବୁ କାମ ଦେଖି ହେଉଛି, ତିଆରି ବି କରି ହେଉଛି । ଏ ସବୁ ମୂଳରେ ଅଛି ନୁଆ ନୁଆ କୌଶଳ । ଜାଭା ସଫ୍ଟୱେୟାର, DHTM, Dynamic Hyper Text Markup Language ପ୍ଲଗଇନ୍, streaming audio, plugin ଆଦି । ତୁମେ ଆଗରୁ ନ ଜାଣିଥିଲେ ବି ଇଣ୍ଟରନେଟ୍‌ରେ କାମ କରୁ କରୁ ଶିଖିଯିବ ।







ପିଲାଙ୍କୁ ଶିକ୍ଷାମୂଳକ ଧନ୍ଦା ବା କୌଶଳ ଶିଖାଇବା ଓ ଗଳ୍ପ ଶୁଣାଇବା ପାଇଁ ପିଲାଙ୍କ ନାସ୍‌ନାଲ୍ ଜିଓଗ୍ରାଫିକ ୱେବ

## ପିଲାଙ୍କ ଶିକ୍ଷକ-୨

ପ୍ରତି ବିଷୟରେ ଟିକିନିଖି ଜାଣିବା ଦରକାର ନାହିଁ । କିନ୍ତୁ ଟିକିନିଖି କଥା ହିଁ ଇଣ୍ଟରନେଟ୍‌କୁ ଉପଭୋଗ୍ୟ କରିଥାଏ । ତୁମେ କୌଣସି ଗୋଟିଏ ପାଠକୁ ଡାଉନ୍‌ଲୋଡ୍ କରୁଥିବା ବେଳେ କମ୍ପ୍ୟୁଟରରେ ଅନ୍ୟ କାମ ବି କରି ପାରିବ ।

www.newscientist.com ଯାବତୀୟ ସାଇନ୍‌ସ ଓ ଟେକ୍ନିକାଲ୍ ପ୍ରବନ୍ଧ, ପ୍ରତି ପ୍ରବନ୍ଧର ତଳେ ଅଧିକ ଖୋଜିବା (Explore) ବ୍ୟବସ୍ଥା ଅଛି । ଦୈନନ୍ଦିନ ଜୀବନ ବିଷୟରେ ବି ବହୁତ କଥା ଅଛି, ପିଲାଙ୍କ ଡିବେଟିଂ ଓ ଯୁକ୍ତିତର୍କ ପାଇଁ ଖୋରାକ ଯୋଗାଇବ ।

ଘରୋଇ ଟିୟୁସନ୍‌କୁ ନ ଯାଇ ମାଗଣାରେ ଇଂରେଜୀ ଶିଖିବା ଓ ନିଜକୁ ପରୀକ୍ଷା କରି କେତେ ସଫଳ ଅଛ ଜାଣିବା ଲାଗି ପିଲାଙ୍କ (ବଡଙ୍କ ବି) ଉପଯୋଗୀ ଟେଷ୍ଟ (ପରୀକ୍ଷା ପ୍ରଶ୍ନ ଓ ଉତ୍ତର) ବ୍ୟବସ୍ଥା IELTS (http://www.ielts.org) ଅଛି । କିଛି ଉତ୍ତର କରି କମ୍ପ୍ୟୁଟର ବନ୍ଦ ହେଲେ ବି ଉତ୍ତରଗୁଡିକ ଲିଭିଯାଏନାହିଁ । ପରେ ଖୋଲିଲେ ସେହିଠୁ ଆରମ୍ଭ କରିହୁଏ । ଘରେ ବସି, ଧୀରେ ସୁସ୍ଥେ, ଟେଷ୍ଟ ପେପରର କାମ କରିବାର ଏ ଏକ ଭଲ ୱେବ୍ ସାଇଟ୍ । ଭିଡିଓରେ ଶୁଣିବା, କହିବା ପରି କାମ ପାଇଁ ୟୁଟ୍ୟୁବ (youtube.com)କୁ ଯାଇ IELTS ଖୋଜିଲେ ମୁହାଁମୁହିଁ ଆଳାପ କରିହେବ ଓ ଲେଖିହେବ ।



ଆଜିକାଲିର ଛୋଟ ପିଲାମାନେ କେବଳ କମ୍ପୁଟର-ପ୍ରିୟ ନୁହନ୍ତି କମ୍ପୁଟର ବ୍ୟବହାରରେ ବିଶାରଦ ଭଳି କାମ କରୁଛନ୍ତି । ଅହନ ବଡ (ସାଢେ ସାତ ବର୍ଷ) ଓ ତାଠାରୁ ଶିଖି ନୟନ (ସାଢେ ଦୁଇବର୍ଷ) କମ୍ପୁଟର ସଫ୍ଟୱେଆ ବ୍ୟବହାର କରି ନୂଆ ଖେଳ (ଗେମ୍ସ୍) ତିଆରି କରି ପରୀକ୍ଷା କରୁଛନ୍ତି ତାହା ମନମୁତାବକ ଗେମ୍ ହେଲା କି ନାହିଁ । ଉଭୟ ଲେଖକଙ୍କ ବାଙ୍ଗାଲୋରରେ ଅବସ୍ଥିତ ଦୁଇ ନାତି ।







ଭିଡିଓ ଦ୍ୱାରା ଓଡିଆ ଅକ୍ଷର ଶିଖାଇବାର ପ୍ରକ୍ରିୟା । 'ଅ' କିପରି ଲେଖିବ ଗୋଟିଏ ପୃଷ୍ଠା ।



ସିଦ୍ଧାନ୍ତ ଓ ସାନ ଭଉଣୀ ଶ୍ରଦ୍ଧା କମ୍ପ୍ୟୁଟରରେ ଯଥାକ୍ରମେ ଇଣ୍ଟରନେଟ୍ ଦେଖୁଛନ୍ତି ଓ ନୂଆ ଖେଳ ତିଆରି କରୁଛନ୍ତି । ଗେମ୍ ମନମୁତାବକ ହେଲା କି ନାହିଁ ପରୀକ୍ଷା କରୁଛନ୍ତି । ଲେଖକଙ୍କ ଏ ନାତି ନାତୁଣୀ ଭିଲାଇର ଏକ ସ୍କୁଲରେ ପଢୁଛନ୍ତି ।




ଖେଳ ତିଆରି (ଗେମ କ୍ରିଏଟର୍) ପ୍ରୋଗ୍ରାମ୍ ଜରିଆରେ ପିଲାଏ ମନମୁତାବକ ଖେଳ ତିଆରି କରିପାରିବେ ।

# ଇ-ମେଲ୍‌ରେ ଶୁଭେଛା ଓ ଅଭିନନ୍ଦନ, ଉପହାର ବା ଗିଫ୍ଟ୍

ଉତ୍ସବ ବା ପର୍ବପର୍ବାଣିରେ ମାଗଣା ଓ ମନମାଫି ଅଭିନନ୍ଦନ ଡାକ (ସ୍ନେଲ୍ ମେଲ୍)ରେ ନପଠାଇ ଇ-ମେଲ୍‌ରେ ପଠାଇ ପାରିବ । ଡାକରେ ଗଦା ଗଦା ଗ୍ରିଟିଂସ୍, Greetings card. ରଖିବା ଅସୁବିଧା, କିଛି ଦିନ ପରେ ଫୋପାଡ଼ି ଦିଆଯାଏ । ଇ-ମେଲ୍‌ରେ ହଜାର ହଜାର ସଂଖ୍ୟାର ଗ୍ରିଟିଂସ୍ କାର୍ଡ ଗୋଟିଏ ସି'ଡି'ରେ ରଖିହେବ ବା କମ୍ପୁଟରର ହାର୍ଡ ଡିସ୍କରେ ରଖିହେବ । ଆଉ ଲାଭ ଯେ ଚଳଚ୍ଚିତ୍ର ବା ଭିଡିଓ ଅଭିନନ୍ଦନ ପଠାଇପାରିବ । ଅବଶ୍ୟ ଆଜିକାଲି ଡାକରେ ଇଲେକ୍‌ଟ୍ରନିକ୍ ଗୀତ ବା କଥାକୁହା ଗ୍ରିଟିଂସ୍ ଆସୁଛି, ଗ୍ରିଟିଂସ୍ ଖୋଲିଲା କ୍ଷଣି କଥା ବା ଗୀତ ଶୁଭୁଛି । ତାହା କିଛି ଦିନ ପରେ ଖରାପ ହୋଇଯିବ । କିନ୍ତୁ ଇ-ମେଲ୍‌ର ଗ୍ରିଟିଂସ ଇ-ମେଲ୍ ଆର୍କାଇଭ୍‌ରେ (ଭଣ୍ଡାର ଘରେ) ରଖିହେବ, ମନେ ପଡିଲେ ଖୋଲି ଦେଖିପାରିବ । ସିଡିରେ ରଖିହେବ ଓ ଦେଖି ହେବ । ଅଧିକନ୍ତୁ ଯା ପଠାଉଛ ତାହା କପି, ମୂଳଟି ନିଜ ପାଖରେ ରହେ । ବିଭିନ୍ନ କମ୍ପାନୀ ମାଗଣାରେ ଢଙ୍ଗ ଢଙ୍ଗର କାର୍ଡ ଯୋଗାନ୍ତି, କେତେକ ଆନିମେସନ୍ ବା ଚଳଚ୍ଚିତ୍ର ଭଳି ଚଳମାନ । ମାନମାଫି ଲେଖିବାର ସୁବିଧା । ନିଜର ବା ଅନ୍ୟ ଦୃଶ୍ୟର ଫଟୋ ସ୍କାନିଂ କରି ଇ-ମେଲ୍ ସାଙ୍ଗରେ ଗ୍ରିଟିଂ ଆକାରରେ ପଠାଇ ପାରିବ । ଗ୍ରିଟିଙ୍ଗ କାର୍ଡ କପି (ନକଲ) କରିବାରେ କପିରାଇଟ ଆଦୌ ଲାଗେ ନାହିଁ ।

**Editor Bob's (123Greetings) Newsletter <newsletter@123greetings.info>** Add
To: sahadevas@yahoo.com

**123 Greetings**
FREE GREETINGS FOR THE PLANET ™

Unsubscribe | FAQ | Privacy Policy

**Hi there,**

This week brings us closer to **the event of the year** - the marriage of Eleanor and Frank! With ar reaching a fever pitch, we are all gung-ho about the event. **Join us** in the excitement...



**A Rosy Endeavor [June]**

"**The roses** are going to be great this year!" That's what Eleanor told me th was standing in front of the stoop and **admiring her rose garden**. Eleano rose garden to a green house that Frank has. They will be married this July Eleanor had done up the garden herself. This time around Eleanor has Frar has been helping her with the soil and other aspects. Being a natural at the

# ଇଲେକ୍ଟ୍ରନିକ୍ ବ୍ୟବସାୟ (ଦୂର-ବ୍ୟବସାୟ)

ଇଣ୍ଟରନେଟ୍ ଜରିଆରେ ଜିନିଷ କିଣିବା ଏବଂ ବିକିବାକୁ ଇଲେକ୍ଟ୍ରନିକ୍ ବ୍ୟବସାୟ, E-Commerce (eBusiness), ଦୂର-ବ୍ୟବସାୟ, କୁହାଯାଏ । ଘରେ ବସି କିଣା ବିକା କରିବା । ଇଣ୍ଟରନେଟ୍ କାରବାର ପୂର୍ବରୁ ଏଭଳି ଘରେ ବସି କିଣିବାର ସୁବିଧା ଯୋଗାଉଥିଲା ଡାକଘରର ଭି.ପି.ପି., ଭାଲ୍ୟୁ ପେୟେବଲ୍ ପୋଷ୍ଟ, ପାଉଣା ଦେଇ ଡାକ ନେବା ବ୍ୟବସ୍ଥା । ଗୋଦାମ ଘର ଭଡା ନେବାକୁ ପଡିବ ନାହିଁ କି ସଜାସଜି କରି ରଖିବାର ଦୋକାନ ଘର ରଖିବା ଦରକାର ନାହିଁ । ମୂଲ୍ୟ ପାଇଲା ପରେ ଅବସର ସମୟରେ ବରାଦ ଜିନିଷଟି ଗ୍ରାହକକୁ ପଠାଇହେବ । ୮ଟାରୁ ରାତି ୮ ଟା ଯାଏଁ ଦୋକାନ କରି ବସିବା ଦରକାର ନାହିଁ । ଏଥିପାଇଁ ସାଧାରଣତଃ କ୍ରେଡିଟ୍ କାର୍ଡରେ ମୂଲ୍ୟ ଦେବାକୁ ପଡ଼େ । କେତେ ଦିନ ଭିତରେ ଜିନିଷଟି ଡାକ ବା କୋରିଅରରେ ଆସିଯିବ । ୱେବରେ ବଡ ବହି ଦୋକାନ ହେଉଛି Amazon.com, ବହିର ନାଁ, ଲେଖକର ନାଁ ବା ବିଷୟ ନାଁ ଅନୁଯାୟୀ ଆମେ ବହି ବାଛି ପାରିବା, ପ୍ରକାଶକର ପୂରା ଠିକଣା ଦେଲେ ତା ପାଖରେ ନ ଥିବା ବହି ମଧ୍ୟ ସେ ଯୋଗାଉଛି । ଗାଡ଼ି, ଘୋଡ଼ା, ପୁରୁଣା ଗାଡ଼ି, ପୁଣି ଘର ଓ ଜମି (Real Estate), ଭଳି ଯାବତୀୟ ସାମଗ୍ରୀ ଇଣ୍ଟରନେଟ୍‌ରେ କିଣାବିକା ହେଉଛି । ବର୍ତ୍ତମାନ ବିଦେଶୀ ମୁଦ୍ରା ବିନିମୟ କ୍ଷେତ୍ରରେ କିଛି ନା କିଛି କଟକଣା ଥିବାରୁ ଅନ୍ୟ ଦେଶରୁ ସହଜରେ ଜିନିଷ ପତ୍ର କିଣି ହେଉନାହିଁ, ଡାକ ଖର୍ଚ୍ଚ କଥା ନଭାବିଲେ ବି କଷ୍ଟମ୍ ବା ବହିର୍ଶୁଳ୍କ କଟକଣା ତ ଅଛି । ତେଣୁ ଇ-ବିଜ୍‌ନେସ୍ ଦେଶ ଭିତରେ ବେଶ୍ ଚାଲିଛି । ଯଦି କିଛି ବିଦେଶରୁ କେହି କିଣୁଛି ବହିର୍ଶୁଳ୍କ ଏଡାଇଦେଉଛି, ବିଭିନ୍ନ ଦେଶର ସରକାରମାନେ ଏ ଦିଗରେ ଚିନ୍ତିତ ଅଛନ୍ତି । ଇ-ବିଜିନେସ୍ ଏ ପର୍ଯ୍ୟନ୍ତ ସବୁ ଦେଶ ଭିତରେ ଆଇନଗତ ହୋଇନାହିଁ । ଅନେକ ଭାବୁଛନ୍ତି ଏଥିରେ ବିକ୍ରି ଟିକସ, ସର୍ଭିସ୍ ଟିକସ ଓ ଭାଟ୍ ଆଦି ଫାଙ୍କି ହେଉଛି । ବେଳେ ବେଳେ କ୍ରେଡିଟ୍ କାର୍ଡ ଠକାମି ବି ହେଉଛି । ଏପ୍ରକାର ଅସୁବିଧା ଯୋଗୁଁ ଇ-ବିଜିନେସ୍ ସାର୍ବଜନୀନ ହୋଇନାହିଁ ।

ଉପହାର ବା ଗିଫ୍‌ଟ୍ କ୍ଷେତ୍ରରେ ପ୍ରାୟ ଶୁଳ୍କ ଲାଗେ ନାହିଁ, ଜିନିଷ ସହଜରେ ଯାଇ ପାରୁଛି । ବିଦେଶକୁ ବି। ରାକ୍ଷୀ ବନ୍ଧନ ଉତ୍ସବରେ ଇଣ୍ଡିଆଟାଇମ୍‌ସ୍ ସଂସ୍ଥା ଜରିଆରେ ଭାରତରୁ ଆମେରିକାକୁ ରାକ୍ଷୀ ଉପହାର ପଠାଯାଉଛି । ଜିନିଶ ପତ୍ର ପଠାଇଲେ ତାହା ବିକ୍ରିକରୁଥିବା ଦୋକାନୀ ସିଧା ସଳଖ ପ୍ରେରକ ପାଖକୁ ପଠାଇଦେବ । ଏଥିଲାଗି ଆବଶ୍ୟକ ଡାକ ବା କୋରିଅର ଖର୍ଚ୍ଚ ସେ ନେଇଥାଏ । ବହି ଉପହାର ଦେବାକୁ ହେଲେ ଆମାଜନ ଭଳି ବହିପତ୍ର ଯୋଗାଉଥିବା ୱେବ୍ କମ୍ପାନୀକୁ ବରାଦ ଦେଇହେବ ।

---

ଢେଉରୁ ଢେଉ ପାର ହେବା ହିଁ ***ସର୍ଫିଂ***। ପହଁରିବା, କାଠପଟାରେ ଛିଡା ହୋଇ, ବା ଡଙ୍ଗାରେ, ଢେଉ ପାର ହେବା । ୱାରଲ୍ଡ ୱାଇଡ୍ ୱେବ୍‌ରେ ଗୋଟିକ ପରେ ଗୋଟିଏ ୱେବ୍‌ସାଇଟ୍ ଖୋଜିବା ଅର୍ଥରେ ବ୍ୟବହାର ହେଉଛି । ଯେଉଁମାନେ ଏଭଳି ଖୋଜୁଥାନ୍ତି ସେମାନଙ୍କୁ ସର୍ଫର୍ ବା ଢେଉବୁଲାଳି କୁହାଯାଏ ।

# E-Governance. ଇଲେକ୍ଟ୍ରନିକ୍ ଶାସନ

ସରକାର ଲୋକଙ୍କ ପାଖରେ ଅଛନ୍ତି, ତାଙ୍କ ଦୁଃଖ ସୁଖରେ ଭାଗି ଅଛନ୍ତି ବୋଲି ଜଣାଇବାକୁ ଚାହିଁଲେ ଇଣ୍ଟନେଟ୍‌କୁ ନାଗରିକ ଓ ସରକାରଙ୍କ ମଧ୍ୟରେ ସଂଯୋଗର ମାଧ୍ୟମ କରିବା ଦରକାର । ଇଣ୍ଟରନେଟ୍‌ରେ ତତ୍‌କ୍ଷଣାତ୍ ନିବେଦନ ବା ଆପତ୍ତି ଅଭିଯୋଗ ପଠାଇହେବ, ଉତ୍ତର ବି ସାଙ୍ଗେ ସାଙ୍ଗେ ମିଳିପାରିବ । ତାହାହିଁ e-governance, ଇ-ଗଭର୍ଣ୍ଣାନ୍‌ସ, ର ଉଦ୍ଦେଶ୍ୟ । ଯେ ପର୍ଯ୍ୟନ୍ତ ଇଣ୍ଟରନେଟ୍‌ରେ ସାଧାରଣ ନାଗରିକ ତାହାର ଦୁଃଖ ଓ ଅଭିଯୋଗ ଜଣାଇ ନପାରିଛି ଏବଂ ସଙ୍ଗେ ସଙ୍ଗେ ତାହାର ଉତ୍ତର ନପାଇ ପାରିଛି, ସେ ପର୍ଯ୍ୟନ୍ତ ଇ-ଗଭର୍ଣ୍ଣାନ୍‌ସ ଆସିନାହିଁ । ପ୍ରତ୍ୟେକ ନାଗରିକର ଆପତ୍ତି ଓଜର ଇଣ୍ଟରନେଟ୍‌ରେ ସରକାର ପାଇବା କ୍ଷଣି ତା'ର ସମାଧାନ କରିବା ଉଚିତ ବା ବିଳମ୍ବ ହେଉଥିଲେ ସରକାରୀ କାର୍ଯ୍ୟାନୁଷ୍ଠାନ କେଉଁ ଅବସ୍ଥାରେ ଅଛି ଏବଂ ନାଗରିକ କ'ଣ ଉତ୍ତର ଦେଲେ ବା କି କି ସର୍ତ୍ତ ପୂରଣ କଲେ ତାହାର ନାର୍ଯ୍ୟ ଦାବି ବା ଅଧିକାର ପାଇ ପାରିବ, ତାହା ଯେଉଁ ଦିନ ଇଣ୍ଟରନେଟ୍ ମାଧ୍ୟମରେ ମିଳିଯିବ, ସେଦିନ ଇ-ଗଭର୍ନାନ୍‌ସ ଆସିଗଲା ବୋଲି କହିହେବ । ଇ-ଗଭର୍ନାନ୍‌ସ ହେଉଛି ମୁକ୍ତ, ସ୍ୱଚ୍ଛ ପ୍ରଶାସନ । ସରକାରୀ କାର୍ଯ୍ୟ କ୍ଷେତ୍ରରେ ଯାହା କିଛି ଆମର ଜାଣିବା କଥା ତାହା ଯଦି ଇଣ୍ଟରନେଟ୍ ମାଧ୍ୟମରେ ଆମକୁ ମିଳିପାରିବ, ଆମ ଦରଖାସ୍ତ କେଉଁଠି ରହିଲା, କେବେ ମଞ୍ଜୁର ହେବ, ପ୍ରତ୍ୟେକଙ୍କର କେତେ ପ୍ରାପ୍ୟ ଓ ଆମେ କେତେ ପାଇବା— ଆପତ୍ତି ସମାଧାନ କରୁଥିବା ଲୋକ ଆମ ଇଣ୍ଟରନେଟ୍ ସମ୍ବାଦ ପାଇଲା କ୍ଷଣି ଆସି ହାଜର ହେବ କିମ୍ବା କେବେ ଆସିବ ଜଣାଇ ଦେବ, ଏ ବିଷୟ ଇଣ୍ଟରନେଟ୍‌ରୁ ଆମେ ଯଦି ଜାଣିପାରିଲେ, ତେବେ ସରକାରଟି ଇ-ପ୍ରଶାସନରେ ଚାଲୁଛି । ଏହାର ଅର୍ଥ ସରକାର ତାଙ୍କର ସମସ୍ତ କାଗଜପତ୍ର ଓ ନିଷ୍ପତ୍ତି ତାଙ୍କ ସର୍ଭରରେ ରଖିବେ, ଆମେ ଚାହିଁଲା କ୍ଷଣି ଇଣ୍ଟରନେଟ୍ ଜରିଆରେ ଦେଖିପାରିବୁ । କେନ୍ଦ୍ର ସରକାର ହେଉ ବା ରାଜ୍ୟ ସରକାର ହେଉ, ଏବେ ଇ-ପ୍ରଶାସନ ଆରମ୍ଭ କରୁଛନ୍ତି । ଯାହା କିଛି ସରକାରଙ୍କ ୱେବସାଇଟ୍‌ରେ ମିଳୁଛି ତାହା କେତେକ ନିଯୁକ୍ତି କ୍ଷେତ୍ରର କଥା, ଠିକା ଦେବା ବିଜ୍ଞାପନ କିମ୍ବା କେତୋଟି ସାଧାରଣ କଥା ।

ବିଭିନ୍ନ ଅନୁଷ୍ଠାନ ୱେବ୍ ସାଇଟ୍ ଖୋଲି ବାହାବା ନେଉଛନ୍ତି, ସେମାନେ ଭାବୁଛନ୍ତି, ଜଣେ ହସ୍ତୀ (ଭିଆଇପି)ଙ୍କ କରକମଳରେ ଗୋଟିଏ ପୃଷ୍ଠା ଖୋଲିଦେଲେ ୱେବ୍ ସାଇଟ୍ ହୋଇଗଲା । ସେମାନେ ତାକୁ ଅପ୍‌ଡେଟ୍ (ଅଦ୍ୟତନ) କରୁନାହାନ୍ତି । ସରକାରଙ୍କ କେତେକ ୱେବ୍ ଏହିଭଳି, ଅଦ୍ୟତନ ହୁଏ ନାହିଁ ।

ଅଧିକାଂଶ ଇ-ମେଲ୍ ପ୍ରୋଭାଇଡର୍ ବୁଲେଟିନ୍ ବୋର୍ଡ ସର୍ଭିସ୍ ବା ମେସେଜ୍ ବୋର୍ଡ ସେବା ଯୋଗାନ୍ତି । ଏ ଏକ ମାଗଣା ସଫ୍‌ଟୱେୟାର୍ ଓ ସ୍ଥାନ, ଯେଉଁଠି ଆମେ ଅନ୍ୟମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିପାରିବା । ଲୋକେ ସମଦଶାପନ୍ନ ଲୋକଙ୍କ ସହ ଆଳାପ କରିପାରିବେ ଏବଂ ସରକାରଙ୍କ ଅବ୍ୟବସ୍ଥାକୁ ପଦାରେ ପକାଇ ସରକାରୀ କାମକୁ ତ୍ୱରାନ୍ୱିତ କରାଇପାରିବେ । ଅନ୍ୟ ବୁଲେଟିନ୍ ସହ ମିଶିବାର (ଲିଙ୍କ) ସୁବିଧା ବି ଅଛି ।

Address http://india.gov.in/govt/national_egov_plan.php




You are here: Home › Government › **National e-Governance Plan**

## National e-Governance Plan

The National e-Governance Plan (2003-2007) of Indian Government seeks to lay the foundation and provide the impetus for long-term growth of e-Governance within the country. The plan seeks to create the right governance and institutional mechanisms, set up the core infrastructure and policies and implement a number of Mission Mode Projects at the center, state and integrated service levels to create a citizen-centric and business-centric environment for governance.

- National e-Governance Plan
- Central MMPs
- State MMPs
- Integrated MMPs
- Implementation Strategy
- Components
- Other Components
- NeGP Programme Management Unit
- Contact Details

**Online Services under National e-Governance Plan**

- Income Tax
- Passport/VISA
- Company Affairs
- Central Excise
- Pensions
- Land Records
- Road Transport
- Property Registration
- Agriculture
- Municipalities
- Gram Panchayats (Rural)
- Police
- Employment Exchange
- E-Courts

e-Government ବା ଇଲେକ୍ଟ୍ରନିକ୍ ଗଭର୍ଣ୍ଣମେଣ୍ଟ, ଡିଜିଟାଲ ଗଭର୍ଣ୍ଣମେଣ୍ଟ, ଅନ୍ ଲାଇନ୍ ଗଭର୍ଣ୍ଣମେଣ୍ଟ, ଇନ୍‌ଫର୍ମେସନ୍ ଆଣ୍ଡ କମ୍ୟୁନିକେସନ୍ ଟେକ୍ନୋଲଜିକୁ ଲଗାଇ ସରକାରୀ ସେବା, ସରକାରୀ କାରବାର ଆଦିକୁ ଉତ୍ତମ କରିବା, ନାଗରିକ, ବ୍ୟବସାୟ ତଥା ସରକାରର ଅନ୍ୟ ଅଙ୍ଗ ସହ କାରବାରକୁ ସହଜ କରିବା ।




ସରକାରଠୁଁ ନାଗରିକ, ନାଗରିକଠୁଁ ସରକାର, ଉଭୟ ପକ୍ଷ ଲାଭ ପାଇବେ । ଲୋକେ ହଇରାଣ ହରକତ ହେବା କମିଯିବ । ଭ୍ରଷ୍ଟାଚାର ବି ।



## ୱେବ୍‌ଲଗ୍ ବା ବ୍ଲଗ୍




ଗୁଗୁଲ ଯୋଗାଉଥିବା ବ୍ଲଗ୍ ତିଆରି ସୁବିଧା

ୱେବ୍ ଲଗ୍ ସଂକ୍ଷେପରେ ବ୍ଲଗ୍, ବ୍ୟକ୍ତିବିଶେଷ ଚଳାଉଥିବା ଏକ ୱେବ୍‌ସାଇଟ୍, ତାହାର ମନ୍ତବ୍ୟ ସହ ସମୀକ୍ଷା ରୀତିମତ ଗ୍ରାଫିକ୍ସ ଓ ଭିଡିଓ ସହ । ବ୍ଲଗ୍ ଉଭୟ ବିଶେଷ୍ୟ ଓ କ୍ରିୟା, କ୍ରିୟା ଭାବେ ମାନେ ହେଉଛି ରଚନାରେ ବିଷୟ ବସ୍ତୁ ଯୋଡିବା ।

ଗୁଲିଖଟି (ଗ୍ରେପ୍‌ଭାଇନ୍) ଗପ କମିଯିବାରୁ ଓ ଚାଟ୍‌ରେ ବେଶି ସମୟ ଯାଉଥିବାରୁ ବ୍ଲଗ୍‌ସ୍ପଟ୍ (ବ୍ଲଗ୍ ସ୍ଥାନ ସଂଖ୍ୟା) ବଢୁଛି ।




ୱିଣ୍ଡୋ ଇଣ୍ଟରନେଟ୍ ଏକ୍ସପ୍ଲୋରର ବ୍ୟବହାର କରୁଥିବା ବେଳେ ସାଧାରଣ (ଏମ୍‌ଏସ୍) ଇଣ୍ଟରନେଟ୍ ଏକ୍ସପ୍ଲୋରର କ୍ଲିକ୍ କଲେ ଏଭଳି ଚେତାବନୀ ଆସେ ।




ବ୍ଲଗ୍

ଲେଖକଙ୍କ ବ୍ଲଗ୍, ସାହୁଜଓନ୍ (Sahoo's Own)

ୟୁଆରଏଲ୍

http://sahoosown.blogspot.com



**Sunday, May 10, 2009**

How public spirited are Privatisation Principles?

The most important reason given in favour of privatisation is that government is incapable of managing any business and that there is no correlation between efficiency and expenditure in public enterprises and therefore public sector undertakings run on loss (government aided cooperative enterprises are no exceptions). In Government controlled enterprises there is a run on the public exchequer, development works do not get enough funds, an environment of deficit financing develops and the state becomes insolvent. Privatisation thrives on market economy in which enterprises are motivated by profit and anything that smacks of loss are eliminated. That is efficiency. In government enterprises the CEO cannot be easily removed for inefficiency. The principle of hire and fire in private enterprises keeps the managers on their toes and their mind is ignited by profit motive and not by self-aggrandisement. Does it really happen that way? The advocates of privatisation forget that members of the founding families continue as the chief managers in private enterprises and they are not governed by hire and fire principle. In public sector undertakings (PSUs) people's taxes are used and in private enterprises (PEs) people's money is used. PEs thrive on government concessions and evade taxes whereas PSUs cannot fudge the accounts nor evade taxes. Public interests are not at the heart of PEs, they exploit people's money to their advantage.

▼ 2009 (1)
▼ May (1)
How public spir
Privatisation

**About Me**

Sahadeva
View my profile

Yahoo! Messenger
Sahoo's Own - Micros...

Yahoo! Go > Yahoo! Go Help > **Yahoo! Go**

ୟାହୁରେ କଣ ନ ମିଳୁଛି !

**Basics**
Summaries, general questions, and navigation notes for the main features of Yahoo! Go

**Mail**
Receive, send, and manage messages in your Yahoo! Mail inbox

**oneSearch**
The Yahoo! Search facility along with up-to-the minute information for your location, wherever you are

**Finance**
Finance news, customized stock quotes, and market indexes

**Address Book**
Address Book helps you find, phone, and drive to your Yahoo! Address Book contacts

**Calendar**
Calendar is a way to look up your Yahoo! Calendar on the go

**Local & Maps**
Places for visiting, eating, drinking, and shopping near you, including driving directions, maps, and traffic reports

**Flickr™**
Photo sharing with family, friends, and the Flickr community from your phone

ଅନ୍ୟ ମେଲ ପ୍ରୋଭାଇଡରମାନେ ବି ଏମିତି ଯୋଗାଇଲେଣି

**Entertainment**
Find celebrities, movies, and entertainment news

**News**
The latest stories and searches in news content

**Sports**
Find sport stories, scores, teams, and use the latest searches

**Weather**
Forecasts for up to ten locations and searching for any location's weather

# ପୃଥିବୀଟା ଗୋଟିଏ ଗାଁ ହୋଇଯାଉଛି

ମୁଣିରେ ନେଇ ପାରିବା ବା କୋଳରେ ରଖିଲା ଭଳି କମ୍ପୁଟରକୁ ଲାପ୍‌ଟପ୍ କହନ୍ତି । ଏବେ ଇଣ୍ଟେଲ୍ ଆଟମ୍ ପ୍ରସେସର ଲାଗି ଲାପ୍ ଟପ୍ ଆହୁରି ଛୋଟ ହୋଇ ପଡିଲାଣି । ତେଣୁ ଯେ କୌଣସି ଜାଗାରୁ ପୃଥିବୀ ସାରା ସବୁ ଖବର ପାଇହେବ, ନିଜ ଘର ଓ ପରିବାର ସହ, କେବଳ ଫୋନ୍‌ରେ ନୁହେଁ, ନିଜର କଥା କହୁଥିବା ସମୟର ଦୃଶ୍ୟାବଳୀ ତଥା ନିଜର କାମଦାମ, ୱେବ୍‌କାମ୍ କେମେରା ଦ୍ୱାରା, ଦେଖି ହେବ, ଫଟୋ ନେଇହେବ । ଘରେ କମ୍ପୁଟର ଓ ଇଣ୍ଟରନେଟ୍ ଥିଲେ ତୁମେ ନିଜର ଦୈନନ୍ଦିନ ଘଟଣାବଳୀ ଦେଖାଇପାରିବ ଓ ଅନ୍ୟମାନଙ୍କର ଘଟଣାବଳୀ ଦେଖିପାରିବ । ପୃଥିବୀଟା ଗୋଟିଏ ଗାଁ କଣ, ଗୋଟିଏ ପରିବାର ହୋଇଗଲା ସତେ !!




ମେସେଞ୍ଜରରେ ଅପର ପ୍ରାନ୍ତରେ ଲୋକର ଇଣ୍ଟରନେଟ୍ ଅନ୍ ଅଛି ଜାଣି ତୁମେ ଆଶ୍ୱସ୍ତ ଯେ ସେ ଭଲ ଅଛି ।

# ଇଣ୍ଟରନେଟ୍‌ରେ ସାରା ଦୁନିଆ ଆଉ ସାରା ଦୁନିଆଟା ତୁମ କମ୍ପ୍ୟୁଟରରେ

ଆଜି କାଲି କମ୍ପ୍ୟୁଟର ପରଦାରେ ସାରା ଦୁନିଆର କଥା ଜାଣି ହେଉଛି । ଦୂର ଦୂର ଜାଗାରୁ ଜିନିଷ କିଣିହେଉଛି, ଟିକଟ ବୁକିଂ କରିହେଉଛି । ଚାକିରି ପାଇଁ ଫର୍ମ ମିଳିବ, କଲେଜରେ ନାମ ଲେଖା ପାଇଁ ବି । ପର୍ବଦିନରେ ଗ୍ରିଟିଂ କାର୍ଡ (ଅଭିନନ୍ଦନ ପତ୍ର) ପଠାଇବାର ସୁବିଧା ମିଳୁଛି। ଇଣ୍ଟରନେଟ ବ୍ୟବହାର ଏତେ ବେଶି ବଢ଼ିଗଲାଣି ଯେ ଦିନେ ଯେ ଇଣ୍ଟରନେଟ ନଥିଲା ଓ ଆମେ ବେଶ୍ ଚଳିପାରୁଥିଲୁ, ଏକଥା ଆମେ ଏବେ ଭାବି ପାରୁନାହୁଁ । ଇଣ୍ଟରନେଟ୍ କେତେ କମ୍ ଦିନରେ କେତେ ଲୋକପ୍ରିୟ ହୋଇ ନ ଗଲା ! ଯାହାଙ୍କ ପାଖରେ କମ୍ପ୍ୟୁଟର ନାହିଁ, ସେମାନଙ୍କ ପାଇଁ ଚା, କଫି, ବା ପାନ ଦୋକାନରେ ଇଣ୍ଟରନେଟ୍ ସେବା ମିଳୁଛି । ଏହିପରି ଦୋକାନକୁ ସାଇବର କାଫେ Cyber cafe କହନ୍ତି । ଖବର କାଗଜ କି ଟିଭି ଖୋଲିଲା କ୍ଷଣି ଇଣ୍ଟରନେଟ୍ ବିଷୟରେ ଖବର ବା ବିଜ୍ଞାପନ ଦେଖିବାକୁ ମିଳୁଛି । କାଗଜ ଷ୍ଟିକର୍ (ଅଠାଦିଆ)ରେ, ଏପରିକି ଦୋକାନରୁ କିଣୁଥିବା ଜିନିଷର ଠୁଙ୍ଗାରେ କୌଣସି ନା କୌଣସି ୱେବ୍ ପୃଷ୍ଠାର ଠିକଣା ଦେଖିବାକୁ ମିଳୁଛି। ଯେଉଁଥିରେ ତୁମର କିଛି ଜାଣିବାର ଆଗ୍ରହ ବା ଇଛା ଅଛି ସେ ସମ୍ପର୍କରେ ତୁମେ କିଛି ନା କିଛି ସୂଚନା ଇଣ୍ଟରନେଟରୁ ପାଇପାରିବ । ଥଟ୍ଟା ପରିହାସ ମିଳିବ, କାର୍ କିଭଳି ମରାମତି କରିବ ସେ ବିଷୟରେ ପାଠ ମିଳିବ, ସ୍ପେସ୍ ସଟଲ୍ ବିଷୟରେ ସୁଦୀର୍ଘ ବୈଷୟିକ (ଟେକ୍ନିକାଲ) ବିବରଣୀ ମିଳିବ, ଛୁଆମାନଙ୍କର କିପରି ଯତ୍ନ ନେବ କିମ୍ବା ମକଦମା ଲଢ଼ିଲେ କି କି ଆଇନ ଲୋଡ଼ା ଓ କିଭଳି ଆଗେଇବ ତାହାର ମାର୍ଗ ମିଳିବ । ବଡ ବଡ କଳାକାରଙ୍କର ନୃତ୍ୟ ବା ଚିତ୍ର, ସଂଗୀତଜ୍ଞଙ୍କ ଗୀତ, ନୃତ୍ୟାଙ୍ଗନାର ନୃତ୍ୟ, କୌଣସି କ୍ଲବର ସଦସ୍ୟ ହେବାଲାଗି ଆବେଦନ ପତ୍ର କିମ୍ବା ଅନ୍ୟମାନଙ୍କ ସହ ମିଶି ପୁଞ୍ଜି ଖଟାଇବା (ମ୍ୟୁଚୁଆଲ ଫଣ୍ଡ) କିମ୍ବା ଇଲେକ୍ଟ୍ରୋନିକ୍ ବାଙ୍କିଙ୍ଗ୍ (ଘରେ ବସି ରହି ଟଙ୍କା ଜମା କରିବା ଓ ଉଠାଇବା) ଆଦି ସୁବିଧା ମିଳିବ । ବିଦେଶ ଯିବା ପାଇଁ ଭିସା ଫର୍ମ ମିଳିବ । ସାକ୍ଷାତକାର ପାଇଁ ଦିନ ଧାର୍ଯ୍ୟ କରିହେବ । ପର୍ବପର୍ବାଣୀରେ ଗ୍ରିଟିଂ କାର୍ଡ ବା ଶୁଭେଚ୍ଛା ପତ୍ର ସହ ମିଠେଇ ବାକ୍ସ ଓ କ୍ୟାମେରା ଉପହାର ବି ଏ ଇଣ୍ଟରନେଟରେ କିଣି ବିକିଥାବାଲା ଜରିଆରେ ପଠାଇ ହେବ । ସବୁଠୁ ବଡ ବହି ଦୋକାନ ହେଉଛି, ଆମାଜନ.କମ୍, Amazan.com. ବହିର ନାଁ, ଲେଖକର ନାଁ ବା ବିଷୟ ନାଁ ଅନୁଯାୟୀ ତୁମେ ବହି ବାଛି ପାରିବ । ପ୍ରକାଶକର ଠିକଣା ଦେଲେ ତା'ଠାରେ ନଥିବା ବହି ମଗାଇ ତୁମକୁ ଦେଇପାରିବ । ଘର ଓ ଜମି କିଣାବିକା କରୁଥିବା ରିଅଲ୍ ଇଷ୍ଟେଟ୍ କମ୍ପାନୀ, Real Estate Company ମାନେ ମଧ୍ୟ ଇଣ୍ଟରନେଟରେ କାରବାର କରୁଛନ୍ତି । ଇଣ୍ଟରନେଟରେ କିଣାବିକା କରିବା ଲାଗି ତୁମର ଗୋଟିଏ ଆନ୍ତର୍ଜାତୀୟ କ୍ରେଡିଟ୍ କାର୍ଡ ଥିବା ଦରକାର । ନଚେତ୍ ଚେକ୍ ବା ଡ୍ରାଫ୍ଟ ଆକାରରେ ଡାକରେ ପଠାଇଲା ପରେ କିଣା ଜିନିଷଟି ମିଳିବ, ଡାକଘରର ଭି.ପି.ପି (ଭାଲ୍ୟୁ ପେ'ବୁ ପୋଷ୍ଟ) ଭଳି, ଗୁଡାଏ ସମୟ ନଷ୍ଟ ହେବ । ୟୁଟ୍ୟୁବ୍ ଜରିଆରେ ବାସ୍ତବ ଦୃଶ୍ୟ ଦେଖିହେବ (ଯଥା ସନ୍ତାନ ପ୍ରସବ) ଓ କଥା ଶୁଣିହେବ ।

# ଗୋଷ୍ଠୀ ଆଲୋଚନା, ଗ୍ରୁପ୍ ଚାଟ୍

ଗୁଡିଏ Usenet newsgroup ଅଯାଚିତ ବାର୍ତ୍ତା ବା ଜିନିଷ ଯୋଗାନ୍ତି । ଏମାନେ ଚାଟ୍ ଗ୍ରୁପ ନୁହଁନ୍ତି । ନିୟୁଜ୍ ଗ୍ରୁପ୍‌ଟିଏ ଖୋଲିଲେ ସେହି ଗୋଷ୍ଠୀର ଲୋକ ବା ଗ୍ରୁପ୍‌ର ବାର୍ତ୍ତା ପଢିବାକୁ ମିଳେ । କେଉଁ ଗ୍ରୁପ୍ କେଉଁ ବିଷୟ ଆଲୋଚନା ଚାହୁଁଛ ଜଣାଇଲେ ସେମାନେ ଯୋଗାଇ ଦେବେ । http://www.dejanews.com କ୍ଲିକ୍ କଲେ ପ୍ରତ୍ୟେକ ବିଷୟରେ ଆଲୋଚନାର ଶ୍ରେଣୀ ଦେଖାଇବ । ରଚକ ସହ ଆଲୋଚନାରେ ଭାଗ ନେବାକୁ ଚାହିଁଲେ Reply To Author ରେ କ୍ଲିକ୍ କରିବ, ଗୋଷ୍ଠୀ ସମ୍ମିଳନୀରେ ଭାଗ ଚାହିଁଲେ Reply To Group କ୍ଲିକ୍ କରିବ । କେତେଗୁଡିଏ ମୁଖ୍ୟ ଶବ୍ଦକୁ ଧରି ପଚାରିଲେ ତହିଁରୁ ଉତ୍ତର ମିଳେ । ବହୁତ କମ୍ପ୍ୟୁଟର କମ୍ପାନୀ ୟୁଜ୍‌ନେଟ୍ ସମର୍ଥିତ ନିୟୁଜ୍ ଗ୍ରୁପ୍ ଯୋଗାନ୍ତି, ଯଥା microsoft । ଇ-ମେଲ୍‌ରେ କିଛି ଗୋପନୀୟତା ଅଛି, ୟୁଜ୍‌ନେଟ୍‌ରେ ଯାହା ଲେଖିବ ସମସ୍ତେ ଦେଖିପାରିବେ । କେତେକ newsgroups ସେବା ଯୋଗାନ୍ତି, କମ୍ପ୍ୟୁଟରର disk management ପାଇଁ ତ କେତେକ printing ପାଇଁ । ଅଧିକାଂଶ ପ୍ରଶ୍ନର ଉତ୍ତର ଫ୍ରିକ୍ୱେଣ୍ଟଲି ଆସ୍କଡ୍ କ୍ୱେଶ୍ଚେନ୍, FAQ, frequently asked questions, ଅର୍ଥାତ୍ ଅଧିକାଂଶ ସମୟରେ ପଚାରୁଥିବା ପ୍ରଶ୍ନ, ଜାଗାରେ ଖୋଜିଲେ ମିଳେ । ଦୋହରାଇ ପଚାରିଲେ ଅଭଦ୍ରାମି ହୁଏ । ଯଦି ଉତ୍ତର ନ ମିଳିଲା, Compose ରେ କ୍ଲିକ୍ କରି ତା ପରେ ଯାହା ପ୍ରଶ୍ନ ପଚାରିବ, ନିଜ ପର୍ସନାଲ୍, କମ୍ପ୍ୟୁଟରର ଟେକ୍ନିକାଲ ତଥ୍ୟ ସବୁ ଯୋଗାଇବା ପରେ ପ୍ରକୃତ ଉତ୍ତର ପାଇବ ।






୪୧୬୯ ଜାଗାରୁ ୬୫୪୯୮ ଲୋକ କେବଳ ଲିଖିତ ନୁହେଁ, ଭିଡିଓ (ୱେବ୍‌କାମ୍ ଦ୍ୱାରା) ଦେଖାଦେଖି ଆଳାପ କରିପାରୁଛନ୍ତି !

Twitter: What are you doing? - Windows Internet Explorer

http://twitter.com/

ତୁମେ କଣ କରୁଛ ଏହି ସରଳ ପ୍ରଶ୍ନଟିର ଉତ୍ତର ବନ୍ଧୁବାନ୍ଧବ, ସାଙ୍ଗ ଓ କୁଟୁମ୍ବ ଆଦିଙ୍କୁ ଜଣାଇବାର ୱେବ୍ **ଟ୍ୱିଟର** ବା **କିଚିରିମିଚିରି**








ସାଧାରଣ ୟୁଟ୍ୟୁବ୍ ସଫ୍‌ଟୱେଆର୍ ଡାଉନ୍ ଲୋଡ୍ କରିବାର ଏକ ଉଦାହରଣ




ଓଡ଼ିଆ ଭିଡିଓ ଓ ଓଡ଼ିଆ ଟ୍ୟୁବ୍। 'ଗପ ହେଲେ ବି କଥାଟି ସତ' ଫିଲ୍ମର ଗୀତ 'ହୁଁ ହୁଁ କା'




ଠିକଣା oriya4u.com

ଇଂରାଜୀ ବ୍ଲଗ୍ ମାଗଣା, ଓଡିଆ ବ୍ଲଗ୍ ୧୫୦୦ ଟଙ୍କା (୪୦ ଡଲାର) କାହିଁକି – ପ୍ରଶ୍ନର ଉତ୍ତରରେ ଯୋଗାଣକାରୀ ଶ୍ରୀ ପ୍ରଶାନ୍ତ ସାହୁ କହନ୍ତି ଓଡିଆ ବର୍ଣ୍ଣମାଳା ଡାଉନ୍‌ଲୋଡ୍ କରିବାର ମୂଲ୍ୟ, ଥରେ ମାତ୍ର ।

ଏଓଏଲ୍.ଇନ୍ ମାଧ୍ୟମରେ ଭିଡିଓ ମିଳିବ ।

ସ୍ପିଡ୍ ବିଟ୍ ଭିଡିଓ ଆକ୍ସିଲରେଟର କାମ କରୁଛି ।




ଭିଡିଓ ଚିତ୍ର ଝାଲିଝାଲିଆ

# କ୍ୱିଜ୍ (ପ୍ରଶ୍ନୋତ୍ତର) ତିଆରି

ଇଣ୍ଟର୍‌ନେଟ୍‌ରେ କ୍ୱିଜ୍ ବା ଅନ୍ୟମାନଙ୍କ ପାଇଁ ସାଧାରଣଜ୍ଞାନ ପରୀକ୍ଷା ଲାଗି ପ୍ରଶ୍ନ ତିଆରି କରିବାର ସଫଟ୍‌ୱେୟାର୍ ଡାଉନ୍‌ଲୋଡ୍ କରିହେବ । ୱେବ୍‌କ୍ୱିଜ୍‌ରାଇଟର ସଫ୍‌ଟୱେୟାର୍‌ରେ ପ୍ରଶ୍ନୋତ୍ତର ତିଆରିର ନମୁନା । ଇଣ୍ଟର୍‌ନେଟ୍‌ରେ କ୍ୱିଜ୍, Quiz, ବା ପ୍ରଶ୍ନ-ଉତ୍ତର ଗୁଡ଼ିକ କିଭଳି ତିଆରି କରିବ, ତାହାର ଏକ ଖସଡ଼ା ବା ନମୁନା. Microsoft Word - Quiz Draft.doc



www.go-quiz.com/cocktail/cocktail.php

www.gotoquiz.com/

www.quizyourfriends.com/

www.coolquiz.com/MYQUIZ/

କ୍ୱିଜ୍ ତିଆରି କରିବାର ପ୍ରୋଗ୍ରାମ୍ ବହୁତ ମିଳେ । ତହିଁରୁ ବାଛି ତୁମର ମନ ପସନ୍ଦ ପ୍ରଶ୍ନୋତ୍ତର କରିପାରିବ । ପିଲାଙ୍କୁ ପଚାରିପରେ ଉତ୍ତର ମିଳାଇ ମାର୍କ ଦେଇପାରିବାର ସୁବିଧା ।

a4esl.org/q/h/9704/lk-halloween.html

www.sameshow.com/other/how-to-make-multimedia-flash-quiz.html

www.online-quiz-creator.com/quiz-creator/create-multimedia-quiz.html

forums.digitalmedianet.com/cgi-bin/displaywwugpost.fcgi?forum=macromedia_flash&post=090420130136.htm

ଏକାଧିକ ଉତ୍ତର ଭିତରୁ ଗୋଟିକୁ ବାଛିବାର କ୍ୱିଜ୍, ପାୱାରପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ।




ଭିଡିଓ ଅର୍ଥାତ୍ ଚଳଚ୍ଚିତ୍ର ଭଳି ଚଳମାନ ପ୍ରଶ୍ନୋତ୍ତର (କ୍ୱିଜ୍) କରିହେବାର ସୁବିଧା । ପାୱାର୍ ପଏଣ୍ଟ ପ୍ରେଜେଣ୍ଟେସନ୍ (ପ୍ରଦର୍ଶନ) କରିହେବ ।.

# ୱେବ୍‌ସାଇଟ୍ ଓ ହୋମ୍‌ପେଜ୍ କରିବା

ତୁମେ ନିଜ ନାଁ ରେ ଯଦି ଗୋଟିଏ ୱେବ୍‌ସାଇଟ୍ ତିଆରି କର, ଲୋକେ ତୁମ ସାଇଟ୍ ଖୋଲିଲେ ଯେଉଁ ୱେବ୍ ପୃଷ୍ଠା ବାହାରିବ ତାହା ତୁମର ପ୍ରଥମ ପୃଷ୍ଠା ବା ହୋମ୍ ପେଜ୍ । ହୋମ୍ ମାନେ ଘର ବୋଲି ହୋମ୍ ପେଜ୍ ତୁମର ଘରୋଇ ନୁହେଁ, ୱେବ୍ ସାଇଟ୍‌ର ପ୍ରଥମ ପୃଷ୍ଠାକୁ ଏପରି କୁହାଯାଏ । କମ୍ପାନୀମାନେ ଭଲ ୱେବ୍ ପେଜ୍ ପାଇଁ ବହୁତ ପଇସା ଖର୍ଚ୍ଚ କରନ୍ତି । ପ୍ରତି ଆଇଏସ୍‌ପି ହୋମ୍ ବା ଫ୍ରଣ୍ଟ ପେଜ୍ ସୁବିଧା ଦିଅନ୍ତି, ତୁମ ପାଇଁ ଉଦିଷ୍ଟ ପ୍ରଥମ ପୃଷ୍ଠାକୁ ତୁମ ଚାହିଦା ଅନୁଯାୟୀ ବରାଦ ଦେଲେ (customize), My Frontpage ବା Home ଖୋଲିଲାକ୍ଷଣି ତତ୍‌କ୍ଷଣାତ୍ ତତ୍କାଳୀନ ଖବର କମ୍ପୁଟର ପରଦାରେ ପଢ଼ିହେବ । ଯେମିତି ମାଇ ୟାହୁ (MyYahoo) (ପୃଷ୍ଠା ୬୪-୬୭) । html, HyperText Markup Language (ହାଇପର୍ ଟେକ୍‌ଷ୍ଟ ମାର୍କଅପ୍ ଲାଙ୍ଗୁଏଜ୍) କୋଡ୍ ବା ଠାର ପାଇଗଲେ ତୁମେ ନୋଟ୍ ପ୍ୟାଡ୍ ବ୍ୟବହାର କରି କଳ୍ପନା ଅନୁଯାୟୀ ଲେଖା ବା ନକ୍ସା କରି ପାରିବ । ନକ୍ସାରେ ତୁମେ ଯାହା କରିବ ତାହା ପାଇବ । ଏହା ଛଡା ପୂର୍ବ ପ୍ରସ୍ତୁତ ପୃଷ୍ଠଭୂମି, ରଚନା, ଅକ୍ଷର, କମ୍ପୁଟରରେ ଥିବା ଟେମ୍‌ପ୍ଲେଟ୍‌ରୁ ଆଣିପାର । ୱେବ୍ ପେଜ୍‌ରେ ଛବି ଓ ପୃଷ୍ଠା ତିଆରି କରିହେବ । ଛବି ଉଠାଇବା, ଗଡାଇବା ବା ଖସାଇ ଦେବା (ସ୍କ୍ରୋଲ କରିବା) ବା ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଡେଇଁବା ଭଳି ଲିଙ୍କ୍ କରିହେବ । ୱେବ୍ ପେଜ୍ ତିଆରି କରିବା ମାର୍ଗ ଦେଖାଉଥିବା ପ୍ରୋଗ୍ରାମକୁ କୁହାଯାଏ ଉଇଜାର୍ଡ (ଯାଦୁକର) ! ଖୋଜିବାର ଆଇକନ୍ ଉପରେ ଏକ ନିର୍ଦ୍ଧାରିତ ରୂପର (ଷ୍ଟାଣ୍ଡାର୍ଡାଇଜ୍) ପୃଷ୍ଠଭୂମି ତଥା ଅକ୍ଷର ରଖିପାରିଲେ ତୁମ ତିଆରି ୱେବ୍ ପେଜ୍ ଜଣେ ଓସ୍ତାଦର ବୋଲି ଲୋକେ କହିବେ ।

ୱେବ୍ ସାଇଟ୍ କରିବା ପୂର୍ବରୁ ଭାବିବା କଥା ସେଥିରେ କଣ ଲେଖିବା, ଗୋଟିଏ ପୃଷ୍ଠା ସହ ଆଉ ଗୋଟିଏ ପୃଷ୍ଠା କିପରି ସମ୍ପୃକ୍ତ ହେବ, କେଉଁ କ୍ରମରେ ପୃଷ୍ଠାଗୁଡିକ ରଖାଯିବ, ଏସବୁ ଠିକ୍ କରିନେବା ଦରକାର । ବହି ଖଣ୍ଡକ କିପରି ଦିଶିବ, କିଛି କାଗଜ ଓ କଲମଟିଏ ଧରି ଗୋଟିଏ ନକଲ ତିଆରି କରି ରଖି ନେବା ଉଚିତ୍ । ପ୍ରବନ୍ଧ ବା ଉପନ୍ୟାସରେ ଯେପରି ଉପକ୍ରମ, ବିଷୟବସ୍ତୁ, ସିଦ୍ଧାନ୍ତ, ପରିଶିଷ୍ଟ ସହିତ ବିଭିନ୍ନ ଚରିତ୍ରର ଚିତ୍ରଣ ଆଦି ଥାଏ ସେହିପରି ତୁମେ କଣ ଚାହଁ, ଠିକ୍ କଲା ପରେ ହିଁ ୱେବ୍‌ସାଇଟ୍ ତିଆରି କର । ତୁମର କଳ୍ପନା, ଧାରଣା ବା ଭାବନାକୁ ସୁସଂହତ କରି ଲେଖା ଆରମ୍ଭ କର । ମାଇକ୍ରୋସଫ୍ଟ ୱାର୍ଡ ଭଳି ଗୋଟିଏ ଭଲ ୱାର୍ଡ ପ୍ରସେସର୍ ଜରିଆରେ ଲେଖ । କିନ୍ତୁ ଏଠି ମାଧ୍ୟମ କାଗଜ ନୁହେଁ, ତେଣୁ ବହି ଭଳି ନ ହୋଇ ଗୋଟିଏ ଗୋଟିଏ ସଂକ୍ଷିପ୍ତ ଅନୁଚ୍ଛେଦ ଭାବେ ଭିନ୍ନ ଭିନ୍ନ ବାକ୍ସରେ ରଖିଲେ ଭଲ ହେବ ।

ୱେବ୍ ପେଜ୍‌ରେ କଣ ରହିପାରିବ ତାହାର ସୀମା ନାହିଁ । ପାଣିପାଗ ଖବର, ସିଧାସଳଖ ଟିଭି ପ୍ରସାରଣ, ବିଭିନ୍ନ ଲୋକଙ୍କ ମତାମତ, ଖେଳ ଆଦି । ପର୍ସନାଲ୍ କମ୍ପୁଟରରେ ଯାହା କରିପାରିବ ବା ପାଇପାରିବ ତାହା । ମନେ ରଖ, ଯେତେ ବେଶି ଛବି ବା ଗ୍ରାଫିକ୍ସ ଦେବ, ୱେବ-ପୃଷ୍ଠା ଖୋଲିବାରେ ସେତେ ବେଶି ସମୟ ନେବ ।

(ପୃ ୧୨୨ ରେ)







ଛୋଟ ଛୋଟ ବ୍ୟବସାୟ ପାଇଁ ୱେବ୍ ସାଇଟ୍ ତିଆରି କରିବା ଉପାୟ ବତାଉଛି ୟାହୁମେଲ୍ । ତା ସର୍ଭରରେ ରଖିବା ଭଡା (ହୋଷ୍ଟିଂ) ପାଇଁ ବର୍ଷକୁ ୧୯୯୯ ଟଙ୍କା ଫି ନେବ ।







ୱେବ ସାଇଟ୍ କରିବାର କାଇଦା ବତାଇ ଶସ୍ତାରେ ସେବା (ହୋଷ୍ଟିଂ କରିବା) ଯୋଗାଇବା ୟାହୁର ଗ୍ରାହକ ହୋଇ ରହିବାର ଆଉ ଗୋଟିଏ କାରଣ ବୋଲି ଏ ଇମେଲ୍ କହୁଛି ।







ଏଥିରେ ବରାଦିଆ ୪ ପୃଷ୍ଠା ଦିଆଯାଇଛି, ତୁମେ ଖାଲି ଲେଖାରେ ପୂରଣ କରିବ ।

ଇଣ୍ଟରନେଟ୍‌ରୁ କିଛି ଉତାରିବାକୁ ଥିଲେ ତାକୁ ଡାଉନ୍‌ଲୋଡ୍ କରି କମ୍ପୁଟରରେ ରଖିପାରିବ । ମନେରଖ, ଯେପରି ଅନ୍ୟର ଲେଖାକୁ କପି କଲେ କପି ରାଇଟ୍ ଆକ୍ଟ (କପି ଅଧିକାର ଆଇନ୍) ଲଙ୍ଘନରେ ଦୋଷୀ ନହୁଅ । କ୍ଷତିପୂରଣ ଦେବାକୁ ପଡିପାରେ । କିନ୍ତୁ ଏହାର ଗୋଟିଏ ବ୍ୟତିକ୍ରମ ଅଛି । ତାହା ହେଉଛି କ୍ଲିପ୍‌ଆର୍ଟ । ଏଗୁଡିକୁ ନକଲ କରି ରଖିଲେ, କପିରାଇଟ୍ ଆଇନ୍‌ର ଉଲ୍ଲଙ୍ଘନ ହୁଏ ନାହିଁ । ଏଗୁଡିକ ବିଭିନ୍ନ ପ୍ରକାଶନରେ ବ୍ୟବହାର କରିପାରିବ ବୋଲି ସଫ୍ଟୱେୟାର୍‌ରେ ଲେଖାଥାଏ ।

କପି କରିବ ନାହିଁ ସିନା, କିନ୍ତୁ ଭଲ ସାଇଟ୍ ଧାରଣା ପାଇବା ଲାଗି ଭଲ ପୃଷ୍ଠା ବା ଛବିଟିଏ ବା ସମଭାବାପନ୍ନ ୱେବ୍‌ସାଇଟ୍ ଥିଲେ, ଦେଖିବା ଦରକାର । ଡାକ ଟିକଟ ସଂଗ୍ରହ ସଉକ (ଫିଲେଟଲି Philately) ଉପରେ ୱେବ୍‌ସାଇଟ୍ କରିବ ତ ଫଟୋଗ୍ରାଫି ବା ମୁଦ୍ରାସଂଗ୍ରହ ହବି ସମ୍ପର୍କୀୟ ୱେବ୍‌ସାଇଟ୍ ଦେଖିବ । ୱେବ୍‌ସାଇଟ୍ ଡିଜାଇନ୍ ଲାଗି ଗ୍ରାଫିକ୍ ଡିଜାଇନ୍, ଅଡିଓ ଏଡିଟିଂ, ଏଚ୍‌ଟିଏମ୍‌ଏଲ୍ ପ୍ରୋଗ୍ରାମିଂ, ମାର୍କେଟିଂ ଓ ମାନେଜ୍‌ମେଣ୍ଟ ଆଦି କୌଶଳ ଜାଣିବା ଦରକାର, ବହୁତ ସାହାଯ୍ୟକାରୀ ପ୍ରୋଗ୍ରାମ୍ ମିଳେ: ମାଇକ୍ରୋସଫ୍ଟ ଫ୍ରଣ୍ଟପେଜ୍ ପ୍ରୋଗ୍ରାମରେ ପୃଷ୍ଠା ତିଆରି ଲାଗି ଟେମ୍ପଲେଟ୍ (ଛାଞ୍ଚ), ସର୍ଚ୍ଚ ସୁବିଧା, ବାରମ୍ବାର ପଚରାଯାଉଥିବା ପ୍ରଶ୍ନ (ଫ୍ରିକ୍ୱେଣ୍ଟଲି ଆସ୍କଡ୍ କ୍ୱେଶ୍ଚନ୍‌ସ୍) ଆଦି । ଛବିକୁ କାଟ୍ ଛାଟ୍ କରିବା, ରିଜୋଲୁସନ୍ କମାଇବା ବା ସ୍ପେସାଲ୍ ଇଫେକ୍ଟ ଦେବା ଆଦି ପାଇଁ ମାଇକ୍ରୋସଫ୍ଟର ଇମେଜ୍ କମ୍ପୋଜର୍ ଅଛି । ଜିଫ୍ ଆନିମେଟର୍ (Gif Animator) ଜରିଆରେ ଗୁଡିଏ ଚିତ୍ରକୁ ଗୋଷ୍ଠୀ କରି ଆନିମେସନ୍ କରିହେବ । www.mindworkshop.com ରୁ Alchemy Mindworks, Gif Construction Set ଡାଉନ୍‌ଲୋଡ୍ କଲେ ଆଉ ଗୋଟିଏ ଜିଫ୍ ଆନିମେସନ୍ ପ୍ରୋଗ୍ରାମ ମିଳିବ । ମାକ୍ରୋମେଡିଆ ଫ୍ଲାସ୍ ନାମକ ଏକ ଆପ୍ଲିକେସନ୍ ବ୍ୟବହାର କରି ଆନିମେସନ୍ ସାଙ୍ଗରେ ସାଉଣ୍ଡ ମିଶାଇ ହେବ ।




ସମଧର୍ମୀ ୱେବ୍‌ସାଇଟ୍ ଦେଖି ନିଜର ୱେବ୍‌ସାଇଟ୍ କରିବା ସହଜ । ଗୁଗୁଲ୍ ଭଳି ସର୍ଚ୍ଚ ଇଞ୍ଜିନକୁ ଯାଅ, ସମ୍ପୃକ୍ତ ବିଷୟରେ ୱେବ୍ ସାଇଟ୍ କଣ କଣ ଅଛି ମାଗ । ତହିଁରୁ ଗୋଟି ଗୋଟି ବାଛି କେଉଁଟା ଅନୁକରଣୀୟ ଦେଖ । ଏଠାରେ ଡାକଟିକଟ ସଂଗ୍ରହ (Philately) ସମ୍ପର୍କୀୟ ୱେବ୍‌ସାଇଟ୍ କଣ କଣ ଅଛି ପଚାରିବାର ଉତ୍ତର ।




Alchemy
MINDWORKS
AMC GIF Construction Set Professional
http://www.mindworkshop.com/alchemy/gifc
free gif construction set
AMC GIF Construction Set Profe...
Add Tab
HOME
SOFTWARE
FICTION
ART/MUSIC
SUPPORT
ARTICLES
DETAILS
Welcome to Alchemy Mindworks' web page. We invite you to check out Graphic Workshop, *the* Windows image management package; GIF Construction Set, the world's most popular web page animator; Presentation Wizard, Screen Saver Construction Set, Animation Workshop, The Ultimate Screen Clock, Calendar Wizard, Steven William Rimmer's novels and a lot more.
For Windows 98, ME, 2000, NT, XP, Vista and Windows 7. With solutions for **Linux** and **Macintosh**.
GIF Construction Set Professional represents the state of the art in GIF animation software. It will assemble your original animations effortlessly through its Animation Wizard; squeeze them down to as close to nothing as possible with its Supercompressor; create eyecatching banners and animated transitions; manage your GIF files; add transparency to existing graphics and a lot more.
The extensive documentation and tutorials included with GIF Construction Set Professional will get you up to speed in less time than it takes most elected officials to redefine the truth.
DIGITAL PHOTOGRAPHERS
Let Graphic Workshop Professional preview images; resize them for your web page; fine-tune your pictures; print your photographs and much
LEGACY
SERIOUS SORCERY
Read Steven William Rimm
breathtaking new novel Le
enjoy a free registered cop
Alchemy Mindworks' Pagan







ସୁପରମାର୍କେଟ୍‌ମାନେ କିପରି ବଜାର ଦରଦାମ ନିୟନ୍ତ୍ରଣ କରି ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଶୋଷଣ କରନ୍ତି ଟେସ୍କୋପଲିଡଟ୍‌ଅର୍ଗ ଦେଖାଇଦିଏ । ୱେବର ଛବି ଉପରେ କର୍ସର ରଖିଲେ ଛବିଟି ବଡ ଓ ସ୍ପଷ୍ଟ ହୋଇଯାଏ । ୱେବର ଏ କୌଶଳ ପାଠକଙ୍କୁ ଭଲ ଲାଗେ ।

# ହିଟ୍ ଓ ଭିଜିଟ୍

ୱେବ୍‌ସାଇଟ୍ କରିଦେଲେ କେହି ଯଦି ନଦେଖିବେ ଲାଭ କଣ ୱେବ୍‌ସାଇଟ୍ ଦେଖିବାକୁ ଭିଜିଟ୍ କହନ୍ତି । ୱେବ୍ ପେଜ୍‌କୁ ଥରେ ଦେଖିଲେ ତା ଗୋଟିଏ ହିଟ୍, hit (ଛୁଇଁବା) । ଜଣେ ଲୋକ ବି ବହୁତ ଥର ଦେଖିପାରେ । ୱେବ୍‌ସାଇଟ୍ ଯେତେ ବେଶି ହିଟ୍ ପାଏ ତାହା ସେତେ ବେଶି ଲୋକପ୍ରିୟ ଓ ବିଜ୍ଞାପନ ପାଇପାରେ । ହିଟ୍ ଜାଣିବାର Hit counters ତିଆରି କରିବା ସଫ୍ଟୱେଆର୍ http://javaboutique.internet.com/ରେ LiveSiteCounter ରୁ ମିଳେ । ତଳେ ୬୩୧୬ ହିଟ୍ ଦେଖାଉଛି ।

**Non-Resident Oriya Facilitation Center (NROFC). - Microsoft In**

You are visitor No
0 0 6 3 1 6

http://nrofc.org/
ୟୁଆର୍‌ଏଲ୍

www.nrofc.org
ୱେବ୍‌ସାଇଟ୍

**Java(TM) Boutique Alphabetical Index of Java™ Applets**

Address http://javaboutique.internet.com/applet_index/l.html

LiveSiteCounter
Not only a counter, but a complete analysis of the hits to your site! — ସାଇଟ୍ ଦର୍ଶନ (ହିଟ୍) ଗଣକ (କାଉଣ୍ଟର)

LivingLink
An animated button that uses just one image.

Love Meter
Reminiscent of the County Fair Strong Man meter, this applet measures how much love you have... and you don't even have to heft a mallet! — ପ୍ରେମ ମାପକ

Address http://get.adobe.com/flashplayer/trigger/3/

This site might require the following ActiveX control: 'Adobe Flash Player Installer' from 'Adobe Systems Incorporat

Home / Downloads / Flash Player /

**Adobe Flash Player** — ଆଡୋବ୍ ଫ୍ଲାସ୍ ପ୍ଲେଆର୍

Click here to install the following ActiveX control: 'Adobe Flash Player Installer' from 'Adobe Systems Incorporated'... "

ସମଧର୍ମୀ ୱେବ୍‌ସାଇଟ୍ ଦେଖିବା ଲାଗି ମାଗିଥିବା ଗୁଗୁଲ ତାଲିକାରୁ ଦୁଇଟି ୱେବ୍‌ସାଇଟ୍ ନିମ୍ନରେ ଦିଆଯାଇଛି: ଗୋଟିଏ ଚାଇନାଷ୍ଟାମ୍ପସୋସାଇଟିଡଟ୍‌ଅର୍ଗ (ବାମ ଓ ତଳେ) ଓ ଅନ୍ୟଟି ଆମେରିକାନ୍ ଫିଲାଟେଲିକ୍ ସୋସାଇଟି ୱେବ୍ ପ୍ରଥମ ପୃଷ୍ଠାର କିଛି ଅଂଶ (ଖୁବ୍ ତଳେ)। ୱେବ୍ ପୃଷ୍ଠା ସାଧାରଣ ଏ-୪ ସାଇଜ୍ ୨୧୦X୨୯୭ ମିଲିମିଟର ରେ ଆସେ ନାହିଁ, ବଡ ଆକାର ହୋଇଥିବାରୁ ଏ ବହିରେ କାଟଛାଟ କରି ଦିଆଯାଇଛି । ଆମେରିକାନ୍ ଫିଲାଟେଲିକ୍ ସୋସାଇଟିର ପ୍ରଥମ ପୃଷ୍ଠାର ତଳ ଭାଗର ବାକି କିଛି ଅଂଶ ପୂର୍ବ ପୃଷ୍ଠାରେ ଦିଆଯାଇଛି । ରଙ୍ଗୀନ ୱେବ୍ ପୃଷ୍ଠା କଳା ଧଳାରେ ଛପା ହୋଇଥିବାରୁ କିଛିଟା ଅସ୍ପଷ୍ଟ ହେଉଛି ।



:LATELIC WEB SITES




**AMERICAN PHILATELIC SOCIETY**

**Serving Stamp Collectors Since 1886**

100 Match Factory Place • Bellefonte, PA 16823
Phone: 814-933-3803 • Fax: 814-933-6128

To view without popout menu click here




**At a Glance:** Stamps of Iceland a collection from the APS Reference Collection.




View the web version of our May e-newsletter. Sign up on our subscription management page.

ଏ ପୃଷ୍ଠାଟି ଟର୍କିସ୍ (ତୁରସ୍କ) ଭାଷାରେ, ତାକୁ ତୁମ ଭାଷାରେ (ତୁମ ଭାଷା ନଥିଲେ ତୁମେ ବୁଝିପାରିବା ନିକଟତମ ଅନ୍ୟ ଭାଷାରେ) ଅନୁବାଦ କରିବାକୁ ଗୁଗୁଲକୁ ଯାଅ ବୋଲି କୁହାଯାଇଛି ।




ଇଣ୍ଟରନେଟ୍‌ରେ ଠକାମୀ ମେଲ୍ ଆସେ, ଯଥା ଅମୁକ ଲଟେରୀରେ ତୁମ ଇମେଲ୍ ଠିକଣା ଏତେ ଲକ୍ଷ ଡଲାର ବା ପାଉଣ୍ଡ ପୁରସ୍କାର ଲାଭ କରିଛି, ତୁମେ ଉତ୍ତର ଦେଲାକ୍ଷଣି ଠକଟି ତୁମ ଇମେଲ୍‌ରୁ ତୁମ କମ୍ପ୍ୟୁଟରର ସମ୍ପର୍କରେ ଓ ତୁମ କାରବାର ସମ୍ପର୍କରେ ସବୁ ତଥ୍ୟ ପାଇଯିବ, ତୁମେ ସାବଧାନ ନଥିଲେ ତୁମ ବେଙ୍କ ଏକାଉଣ୍ଟ ସାଫ୍ ହୋଇଯିବ । ତଳେ ଆଉ ଗୋଟିଏ ଉଦାହରଣ ।




ଠକ ହତ୍ୟାକାରୀ ୱେବ୍ ସାଇଟ୍

ଯଦି ତୁମେ ଏହାର ଉତ୍ତର ନ ଦିଅ, ତୁମ ୟାହୁ ଖାତା ବନ୍ଦ ହୋଇଯିବ । ୟାହୁବାଲା ସବୁବେଳେ କହିଥାଏ ଯେ ସେ କେବେ ତୁମ ପାସ୍ ୱାର୍ଡ ବା ଅନ୍ୟ କିଛି ତଥ୍ୟ ମାଗେନାହିଁ ।

http://www.hoax-slayer.com/latest-information.html ଅଧିକାଂଶ ଠକ ମେଲ୍ ବିଷୟରେ କହିଦିଏ ।

# ନିରକ୍ଷରର ଇଣ୍ଟରନେଟ୍ (କଥାରେ ଚାଲୁଥିବା ୱେବ୍)

ଦୁନିଆଟା ଦୁଇ ଭାଗରେ ବିଭକ୍ତ, ନିରକ୍ଷର ଆଉ ସାକ୍ଷର । ଇଣ୍ଟରନେଟ୍ ତାକୁ ଦୋହରାଇଛି । କେତେକ ୱେବ୍‌ସାଇଟ୍‌ରେ ଭିଡିଓ ଅଂଶ ଖୁବ୍ ବେଶି ଥିଲେ ବି ନିରକ୍ଷର ତାର ମଜା ନେଇପାରୁ ନାହିଁ । ପଢ଼ିପାରିବ ନାହିଁ । ନିଜର ୱେବ୍‌ସାଇଟ୍ ତିଆରି କରିବା, ଇଣ୍ଟରନେଟ୍‌ରେ ଆଲୋଚନା କରିବା, ଡାକ ପଠାଇବା – ଆଦି କାମ ନିରକ୍ଷର କରିପାରିବ ନାହିଁ । ତାକୁ ଏ ଦିଗରେ ସମର୍ଥ କରିବାକୁ ହେଲେ ମୌଖିକ ଭାଷା ବ୍ୟବହାର କରୁଥିବା ଇଣ୍ଟରନେଟ୍ ବା ୱେବ୍ ଦରକାର । ଆଇବିଏମ୍‌ର ଇଣ୍ଡିଆ ରିସର୍ଚ୍ଚ ଲାବରେଟରୀର ନିର୍ଦ୍ଦେଶକ ଗୁରୁତୁଥ୍ ବାନାୱାର୍ ଓ ତାଙ୍କ ସାଥୀମାନେ ଏକ ସିଷ୍ଟମ୍ କାଢ଼ିଛନ୍ତି, ତାହା ପାରମ୍ପରିକ ୱେବ୍‌ସାଇଟରେ ଲାଗୁଥିବା ହାଇପର୍ ଟେକ୍ସ୍ଟ ମାର୍କଅପ୍ ଲାଙ୍ଗୁଏଜ୍ ବଦଳରେ ଭଏସ୍ ଏକ୍ସଟେନ୍‌ସିବ୍ଲ ମାର୍କ ଅପ୍ ଲାଙ୍ଗୁଏଜ୍ (voice extensible markup language) ବ୍ୟବହାର କରୁଛି । କଥାରେ କହିଲେ ୱେବ୍ ଖୋଲିବ, ୱେବ୍‌ସାଇଟ୍ ତିଆରି ହେବ । ୨୦୧୧ ବେଳକୁ ହୋଇଯାଇଥିବ ।

କଥିତ ୱେବ୍ ଡଃ ବାନାୱାର୍‌ଙ୍କ ଭାଷାରେ, ମୋବାଇଲ ଫୋନ୍ ମୋବାଇଲ୍ ଫୋନ୍ ତ କମ୍ପ୍ୟୁଟରର ବିକଳ୍ପ ହୋଇଗଲାଣି, ଫୋନ୍ ମାଇକ୍ ରେ ନାଁ କହିଦେଲେ ଫୋନ୍ ଯାଉଛି । ଭଏସ୍ ମେସେଜ୍ ଦେବା ଚାଲିଛି । ଏବେ ବେଙ୍କ କାରବାର, ରେଳ ଟିକଟ, ଆଦି ମୋବାଇଲ ଫୋନ୍‌ରେ ହେଉଛି । ହାଇପର୍ ଟେକ୍ସ୍ଟ ଟ୍ରାନ୍‌ସଫର୍ ପ୍ରୋଟୋକଲ୍ ଭଳି ହାଇପର୍‌ସ୍ପିଚ୍‌ଟ୍ରାନ୍‌ସଫର୍ ପ୍ରୋଟୋକଲ୍ (HSTP) ଜରିଆରେ ଜଣେ କହୁଥିଲା ବେଳେ ତାହା ସହିତ ସମ୍ପର୍କ ଥିବା ଆଉ ଗୋଟିଏ କଥା ବା ଅନ୍ୟ ଲୋକର କଥା ଶୁଣିପାରିବ । କିମ୍ବା ଆଗ ଲୋକର କଥା ସରିଗଲା ପରେ, ମଝିରେ ଶୁଭୁଥିବା ଅନ୍ୟ ଲୋକର କଥାକୁ ସେ ଫେରିପାରିବ । ଡଃ ବାନାୱାରଙ୍କ ମୌଖିକ ୱେବ୍‌ସାଇଟ୍ ପାରମ୍ପରିକ ୱେବ୍‌ସାଇଟ୍ ଭଳି କମ୍ପ୍ୟୁଟର ସର୍ଭରରେ ରହିବ, ଅପାଠୁଆ ଲୋକେ ସ୍ଥାନୀୟ କାମ ପାଇଁ ମୋବାଇଲ ଜରିଆରେ ଖବର ପାଇବେ । କେଉଁ ଦିନ ହସ୍ପିଟାଲ-ଗାଡ଼ି ଗାଁକୁ ଆସିବ, ବାଇଗଣ କି କିରୋସିନି ଦର କେତେ, କେଉଁ କୂଅଟି ଜଳସେଚନ ପାଇଁ କାମ କରୁଛି, ଆଦି । ସେ ନିଜର ବିଜ୍ଞାପନ କରିପାରିବ । ଏବେ ତ ଅଟୋରିକ୍ସା ଡ୍ରାଇଭରମାନେ ମୋବାଇଲ ଜରିଆରେ ଗ୍ରାହକ ସହ ସମ୍ପର୍କ ରଖୁଛନ୍ତି । ବଢ଼େଇ, କୁମ୍ଭାର, ରାଜମିସ୍ତ୍ରୀ ଭଳି କାମିକା ଲୋକେ ନିଜର ମଜୁରୀ ଓ କାମ କରିବା ସମୟ ସମସ୍ତଙ୍କୁ ଜଣାଇ ପାରିବେ । ଖର୍ଚ୍ଚ ବେଶି ପଡିବ ବୋଲି ଯଦି କେହି ଭାବନ୍ତି ତେବେ ଜନସେବାକାରୀ ସାଇଟ୍ ଗୁଡିକ ଟଲ୍‌ଫ୍ରି ଫୋନ୍ ପରି ମାଗଣା ହୋଇ ପାରେ । ବ୍ୟବସାୟ ସାଇଟ୍ ମାନ କିଛି କିଛି ପାଉଣା ଦେବେ । ବାକି ସାଇଟ୍ ଗୁଡିକ ବିଜ୍ଞାପନରୁ ଖର୍ଚ୍ଚ ଉଠାଇପାରନ୍ତି । କଥାକୁହା ୱେବ୍ ସାଇଟ୍‌କୁ ପଢ଼ା ସାଇଟ୍ ଭଳି ଗ୍ରାହକ ରୋକି ପାରିବ ନାହିଁ, ତେଣୁ ବିଜ୍ଞାପନଦାତାମାନେ କଥାକୁହା ସାଇଟକୁ ବେଶି ପସନ୍ଦ କରିବେ ।

ବିଶ୍ୱରେ ମୋବାଇଲ ଫୋନ୍ ସେବା ଅତି ଦ୍ରୁତ ଗତିରେ ବଢ଼ୁଛି, ଆମ ଦେଶରେ ୧୦୫ କୋଟି ଲୋକର ଏକ ତୃତୀୟାଂଶ ତ ମୋବାଇଲ ଫୋନ୍ ବ୍ୟବହାର କରୁଛନ୍ତି । ତେଣୁ ସରକାର ଇ-ପ୍ରଶାସନ ପାଇଁ ଏ ସୁବିଧା ହାତଛଡା କରିବେ ନାହିଁ ।

## ଦୁନିଆଟା କେତେ ଛୋଟ ହୋଇ ଗଲାଣି

ତୁମେ ଅନ୍ୟ କାମରେ କମ୍ପୁଟରରେ ବ୍ୟସ୍ତ ଥିଲେ ବି ତୁମ ମେସେଞ୍ଜର ଅନ୍ ଥିଲେ ତୁମ ମେସେଞ୍ଜର ସର୍ଭିସ୍‌ର ମେଲ୍ ତାଲିକାରେ ଥିବା ଲୋକଟିଏ ଅନ୍ ଲାଇନ୍ ହେଲା କ୍ଷଣି ତୁମ କମ୍ପୁଟର ପରଦାରେ ଡାହାଣ ପାଖ ତଳ କୋଣରେ ଗୋଟିଏ ଝରକା ଉଙ୍କି ମାରି କହିବ ଅମୁକ ଅନ୍ ଲାଇନ୍ ଅଛି । ସତେ ଯେପରି ତୁମ ଘର ଦ୍ୱାରବନ୍ଧ ପାଖରେ ସେ ଅଛି । ପୃଥିବୀର ଯେଉଁ କୋଣରେ ସେ ଥାଉନା କାହିଁକି । ତା କମ୍ପୁଟର, ପୁଣି ତହିଁରେ ମେସେଞ୍ଜର, ଖୋଲା ଅଛି ମାନେ ସେ ଭଲ ଅଛି, ଏ ଆଶ୍ୱାସନା ମିଳେ । ପିଲା ଭଲ ଅଛି ବୋଲି ବାପା ମା ଜାଣିଯିବେ ଅଥବା ବାପା କି ମା ଭଲ ଅଛନ୍ତି ବୋଲି ପିଲାଏ ଜାଣିଯିବେ । କିଛି ବୁଝାବୁଝି କରିବାକୁ ସାଙ୍ଗେ ସାଙ୍ଗେ ମେସେଜ୍ ପଠାଇ ଉତ୍ତର ପାଇବେ । ଦରକାର ଥିଲେ କମ୍ପୁଟର ମାଇକ୍ ବାଟେ କଥା କହି ସ୍ପିକର ବାଟେ ସେପଟର କଥା ଶୁଣିପାରିବେ । ୱେବ୍‌କାମ୍ ଲାଗିଥିଲେ ପରସ୍ପରକୁ ଦେଖି ପାରିବେ, ପରିବାରର ଅନ୍ୟମାନଙ୍କ ଉପରେ ୱେବ୍‌କାମ୍ ଫୋକସ୍ କରି ସେମାନଙ୍କୁ ବି ଦେଖି ପାରିବେ । ଲାପ୍ ଟପ୍ କମ୍ପୁଟର ଭଳି ମୋବାଇଲ ଫୋନ୍‌ରେ ବି ଇଣ୍ଟରନେଟ୍ ସୁବିଧା ମିଳୁଛି । ଦୁନିଆଟା କେତେ ଛୋଟ ହୋଇ ନଯାଇଛି !





# ଲେଖକଙ୍କ କେତେକ ସାହିତ୍ୟିକ କୃତିତ୍ୱ

**ପ୍ରବନ୍ଧ, ଜନପ୍ରିୟ ବିଜ୍ଞାନ :**

ସମସ୍ୟା ଆଜି ଓ କାଲିର, ତାରକା ଯୁଦ୍ଧ ଓ ଅନ୍ୟାନ୍ୟ ପ୍ରବନ୍ଧ, ଅନ୍ୟର ଆଇନାରେ।

ସୃଷ୍ଟିର ଜାତକ ଓ ଜୀବନଘଡ଼ି, ବିଜ୍ଞାନ ବୋଧ ୧ମ ଓ ୨ୟ, ଚଳନ୍ତି ବିଜ୍ଞାନ, ଆଖିର ଲୁଚକାଳି। ବିଜ୍ଞାନ ଓ ସମାଜ – ପ୍ରଭାବ ଓ ପ୍ରତିକ୍ରିୟା, ଯନ୍ତ୍ରପାତିର କାହାଣୀ।

**ଗଳ୍ପ :**

ଏ ଦିଗ ସେ ଦିଗ, ଆକାଶ କୁଆଁ, ଖଜୁରୀ ଗଛର ଶେଷ ପାହାଚ, କଣ୍ଢୋବାଡ଼, ସଲୀଳ ସମାଧି। (୫ଟି ଗଳ୍ପ 'ଇଟିଭି'ରେ ନାଟକ ଆକାରରେ ପ୍ରସାରିତ)।

**ଗଳ୍ପ ଓ ବିଜ୍ଞାନ (ପିଲା ଓ ପୌଢ଼ଙ୍କ ପାଇଁ) :**

ସରଗର ଚାନ୍ଦ, ଦେବୀ ପକ୍ଷୀ, ବୁଦ୍ଧି ହିଁ ବଳ, ବୁଦ୍ଧି ପରୀକ୍ଷା, ଯେତେ ଦୂର ସେତେ ପାଖ, ଆଖିର ଲୁଚକାଳି, ଅଦ୍ଭୁତ ପ୍ରାଣୀଜଗତ, ଗଛ ଗଛ ଗଛ, ବିଜ୍ଞାନ ରହସ୍ୟ, ଏମିତି ବି ଉଦ୍ଭାବନ ହେଉଛି, ଆମେ ଅକାଳକୁ ଡାକି ଆଣୁଛୁ, ପାଗଳା ଆମ୍ବ, ମିର୍ ସ୍ପେସ୍ ଷ୍ଟେସନ।

**ଭ୍ରମଣ କାହାଣୀ :**

ଭିନ୍ନ ଦେଶ ଭିନ୍ନ ଦୃଷ୍ଟି (ଅଣଆମେରିକୀୟ ଆମେରିକା [ଯନ୍ତ୍ରସ୍ଥ])।

**କବିତା :**

ବରଗଛ ଓ ବସ୍ତି।

**ପ୍ରାମାଣିକ ଗ୍ରନ୍ଥ ଉପସ୍ଥାପନା :**

ସାରଳା ମହାଭାରତ। (୫ ବର୍ଷର ଗବେଷଣା ପ୍ରସୂତ, ଉଭୟ ମୁଦ୍ରଣ ଓ କମ୍ପାକ୍ଟ ଡିସ୍କ ରୂପରେ)

**ଅନ୍ୟ ଭାଷାରେ ରଚନା :**

(କ) ଇଂରାଜୀ : ଏ ଗାଇଡ୍ ଟୁ ଷ୍ଟାମ୍ପ କଲେକ୍ଟିଙ୍ଗ, ରେସ୍ପନସିଭ୍ ଆଡ୍‌ମିନିଷ୍ଟ୍ରେସନ୍, ଆୱାର ନ୍ୟାସନାଲ୍ ସିମ୍ବଲସ୍ : ଆନ୍ ଓଭରଭିୟୁ, ଫୋକ୍ ଟେଲସ୍ ଅଫ୍ ଓଡ଼ିଶା, ଟେଲସ୍ ଫ୍ରମ୍ ରାମାୟଣ।

(ଖ) ହିନ୍ଦୀ : ଆକାଶ୍ କୁସୁମ୍ (ଗଳ୍ପ), ସୃଷ୍ଟିକୀ ଜନ୍ମପତ୍ରୀ (ପପୁଲାର୍ ସାଇନ୍‌ସ)।

**ସମ୍ପାଦନା :** ଷ୍ଟାମ୍ପସ୍ ଏବଂ ଷ୍ଟାମ୍ପସ୍, ସିଗ୍‌ନେଟ୍ (ଇଂରାଜୀ କ୍ୱାଟର୍ଲିଜ)। ସାଧାରଣ ଜ୍ଞାନ (ଓଡ଼ିଆ ଦ୍ୱିମାସିକୀ)

**ସହାୟକ ଲେଖକ :** କମ୍ପ୍ୟୁଟର ପରିଚୟ, ଆମେ ଆଉ ଗଣତନ୍ତ୍ର, ଗଛ ଲତାର ସଂସାର, ଅଣୁଜୀବର କରାମତି।

**ବିବିଧ :**

ସଂସାର, ସମାଜ, ପ୍ରଜାତନ୍ତ୍ର, ସମୟ, ଧରିତ୍ରୀ, ପ୍ରଗତିବାଦୀ, ସମ୍ବାଦ, ପ୍ରଜାତନ୍ତ୍ର ପ୍ରତିଭା, ଝଙ୍କାର ଆଦି ସହ ଆହୁରି କେତେ ପତ୍ରପତ୍ରିକାରେ ଲେଖା। ବେତାର ଓ ଟେଲିଭିଜନରେ ଆଳାପ ଆଲୋଚନା।

**ସମ୍ମାନ :**

ଓଡ଼ିଶା ସାହିତ୍ୟ ଏକାଡେମି ପୁରସ୍କାର, ସାରଳା ସମ୍ମାନ ଆଦି ବହୁତ ରାଜ୍ୟସ୍ତରୀୟ, ଜାତୀୟ ଓ ଆନ୍ତର୍ଜାତୀୟ ପୁରସ୍କାର ଓ ସମ୍ମାନ।

**ଉପାଧି :**

'ବିଦ୍ୟାରତ୍ନ', 'ସଜ୍ଜନ', 'ଉତ୍କଳଶ୍ରୀ'।



ସହଦେବ ସାହୁ

ଶିକ୍ଷାଗତ ମେଧା : ୩ୟ, ୫ମ ଓ ୭ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଶିକ୍ଷାଜିଲ୍ଲାରେ, ଏଚ୍.ଏସ୍.ସି. ଓ ଆଇ.ଏସ୍.ସି.ରେ ରାଜ୍ୟରେ ଏବଂ ରାଜନୀତି ବିଜ୍ଞାନରେ (ଆଲ୍ଲାହାବାଦ) ବିଶ୍ୱବିଦ୍ୟାଳୟରେ ପ୍ରଥମ।

ନିଯୁକ୍ତିକାଳ : ୧୯୬୩-୬୪ ବାରାଣସୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ସ୍ୱଳ୍ପକାଳ ଅଧ୍ୟାପନା ପରେ ୧୯୬୪-୨୦୦୦ ଓଡ଼ିଶାରେ ଭାରତୀୟ ପ୍ରଶାସନିକ ସେବା। ୧୯୯୯ ଅକ୍ଟୋବର ୧୦ରେ ମୁଖ୍ୟ ଶାସନସଚିବ ପଦବୀ ଶେଷ। ୨୦୦୦ରେ ସ୍ୱେଚ୍ଛାକୃତ ଅବସର ପରେ ୨୦୦୩ ଯାଏ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି, ୨୦୦୪-୦୫ ରାୟପୁର ସୁପ୍ରିମ୍ ୟୁନିଭର୍ସିଟିର ଚାନ୍ସେଲର।

ବନ୍ଧନମୁକ୍ତ ପ୍ରାବନ୍ଧିକ (ଫ୍ରିଲାନ୍ସ ରାଇଟର) : ସଂସାର, ସମାଜ, ପ୍ରଜାତନ୍ତ୍ର, ସମୟ, ଧରିତ୍ରୀ, ପ୍ରଗତିବାଦୀ, ସମ୍ବାଦ, ପ୍ରଜାତନ୍ତ୍ର ପ୍ରତିଭା, ଝଙ୍କାର ଆଦି ସହ ଆହୁରି କେତେ ପତ୍ରପତ୍ରିକାରେ ଲେଖା। ବେତାର ଓ ଟେଲିଭିଜନରେ ଆଳାପ ଆଲୋଚନା। ହଜାରରୁ ଅଧିକ ପ୍ରବନ୍ଧ ପ୍ରକାଶିତ।

ଶ୍ରେଷ୍ଠ ଗାଳ୍ପିକ : (୧୯୮୬ର, ଦି ଫଲଗୁ, ୧୯୮୭ର ଇନାହ୍ମ)। ଜନବିଜ୍ଞାନରେ ପୁରସ୍କୃତ-ପଠାଣି ସାମନ୍ତ, ଓଡ଼ିଶା ବିଜ୍ଞାନ ପ୍ରଚାର ସମିତି, ଡକ୍ଟର୍ସ ଇଣ୍ଟରନେସ୍ନାଲ, ପ୍ରାଣକୃଷ୍ଣ ବିଜ୍ଞାନ ସାହିତ୍ୟ, ଉତ୍କଳ ସାହିତ୍ୟ ସମାଜ। ସାମଗ୍ରିକ ସୃଷ୍ଟିରେ ପୁରସ୍କାର – ନିଖିଳ ଉତ୍କଳ ଲେଖକ ସମାବେଶ, ସାରସ୍ୱତ ସାହିତ୍ୟ ସଂସ୍କୃତି ପରିଷଦ, ସ୍ୱର ଓ ସ୍ୱାକ୍ଷର, ଚିନ୍ତା ଓ ଚେତନା, ଆଦିକବି ସମ୍ମାନ, ମାହାଙ୍ଗା ବିଷୁବ ମିଳନ, ବାଗଦେବୀ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମି, ସାରଳା ସମ୍ମାନ। ସାଧାରଣ କୃତି ପାଇଁ ସମ୍ମାନ – ରାଷ୍ଟ୍ରୀୟ ମୈତ୍ରୀ ସମ୍ମାନ, ବାଲ୍ ସହଚର୍ ବନ୍ଧୁ, ସଂସାର, ନୀଳଶୈଳ, ରାଜୀବ ଗାନ୍ଧି ସଦ୍‌ଭାବନା।

ଉପାଧି : ବିଦ୍ୟାରତ୍ନ - ୧୯୮୪, ସଜ୍ଜନ ସମ୍ମାନ - ୧୯୯୬, ଉତ୍କଳଶ୍ରୀ - ୨୦୦୭। ବିଦେଶୀ ସମ୍ମାନ - ଡିଷ୍ଟିଙ୍ଗୁଇସ୍ଡ଼ ଲିଡ଼ରସିପ୍, ମ୍ୟାନ୍ ଅଫ୍ ଦି ଇୟର, ଅନରାରି ଆଡ୍‌ଭାଇଜର୍ ଟୁ ଦି ରିସର୍ଚ୍ଚ ବୋର୍ଡ଼ ଅଫ୍ ଆଡ଼ଭାଇଜର୍ସ, ଏ.ବି.ଆଇ., ଇନ୍‌ସିଗ୍‌ନିଆ ଅଫ୍ ରେକଗ୍ନିସନ୍ ସ୍ୱର୍ଣ୍ଣପଦକ, କ୍ୟାମ୍ବ୍ରିଜ। ଅନରାରୀ କର୍ଣ୍ଣେଲ କମାଣ୍ଡାଣ୍ଟ, ଏନ୍‌ସିସି।

ସାହିତ୍ୟ, ସାଂସ୍କୃତିକ ଓ ସମାଜସେବା ବ୍ୟାପାରରେ ବହୁତ ସଂସ୍ଥା ସହ ଜଡ଼ିତ।

ଫ୍ରେଣ୍ଡସ୍ ପବ୍ଲିଶର୍ସ

ISBN 81-7401-677-X

9788174016773